
ଉତ୍କଳ
ପ୍ରସଙ୍ଗ

Vol. XLVIII No. 1 UTKAL PRASANGA Regd. No. 0-65/91
Licence No. C.R.N.P. 5--Licensed to post without Pre-payment




ହଜାରତମ ଲୋକ ଅଦାଲତ ପୂର୍ତ୍ତି ଉପଲକ୍ଷେ ଓଡ଼ିଶା ହାଇକୋର୍ଟ ହତା ପରିସର ମଧ୍ୟରେ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ମାନ୍ୟବର ଶ୍ରୀ ରଙ୍ଗନାଥ ମିଶ୍ର, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଶ୍ରୀ ବି. ଏଲ୍. ହଂସାରିଆ ଓ ବିଚାରପତି ଶ୍ରୀ ରାଧାଚରଣ ପଟ୍ଟନାୟକ ।

PRINTED AT ORISSA GOVERNMENT PRESS, CUTTACK—10



ଉଚ୍ଚକୋଟୀର କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟନିଷ୍ଠା ପାଇଁ ଶ୍ରେଷ୍ଠ ବିବେଚିତ ପୋଲିସ୍ ଅଫିସରମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଅଗଷ୍ଟ ୧୫ ତାରିଖରେ ଜନତା ଭବନଠାରେ ପୋଲିସ ପଦକ ପ୍ରଦାନ କରୁଛନ୍ତି ।




କଟକ ବାରବାଟୀ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ପ୍ୟାରେଡ୍ ଉତ୍ସବକୁ ସଂସ୍କୃତି, କ୍ରୀଡ଼ା ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର ପରିଦର୍ଶନ କରୁଛନ୍ତି (୧୫/୮) ।

# ଉତ୍କଳ ପ୍ରସଙ୍ଗ

୪୮ ଭାଗ ୨ୟ ସଂଖ୍ୟା ଭାଦ୍ର ୧୯୧୩ ଶକାବ୍ଦ
ସେପ୍ଟେମ୍ବର ୧୯୯୧

**ସମ୍ପାଦନା ମଣ୍ଡଳୀ**

ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର, ନିର୍ଦ୍ଦେଶକ
ପ୍ରହରାଜ ସତ୍ୟନାରାୟଣ ନନ୍ଦ, ସହ ସମ୍ପାଦକ
ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ, ସମ୍ପାଦନା ସହଯୋଗୀ

ଶ୍ରୀ ସତୀଶ ପାତ୍ର, ମୁଖ୍ୟ ସମ୍ପାଦକ

ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାଶ, ପ୍ରଚ୍ଛଦ ଶିଳ୍ପୀ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ଖବର ସମ୍ପର୍କିତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ବାର୍ଷିକ ଦେୟ : ଟ ୨୦-୦୦
ପ୍ରତି ଖଣ୍ଡ : ଟ ୨-୦୦

**ପ୍ରକାଶନ**
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଓଡ଼ିଶା ସରକାର, ଭୁବନେଶ୍ୱର

**ମୁଦ୍ରଣ**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ଫଟୋଟାଇପ୍‌ସେଟିଙ୍ଗ୍ ପଦ୍ଧତିରେ ଅକ୍ଷର ସଂଯୋଜିତ

## ସୂଚୀ

୧ ଋଣ ଛାଡ଼ – ଏକ ଦୁଃସ୍ୱପ୍ନର ଅବସାନ

୩ ପୁରୀ ଜିଲ୍ଲାର କୃଷି ବିକାଶ
• ରବିନାରାୟଣ ଜେନା

୯ ସେଚ ଗବେଷଣା – ଜାତୀୟ ଦୃଶ୍ୟପଟ
• ଇଞ୍ଜିନିୟର ରାହାସ ବିହାରୀ ମହାନ୍ତି

୧୩ ସର୍ବନିମ୍ନ ମଜୁରି ବୃଦ୍ଧି

୧୫ ସାମୂହିକ ସମ୍ପତ୍ତିର ସୃଷ୍ଟିକାରୀ : ସହଯୋଗ
• ଡକ୍ଟର ଦେବରାଜ ପଣ୍ଡା

୧୮ ତେଲ ପାଇଁ ବେଣା ଘାସ ଚାଷ
• ସୁବାସ ସାହୁ

୨୧ ଉତ୍କଳର ଗର୍ବ ଓ ଗୌରବ ଗଙ୍ଗାଧର ମେହେର
• ଶ୍ରୀ ସିଦ୍ଧାର୍ଥ କାନୁନ୍‌ଗୋ

୨୫ ଦୃଷ୍ଟି ସଙ୍କଟ
• ଡକ୍ଟର କୃଷ୍ଣ କୁମାର ମହାନ୍ତି

୨୭ ଶିଳ୍ପ ପରିଚାଳନାରେ ଶ୍ରମିକର ଯୋଗଦାନ
• ଶ୍ରୀ ଲକ୍ଷ୍ମୀଜିତ୍ ଜେନା

୨୯ ବିଦ୍ୟୁତ୍ ଶକ୍ତି : ପ୍ରଗତିର ଆଧାର

୩୨ ଓଡ଼ିଶାରେ ଦାରିଦ୍ର୍ୟ : ଏକ ବିଶ୍ଳେଷଣ
• ଡକ୍ଟର ହୃଷିକେଶ ମିଶ୍ର

୩୪ ପ୍ରଶାନ୍ତ ସାଗର
• ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

୩୫ ସାର୍ଥକ ସ୍ୱପ୍ନ

୩୮ ସମ୍ବାଦ ପରିକ୍ରମା

୪୩ ଆମ୍ମୋଫୋଇ : ଯୌତୁକ ବିରୁଦ୍ଧରେ ସଂଗ୍ରାମ
• ଶୁଭଲକ୍ଷ୍ମୀ ମହାନ୍ତି

୪୬ ଶ୍ରମ, ପାରିଶ୍ରମିକ ଓ ଶ୍ରମିକ
• ଜେନାମଣି ଲକ୍ଷ୍ମୀକାନ୍ତ

## ଆନ୍ତର୍ଜାତିକ ସାକ୍ଷରତା ଦିବସ ଉପଲକ୍ଷେ

# ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ବାର୍ତ୍ତା



ଆନ୍ତର୍ଜାତିକ ସାକ୍ଷରତା ଦିବସ ଉପଲକ୍ଷେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ନିମ୍ନୋକ୍ତ ବାର୍ତ୍ତା ଦେଇ ନିରକ୍ଷରତା ଦୂରୀକରଣ ନିମନ୍ତେ ଶପଥ ନେବାକୁ ଆହ୍ୱାନ କରିଛନ୍ତି ।

"ଶିକ୍ଷା ହେଉଛି ଏକ ସଭ୍ୟ ସମାଜର ମୁଖ୍ୟ ପରିଚୟ । ଏହା ବ୍ୟକ୍ତିର ଅନ୍ତର୍ନିହିତ ଗୁଣାବଳୀର ପ୍ରକାଶ ଘଟାଇବା ସଙ୍ଗେ ସଙ୍ଗେ ଦେଶର ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇଥାଏ । ଭାରତ ଭଳି ଏକ ବିକାଶଶୀଳ ଦେଶରେ, ଯେଉଁଠିକି ସାକ୍ଷରତାର ହାର ତୁଳନାତ୍ମକ ଭାବରେ କମ୍, ସେଠାରେ ଦେଶକୁ ପୂର୍ଣ୍ଣ ସାକ୍ଷର କରିବା ନିମନ୍ତେ ଗଣ ସାକ୍ଷରତା କାର୍ଯ୍ୟକ୍ରମର ଅତ୍ୟନ୍ତ ଗୁରୁତ୍ୱ ରହିଛି ।

"ଭାରତ ହେଉଛି ପୃଥିବୀର ସର୍ବବୃହତ୍ ରାଷ୍ଟ୍ର । ଜାତୀୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ ହେଉଛି ଗଣତନ୍ତ୍ରର ମୁଖ୍ୟ ପ୍ରତ୍ୟାଶା । ନିରକ୍ଷରତା ହେଉଛି ଏ ଦିଗରେ ପ୍ରଧାନ ପ୍ରତିବନ୍ଧକ । ନିରକ୍ଷରତାର ଏହି ବିରାଟ ସମସ୍ୟାର ସମାଧାନ ନିମନ୍ତେ, ଆରମ୍ଭରୁ ଜାତୀୟ ସାକ୍ଷରତା ମିଶନ ୧୯୯୫ ମସିହା ସୁଦ୍ଧା ଦେଶରୁ ନିରକ୍ଷରତାକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବା ନିମନ୍ତେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଛି । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ମହାନ୍ ସାମାଜିକ ଲକ୍ଷ୍ୟ ହାସଲ କରିବାକୁ ହେଲେ ଏଥିନିମନ୍ତେ ସାମାଜିକ ଜୀବନର ପ୍ରତ୍ୟେକ ସ୍ତରର ଲୋକଙ୍କର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ । ଏହି ଜାତୀୟ ପ୍ରଚେଷ୍ଟାରେ ଅଂଶ ଗ୍ରହଣ କରିବା ତଥା ସାକ୍ଷରତା ଆନ୍ଦୋଳନ ନିମନ୍ତେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ହେଉଛି ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିର ପବିତ୍ର କର୍ତ୍ତବ୍ୟ ।

"ଆସନ୍ତୁ, ଏହି ଆନ୍ତର୍ଜାତିକ ସାକ୍ଷରତା ଦିବସରେ ଅକ୍ଳାନ୍ତ ଉଦ୍ୟମ, ଅଦମ୍ୟ ଉତ୍ସାହ ତଥା ପୂର୍ଣ୍ଣ ସମର୍ଥନର ମନୋଭାବ ନେଇ ସମାଜରୁ ନିରକ୍ଷରତା ଦୂରୀକରଣ କରିବା ନିମନ୍ତେ ଶପଥ ଗ୍ରହଣ କରିବା । ପରିଣତିରେ ଦେଶର ଆଗାମୀ ବଂଶଧରମାନଙ୍କ ନିମନ୍ତେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ାଯାଇ ପାରିବ ।"

# ଆନ୍ତର୍ଜାତିକ ସାକ୍ଷରତା ଦିବସ ଉପଲକ୍ଷେ
# ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ
# ବାର୍ତ୍ତା



ଆନ୍ତର୍ଜାତିକ ସାକ୍ଷରତା ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ନିମ୍ନଲିଖିତ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ନିରକ୍ଷରତା ଦୂରୀକରଣ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ଆହ୍ୱାନ କରିଛନ୍ତି ।

"ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ସେପ୍‌ଟେମ୍ବର ଆଠ ତାରିଖରେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହେଉଛି । ଏ ଦିବସଟି ଓଡ଼ିଶା ପାଇଁ ତାତ୍ପର୍ଯ୍ୟପୂର୍ଣ୍ଣ । କଳା, ସଂସ୍କୃତି ଓ ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଓଡ଼ିଶାରେ ଦାରିଦ୍ର୍ୟ ଓ ନିରକ୍ଷରତାର ବ୍ୟାଧି ଦୂର ନହେବା ପର୍ଯ୍ୟନ୍ତ ଆମେ ନୀରବରେ ବସି ପାରିବା ନାହିଁ । ଆମ ରାଜ୍ୟର ଶତକଡ଼ା ପଚାଶରୁ ଅଧିକ ନିରକ୍ଷର ରହିଥିବା ବେଳେ ନିରକ୍ଷରତା ଦୂରୀକରଣ ହିଁ ଆମ ପ୍ରଗତିର ପ୍ରଥମ ସୋପାନ ହେବ ।

"ଓଡ଼ିଶାର ଅବହେଳିତ ଓ ଦୁର୍ବଳ ଶ୍ରେଣୀର ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ନିରକ୍ଷରତା ଅଧିକ ବ୍ୟାପୀ ରହିଛି । ତେଣୁ ଆଦିବାସୀ, ହରିଜନ ଓ ମହିଳାମାନଙ୍କୁ ସାକ୍ଷରତା କାର୍ଯ୍ୟକ୍ରମରେ ଅଧିକ ବ୍ୟାପକ ଭାବରେ ସାମିଲ କରିବାକୁ ପଡ଼ିବ ।

"ବିଭିନ୍ନ ଜିଲ୍ଲାରେ ଯେଉଁ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ତାହାକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ ଲୋଡ଼ା । ଏହି କାର୍ଯ୍ୟକ୍ରମରେ ଆନ୍ତରିକତାର ସହ ଅଂଶ ଗ୍ରହଣ କରିବା ପାଇଁ ମୁଁ ମୋ ରାଜ୍ୟର ସବୁ ସାକ୍ଷର ଭାଇ ଭଉଣୀମାନଙ୍କୁ ଆହ୍ୱାନ କରୁଛି । ସ୍କୁଲ କଲେଜର ଶିକ୍ଷକ ଓ ଛାତ୍ର ଛାତ୍ରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଏହି ପବିତ୍ର କାର୍ଯ୍ୟରେ ଯୋଗ ଦେବା ପାଇଁ ଆଗେଇ ଆସନ୍ତୁ । ଆନ୍ତର୍ଜାତିକ ସାକ୍ଷରତା ଦିବସ, ନିରକ୍ଷରତା ଦୂରୀକରଣ ପାଇଁ ଏକ ଆଗ୍ରେସ ଶପଥର ଦିବସ ହେଉ ।"

# ଆନ୍ତର୍ଜାତିକ ସାକ୍ଷରତା ଦିବସ ଉପଲକ୍ଷେ ଶିକ୍ଷା ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀଙ୍କ ବାର୍ତ୍ତା



ଆନ୍ତର୍ଜାତିକ ସାକ୍ଷରତା ଦିବସ ଉପଲକ୍ଷେ ଶିକ୍ଷା ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ନିମ୍ନୋକ୍ତ ବାର୍ତ୍ତା ଦେଇଛନ୍ତି ।

"ମାନବ ସମାଜର ସମ୍ପୂର୍ଣ୍ଣ ବିକାଶ ପାଇଁ ଶିକ୍ଷା ଅପରିହାର୍ଯ୍ୟ । ଅଶିକ୍ଷା ଓ ଅଜ୍ଞାନତା ମନୁଷ୍ୟକୁ ଦୁର୍ବଳ ଓ ପଙ୍ଗୁ କରିଦିଏ । ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷରେ ନିରକ୍ଷରତା ଏକ ସାମାଜିକ କଳଙ୍କ । ନିରକ୍ଷରତାର ସ୍ତୂପ ଯେଉଁ ସମାଜରେ ଯେତେ ବେଶୀ, ସେ ସମାଜର ସ୍ୱରୂପ ସେତେ ବିକୃତ ଏବଂ ଅନଗ୍ରସର । ସମାଜର ପ୍ରତ୍ୟେକ ବ୍ୟକ୍ତିର ଜୀବନକୁ ସର୍ବାଙ୍ଗସୁନ୍ଦର କରିବା ଉଦ୍ଦେଶ୍ୟରେ "ଜାତୀୟ ସାକ୍ଷରତା ମିଶନ" ନିରବଚ୍ଛିନ୍ନ ଭାବେ ସମଗ୍ର ଦେଶରେ କାର୍ଯ୍ୟ କରୁଅଛି । ସମାଜର ନିମ୍ନ ସ୍ତରରେ ଥିବା ଦୁର୍ବଳ ଅସହାୟ ଜନସାଧାରଣ ବିଶେଷତଃ ମହିଳା, ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ଅନଗ୍ରସର ଲୋକମାନଙ୍କର ସାମାଜିକ, ଆର୍ଥିକ ଓ ଆତ୍ମିକ ପ୍ରଗତି ଓ ବିକାଶ ହିଁ ଏହି ମିଶନର ମୂଳ ଲକ୍ଷ୍ୟ ।

"ନିରକ୍ଷରତା ଦୂରୀକରଣ ଦ୍ୱାରା ଅନଗ୍ରସର ଶ୍ରେଣୀର ଲୋକମାନଙ୍କର ଉନ୍ନତି କରି ସେମାନଙ୍କୁ ଜାତି ଗଠନ କାର୍ଯ୍ୟରେ ସୁଯୋଗ ଦେବା ପାଇଁ ପ୍ରତ୍ୟେକ ରାଜ୍ୟବାସୀ ଚେଷ୍ଟା କରିବା ଉଚିତ । ଏକବିଂଶ ଶତାବ୍ଦୀରେ ପାଦ ଦେବା ପୂର୍ବରୁ ଆମ ରାଜ୍ୟକୁ ସମ୍ପୂର୍ଣ୍ଣ ସାକ୍ଷର କରି ଗଢ଼ି ତୋଳିବାକୁ ଆମେ ଲକ୍ଷ୍ୟ ଧାର୍ଯ୍ୟ କରିଅଛୁ ।

"ଆଜିର ଏହି ଐତିହାସିକ ଦିବସରେ ଆମକୁ ଶପଥ ନେବାକୁ ହେବ, ଯେପରି ଲକ୍ଷ୍ୟ ହାସଲ ଦିଗରେ ସମାଜର ପ୍ରତ୍ୟେକ ସ୍ତରର ନରନାରୀ ସାକ୍ଷରତା ଅଭିଯାନରେ ନିଜକୁ ସାମିଲ କରି ନିରକ୍ଷରତାର ବିଲୋପ ସାଧନ ପାଇଁ ଦୃଢ଼ ଚିତ୍ତରେ ସଙ୍କଳ୍ପବଦ୍ଧ ହେବେ ।"

# ଆନ୍ତର୍ଜାତିକ ସାକ୍ଷରତା ଦିବସ ଉପଲକ୍ଷେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡଃ କମଳା ଦାସଙ୍କ ବାର୍ତ୍ତା



ଆନ୍ତର୍ଜାତିକ ସାକ୍ଷରତା ଦିବସ ଉପଲକ୍ଷେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡଃ କମଳା ଦାସ ନିମ୍ନଲିଖିତ ବାର୍ତ୍ତା ଦେଇଛନ୍ତି ।

"କଷ୍ଟଲବ୍ଧ ସ୍ୱାଧୀନତା ପ୍ରାପ୍ତିର ୪୪ ବର୍ଷ ପରେ ମଧ୍ୟ ଆମ ଦେଶରେ ଅଗଣିତ ଜନତା ନିରକ୍ଷରତା ରୂପକ ଭୟାବହ ବ୍ୟାଧିର ଶିକାର ହୋଇ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ଏହା ଫଳରେ ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହୋଇଛନ୍ତି ।

"ରାଜ୍ୟର ସମୁଦାୟ ଜନସଂଖ୍ୟାର ଶତକଡ଼ା ମାତ୍ର ୪୮-୫୫ ଭାଗ ସାକ୍ଷର ଅଟନ୍ତି । ପୁଣି ନାରୀ ସାକ୍ଷରତା ହାର ମାତ୍ର ଶତକଡ଼ା ୩୪-୪୦ ଭାଗ । ଏତେ ବିପୁଳ ସଂଖ୍ୟକ ମହିଳା ଅଜ୍ଞାନ ଓ ଅନ୍ଧକାର ମଧ୍ୟରେ ଥାଇ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ଓ ଯଥାର୍ଥ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଏମାନଙ୍କୁ ସାମାଜିକ ସ୍ତରରେ ନ୍ୟାୟ ପ୍ରଦାନ କରି ଜୀବନଯାପନ ପ୍ରଣାଳୀକୁ ଉନ୍ନତ କରିବା ଲକ୍ଷ୍ୟରେ ଆମ ରାଜ୍ୟରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଜନଶିକ୍ଷା କାର୍ଯ୍ୟକ୍ରମକୁ ବ୍ୟାପକ ଓ ସମୃଦ୍ଧ କରାଯାଉଛି । ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ ମାଧ୍ୟମରେ ସୁନ୍ଦରଗଡ଼ ଓ ଗଞ୍ଜାମ ଜିଲ୍ଲାର ୯ ବର୍ଷରୁ ୫୫ ବର୍ଷ ମଧ୍ୟରେ ଥିବା ସମସ୍ତ ନିରକ୍ଷର ଭାଇ ଭଉଣୀମାନଙ୍କୁ ସାକ୍ଷର କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଉଅଛି । ଗ୍ରାମାଞ୍ଚଳରେ ଥିବା ଯୁବକ ସଙ୍ଘ, ମହିଳା ସମିତି ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଏହି ମହନୀୟ କାର୍ଯ୍ୟରେ ସାମିଲ କରାଯାଇଛି ।

"୩୪ଟି କେନ୍ଦ୍ରୀୟ ଓ ୪୮ଟି ରାଜ୍ୟ ସ୍ତରୀୟ ପ୍ରକଳ୍ପ, ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍କୁଲ କାର୍ଯ୍ୟକ୍ରମ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ କାର୍ଯ୍ୟକ୍ରମ ଇତ୍ୟାଦି ମାଧ୍ୟମରେ ଜନଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଅଛି ।

"ଆଜିର ଏହି ମହନୀୟ ଦିବସ, ସେପ୍ଟେମ୍ବର ୮ ତାରିଖରେ ରାଜ୍ୟବାସୀ ସଙ୍କଳ୍ପବଦ୍ଧ ହୋଇ ସାକ୍ଷରତା ଅଭିଯାନକୁ ଅଧିକ ତ୍ୱରାନ୍ୱିତ ଓ ସଫଳ କରିବା ପାଇଁ ମୁଁ ପ୍ରିୟ ରାଜ୍ୟବାସୀଙ୍କୁ ନିବେଦନ କରୁଛି ।"

ସମ୍ପାଦକୀୟ.....

# ଓଡ଼ିଶାର ବନ୍ୟା ବିପତ୍ତି

ବନ୍ୟା ଓ ମରୁଡ଼ି ଓଡ଼ିଶାବାସୀଙ୍କର ଚିର ସହଚର । ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ପ୍ରଗତିକୁ କେତେଦୂର ପ୍ରତିହତ କରେ, ଆମର ଅର୍ଥନୀତିକୁ କିପରି ବିପର୍ଯ୍ୟସ୍ତ କରେ, ତାହା ରାଜ୍ୟବାସୀ ସମସ୍ତେ ଜାଣନ୍ତି ।

ଗତ ବର୍ଷର ପ୍ରଳୟଙ୍କରୀ ବନ୍ୟା ଫଳରେ ଗଞ୍ଜାମ ଜିଲ୍ଲାରେ ହୋଇଯାଇଥିବା ଅଭୂତପୂର୍ବ କ୍ଷତି ଭରଣା ହେବା ପୂର୍ବରୁ ଚଳିତ ବର୍ଷର ବନ୍ୟା ଫଳରେ ପ୍ରଥମେ କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ଯୋଜନାରେ ବ୍ୟାପକ ଧନ ଜୀବନ ଓ ସମ୍ପତ୍ତି ନଷ୍ଟ ହେଲା ଏବଂ ପରେ ପରେ କଟକ, ପୁରୀ, ବାଲେଶ୍ୱର, ଢେଙ୍କାନାଳ, ଫୁଲବାଣୀ, ସମ୍ବଲପୁର, ବଲାଙ୍ଗୀର ଏହି ସାତଗୋଟି ଜିଲ୍ଲାରେ ବିପୁଳ କ୍ଷୟକ୍ଷତି ହୋଇଯାଇଛି । ବ୍ୟାପକ ଅଞ୍ଚଳ ବାଲିଚର ହୋଇଯାଇଛି । ବନ୍ୟା ଫଳରେ ଖରିଫ୍ ଫସଲ ଓ ପରିବା ଚାଷ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ଯୋଗୁଁ ଆଗାମୀ ଦିନମାନଙ୍କରେ ଆମର ଅର୍ଥନୈତିକ ସ୍ଥିତିକୁ ଏହା ପ୍ରଭାବିତ କରିବା ସ୍ୱାଭାବିକ ।

ଏହି ବନ୍ୟା ସମୟରେ ରାଜ୍ୟ ସରକାର ବିପନ୍ନ ଜନସାଧାରଣଙ୍କୁ ସାହାଯ୍ୟ ଯୋଗାଇ ଦେବା ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରିଛନ୍ତି । କ୍ଷତିଗ୍ରସ୍ତ ଅଞ୍ଚଳରେ ସାତଦିନ ପାଇଁ ରିଲିଫ୍ ଯୋଗାଣ କରିବା ସହ ଦୁର୍ଗମ ଅଞ୍ଚଳ ପାଇଁ ଆକାଶ ମାର୍ଗରୁ ହେଲିକପ୍ଟର ଯୋଗେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ବିପନ୍ନ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ତାରପୋଲିନ୍, ପଲିଥିନ୍, ଚଟେଇ ଓ ବାଉଁଶ ଯୋଗାଇ ଦିଆଯାଇଛି । ବିପନ୍ନ ଲୋକଙ୍କୁ ଧୋତି ଓ ଶାଢ଼ୀ ଯୋଗାଇ ଦିଆଯାଇଛି । ସଂକ୍ରାମକ ରୋଗ ପ୍ରତିଷେଧ ପାଇଁ କୂଅ ଓ ପୋଖରୀଗୁଡ଼ିକର ଜଳ ବିଶୋଧନ ସହ ଚିକିତ୍ସା ବ୍ୟବସ୍ଥାକୁ ସମ୍ପ୍ରସାରିତ କରାଯାଇଛି । ଗୃହପାଳିତ ପଶୁମାନଙ୍କୁ ବିନା ମୂଲ୍ୟରେ ଖାଦ୍ୟ ଓ ପ୍ରତିଷେଧକ ଟୀକା ଦିଆଯାଇଛି । କୃଷକମାନଙ୍କୁ ବିହନ ଯୋଗାଇ ଦିଆଯାଇଛି । ଏ ସମସ୍ତ ବ୍ୟବସ୍ଥା ସହ କ୍ଷତିଗ୍ରସ୍ତ ହୋଇଥିବା ନଦୀବନ୍ଧ, ରାସ୍ତାଘାଟର ମରାମତିକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯାଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅନୁରୋଧକ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ପି. ଭି. ନରସିଂହ ରାଓ ନିଜେ ଓଡ଼ିଶା ଆସି ବନ୍ୟା ପରିସ୍ଥିତିର ଭୟାବହତା ସମ୍ପର୍କରେ ଅନୁଧ୍ୟାନ କରି ଯାଇଛନ୍ତି । ଆମର ବିଶ୍ୱାସ, ଗତବର୍ଷ ବନ୍ୟା ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଚାଶ କୋଟି ଟଙ୍କାର ଜରୁରୀ ସହାୟତା ବିଷୟ ଘୋଷଣା କରି ଟଙ୍କା ମଞ୍ଜୁର ନକରିବା ପରିସ୍ଥିତିର ପୁନରାବୃତ୍ତି ହେବ ନାହିଁ ଏବଂ ଓଡ଼ିଶା ସରକାରଙ୍କ ଦାବୀର ଯଥାର୍ଥତା ଉପଲବ୍ଧି କରି କେନ୍ଦ୍ର ସରକାର ନିଶ୍ଚିତ ରୂପେ ଆବଶ୍ୟକୀୟ ସାହାଯ୍ୟ ଯୋଗାଇ ଦେବେ ।

ବିପନ୍ନ ଲୋକମାନଙ୍କର ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ଆନ୍ତରିକ ନିବେଦନ ନିଶ୍ଚିତ ରୂପେ ଫଳପ୍ରଦ ହେବ । ଏ ବିଶ୍ୱାସ ଆମର ରହିଛି । ଏହି ମହତ୍ କାର୍ଯ୍ୟ ପାଇଁ ଦଳ, ମତ ନିର୍ବିଶେଷରେ ସମସ୍ତେ ପୂର୍ଣ୍ଣ ସହଯୋଗ କରି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ଦାୟିତ୍ୱ ଆମ ସମସ୍ତଙ୍କର ।

# ଋଣ ଛାଡ଼— ଏକ ଦୁଃସ୍ୱପ୍ନର ଅବସାନ

ବ୍ୟାଙ୍କରୁ ଋଣ ନେଲାବେଳେ ତାର ସଦୁପଯୋଗ କରି ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ କରିବାର ସୁନେଲି ସ୍ୱପ୍ନ ବେଳେ ବେଳେ ଉଭେଇ ଯାଏ । ଦୈବୀ ଦୁର୍ବିପାକ ଯୋଗୁଁ ଋଣ ଶୁଝି ନପାରିବା ଫଳରେ କେତେକଙ୍କ ଘର ବାଡ଼ି କୋରକ ହୁଏ । ଆଉମଧ୍ୟ ଋଣ ଖିଲାପି ଯୋଗୁଁ ପୁଣି ଥରେ ବ୍ୟାଙ୍କରୁ ଋଣ ଆଣି, କୃଷ ବା ଅନ୍ୟ ଧନ୍ଦା କରି କିଛି ରୋଜଗାର କରିବାର ଆଶା ମଧ୍ୟ ମଉଳି ଯାଏ, କାରଣ ଆଗ ଋଣ ନ ଶୁଝିଲେ ଋଣ ମିଳିବନି । ଋଣ ଶୁଝିବେ ବା କିମିତି ? ବନ୍ୟା, ମରୁଡ଼ି ଯୋଗୁଁ ଫସଲ ହାନୀ ଅଥବା ଋଣ ଆଣିଥିବା ଘରର ମୁରବୀଙ୍କର ମୃତ୍ୟୁ ଯୋଗୁଁ ପରିବାରର ଅର୍ଥନୈତିକ ମୂଳଦୁଆ ତ ଦୋହଲି ଯାଇଥାଏ । ଶେଷରେ ପରିବାର ପୋଷିବାକୁ ଗାଁ ଭିଟା ମାଟି ଛାଡ଼ି ବିଦେଶ ଯିବାକୁ ପଡ଼େ । ଏପରି କି ଗୁଜୁରାଣ ମେଣ୍ଟାଇବା ପାଇଁ ବେଳେ ବେଳେ ଦାଦନ ଶ୍ରମିକ ହେବାକୁ ହୁଏ । ପରିବାର ଚୀର ଦିନ ପାଇଁ ଋଣଗ୍ରସ୍ତ ହୋଇ ରହିଯାଆନ୍ତି ।

ଏଭଳି ଅସହାୟ ଲୋକମାନଙ୍କୁ ସାହାଯ୍ୟ କରି ପୁଣି ଥରେ ସେମାନଙ୍କର ସଂସାର ଗଢ଼ିବା ପାଇଁ ସୁଯୋଗ ଦେବା ଓ ସରକାର ଓ ସମାଜ ପ୍ରତି ସେମାନଙ୍କର ଆସ୍ଥା ବିଶ୍ୱାସ ଫେରାଇ ଆଣିବା ଉଦ୍ଦେଶ୍ୟରେ ୧୯୯୦ ମସିହା ମାର୍ଚ୍ଚ ମାସରେ ଶ୍ରୀ ବିଜୁ ପଟ୍ଟନାୟକଙ୍କର ବଳିଷ୍ଠ ନେତୃତ୍ୱରେ ଗଠିତ ସରକାର ଏକ ଐତିହାସିକ ନିଷ୍ପତ୍ତି ନେଲେ । ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସରକାରଙ୍କର ଅନୁମୋଦିତ ନୀତି ନିୟମଅନୁସରଣ କରି ନିମ୍ନଲିଖିତ କ୍ଷେତ୍ରରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼ ପାଇଁ ନିଷ୍ପତ୍ତି ନିଆଗଲା ।

- ୧୯୮୬ ଅକ୍ଟୋବର ୨ ତାରିଖ ପୂର୍ବରୁ ଥିବା ଖିଲାପି ଋଣ ।
- ୧୯୮୬ ଅକ୍ଟୋବର ୨ ତାରିଖ ଓ ୧୯୮୯ ଅକ୍ଟୋବର ୨ ତାରିଖ ମଧ୍ୟରେ ଅତି କମ୍‌ରେ ଦୁଇବର୍ଷ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଶତକଡ଼ା ୫୦ ଭାଗରୁ ଅଧିକ ଫସଲ ହାନୀ ହୋଇଥିବା ଚାଷୀଙ୍କର ଖିଲାପି ଋଣ ।
- ୧୯୮୯ ଅକ୍ଟୋବର ୨ ତାରିଖ ସୁଦ୍ଧା ମୃତ ବ୍ୟକ୍ତିଙ୍କର ଋଣ ।
- ୧୯୮୯ ଅକ୍ଟୋବର ୨ ତାରିଖ ମଧ୍ୟରେ ଦେବାଳିଆ ହୋଇଥିବା ବା ସେଥି ପାଇଁ ମାମଲା ଦାୟର ହୋଇଥିବା ଲୋକଙ୍କର ଋଣ ।
- ଋଣରୁ ସୃଷ୍ଟି ହୋଇଥିବା ସମ୍ପତ୍ତିକୁ ସମ୍ପୂର୍ଣ୍ଣ ରୂପେ ହରାଇଥିବା ଗ୍ରାମ୍ୟ କାରିଗରଙ୍କର ଖିଲାପି ଋଣ ।

ଯେଉଁ ଖିଲାପି ଋଣର ପରିମାଣ ୧୦ ହଜାର ଟଙ୍କାରୁ ଅଧିକ ହୋଇଥିବ, ସେମାନେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଛାଡ଼ ପାଇପାରିବେ ଓ ବାକି ଟଙ୍କା ସୁଧ ସମେତ ପଇଠ କଲେ ସେମାନଙ୍କର ଋଣ ହିସାବ ଫଇସଲା ହେବ ବୋଲି ସ୍ଥିର କରାଗଲା ।

ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଏକ ବୈପ୍ଳବିକ ନିଷ୍ପତ୍ତି ନେଇ ସରକାର ସ୍ଥିର କଲେ ଯେ ୧୯୮୬ ଅପ୍ରେଲ୍ ୧ ତାରିଖଠାରୁ ୧୯୮୯ ଅକ୍ଟୋବର ୨ ତାରିଖ ମଧ୍ୟରେ ଯେଉଁ ଚାଷୀ ଓ ଭୂମିହୀନ କୃଷକମାନେ ଗୋଟିଏ ବର୍ଷର ଫସଲର କ୍ଷତି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସହିଥିବେ, ସେମାନେ ମଧ୍ୟ ଏକ ସ୍ୱତନ୍ତ୍ର ଋଣ ଛାଡ଼ ଯୋଜନା ଦ୍ୱାରା ବକେୟା ଋଣର ସର୍ବୋଚ୍ଚ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଛାଡ଼ ପାଇପାରିବେ । ଯେଉଁ କୃଷକ ଓ ଭୂମିହୀନ ଚାଷୀମାନେ ମୂଳ ଯୋଜନା ଅନୁଯାୟୀ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ପୂର୍ବରୁ ଋଣ ଛାଡ଼ ପାଇଥିବେ, ସେମାନେ ମଧ୍ୟ ଏହି ନୂଆ ଯୋଜନା ଅନୁଯାୟୀ ସୁବିଧା ପାଇପାରିବେ ବୋଲି ନିଷ୍ପତ୍ତି ନିଆଗଲା, କିନ୍ତୁ ଉଭୟ ଯୋଜନା ମିଶି ଋଣ ଛାଡ଼ର ପରିମାଣ ୧୦ ହଜାର ଟଙ୍କା ମଧ୍ୟରେ ସୀମିତ ହେବ । ତେବେ ୧୯୮୯ ଅକ୍ଟୋବର ୨ ତାରିଖ ପରେ ପଡ଼ୁଥିବା ମଧ୍ୟମକାଳୀନ ଋଣର କିସ୍ତି ଏବଂ ବକେୟା ଋଣ ଉପରେ ଏହି ଦିନଠାରୁ ଋଣ ଛାଡ଼ ତାରିଖ ମଧ୍ୟରେ ହୋଇଥିବା ସୁଧ, ୧୯୮୯ ଖରିଫ୍ ଋଣ ଏବଂ ୧୯୮୯–୯୦ ରବି ଋଣ ଏହି ନୂତନ ଋଣ ଛାଡ଼ ଯୋଜନାର ପରିସରଭୁକ୍ତ ହେବନାହିଁ ।

ମୂଳ ଯୋଜନା ଅନୁଯାୟୀ ବ୍ୟବସାୟିକ ବ୍ୟାଙ୍କମାନେ ୮ ଲକ୍ଷ ୯୯ ହଜାର ଜଣଙ୍କୁ ୨୦୨ କୋଟି ୪୨ ଲକ୍ଷ ଟଙ୍କା ଏବଂ ସମବାୟ ବ୍ୟାଙ୍କମାନେ ୧୨ ଲକ୍ଷ ୩୩ ହଜାର ଚାଷୀଙ୍କୁ ୧୯୨ କୋଟି ୫୦ ଲକ୍ଷ ଟଙ୍କାର ଋଣ ଛାଡ଼ ମଞ୍ଜୁର କରିଛନ୍ତି । ତେଣୁ ଏହି ଯୋଜନା ଅନୁଯାୟୀ ୨୧ ଲକ୍ଷ ୩୨ ହଜାର ଚାଷୀ ଓ ଗ୍ରାମ୍ୟ କାରିଗର ପରିବାର ଉପକୃତ ହୋଇଛନ୍ତି । ନୂତନ ଯୋଜନା ଫଳରେ ଆଉ ୧ ଲକ୍ଷ ୭୮ ହଜାର ଚାଷୀ ବା ଭୂମିହୀନ କୃଷକ ଉପକୃତ ହେବେ ଓ ଏଥିପାଇଁ ରାଜ୍ୟ ସରକାରଙ୍କୁ ମୋଟ୍ ୩୮ କୋଟି ଟଙ୍କା ବହନ କରିବାକୁ ପଡ଼ିବ ବୋଲି ଅଟକଳ କରାଯାଇଛି ।

ଗରିବ ଚାଷୀ, ଭୂମିହୀନ କୃଷକ ଓ ଗ୍ରାମ୍ୟ କାରିଗରମାନଙ୍କର କଲ୍ୟାଣ ପାଇଁ ଏହି ଯୁଗାନ୍ତକାରୀ ନିଷ୍ପତ୍ତି ଫଳରେ ଯେଉଁ ଲକ୍ଷ ଲକ୍ଷ ପରିବାର ଋଣ ଦାଉରୁ ମୁକ୍ତ ହୋଇ ନୂଆ ଋଣ ପାଇବାର ସୁଯୋଗ ପାଇଲେ, ଆଜି ତାହା ସେହି ପରିବାର ମନରେ ଖୁସି ନୂଆ ଆଶା ସଞ୍ଚାର କରିବା ସଙ୍ଗେ ସଙ୍ଗେ ଗ୍ରାମ୍ୟ ଅର୍ଥନୀତିର ବିକାଶ ଦିଗରେ ବିଶେଷ ସହାୟକ ହୋଇପାରିଛି । କିନ୍ତୁ ଋଣ ଛାଡ଼ ଯୋଜନା ଏକ ସବୁ ଦିନିଆ ଯୋଜନା ନୁହେଁ । ଋଣ ଛାଡ଼ ପରେ ନେଉଥିବା ନୂଆ ଋଣ ଯଦି ଠିକଣା ସମୟରେ ପରିଶୋଧ ନକରାଯାଏ ତେବେ କୃଷି ଋଣ ବ୍ୟବସ୍ଥା ଅଚଳ ହୋଇଯିବ ଓ ଏହାକୁ ପୁଣି ଥରେ ସଜାଡ଼ିବା ସମ୍ଭବପର ହେବନାହିଁ । ଏହା ଫଳରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ ଚାଷୀକୁଳ । ତେଣୁ ଋଣର ସଦୁପଯୋଗ କରି ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଚାଷୀମାନେ ଯତ୍ନଶୀଳ ହେବା ଆବଶ୍ୟକ ।



ପ୍ରଧାନମନ୍ତ୍ରୀ ଶ୍ରୀ ପି. ଭି. ନରସିଂହ ରାଓ ଆକାଶ ମାର୍ଗରୁ ଓଡ଼ିଶାର ବନ୍ୟାଞ୍ଚଳ ପରିଦର୍ଶନ କରି ଦିଲ୍ଲୀ ଫେରିବା ପୂର୍ବରୁ ଭୁବନେଶ୍ୱର ବିମାନଘାଟୀଠାରେ ସାମ୍ବାଦିକମାନଙ୍କ ସହିତ ଆଲୋଚନା କରୁଛନ୍ତି (୨୧/୮)।

# ପୁରୀ ଜିଲ୍ଲାର କୃଷି ବିକାଶ

● ରବିନାରାୟଣ ଜେନା

କୃଷି ପୁରୀ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧିର ମାନଦଣ୍ଡ । ଏହି ଜିଲ୍ଲାର ଗାଁ ଗହଳିରେ ବାସ କରୁଥିବା ଶତକଡ଼ା ୮୫ ଭାଗ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୃଷି ଉପରେ ନିର୍ଭର କରିଛନ୍ତି । ପୁରୀ ଜିଲ୍ଲାର ମୋଟ ଆୟତନ ୧୦·୫୬ ଲକ୍ଷ ହେକ୍ଟର । ୧୯୮୧ ଜନଗଣନା ଅନୁସାରେ ଲୋକ ସଂଖ୍ୟା ଥିଲା ୩୬·୩୨ ଲକ୍ଷ । ରାଜ୍ୟ ଲୋକ ସଂଖ୍ୟାର ଶତକଡ଼ା ୧୧·୦୮ ଭାଗ ପୁରୀ ଜିଲ୍ଲାରେ ବାସ କରୁଥିବା ସ୍ଥଳେ ଏହି ଜିଲ୍ଲାର ଆୟତନ ରାଜ୍ୟ ଆୟତନର ଶତକଡ଼ା ୬·୫୪ ଭାଗ । ଜିଲ୍ଲାର ମୋଟ କର୍ମଜୀବୀମାନଙ୍କ ମଧ୍ୟରୁ ଶତକଡ଼ା ୬୮ ଭାଗ ହେଉଛନ୍ତି, କୃଷକ ଓ କୃଷି ଶ୍ରମିକ । କୃଷି ହିଁ ସେମାନଙ୍କର ଜୀବିକା ନିର୍ବାହର ପ୍ରଧାନ ଅବଲମ୍ବନ ।

## ପ୍ରାକୃତିକ ପରିବେଶ

ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କ ମଧ୍ୟରେ ପୁରୀ ଅନ୍ୟତମ । ଏହା ବଙ୍ଗୋପସାଗର ବେଳାଭୂମିରୁ ନୟାଗଡ଼ ଦଶପଲ୍ଲା ଅଞ୍ଚଳର ପୂର୍ବଘାଟ ପର୍ବତମାଳା ଓ ମାଳଭୂମି ପର୍ଯ୍ୟନ୍ତ ପରିବ୍ୟାପ୍ତ । ପୁରୀ ଜିଲ୍ଲାର ଭୂଭାଗ ମହାନଦୀ ଓ ତାହାର ଶାଖାନଦୀ, କୁସୁମୀ, କୁଶଭଦ୍ରା ଏବଂ ମଲାଗୁଣୀ ଇତ୍ୟାଦି ନଦୀମାନଙ୍କର ଅବବାହିକା ଓ ତ୍ରିକୋଣଭୂମି ଦ୍ୱାରା ଗଠିତ ।

## କୃଷି ଜଳବାୟୁ

ଭୂପ୍ରକୃତି, ମୃତ୍ତିକା ଓ ଜଳବାୟୁ ଅନୁସାରେ ପୁରୀ ଜିଲ୍ଲାକୁ ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତ୍ତୀ ସମତଳ ଭୂମି କୃଷି ଜଳବାୟୁ ଅଞ୍ଚଳ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଜିଲ୍ଲାର ଜଳବାୟୁ ସାଧାରଣତଃ ଉଷ୍ଣ ଓ ଆର୍ଦ୍ର । କିନ୍ତୁ ଉପକୂଳ ଅଞ୍ଚଳ ଅପେକ୍ଷା ପାହାଡ଼ିଆ ଅଞ୍ଚଳରେ ଅଧିକ ଗ୍ରୀଷ୍ମ ଓ ଥଣ୍ଡା ହୁଏ । ଜିଲ୍ଲାର ହାରାହାରି ସର୍ବାଧିକ ତାପମାନ ୪୫° ସେଲସିୟସ୍ ଓ ସର୍ବନିମ୍ନ ୯୦° ସେଲସିୟସ୍ ।

## ମୃତ୍ତିକା

ଗଠନ ପ୍ରଣାଳୀ ଓ ପ୍ରକୃତି ଭେଦରେ ପୁରୀ ଜିଲ୍ଲାରେ ଚାରି ପ୍ରକାର ମାଟି ଦେଖାଯାଏ ।

(୧) ଉପକୂଳ ମାଟି ।

(୨) ତ୍ରିକୋଣଭୂମି ଅବବାହିକା ମାଟି ।

(୩) ଗେରୁ ମାଟି ।

(୪) କଳା ମାଟି ।

ବଙ୍ଗୋପସାଗର ଓ ଚିଲିକା ହ୍ରଦର ଉପକୂଳବର୍ତ୍ତୀ ଅଞ୍ଚଳର ମାଟି ବାଲିଆ ଓ ଲୁଣା । ଏହି ମାଟିରେ ବର୍ଷାଦିନେ ଧାନଚାଷ କରାଯାଏ ଓ ଖରାଦିନେ ଲୁଣି ଅଂଶ ବଢ଼ିଯିବା ହେତୁ ଦ୍ୱିତୀୟ ଫସଲ ଉଠାଇ ହୁଏନାହିଁ ।

ତ୍ରିକୋଣଭୂମି ଅବବାହିକା ମାଟି ବାଲିଆ, ବାଲିଆ–ଦୋରସା, ଦୋରସା ଓ କାଦୁଆ । ପଟୁମାଟି-ଉର୍ବର ଓ ବିଭିନ୍ନ ଫସଲ ଚାଷ ପାଇଁ ଉପଯୁକ୍ତ ।

ଭୁବନେଶ୍ୱର ଉପଖଣ୍ଡର ଜଟଣୀ ଓ ଭୁବନେଶ୍ୱର ବ୍ଲକର କେତେକାଂଶ, ଖୋର୍ଦ୍ଧା ଓ ନୟାଗଡ଼ ଉପଖଣ୍ଡ ଅଞ୍ଚଳର ମାଟି ଲାଟେରାଇଟ୍ ବା ଗେରୁ ମାଟି । ଏହି ମାଟିରେ ଲୁହା ଓ ଆଲୁମିନିୟମ୍ ଅଂଶ ଥାଏ । ଏହି ମାଟି ସାଧାରଣତଃ ଅମ୍ଳ ଓ କମ୍ ଉର୍ବର ।

କଳା ମାଟି ଖୋର୍ଦ୍ଧା ଉପଖଣ୍ଡର ରଣପୁର ଅଞ୍ଚଳ ଓ ନୟାଗଡ଼ ଉପଖଣ୍ଡର କେତେକାଞ୍ଚଳରେ ଦେଖାଯାଏ । ଏହି ମାଟି ମଟାଳ ଓ ଚୂନ ଅଂଶ ଅଧିକ ହେତୁ ଖାରିଆ ।

## ବୃଷ୍ଟିପାତ

ପୁରୀ ଜିଲ୍ଲାର ହାରାହାରି ବାର୍ଷିକ ବୃଷ୍ଟିପାତ ପ୍ରାୟ ୧,୪୪୯ ମିଲିମିଟର । ଏହାର ଶତକଡ଼ା ୮୫ ଭାଗ ଆଷାଢ଼ଠାରୁ ଆଶ୍ୱିନ (ଜୁନ୍ ମଧ୍ୟ ଭାଗରୁ ଅକ୍ଟୋବର ମଧ୍ୟ ଭାଗ) ମଧ୍ୟରେ ମିଳିଥାଏ । ବାର୍ଷିକ ହାରାହାରି ୭୦ ଦିନ ବର୍ଷା ହୋଇଥାଏ । ବର୍ଷାର ଅନିୟମିତତା ଓ ଅନିଶ୍ଚିତତା ହେତୁ ଉପକୂଳ ଅଞ୍ଚଳରେ ବାରମ୍ବାର ବାତ୍ୟା ଓ ବନ୍ୟା ବିଘାତ ଏବଂ ପାହାଡ଼ିଆ ଅଞ୍ଚଳ ମରୁଡ଼ି ପ୍ରପୀଡ଼ିତ ହୋଇଥାଏ ।

## ଭୂ-ସ୍ୱତ୍ୱ ପଦ୍ଧତି

କୃଷି ଉତ୍ପାଦନ ବୃଦ୍ଧି ନିମିତ୍ତ ଜମି ମାଲିକାନା ବା ଭୂ-ସ୍ୱତ୍ୱ ବିଶେଷ ଗୁରୁତ୍ୱପୂର୍ଣ୍ଣ । ବିଗତ ବର୍ଷମାନଙ୍କରେ ବଂଶାନୁକ୍ରମିକ ଭୂ ହସ୍ତାନ୍ତର ଓ ଆବର୍ତ୍ତନ, ଜମି ବନ୍ଦୋବସ୍ତ ଏବଂ ଚକବନ୍ଦୀ ଫଳରେ ଭୂ-ସ୍ୱତ୍ୱ ପଦ୍ଧତି ଅର୍ଥାତ୍ ଚାଷ ଜମି ସଂଖ୍ୟା ଓ ଆୟତନରେ ପରିବର୍ତ୍ତନ ଘଟିଛି । ପୁରୀ ଜିଲ୍ଲାର ଅଧିକାଂଶ ଚାଷୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ । ୧୯୮୫ରେ କୃଷି ଗଣନା ହିସାବରୁ ଜଣାଯାଏ ଯେ ଜିଲ୍ଲାର ପ୍ରାୟ ୩·୩୮ ଲକ୍ଷ କୃଷକ ପରିବାର ଶତକଡ଼ା ୮୭ ଭାଗ କ୍ଷୁଦ୍ର ଓ ନାମମାତ୍ର ଚାଷୀ ହେଲେ ମଧ୍ୟ ଚାଷ ଜମିର ଶତକଡ଼ା ୫୮ ଭାଗ ଜମି ସେମାନଙ୍କ ହାତରେ ଅଛି । ବିଶେଷତଃ ମୋଟ ଚାଷୀ ସଂଖ୍ୟାର ୬୬ ଭାଗ ନାମମାତ୍ର ଚାଷୀ ମୋଟ ଜମିର ୨୮ ଭାଗ ଜମିରେ ଚାଷବାସ କରିଥାନ୍ତି । ବର୍ଷ ପରେ ବର୍ଷ, ଜମିର ଖଣ୍ଡ ବିଭାଜନ ଜମିର ଆୟତନକୁ ବିଶେଷ ପ୍ରଭାବିତ କରିଛି । ନାମମାତ୍ର ଚାଷୀମାନଙ୍କର ଜମିର ହାରାହାରି ଆୟତନ ମାତ୍ର ୦·୪୫ ହେକ୍ଟର୍ । ଛୋଟ ଛୋଟ ଜମିରେ ଆଧୁନିକ ଚାଷ କୌଶଳ ପ୍ରୟୋଗ କରି ଉତ୍ପାଦନ ବଢ଼ାଇବା ବ୍ୟୟ ସାପେକ୍ଷ । ଏହା ବ୍ୟତୀତ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଚଳିତ ଭାଗ ଚାଷ ବ୍ୟବସ୍ଥା ଭୂମିର ଉତ୍ପାଦିକା ଶକ୍ତି ବୃଦ୍ଧି ଦିଗରେ ସହାୟକ ନୁହେଁ ।

## ଜନ ସଂଖ୍ୟା ଓ ଚାଷ ଜମି ସମସ୍ୟା

ବିଗତ ତିନି ଦଶକ ମଧ୍ୟରେ ପୁରୀ ଜିଲ୍ଲାର ଲୋକ ସଂଖ୍ୟା ପ୍ରାୟ ୯୧ ପ୍ରତିଶତ ବୃଦ୍ଧି ପାଇଛି । ୧୯୬୧ ଜନଗଣନା ଅନୁସାରେ ଲୋକ ସଂଖ୍ୟା ଥିଲା ପ୍ରାୟ ୨୮·୬୫ ଲକ୍ଷ ଓ ୧୯୮୧ରେ ତାହା ହେଲା ୨୯·୨୧ ଲକ୍ଷ । ୧୯୯୦ ମସିହାର ଲୋକ ସଂଖ୍ୟା ପ୍ରାୟ ୩୬·୬୦ ଲକ୍ଷ ହୋଇଥିବାର ଅଟକଳ କରାଯାଇଛି । କିନ୍ତୁ ଏହି ସମୟ ମଧ୍ୟରେ ଚାଷ ଜମି ପରିମାଣ ସମାନୁପାତିକ ହାରରେ ବୃଦ୍ଧି ପାଇନାହିଁ । ୧୯୬୦-୬୧ରେ ମୋଟ ଚାଷ ଜମିର ପରିମାଣ ୫·୬୨ ଲକ୍ଷ ହେକ୍ଟର୍ ଥିବାବେଳେ ୧୯୮୯-୯୦ ସୁଦ୍ଧା ତାହା ୫·୮୪ ଲକ୍ଷ ହେକ୍ଟରକୁ ବଢ଼ିଛି । ଏହି ବୃଦ୍ଧିର ଶତକଡ଼ା ହାର ପ୍ରାୟ ୫ ଭାଗ ।

### ଜନ ସଂଖ୍ୟା ଓ ଚାଷ ଜମି

| ବର୍ଷ | ଜନସଂଖ୍ୟା (ଲକ୍ଷ) | ମୋଟ ଚାଷଜମି (ଲକ୍ଷ ହେକ୍ଟର) | ମୁଣ୍ଡ ପିଛା ଜମିର ପରିମାଣ (ହେକ୍ଟର) | ପ୍ରତି ହେକ୍ଟର ଚାଷଜମି ଉପରେ ନିର୍ଭରଶୀଳ ଜନସଂଖ୍ୟା |
|---|---|---|---|---|
| ୧୯୬୧ | ୨୮·୬୫ | ୫·୬୨ | ୦·୨୫ | ୪ |
| ୧୯୯୦ | ୩୬·୬୦ | ୫·୮୪ | ୦·୧୫ | ୬ |

୧୯୬୧ ମସିହାରେ ମୁଣ୍ଡପିଛା ଚାଷ ଜମିର ପରିଣାମ ଥିଲା ୦·୨୫ ହେକ୍ଟର୍ କିନ୍ତୁ ୧୯୯୦ ମସିହା ସୁଦ୍ଧା ତାହା ୦·୧୫ ହେକ୍ଟରକୁ ହ୍ରାସ ପାଇଛି । ଅର୍ଥାତ୍ ଏକ ହେକ୍ଟର୍ ଜମି ଉପରେ ୧୯୬୧ ମସିହାରେ ଚାରିଜଣ ଲୋକ ନିର୍ଭର କରୁଥିବା ବେଳେ ୧୯୯୦ରେ ୬ ଜଣ ନିର୍ଭର କରୁଛନ୍ତି । ତେଣୁ ସୀମିତ ଚାଷ ଜମିରୁ ଅଧିକ ଉତ୍ପାଦନ କରି ଏମ ବର୍ଦ୍ଧିଷ୍ଣୁ ଲୋକ ସଂଖ୍ୟା ନିମିତ୍ତ ଖାଦ୍ୟ ଯୋଗାଡ଼ କରିବା ଆବଶ୍ୟକ । ପୁରୀ ଜିଲ୍ଲାର ଖାଦ୍ୟ ଶସ୍ୟ ଉତ୍ପାଦନ ଲୋକ ସଂଖ୍ୟା ସହ ତାଳ ରଖି ଚାଲି ପାରିଛି ।

### ଜନ ସଂଖ୍ୟା ଓ ଖାଦ୍ୟ ଶସ୍ୟ ଉତ୍ପାଦନ

| ବର୍ଷ | ଜନସଂଖ୍ୟା (ଲକ୍ଷ) | ଖାଦ୍ୟଶସ୍ୟ ଉତ୍ପାଦନ (ଲକ୍ଷ ଟନ୍) | [illegible] | [illegible] |
|---|---|---|---|---|
| ୧୯୬୧ | ୨୮·୬୫ | ୪·୦୩ | - | [illegible] |
| ୧୯୯୦ | ୩୬·୬୦ | ୮·୭୪ | ୪ | [illegible] |

ବିଗତ ୩୦ ବର୍ଷ ମଧ୍ୟରେ ଜନସଂଖ୍ୟା ୧·୯ ଗୁଣ ବଢ଼ିଥିବା ସ୍ଥଳେ ଖାଦ୍ୟ ଶସ୍ୟ ଉତ୍ପାଦନ ଦୁଇ ଗୁଣ ବଢ଼ିଛି ।

## ଜମିର ଉପଯୋଗିତା

କୃଷି ଯୋଜନା ଓ ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜମିର ଉପଯୋଗିତା ଏକ ମୌଳିକ ଆବଶ୍ୟକତା । ଏହି ନିବନ୍ଧରେ ଆଗରୁ କୁହାଯାଇଛି, ପୁରୀ ଜିଲ୍ଲାର ଭୌଗୋଳିକ ଆୟତନ ପ୍ରାୟ ୧୦·୪୬ ଲକ୍ଷ ହେକ୍ଟର୍ । ଚାଷ ଉପଯୋଗୀ ଜମି ୫·୮୪ ଲକ୍ଷ ହେକ୍ଟର୍ ଅର୍ଥାତ୍ ଶତକଡ଼ା ୫୬·୨୭ ଭାଗ । ଖରିଫ ଫସଲ ହେଉଥିବା ଜମିର ପରିମାଣ ୫·୬୫ ଲକ୍ଷ ହେକ୍ଟର୍ । ତନ୍ମଧ୍ୟରୁ ଡିପ ଜମି ୧·୩୮ ଲକ୍ଷ ହେକ୍ଟର୍ (ଶତକଡ଼ା ୩୦ ଭାଗ) ମଝିଆଲି ଜମି ୧·୪୮ ଲକ୍ଷ ହେକ୍ଟର୍ (ଶତକଡ଼ା ୩୨ ଭାଗ) ଓ ଖାଲ ଜମି ୧·୭୯ ଲକ୍ଷ ହେକ୍ଟର୍ (ଶତକଡ଼ା ୩୮ ଭାଗ) । ସେହିପରି ଧାନ ଜମିର ପରିମାଣ ପ୍ରାୟ ୪·୦୯ ଲକ୍ଷ ହେକ୍ଟର୍ । ତନ୍ମଧ୍ୟରୁ ଡିପ ଜମି ୦·୮୨ ଲକ୍ଷ ହେକ୍ଟର୍ (ଶତକଡ଼ା ୨୦ ଭାଗ) ଓ ଖାଲ ଜମି ୧·୭୯ ଲକ୍ଷ ହେକ୍ଟର୍ (ଶତକଡ଼ା ୪୪ ଭାଗ) ।

ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳ ନିଷ୍କାସନ ଏକ ପ୍ରଧାନ ସମସ୍ୟା । ଜଳ ନିଷ୍କାସନର ଅସୁବିଧା ହେତୁ ପ୍ରାୟ ୫୦ ହଜାର ହେକ୍ଟର୍ ଜମିରେ ପାଣି ଜମି ରହିଛି । ଏହି ଜମି ପାଇଁ ଉପଯୋଗୀ କୌଣସି ଅଧିକ ଅମଳକ୍ଷମ କିସମ ନଥିବାରୁ ଓ ଜମିର ଅବସ୍ଥା ସାର ପ୍ରୟୋଗ ପାଇଁ ଅନୁକୂଳ ହୋଇ ନଥିବାରୁ ହାରାହାରି ଉତ୍ପାଦନ ନିମ୍ନ ସ୍ତରରେ ରହିଛି ।

## ଫସଲ ପର୍ଯ୍ୟାୟ

ଅଧିକ କୃଷି ଉତ୍ପାଦନ ଜମି ଓ ଜଳବାୟୁର ଉପଯୋଗୀ ଫସଲ ପର୍ଯ୍ୟାୟ ଅନୁସରଣ ଓ ଅଧିକ ଅମଳକ୍ଷମ ଏବଂ ଅଧିକ ଦରରେ ବିକ୍ରି ହେଉଥିବା ଫସଲ ଚାଷ ଉପରେ ନିର୍ଭର କରେ । ଗତ ୩୦ ବର୍ଷ ମଧ୍ୟରେ ପୁରୀ ଜିଲ୍ଲାରେ ଅନୁସୃତ ଫସଲ ପର୍ଯ୍ୟାୟରେ ବିଶେଷ ପରିବର୍ତ୍ତନ ଘଟିଛି ।

## ଫସଲ ପର୍ଯ୍ୟାୟ

| ଫସଲ | ୧୯୬୦-୬୧ | | ୧୯୮୭-୮୮ | |
|---|---|---|---|---|
| | ଜମିର ପରିମାଣ (ଲକ୍ଷ ହେକ୍ଟର) | ମୋଟ ଜମିର ଶତକଡ଼ା ଭାଗ | ଜମିର ପରିମାଣ (ଲକ୍ଷ ହେକ୍ଟର) | ମୋଟ ଜମିର ଶତକଡ଼ା ଭାଗ |
| ଧାନ | ୩·୬୩ | ୬୬·୬୩ | ୩·୧୨ | ୪୯·୩୭ |
| [illegible] | ୩·୨୨ | ୮୭·୨୨ | ୫·୧୪ | ୬୮·୪୯ |
| [illegible] | ୦·୨୭ | ୭୭·୦୨ | ୨·୭୦ | ୨୨·୨୪ |
| [illegible] | ୫·୦୮ | ୬୬·୭୭ | ୬·୨୪ | ୫୮·୫୯ |
| [illegible] | ୦·୦୮ | ୧·୪୭ | ୦·୪୩ | ୬·୮୦ |
| [illegible] | ୦·୦୬ | ୦·୩୭ | ୦·୦୬ | ୦·୬୬ |
| [illegible] | ୦·୨୭ | ୨·୯୪ | ୧·୨୦ | ୧୩·୮୫ |

ଫସଲ ପର୍ଯ୍ୟାୟର ଏମ ପରିବର୍ତ୍ତନରୁ ଜଣାଯାଏ ଯେ ଜିଲ୍ଲାରେ ଧାନ ଚାଷ ବଦଳରେ ଅଧିକ ଲାଭଜନକ ଅଣଧାନ ଫସଲ ଯଥା-ତୈଳ ବୀଜ, ପନିପରିବା ଆଦି ଅଧିକ ହୋଇଛି । ଧାନ ଫସଲରୁ ୧୯୬୨ ମସିହାରେ ଶତକଡ଼ା ୬୬·୬୩ ଭାଗ ଜମିରେ ଚାଷ ହେଉଥିବା ବେଳେ ୧୯୮୭ରୁ ୧୯୮୮ ବେଳକୁ ତାହା ୪୯·୩୭ ଭାଗକୁ ହ୍ରାସ ପାଉଛି । ମୋଟ ଖାଦ୍ୟଶସ୍ୟ ଫସଲ ଶତକଡ଼ା ୮୭·୨୨ ଭାଗରୁ ଶତକଡ଼ା ୬୮·୪୯ ଭାଗକୁ କମି ଆସିଛି । କିନ୍ତୁ ଅନ୍ୟପକ୍ଷେ ତୈଳ ବୀଜ ଫସଲ ଶତକଡ଼ା ୧·୪୭ ଭାଗରୁ ଶତକଡ଼ା ୬·୮୦ ଭାଗକୁ ଓ ପନିପରିବା ଆଦି ଫସଲ ଚାଷ ଶତକଡ଼ା ୨·୯୪ ଭାଗରୁ ୧୩·୮୫ ଭାଗକୁ ବୃଦ୍ଧି ପାଇଛି । ସେହି ସମୟ ମଧ୍ୟରେ ଆଖୁ ଚାଷ ଜମି ଦ୍ୱିଗୁଣିତ ହୋଇଛି । ୧୯୬୭ ମସିହା ଖରିଫ ଋତୁରେ ପ୍ରାୟ ୫,୦୦୦ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ ହୋଇଥିବା ବେଳେ ୧୯୮୮ ବର୍ଷରେ ତାହା ୧୪,୨୦୦ ହେକ୍ଟରକୁ ବୃଦ୍ଧି ପାଇଛି ।

ଫସଲ ପର୍ଯ୍ୟାୟର ପରିବର୍ତ୍ତନ ସହ ବିଭିନ୍ନ ଫସଲର ଆପେକ୍ଷିକ ଗୁରୁତ୍ୱରେ ମଧ୍ୟ ପରିବର୍ତ୍ତନ ଘଟିଛି । ଅଣଜଳସେଚିତ ଅଞ୍ଚଳରେ ଧାନ ବଦଳରେ ମକା ଓ ମାଣ୍ଡିଆ ଅଧିକ ଚାଷ ହେଉଛି । ଡାଲି ଜାତୀୟ ଫସଲ ମଧ୍ୟରେ ମୁଗ ଚାଷ ଜମି ହ୍ରାସ ପାଉଥିବା ବେଳେ ବିରି ଓ ହରଡ଼ ଚାଷର ଗୁରୁତ୍ୱ ବୃଦ୍ଧି ପାଇଛି । ତୈଳ ବୀଜ ଫସଲ ମଧ୍ୟରେ ଚିନାବାଦାମ ଫସଲ ମୋଟ ଚାଷ ଜମିର ମାତ୍ର ଶତକଡ଼ା ଗୋଟି ଭାଗ ଜମିରେ ଚାଷ ହେଉଥିବା ସ୍ଥଳେ ୧୯୮୭-୮୮ ସୁଦ୍ଧା ଏହା ଶତକଡ଼ା ୪୬ ଭାଗକୁ ବୃଦ୍ଧି ପାଇଛି । ରବି ଓ ଖରାଦିଆ ଚିନାବାଦାମ ଚାଷ ପୁରୀ ଜିଲ୍ଲାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି । ୧୯୬୬-୬୮ ମସିହାରେ ମାତ୍ର ୧୭୦ ହେକ୍ଟର ଜମିରେ ଚାଷ କରାଯାଉଥିଲା କିନ୍ତୁ ୧୯୮୬-୮୮ ବେଳକୁ ତାହା ୨୦,୯୬୦ ହେକ୍ଟରକୁ ବୃଦ୍ଧି ପାଇଛି ।

## ଫସଲ ସଘନତା

ଲୋକସଂଖ୍ୟା ବୃଦ୍ଧି ଜନିତ ଖାଦ୍ୟ ସମସ୍ୟାର ମୁକାବିଲା ପାଇଁ ଗୋଟିଏ ଜମିରୁ ବର୍ଷକ ମଧ୍ୟରେ ଏକାଧିକ ଫସଲ ଉତ୍ପାଦନ କରିବାକୁ ପଡୁଛି । ଜଳସେଚନର ସୁବିଧା, ସହଜ ଅମଳହେଉଥିବା ବିହନ ବ୍ୟବହାର ଓ ଉପଯୁକ୍ତ ଫସଲ ପର୍ଯ୍ୟାୟ ଅନୁସରଣ ଦ୍ୱାରା ବହୁ ଫସଲି ଚାଷ ହେଉଥିବା ଜମିର ପରିମାଣ ବଢ଼ିଛି । ୧୯୬୦-୬୧ରେ ଜିଲ୍ଲାରେ ମାତ୍ର ୬୬ ହଜାର ହେକ୍ଟର୍ ଜମିରେ ଏକାଧିକ ଫସଲ ଚାଷ ହେଉଥିଲା । କିନ୍ତୁ ୧୯୮୮-୮୯ରେ ଦୁଇ ଲକ୍ଷ ୮୬ ହଜାର ହେକ୍ଟର୍ ଜମିରେ ଏକାଧିକବାର ଫସଲ କରାଯାଉଛି ।

## ଫସଲ ସଘନତା

| ବର୍ଷ | ମୋଟ ଚାଷ ଜମି (ଲକ୍ଷ ହେକ୍ଟର) | ନିଟ୍ ଚାଷ ଜମି (ଲକ୍ଷ ହେକ୍ଟର) | ଏକାଧିକ ଫସଲ ହେଉଥିବା ଜମି (ଲକ୍ଷ ହେକ୍ଟର) | ଫସଲ ସଘନତା (ଶତକଡ଼ା) |
|---|---|---|---|---|
| ୧୯୬୦-୬୧ | ୫·୯୬ | ୫·୩୦ | ୦·୬୬ | ୧୧୨·୪୫ |
| ୧୯୮୮-୮୯ | ୭·୬୭ | ୫·୬୫ | ୨·୮୬ | ୧୬୦·୬୩ |

ଫସଲ ଚାଷର ସଘନତା ୧୯୬୦-୬୧ରେ ପ୍ରାୟ ୧୧୬ ପ୍ରତିଶତ ଥିବାବେଳେ ୧୯୮୮-୮୯ ସୁଦ୍ଧା ୧୬୦ ପ୍ରତିଶତକୁ ବୃଦ୍ଧି ପାଇଛି ।

## ଜଳସେଚନ

କୃଷି କ୍ଷେତ୍ରରେ ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବୃଦ୍ଧି ଓ ସ୍ଥିରତା ଆଣିବା ନିମିତ୍ତ ଜଳସେଚନ ଅତିଶୟ ଦରକାରୀ । ଠିକ୍ ସମୟରେ ଆବଶ୍ୟକ ଜଳସେଚନ କରାନଗଲେ ଉନ୍ନତ କୃଷି ପ୍ରଣାଳୀର ସୁଫଳ ମିଳିପାରିବ ନାହିଁ ।

ମହାନଦୀ ତ୍ରିକୋଣଭୂମି ଜଳସେଚନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ପୁରୀ ଜିଲ୍ଲାରେ କେନାଲ ଜଳସେଚନ ଅବସ୍ଥାର ଉନ୍ନତି ଘଟିଛି । ତଥାପି ସବୁ ଅଞ୍ଚଳ ପାଇଁ ଜଳସେଚନର ସୁବିଧା ନାହିଁ । କେନାଲ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଉଠା ଜଳସେଚନ, କୂପ, ପୋଖରୀ, ନାଳ ଓ ଝରଣା ଇତ୍ୟାଦିର ଜଳ ବ୍ୟବହାର କରି ଖରିଫ୍ ଋତୁରେ ପ୍ରାୟ ୧·୭୬ ଲକ୍ଷ ହେକ୍ଟର ଅର୍ଥାତ୍ ମୋଟ ଚାଷ ଜମିର ଶତକଡ଼ା ୩୭ ଭାଗ ଓ ରବି ଋତୁରେ ୧·୦୧ ଲକ୍ଷ ହେକ୍ଟର ଅର୍ଥାତ୍ ଶତକଡ଼ା ୨୨ ଭାଗ ଜମିକୁ ଜଳସେଚନର ସୁବିଧା ମିଳିପାରୁଛି । ଏଣୁ ଜିଲ୍ଲାର ଶତକଡ଼ା ୬୩ଭାଗ ଚାଷ ଜମି ବର୍ଷା ଜଳ ଉପରେ ନିର୍ଭରଶୀଳ ।

## କୃଷି ଉତ୍ପାଦନ

ପୁରୀ ଜିଲ୍ଲାର କୃଷି ବିକାଶ ଅଷ୍ଟମ ଦଶକରେ ଏକ ନୂତନ ଅଧ୍ୟାୟରେ ପହଞ୍ଚିଛି । ବୈଜ୍ଞାନିକ ଚାଷ କୌଶଳର ପ୍ରବର୍ତ୍ତନ, ସୁବ୍ୟବସ୍ଥିତ ବୈଷୟିକ ଜ୍ଞାନର ସମ୍ପ୍ରସାରଣ କାର୍ଯ୍ୟକ୍ରମ ଓ ସର୍ବୋପରି ଆଧୁନିକ କୃଷି ପଦ୍ଧତି ଅବଲମ୍ବନ ନିମିତ୍ତ କୃଷକମାନଙ୍କର ଆନ୍ତରିକ ପ୍ରୟାସ ଓ ପରିଶ୍ରମର ଫଳ ସ୍ୱରୂପ ବିଭିନ୍ନ ଫସଲର ଉତ୍ପାଦନ ଓ ଉତ୍ପାଦିକା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି ।

## କୃଷି ଉତ୍ପାଦନ (ଲକ୍ଷ ଟନ୍‌ରେ)

| ଫସଲ | ୧୯୬୦-୬୧ | ୧୯୮୯-୯୦ | ଶତକଡ଼ା ବୃଦ୍ଧି |
|---|---|---|---|
| ଧାନ (ଚାଉଳ ହିସାବରେ) | ୩·୭୩ | ୭·୭୦ | ୧୦୬·୪୩ |
| ଅନ୍ୟାନ୍ୟ ଶସ୍ୟ | ୦·୦୬ | ୦·୨୫ | ୩୧୦·୦୦ |
| ମୋଟ ଶସ୍ୟ ଜାତୀୟ | ୩·୭୭ | ୭·୯୫ | ୧୦୬·୯୨ |
| ଡାଲି ଜାତୀୟ | ୦·୩୪ | ୦·୫୦ | ୪୭·୦୬ |
| ମୋଟ ଖାଦ୍ୟ ଶସ୍ୟ | ୪·୨୭ | ୮·୨୬ | ୯୩·୪୪ |
| ତୈଳ ବୀଜ | ୦·୦୩ | ୦·୨୫ | ୭୩୩·୩୩ |
| ଆଖୁ | ୦·୬୮ | ୪·୬୮ | ୫୮୮·୨୩ |

## ଧାନ

ଧାନ ପୁରୀ ଜିଲ୍ଲାର ମୁଖ୍ୟ ଖାଦ୍ୟ ଫସଲ । ଖରିଫ ଋତୁରେ ମୋଟ ଚାଷ ଜମିର ପ୍ରାୟ ୭୭ ଭାଗ ଓ ଡାଲୁଅ ଋତୁରେ ୨୦ ଭାଗ ଜମିରେ ଧାନ ଚାଷ କରାଯାଏ । ୧୯୬୦-୬୧ରେ ପ୍ରାୟ ୩·୭୩ ଲକ୍ଷ ଟନ୍ ଚାଉଳ ଉତ୍ପାଦନ ହେଉଥିବା ବେଳେ ୧୯୮୯-୯୦ରେ ତାହା ୭·୭୦ ଲକ୍ଷ ଟନ୍ ହୋଇଛି ଅର୍ଥାତ୍ ଶତକଡ଼ା ୧୦୬·୪୩ ଭାଗ ବୃଦ୍ଧି ପାଇଛି । ସେହିପରି ହେକ୍ଟର୍ ପ୍ରତି ଉତ୍ପାଦିକା ଶକ୍ତି ୧୦·୦୭ କ୍ୱିଣ୍ଟାଲରୁ ବଢ଼ି ୧୯·୧୧ କ୍ୱିଣ୍ଟାଲ୍‌ରେ ପହଞ୍ଚିଛି । ଧାନ ଉତ୍ପାଦିକା କ୍ଷେତ୍ରରେ ପୁରୀ ଜିଲ୍ଲା ରାଜ୍ୟରେ ଦ୍ୱିତୀୟ ।

## ଅନ୍ୟାନ୍ୟ ଶସ୍ୟ ଜାତୀୟ ଫସଲ

୧୯୬୦-୬୧ରୁ ୧୯୮୯-୯୦ ମସିହା ମଧ୍ୟରେ ଅନ୍ୟାନ୍ୟ ଶସ୍ୟ ଜାତୀୟ ଫସଲର ଉତ୍ପାଦନ ପ୍ରାୟ ୩·୫ ଗୁଣ ବୃଦ୍ଧି ପାଇଛି ।

## ଡାଲି ଜାତୀୟ ଫସଲ

ଡାଲି ଜାତୀୟ ଫସଲ ଉତ୍ପାଦନ କ୍ଷେତ୍ରରେ ଅଷ୍ଟମ ଦଶକର ମଧ୍ୟ ଭାଗରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଥିଲା । ୧୯୬୦-୬୧ରେ ଡାଲି ଜାତୀୟ ଫସଲ ଉତ୍ପାଦନ ପ୍ରାୟ ୩୫ ହଜାର ଟନ୍ ହେଉଥିବା ବେଳେ ୧୯୮୫-୮୬ରେ ୧ ଲକ୍ଷ ୪୪ ହଜାର ଟନ୍ ହୋଇଥିଲା । କିନ୍ତୁ ପରବର୍ତ୍ତୀ ବର୍ଷମାନଙ୍କରେ ପ୍ରତିକୂଳ ପାଣିପାଗ ହେତୁ ଶୀତ ଓ ଖରା ଦିନିଆ ଡାଲି ଜାତୀୟ ଫସଲ ଉତ୍ପାଦନ ବାଧାପ୍ରାପ୍ତ ହେଲା । ପୁରୀ ଜିଲ୍ଲାର ବାର୍ଷିକ ଡାଲି ଜାତୀୟ ଫସଲ ଚାଷ ଜମିର ଶତକଡ଼ା ମାତ୍ର ୬ ଭାଗ ଜମିରେ ଖରିଫ ଋତୁରେ ଶତକଡ଼ା ୯୪ ଭାଗ ଜମିରେ ରବି ଓ ଖରାଦିଆ ଡାଲି ଜାତୀୟ ଫସଲ ଚାଷ କରାଯାଇଥାଏ ।

## ଖାଦ୍ୟ ଶସ୍ୟ ଉତ୍ପାଦନ

ବିଗତ ବର୍ଷମାନଙ୍କରେ ଖାଦ୍ୟ ଶସ୍ୟ ଉତ୍ପାଦନରେ କ୍ରମ ଉନ୍ନତି ଘଟିଛି ।

| ବର୍ଷ | ଖାଦ୍ୟ ଶସ୍ୟ ଉତ୍ପାଦନ (ଲକ୍ଷ ଟନ୍) |
|---|---|
| ୧୯୬୦-୬୧ | ୪·୨[illegible] |
| ୧୯୭୨-୭୩ | ୫·୭[illegible] |
| ୧୯୮୩-୮୪ | ୬·୦[illegible] |
| ୧୯୮୯-୯୦ | ୮·୨[illegible] |

୧୯୬୦-୬୧ରେ ଜିଲ୍ଲାରେ ୪·୨୭ ଲକ୍ଷ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ ହେଉଥିଲା । ଖାଦ୍ୟ ଉତ୍ପାଦନ ବୃଦ୍ଧି ପାଇ ୧୯୭୨-୭୩ରେ ୫·୭୮ ଲକ୍ଷ ଟନ୍, ୧୯୮୩-୮୪ରେ ୬·୦ [illegible] ଲକ୍ଷ ଟନ୍‌ରେ ପହଞ୍ଚିଲା । କିନ୍ତୁ ୧୯୮୯-୯୦ ମସିହାରେ ୮·୨ [illegible] ଲକ୍ଷ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ ଏକ ଉଲ୍ଲେଖନୀୟ ସଫଳତା ।

## ତୈଳ ବୀଜ ଫସଲ

ଚିନାବାଦାମ, ରାଶି, ସୋରିଷ ଓ ପେଶୀ ପୁରୀ ଜିଲ୍ଲାର ପ୍ରଧାନ ତୈଳ ବୀଜ ଫସଲ । ଗତ ୩୦ ବର୍ଷ ମଧ୍ୟରେ ତୈଳ ବୀଜ ଫସଲ ଚାଷ ଓ ଉତ୍ପାଦନରେ ବିଶେଷ ବୃଦ୍ଧି ପାଇଛି । ୧୯୬୦-୬୧ରେ ମୋଟ ତୈଳ ବୀଜ ଫସଲ ଉତ୍ପାଦନ ପରିମାଣ ୨·୬୬ ହଜାର ଟନ୍ ଥିଲାବେଳେ ୧୯୮୭-୮୮ ସୁଦ୍ଧା [illegible] ହଜାର ଟନ୍ ହୋଇଥିଲା । ଚିନାବାଦାମ ଉତ୍ପାଦନ କ୍ଷେତ୍ରରେ ପୁରୀ ଜିଲ୍ଲାର ଏକ ବିଶେଷ ସ୍ଥାନ ରହିଛି । ୧୯୬୦-୬୧ରେ ମାତ୍ର ୨୦୦ ଟନ୍ ଚିନାବାଦାମ ଉତ୍ପାଦନ ହେଉଥିବା ଛଳେ ୧୯୮୭-୮୮ରେ ତାହା ୪୦ ହଜାର ଟନ୍‌କୁ ବୃଦ୍ଧି ପାଇଛି । ପ୍ରତିକୂଳ ଜଳବାୟୁ ଓ ଆବଶ୍ୟକ ପରିମାଣ ବିହନ ଅଭାବ ହେତୁ ଚିନାବାଦାମ ଚାଷ ବାଧାପ୍ରାପ୍ତ ହେଉଛି ।

## ଆଖୁ

ଆଖୁ ପୁରୀ ଜିଲ୍ଲାର ଏକ ପ୍ରଧାନ ଅର୍ଥକରୀ ଫସଲ । ଗତ ତିନି ଦଶକ ମଧ୍ୟରେ ଆଖୁ ଉତ୍ପାଦନ ୦·୬୮ ଲକ୍ଷ ଟନ୍‌ରୁ ୪·୬୮ ଲକ୍ଷ ଟନ୍ ଅର୍ଥାତ୍ ପ୍ରାୟ ୭ ଗୁଣ ବୃଦ୍ଧି ପାଇଛି ।

## ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମ

ନିୟମିତ ରୂପେ ବୈଜ୍ଞାନିକ କୃଷି କୌଶଳ କୃଷକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଓ କୃଷି ସମ୍ପ୍ରସାରଣ ପଦ୍ଧତିକୁ ଅଧିକ ବୈଷୟିକ ଜ୍ଞାନ ଆଧାରିତ କରିବା ନିମିତ୍ତ ବିଶ୍ୱ ବ୍ୟାଙ୍କର ଆର୍ଥିକ ସହାୟତାରେ ୧୯୭୭-୭୮ ମସିହାରୁ ଓଡ଼ିଶାରେ "ତାଲିମ ଓ ପରିଦର୍ଶନ" ସମ୍ପ୍ରସାରଣ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି । କୃଷି ସମ୍ପ୍ରସାରଣ କର୍ମଚାରୀ ସମସ୍ତ ସମୟ କୃଷି ଉନ୍ନୟନ ଓ ଫସଲ ଉତ୍ପାଦନ ବୃଦ୍ଧି ପାଇଁ ବିନିଯୋଗ କରୁଥିବାରୁ ଫସଲ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି ।

## ଯୌଗିକ ଅଭିବୃଦ୍ଧି ହାର

ଶତକଡ଼ା ଭାଗ

| ଫସଲ | ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମ ପୂର୍ବ ସମୟ (୧୯୬୨–୬୩ରୁ ୧୯୭୬–୭୭) | | ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମ ପ୍ରଚଳିତ ସମୟ (୧୯୭୭–୭୮ରୁ ୧୯୮୮–୮୯) | |
|---|---|---|---|---|
| | ଉତ୍ପାଦନ | ଉତ୍ପାଦିକତା | ଉତ୍ପାଦନ | ଉତ୍ପାଦିକତା |
| ଧାନ | (−)୦·୬୬ | (−)୧·୧୯ | ୨·୩୬ | ୨·୪୦ |
| ଶସ୍ୟ ଜାତୀୟ | (−)୦·୭୧ | (−)୦·୯୩ | ୨·୦୯ | ୨·୯୦ |
| ଡାଲି ଜାତୀୟ | ୩·୩୫ | ୩·୯୭ | ୦·୨୯ | ୧·୯୬ |
| ଖାଦ୍ୟ ଶସ୍ୟ | (−)୦·୦୨ | (−)୧·୩୧ | ୧·୭୧ | ୨·୩୩ |
| ତୈଳବୀଜ | ୭·୨୫ | ୭·୨୪ | ୯·୧୧ | ୩·୮୨ |
| ଆଖୁ | ୪·୫୭ | ୬·୦୪ | ୩·୬୮ | ୦·୬୪ |

"ତାଲିମ ଓ ପରିଦର୍ଶନ" କାର୍ଯ୍ୟକ୍ରମ ପ୍ରଚଳନ ପୂର୍ବରୁ ଧାନ, ଶସ୍ୟ ଜାତୀୟ ଓ ମୋଟ ଖାଦ୍ୟ ଶସ୍ୟ ଫସଲର ଉତ୍ପାଦନ ଓ ଉତ୍ପାଦିକତା ବିଯୁକ୍ତାତ୍ମକ ଅଭିବୃଦ୍ଧି ଘଟିଥିଲା କିନ୍ତୁ ଏହି କାର୍ଯ୍ୟକ୍ରମର ପ୍ରଚଳନ ପରେ ଯୁକ୍ତାତ୍ମକ ଅଭିବୃଦ୍ଧି ଘଟିଛି । ପ୍ରଧାନ ଖାଦ୍ୟ ଫସଲ ଧାନର ଉତ୍ପାଦନ ଶତକଡ଼ା (−)୦·୬୬ରୁ (+)୨·୩୬ ଭାଗକୁ ଓ ଉତ୍ପାଦିକତା ଶତକଡ଼ା (−)୧·୧୯ରୁ (+)୨·୪୦କୁ ବୃଦ୍ଧି ପାଇଛି । ସେହିପରି ଖାଦ୍ୟ ଶସ୍ୟ ଉତ୍ପାଦନ ଶତକଡ଼ା (−)୦·୦୨ରୁ (+)୧·୭୧ ଭାଗ ଓ ଉତ୍ପାଦିକତା (−)୧·୩୧ରୁ (+)୨·୩୩ ଭାଗକୁ ବୃଦ୍ଧି ପାଇଛି । ଡାଲି ଜାତୀୟ ଫସଲ ଓ ଆଖୁର ଉତ୍ପାଦନ ଓ ଉତ୍ପାଦିକତାର ଯୁକ୍ତାତ୍ମକ ଅଭିବୃଦ୍ଧି ହାର ହୋଇଥିଲେ ମଧ୍ୟ ତୁଳନାତ୍ମକ ଭାବେ ହ୍ରାସ ପାଇଛି । ତୈଳ ବୀଜ ଫସଲର ଉତ୍ପାଦନ ହାର "ତାଲିମ ଓ ପରିଦର୍ଶନ" କାର୍ଯ୍ୟକ୍ରମ ପୂର୍ବାବସ୍ଥାରେ ଶତକଡ଼ା ୭·୨୫ ଭାଗ ଥିବା ସ୍ଥଳେ ପରବର୍ତ୍ତୀ ଅବସ୍ଥାରେ ଏହା ଶତକଡ଼ା ୯·୧୧ ଭାଗକୁ ବୃଦ୍ଧି ପାଇଛି ।

ଧାନ, ଖାଦ୍ୟଶସ୍ୟ ଓ ତୈଳବୀଜ ଫସଲ ଉତ୍ପାଦନରେ ପରିଲକ୍ଷିତ ଅଗ୍ରଗତି ଅଧିକ ଅମଳକ୍ଷମ ବିହନ ବ୍ୟବହାର, ରାସାୟନିକ ସାର ପ୍ରୟୋଗ, ପୋକ ଓ ରୋଗ ନିୟନ୍ତ୍ରଣ ବ୍ୟବସ୍ଥା ଓ କୃଷୀମାନଙ୍କୁ ଆଧୁନିକ କୃଷି କୌଶଳ ଶିକ୍ଷା ଦେବା ଦ୍ୱାରା ସମ୍ଭବପର ହୋଇ ପାରିଛି ।

### ଅଧିକ ଅମଳକ୍ଷମ ଧାନ ଚାଷ

ପ୍ରତି ହେକ୍ଟର୍ ଚାଷ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ନିମନ୍ତେ ଅଧିକ ଅମଳକ୍ଷମ କିସମର ଧାନଚାଷ କ୍ରମେ ଅଧିକ ଅଞ୍ଚଳରେ ଚାଷ କରାଯାଉଛି । ୧୯୬୭–୬୮ ମସିହାରେ ପୁରୀ ଜିଲ୍ଲାରେ ୫୬୬୭ ହେକ୍ଟର୍ ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ ହେଉଥିବା ବେଳେ ୧୯୮୯–୯୦ ମସିହାରେ ୨ ଲକ୍ଷ ୭୬ ହଜାର ୩୩୦ ହେକ୍ଟର୍ ପ୍ରସାରିତ ହୋଇଛି । ୧୯୬୭–୬୮ ବର୍ଷରେ ମୋଟ ଧାନଚାଷ ଜମିର ଶତକଡ଼ା ୧·୫ ଭାଗରେ ଅଧିକ ଅମଳକ୍ଷମ ଧାନଚାଷ କରାଯାଉଥିଲା । ୧୯୮୯–୯୦ ବର୍ଷ ତାହା ଶତକଡ଼ା ୫୩·୬ ଭାଗକୁ ବୃଦ୍ଧି ପାଇଛି ।

ତାଲିମ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଚଳନ ପୂର୍ବ ସମୟ ୧୯୬୬–୬୭ ବର୍ଷ ତୁଳନାରେ ୧୯୮୯–୯୦ ମସିହାରେ ଶତକଡ଼ା ୩୮୬ ଭାଗ ଅଧିକ ଜମିରେ ଅଧିକ ଅମଳକ୍ଷମ ଧାନଚାଷ କରାଯାଉଛି ।

### ବିହନ ବଣ୍ଟନ

ଉନ୍ନତ ଓ ଅଧିକ ଅମଳକ୍ଷମ ପରୀକ୍ଷିତ ବିହନ ବ୍ୟବହାର କରି ଉତ୍ପାଦନ ବଢ଼ାଇବା ପାଇଁ ତାଲିମ ଓ ପରିଦର୍ଶନ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଜରିଆରେ କୃଷୀମାନଙ୍କୁ ଉତ୍ସାହିତ କରାଯାଉଛି ।

ପ୍ରତ୍ୟେକ ବ୍ଲକ୍ ଅଞ୍ଚଳରେ ଦୁଇଟି ହିସାବରେ ପୁରୀ ଜିଲ୍ଲାରେ ୫୮ଟି ବିଭାଗୀୟ ବିହନ ବିକ୍ରି କେନ୍ଦ୍ର ଖୋଲାଯାଇଛି । ଆବଶ୍ୟକ ହେଉଥିବା ଓଡ଼ିଶା ରାଜ୍ୟ ବିହନ ନିଗମ ଓ ଓଡ଼ିଶା ରାଜ୍ୟ ସମବାୟ ତୈଳବୀଜ ଉତ୍ପାଦନ ମହାସଂଘ ଦ୍ୱାରା ଯୋଗାଇ ଦିଆଯାଇଥିବା ବିଭିନ୍ନ କିସମର ପରୀକ୍ଷିତ ବିହନ ଶିହାତି ଦରରେ କୃଷୀମାନଙ୍କୁ ବିହନ ବିକ୍ରୟ କେନ୍ଦ୍ର ଜରିଆରେ ବିକ୍ରୟ କରାଯାଉଛି । ୧୯୭୯–୮୦ ଓ ୮୮–୮୯ ବର୍ଷରେ ହୋଇଥିବା ବିହନ ବିତରଣ ବିବରଣୀରୁ ଜଣାଯାଏ ଯେ ବିଗତ ଦଶବର୍ଷ ମଧ୍ୟରେ ବିହନ ବିତରଣ ଶତକଡ଼ା ପ୍ରାୟ ୩୭୪ ଭାଗ ବୃଦ୍ଧି ପାଇଛି ।

### ବିହନ ବିତରଣ

| ବିହନ | ପରିମାଣ (କ୍ୱିଣ୍ଟାଲ ହିସାବରେ) | |
|---|---|---|
| | ୧୯୭୯–୮୦ | ୧୯୮୮–୮୯ |
| ଧାନ | ୧୦୩୪ | ୫୬୮ |
| ଗହମ | ୨୦୦ | ୩୨୫ |
| ଅନ୍ୟାନ୍ୟ ଶସ୍ୟ | ୫୦ | ୧୫ |
| ଡାଲି ଜାତୀୟ | ୨୯୧ | ୨୦୫ |
| ତୈଳ ବୀଜ | ୩୪୮ | ୩୧୯୦ |
| ଅନ୍ୟାନ୍ୟ | ୬୮ | ୨୬ |
| ସମୁଦାୟ | ୨୦୧୯ | ୯୬୬୭ |

୧୯୭୯–୮୦ ମସିହାରେ ୨,୦୧୯ କ୍ୱିଣ୍ଟାଲ୍ ଏଭଳି ବିହନ କୃଷୀମାନଙ୍କୁ ଯୋଗାଇ ଦିଆଯାଇଥିବା ବେଳେ ୧୯୮୮–୮୯ ମସିହା ସୁଦ୍ଧା ୯,୫୬୭ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି ।

### ସାର ବ୍ୟବହାର

ଅଧିକ ଅମଳ ପାଇଁ ରାସାୟନିକ ସାରର ଉପଯୋଗିତା ବିଷୟରେ ପୁରୀ ଜିଲ୍ଲାର କୃଷୀମାନେ ବିଶେଷ ସଚେତନ । ବିଗତ ବର୍ଷମାନଙ୍କରେ ରାସାୟନିକ ସାର ବ୍ୟବହାର ପରିମାଣ କ୍ରମଶଃ ବୃଦ୍ଧି ଘଟିଲା ।

## ରାସାୟନିକ ସାର ବ୍ୟବହାର

| ବର୍ଷ | ମୋଟ ବ୍ୟବହୃତ ପରିମାଣ (ଟନ୍‌ରେ) | ପ୍ରତି ହେକ୍ଟର୍ ଚାଷ ଜମିରେ ବ୍ୟବହୃତ ପରିମାଣ (କି. ଗ୍ରା.) |
|---|---|---|
| ୧୯୬୧-୬୨ | ୬୦୨ | ୧·୨୩ |
| ୧୯୭୬-୭୭ | ୬୯୭୦ | ୧୦·୪୨ |
| ୧୯୮୮-୮୯ | ୧୯୮୧୦ | ୨୨·୨ |
| ୧୯୮୯-୯୦ | ୨୬୬୫୦ | |

୧୯୬୧-୬୨ ମସିହାରେ ମାତ୍ର ୦·୬୦ ହଜାର ଟନ୍ ସାର ବ୍ୟବହୃତ ହେଉଥିବା ବେଳେ ୧୯୭୬-୭୭ରେ ଏହା ୬·୯୭ ହଜାର ଟନ୍ ଓ ୧୯୮୮-୮୯ରେ ୧୯·୮୧ ହଜାର ଟନ୍‌କୁ ବୃଦ୍ଧି ପାଇଛି । ୧୯୬୧-୬୨ ମସିହାରେ ପ୍ରତି ହେକ୍ଟର୍ ଚାଷ ଜମିରେ ୧·୨ କି: ଗ୍ରା: ସାର ବ୍ୟବହାର କରାଯାଉଥିବା ବେଳେ ୧୯୭୬-୭୭ରେ ତାହା ୧୦·୪ କି: ଗ୍ରା: ହୋଇଥିଲା ଓ ୧୯୮୯-୯୦ରେ ଏହି ପରିମାଣ ୩୬·୦ କି: ଗ୍ରା:କୁ ବୃଦ୍ଧି ପାଇଛି । ବାର୍ଷିକ ବ୍ୟବହୃତ ହେଉଥିବା ସାରର ଶତକଡ଼ା ପ୍ରାୟ ୭୦ ଭାଗ ଖରିଫ୍ ଋତୁରେ ଓ ୩୦ ଭାଗ ରବି ଋତୁରେ ପ୍ରୟୋଗ କରାଯାଏ । ହେକ୍ଟର୍ ପ୍ରତି ହିସାବରୁ ଜଣାଯାଏ ଯେ ୧୯୮୯-୯୦ ମସିହାରେ ଖରିଫ୍ ଋତୁରେ ୩୩·୬ କି: ଗ୍ରା: ଓ ରବି ଋତୁରେ ୩୬·୨ କି: ଗ୍ରା: ସାର ବ୍ୟବହାର କରାଯାଇଛି ।

କୃଷୀମାନଙ୍କ ସୁବିଧାରେ ରାସାୟନିକ ସାର ଯୋଗାଇବା ପାଇଁ ପ୍ରତି ବ୍ଲକ୍ ଅଞ୍ଚଳରେ ବିଭିନ୍ନ ସାର ଯୋଗାଣ ସଂସ୍ଥା ଯଥା-ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଙ୍ଘ, ଓଡ଼ିଶା କୃଷି ଶିଳ୍ପ ନିଗମ ଓ ଓଡ଼ିଶା ରାଜ୍ୟ ସମବାୟ ତୈଳବୀଜ ଉତ୍ପାଦକ ମହାସଂଘ ଜରିଆରେ ପ୍ରତି ବ୍ଲକ୍ ଅଞ୍ଚଳରେ ୩ଟି ବିକ୍ରୟ କେନ୍ଦ୍ର ଖୋଲାଯାଇଛି । ଏତଦ୍ ବ୍ୟତୀତ ୭୫୦ଟି ଘରୋଇ ସାର ବିକ୍ରେତା ସାର ବିକ୍ରୟ କରୁଛନ୍ତି ।

ବିଗତ ୩୦ ବର୍ଷର କୃଷି ବିକାଶ ଧାରାକୁ ଅନୁଧାନ କଲେ ସ୍ପଷ୍ଟ ଜଣାପଡ଼େ ଯେ ପୁରୀ ଜିଲ୍ଲାର କୃଷି କାର୍ଯ୍ୟକ୍ରମ ଅଗ୍ରଣୀ କୃଷୀ ଭାଇମାନଙ୍କର ନିଷ୍ଠାପର ଉଦ୍ୟମ ଓ ଆଧୁନିକ ବିଜ୍ଞାନ ସମ୍ମତ କୃଷି ପ୍ରଣାଳୀ ଅବଲମ୍ବନ ଦ୍ୱାରା ଆଜିର ପରିବର୍ତ୍ତନ ସମ୍ଭବପର ହୋଇଛି । ବିଂଶ ଶତାବ୍ଦୀର ଶେଷ ଦଶକରେ ଜିଲ୍ଲାର ବର୍ଦ୍ଧିତ ଜନସଂଖ୍ୟାର ଖାଦ୍ୟ ଶସ୍ୟର ଚାହିଦା ପୂରଣ କରିବା ପାଇଁ ଜିଲ୍ଲାର କୃଷି ବୈଜ୍ଞାନିକ, ସମ୍ପ୍ରସାରଣ କର୍ମଚାରୀ ଓ କୃଷୀ ଭାଇମାନେ କୃଷି ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବୃଦ୍ଧି ପାଇଁ ନୂତନ ସଙ୍କଳ୍ପ ନେଇ ଆଗେଇ ଯିବେ ବୋଲି ଆଶା ।

ଜିଲ୍ଲା କୃଷି ଅଧିକାରୀ,
ପୁରୀ ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବନ୍ୟାଞ୍ଚଳରେ ରିଲିଫ୍ କାର୍ଯ୍ୟକ୍ରମ ସମ୍ପର୍କରେ ଉଚ୍ଚ ପଦାଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରୁଛନ୍ତି । ଏହି ଆଲୋଚନାରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ରନାଥ ନାୟକ ଅଂଶ ଗ୍ରହଣ କରିଛନ୍ତି (୨୮/୮) ।

# ସେଚ ଗବେଷଣା – ଜାତୀୟ ଦୃଶ୍ୟପଟ୍ଟ

● ଇଞ୍ଜିନିଅର ରାହାସ ବିହାରୀ ମହାନ୍ତି

ଗବେଷଣା ହିଁ ମୂଳଦୁଆ । ଏହା ବିଜ୍ଞାନ ଓ ଯାନ୍ତ୍ରିକ କୌଶଳର ଅଭିବୃଦ୍ଧି ଘଟାଇଥାଏ । ଜଳ ସମ୍ପଦର ସର୍ବଶ୍ରେଷ୍ଠ ଉନ୍ନୟନ ଏବଂ ସେଚ ପ୍ରକଳ୍ପଗୁଡ଼ିକର ପରିକଳ୍ପନା, ନିର୍ମାଣ, ସମ୍ପାଦନ, ରକ୍ଷଣାବେକ୍ଷଣ ଓ ପରିଚାଳନା ଇତ୍ୟାଦି ପାଇଁ ଏହା ଏକ ଅପରିହାର୍ଯ୍ୟ ପୂର୍ବ ଆବଶ୍ୟକୀୟ ପଦ୍ଧତି । ପ୍ରାଗୈତିହାସିକ କାଳରୁ ଜଳସେଚନ ପଦ୍ଧତି ଭାରତରେ ଅନୁସୃତ ହୋଇ ଆସୁଥିଲେ ହେଁ, ଚଳିତ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ସେଚ ଜନିତ ସମସ୍ୟାଗୁଡ଼ିକର ସମାଧାନ ମୁଖ୍ୟତଃ, ଗୋଟିଏ ପୁରୁଷରୁ ଆଉ ଏକ ପୁରୁଷକୁ, ଗଡ଼ି ଆସୁଥିବା ଅଭିଜ୍ଞତା ଉପରେ ପ୍ରତିଷ୍ଠିତ କାରିଗରୀ ବିଚାର ଧାରା ଦ୍ୱାରା ହିଁ କରାଯାଉଥିଲା । ବୋଧହୁଏ ପୂର୍ବ ପ୍ରକଳ୍ପଗୁଡ଼ିକର ସାଫଲ୍ୟ ଓ ବିଫଳତାରୁ ଅର୍ଜିତ ଅଭିଜ୍ଞତା, ଏଥିପାଇଁ ଆବଶ୍ୟକୀୟ ନିର୍ଦ୍ଦେଶନ ଦେଇଥାଏ । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ଦେଶରେ ସେତେବେଳେ ସେଚ ଗବେଷଣା ଜନିତ ଦକ୍ଷତା ନଥିଲା । ସିନ୍ଧୁ ଉପତ୍ୟକାର ସଭ୍ୟତା (ଖ୍ରୀ: ପୂ: ଚତୁର୍ଥ ସହସ୍ର ବର୍ଷର ଶେଷ ଭାଗରୁ ଖ୍ରୀ: ପୂ: ୨୫୦୦ ପର୍ଯ୍ୟନ୍ତ) ସୂଚାଇଦିଏ ଯେ ଜଳ ବିଦ୍ୟା ଜନିତ କାରିଗରୀ କୌଶଳର ଆବଶ୍ୟକୀୟ ବ୍ୟବସ୍ଥା ସହିତ ଜଳ ଯୋଗାଣ ଓ ନର୍ଦ୍ଦମା ଜଳ ବିନିଯୋଗ ପ୍ରଭୃତିର ପ୍ରଣାଳୀଗୁଡ଼ିକ ସେତେବେଳେ ବିଦ୍ୟମାନ ଥିଲା । ଏହାର ଅସାଧାରଣ ମାନ, ଦୁଇ ହଜାର ବର୍ଷ ପରର ରୋମାନ୍ ସଭ୍ୟତା ସମୟର ଉଚ୍ଚ କୋଟୀର ବୋଲି ଗଣାଯାଉଥିବା ଜଳ ଯୋଗାଣ ପ୍ରଣାଳୀ ପ୍ରଭୃତିର ମାନଠାରୁ ମଧ୍ୟ ବହୁ ଉଚ୍ଚରେ । ଋକ୍ ବେଦରେ ସେଚନ – କୃଷି ବନ୍ୟା ଆଦି ବନ୍ଧ, ଜଳ ଭଣ୍ଡାର, କୂପ ଏବଂ ଜଳ ଉଠାଣ ବ୍ୟବସ୍ଥା ସମ୍ବନ୍ଧରେ ଅନେକ ଉଲ୍ଲେଖ ଅଛି । ପ୍ରଧାନ ଉପନିଷଦଗୁଡ଼ିକ (୮୦୦–୬୦୦ ଖ୍ରୀ: ପୂ:) ମଧ୍ୟରୁ ଗୋଟିଏ ଯଥା : ଛାନ୍ଦୋଗ୍ୟରେ ଥିବା ପୌରାଣିକ ପ୍ରତିଫଳନ ଯଦି ଓ ହାଇଡ୍ରୋଲୋଜିକାଲ୍ ସମ୍ପର୍କ ବିଷୟରେ ଥିବା ଜ୍ଞାନର ସୂଚନା ଦେଉଥାଏ, ତେବେ କେତେ ଦୂର ହାଇଡ୍ରୋଲୋଜିକାଲ୍ ଓ ହାଇଡ୍ରୋଲିକ୍ ମଧ୍ୟରେ ଥିବା ସମ୍ପର୍କଗୁଡ଼ିକ ବିଷୟରେ ଜ୍ଞାନ ଥିଲା, ତାହାର ଦ୍ୱାରା ତତ୍ତ୍ୱ ସଂକ୍ରାନ୍ତରେ ଆଦୌ ଧାରଣା ନାହିଁ । ଏହି ସବୁରୁ ଏହା ପରିଷ୍କାର ହୋଇ ଉଠେ କି କେତେଗୁଡ଼ିଏ ମୌଳିକ ଜଳ ସମ୍ବନ୍ଧୀୟ ତଥ୍ୟାବଳୀ ଯଥା : ପ୍ରବାହରେ ବାଧା, ଜଳର ସ୍ତୁପ, ଛିଦ୍ର ଦେଇ ଗତି କରୁଥିବା ପ୍ରବାହ ଓ ତତ୍ ଜନିତ ପ୍ରେସର ହେଡ୍‌ର ସମ୍ପର୍କ ଇତ୍ୟାଦି ପୂର୍ଣ୍ଣ ଭାବରେ ନବୁଝି ବ୍ୟବହୃତ ହେଉଥିଲା । ବ୍ୟକ୍ତି ସ୍ତରରେ ଅଗ୍ରଗାମୀ ଗବେଷଣାର ଆରମ୍ଭ ଉନବିଂଶ ଶତାବ୍ଦୀର ପରବର୍ତ୍ତୀ ଅର୍ଦ୍ଧରେ ହୋଇଥିଲା ଏବଂ ପୂର୍ବତନ ବମ୍ବେ ପୂର୍ତ୍ତ ବିଭାଗ ଅଧୀନରେ ୧୯୧୬ ମସିହାରେ ପ୍ରତିଷ୍ଠିତ ସ୍ୱତନ୍ତ୍ର ସେଚ ଗବେଷଣା ଅନୁଷ୍ଠାନ (ପରିବର୍ତ୍ତିତ ରୂପରେଖ – ପୁନେସ୍ଥିତ ଏବେକାର କେନ୍ଦ୍ରୀୟ ଜଳ ଓ ବିଦ୍ୟୁତ୍ ଗବେଷଣାଗାର ଓ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୩୦ରେ ପଞ୍ଜାବ ଓ ୟୁନାଇଟେଡ୍ ପ୍ରୋଭିନ୍‌ସରେ ପ୍ରତିଷ୍ଠିତ ହୋଇଥିବା ଗବେଷଣାଗାରଗୁଡ଼ିକ ଜରିଆରେ କିଛି ପରିମାଣରେ ସଙ୍ଗଠିତ ଗବେଷଣାର ସୂତ୍ରପାତ କରାଯାଇଥିଲା । ୧୯୨୭ରେ ପ୍ରତିଷ୍ଠିତ କେନ୍ଦ୍ରୀୟ ସେଚ ମଣ୍ଡଳ (ବର୍ତ୍ତମାନର କେନ୍ଦ୍ରୀୟ ସେଚ ଓ ଶକ୍ତି ମଣ୍ଡଳ) ମୁଖ୍ୟତଃ ଦେଶରେ ଦେଖା ଦେଇଥିବା ସେଚ ସମ୍ବନ୍ଧୀୟ ଗବେଷଣା କାର୍ଯ୍ୟକ୍ରମଗୁଡ଼ିକର ସଂଯୋଗ ରକ୍ଷା ଦିଗରେ ତା'ର ଦାୟିତ୍ୱ ସମ୍ପାଦନ କରି ଚାଲିଲା । ଦେଶ ସ୍ୱାଧୀନ ହେବା ପରେ, ୧୯୫୧ରୁ ଆରମ୍ଭ ହୋଇଥିବା ପଞ୍ଚବାର୍ଷିକ ଯୋଜନାଗୁଡ଼ିକରେ, ସେଚ ଉନ୍ନୟନ ଦିଗରେ ଅଗ୍ରାଧିକାର ଦିଆହେଲା ଯହିଁରେ କି, ଏଥି ପୂର୍ବରୁ ଦେଖା ଦେଇନଥିବା ବୃହତ୍ ଏବଂ ଜଟିଳ ନଦୀ ଉପତ୍ୟକା ପ୍ରକଳ୍ପଗୁଡ଼ିକର ଯୋଜନା, ପରିକଳ୍ପନା, ନିର୍ମାଣ ପ୍ରଭୃତିର, ଅବଧାରଣ କରାହେଲା ଏଥିଯୋଗୁଁ ଦେଶରେ ଗବେଷଣା ଜନିତ ଭିତ୍ତିଭୂମିର ପ୍ରସାରଣ ଉପରେ ଜୋର୍ ଦିଆଗଲା ଓ ଥିବା ଗବେଷଣାଗାରଗୁଡ଼ିକ ଶକ୍ତିଶାଳୀ କରିବା ସଙ୍ଗେ ସଙ୍ଗେ ନୂଆ ଗବେଷଣାଗାରର ପ୍ରତିଷ୍ଠା ହାତକୁ ନିଆଗଲା । ଏହିପରି ସେଚ ଗବେଷଣାରେ ଏକ ଯୁଗର ଆରମ୍ଭ ହେଲା । ୧୯୫୭–୫୮ରେ କେନ୍ଦ୍ରୀୟ ସେଚ ଓ ଶକ୍ତି ମଣ୍ଡଳ ଦ୍ୱାରା ଜାତୀୟ ଗବେଷଣା କାର୍ଯ୍ୟକ୍ରମ (ବର୍ତ୍ତମାନର **Research Scheme Applied to River Valley Project**) କେନ୍ଦ୍ରର ଆର୍ଥିକ ସହାୟତା ଦ୍ୱାରା ଚାଲୁହେବା ଫଳରେ ଦେଶରେ ସେଚ ଗବେଷଣା ଜନିତ କାର୍ଯ୍ୟ ପ୍ରବଣତା ପ୍ରକାଶ ପାଇଲା. ଏଥିରେ ବେଶୀ ମୌଳିକ ଧରଣର ଗବେଷଣାର ଅବଧାରଣ କରାହୋଇ ତା'ର ଫଳାଫଳ ସାଧାରଣତଃ

ନଦୀ-ଉପତ୍ୟକା ପ୍ରକଳ୍ପଗୁଡ଼ିକର ପରିକଳ୍ପନା ଓ ନିର୍ମାଣରେ ବିନିଯୋଗ କରାହେଲା । ଏବେ ନିକଟରେ କେନ୍ଦ୍ରୀୟ ସେଚ ଓ ଶକ୍ତି ମଣ୍ଡଳ ଦ୍ୱାରା ଦୁଇଗୋଟି ଅଧିକ ସେଚ ଗବେଷଣା ଜନିତ କାର୍ଯ୍ୟକ୍ରମ ଯଥା : Research Scheme on Flood Control ଓ Research Scheme on Plasticulture Development; ହାତକୁ ନିଆଯାଇଅଛି । କେନ୍ଦ୍ରୀୟ ସେଚ ଓ ଶକ୍ତି ମଣ୍ଡଳ ଦ୍ୱାରା ପ୍ରକାଶିତ "Water Resources Research in India" (1979)ରୁ ଦେଶରେ ସେଚ ଓ ଜଳ ବିଦ୍ୟାଜନିତ ଗବେଷଣା ଓ ତା'ର କ୍ରମାନ୍ୱୟ ଅଭିବୃଦ୍ଧିର ଏକ ସ୍ପଷ୍ଟ ଆଭାସ ମିଳେ । ୧୯୫୦ ଓ ୧୯୬୦ ଦଶନ୍ଧିଗୁଡ଼ିକରେ ବୃଦ୍ଧି ପାଉଥିବା ଗବେଷଣା ଜନିତ ଚାହିଦା ମେଣ୍ଟାଇବା ପାଇଁ ଦେଶରେ ଅନେକଗୁଡ଼ିଏ ନୂଆ ଗବେଷଣାଗାରର ସୃଷ୍ଟି କରାହେବା ସଙ୍ଗେ ସଙ୍ଗେ ପୁରାତନ ଗବେଷଣାଗାରଗୁଡ଼ିକୁ ଶକ୍ତିଶାଳୀ କରାହେଲା । ବିଗତ ଦୁଇ ଦଶନ୍ଧିରେ ସେଚ ଗବେଷଣାଗାର ଏକ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ହେଲା ଯେ ଦେଶର ଅଗ୍ରଗାମୀ ବୈଷୟିକ ଶିକ୍ଷା ଅନୁଷ୍ଠାନ ଯଥା : ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ରୁର୍‌କୀ ବିଶ୍ୱବିଦ୍ୟାଳୟ ଓ ଆଇ: ଆଇ: ଟି:ଗୁଡ଼ିକ ଏଇ ସବୁ ରିସର୍ଚ୍ଚ ପ୍ରୋବ୍ଲେମ୍‌ଗୁଡ଼ିକ ସହ ସକ୍ରିୟ ଭାବେ ଜଡ଼ିତ ହୋଇ ପଡ଼ିଛନ୍ତି । ଚଳିତ ପଞ୍ଚବାର୍ଷିକ ଯୋଜନା (୧୯୮୫-୯୦)ରେ ମୋଟ୍ ୮ (ଆଠ) କୋଟି ଟଙ୍କା ଅଟକଳ ଭିତରେ ତିନିଗୋଟି ଗବେଷଣା ଜନିତ କାର୍ଯ୍ୟକ୍ରମ ମାଧ୍ୟମରେ ୧୨୫ ଗୋଟି ରିସର୍ଚ୍ଚ ପ୍ରୋଜେକ୍ଟର ବିଭିନ୍ନ ଅନୁସନ୍ଧାନ ଚାଲୁ ରହିଛି । କେନ୍ଦ୍ରୀୟ ସେଚ ଓ ଶକ୍ତି ମଣ୍ଡଳ ଏଇ ସବୁ ରିସର୍ଚ୍ଚ ପ୍ରୋଜେକ୍ଟଗୁଡ଼ିକର ସଂଯୋଗ ରକ୍ଷା କରିଆସୁଛନ୍ତି ଓ National Advisory Committee for Research and Development (NACRD) ଏଇ କାର୍ଯ୍ୟକ୍ରମଗୁଡ଼ିକର ନିରୀକ୍ଷଣ କରିବା ସଙ୍ଗେ ସଙ୍ଗେ ସତର୍କକାରୀ ଓ ଉପଦେଷ୍ଟା ଭାବରେ କାର୍ଯ୍ୟଭାର ମଧ୍ୟ ତୁଲାଇଥାନ୍ତି । ଚଳିତ ପଞ୍ଚବାର୍ଷିକ ଯୋଜନାରେ ସେଚ ଜନିତ ପ୍ରକଳ୍ପଗୁଡ଼ିକ ପାଇଁ ଅନୁମୋଦିତ ହୋଇଥିବା ପ୍ରାୟ ୧୭ ହଜାର କୋଟି ଟଙ୍କାର ମୋଟ ଅଟକଳ ତୁଳନାରେ ଗବେଷଣା ଜନିତ ପ୍ରକଳ୍ପ ପାଇଁ ବରାଦ ହୋଇଥିବା ଏହି ଅନୁଦାନ (ଆଠ କୋଟି ଟଙ୍କା) ଅତି ନଗଣ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଷ୍ଟମ ଯୋଜନା କାଳରେ ସେଚ ଜନିତ ଗବେଷଣା ଓ ଉନ୍ନୟନ ପାଇଁ ପ୍ରାୟ ୬ ଶହ କୋଟି ଟଙ୍କା ଖର୍ଚ୍ଚ ବରାଦର ପ୍ରସ୍ତାବ ଯୋଜନା କମିଶନଙ୍କ ବିଚାରାଧୀନ ଅଛି । ଏହି ଅଟକଳ ସେଚ ପ୍ରକଳ୍ପ ପାଇଁ ଅଷ୍ଟମ ଯୋଜନାରେ ବରାଦ ହୋଇଥିବା ପ୍ରସ୍ତାବିତ ଅଟକଳ ପ୍ରାୟ ୩୦ ହଜାର କୋଟି ଟଙ୍କାର ପାଖାପାଖି ଶତକଡ଼ା ଦୁଇ ଭାଗ ହେବ । ଏହି ପ୍ରସ୍ତାବ ୧୯୮୬ରେ ହୋଇଥିବା ସେଚ ବିଭାଗର ମନ୍ତ୍ରୀମାନଙ୍କ ସମ୍ମିଳନୀରେ ନିଆ ହୋଇଥିଲା । ଏବେ ପୁନର୍ଗଠିତ ହୋଇଥିବା ଯୋଜନା କମିଶନ ସେଚ ଜନିତ ଗବେଷଣା ଓ ଉନ୍ନୟନ ପାଇଁ ଅଷ୍ଟମ ଯୋଜନାରେ ପ୍ରସ୍ତାବିତ ୬ ଶହ କୋଟି ଟଙ୍କାର ଅଟକଳକୁ କିପରି ରୂପରେଖ ଦେବେ ତାହା ଭବିଷ୍ୟତ ହିଁ କହିବ । ଏହି ପ୍ରସ୍ତାବିତ ଅଟକଳ ମଧ୍ୟ ଆନ୍ତର୍ଜାତୀୟ ସ୍ତରରେ ଏହି ଦିଗରେ ହେଉଥିବା ଖର୍ଚ୍ଚ ତୁଳନାରେ ଅନେକ ପରିମାଣରେ କମ୍ ।

ଡଃ ଆର୍: ଏସ୍: ଭର୍ଗବେ, ବିଶେଷଜ୍ଞ ବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ, ଭବିଷ୍ୟତ ସେଚ ଗବେଷଣାଗତ ଆବଶ୍ୟକତା ପ୍ରତି ଦୃଷ୍ଟି ରଖିଛନ୍ତି । ସେ ଚାହାନ୍ତି ଗବେଷଣାଗାରଗୁଡ଼ିକ ଓ ଗବେଷଣା ପ୍ରୋତ୍ସାହକମାନେ କେତେଗୁଡ଼ିଏ ଗବେଷଣାଗତ କ୍ଷେତ୍ର ଯଥା: (୧) ସ୍ଥିର ପଟ୍ଟ ନିର୍ମିତ ନାଳୀ (Stable Alluvial Channel)ର ପରିକଳ୍ପନା ଜନିତ ସୂତ୍ରରେ ପ୍ରକାଶ ପାଇଁ ଅଧିକ କ୍ଷେତ୍ରଗତ ତଥ୍ୟ ସଂଗ୍ରହର ଆବଶ୍ୟକତା; (୨) ନିମ୍ନଭାଗର ପଟୁ ପରିବହନ (Sediment Transport)ଗତ ସୂତ୍ରଗୁଡ଼ିକର ଆୟୁଷର ମୂଲ୍ୟାୟନ ପାଇଁ ବାସ୍ତବ ମାନଦଣ୍ଡର ଆବଶ୍ୟକତା; (୩) ଜଳ ଭଣ୍ଡାରଗୁଡ଼ିକର ଆୟୁଷର ବୃଦ୍ଧି ନିମନ୍ତେ ଦରକାର ପଡୁଥିବା ପରିଚାଳନାଗତ ନୀତି । (୪) Low Froude Numbers ସହ Stilling Basinଗୁଡ଼ିକର ପରିକଳ୍ପନା ପାଇଁ ଏକ ବ୍ୟବହାରିକ ମାନଦଣ୍ଡ (ବିକାଶ ଏ ପର୍ଯ୍ୟନ୍ତ ହୋଇନାହିଁ); (୫) ସୁଡ଼ଙ୍ଗ ପରିକଳ୍ପନା ଓ ନିର୍ମାଣ ପାଇଁ ଚୁପିତ ଓ ସ୍ଫୀତ ପଥର (Squeezing, Swelling); (୬) Gravity, Bultress ଏବଂ Arch Damର ପରିକଳ୍ପନାରେ ଦରକାର ପଡୁଥିବା ତିନି ପରିସରଭୁକ୍ତ ବିଶ୍ଳେଷଣ (Three Dimensional Analysis)ରେ Finite-element ପଦ୍ଧତିର ପ୍ରୟୋଗ ଏବଂ ତା'ସହ Cupola ଓ Arch Damର ପୁରା-ପରଖ-ଭାର-ବିଶ୍ଳେଷଣ (Complete trial load analysis); (୭) ଇଞ୍ଜିନିୟରିଂ ଓ ମଡେଲ ମୂଲ୍ୟ ଓ ତତ୍ ସହ ଷ୍ଟ୍ରକ୍‌ଚରଗୁଡ଼ିକର ନିଜର ମୂଲ୍ୟ କମେଇବା ଉଦ୍ଦେଶ୍ୟରେ ଜଳଜନିତ ଷ୍ଟ୍ରକ୍‌ଚରର ଉନ୍ନତ ପରିକଳ୍ପନା ପଦ୍ଧତି (Computer aided design ଅନ୍ତର୍ଭୁକ୍ତ)ର ବିକାଶ । (୮) ଜଳ ଭଣ୍ଡାର ଓ ନାଳୀଗୁଡ଼ିକରୁ ବାଷ୍ପୀକରଣ ଓ ଜଳ ନିଷ୍କାସନ (Seepage)ଗତ ଜଳ କ୍ଷୟକୁ, ନିମ୍ନ ଅବସ୍ଥାକୁ ଆଣିବା ପାଇଁ ଦରକାର ପଡୁଥିବା ମିତବ୍ୟୟ ଜନିତ ପଦ୍ଧତିର ବିକାଶ; (୯) ଜଳସେଚନ ବ୍ୟବସ୍ଥାର ପରିଚାଳନାରୁ ସର୍ବୋଚ୍ଚ ଫାଇଦା ଉଠାଇବା ପାଇଁ ଉନ୍ନତ ନୀତିର ବିକାଶ; (୧୦) କମ୍ ଜଳର ସହଜ ଲଭ୍ୟତାକୁ ଆଖିରେ ରଖି ଜଳସେଚନ ନିର୍ଘଣ୍ଟର ପ୍ରସ୍ତୁତି; (୧୧) Measures for determining the drought ଥିବା ଭୂପୃଷ୍ଠ ଜଳ ଭଣ୍ଡାରଗୁଡ଼ିକର ମଜୁଦ ପ୍ରଣାଳୀ ପଦକ୍ଷେପ । କ୍ଷମତା ନିର୍ଦ୍ଧାରଣ • ପାଇଁ (୧୨) ମଧ୍ୟ-ଅନ୍ତଃ-ଅବବାହିକା ସ୍ଥାନାନ୍ତର (ଦ୍ୱିଦିଗ ଜଳ ସ୍ଥାନାନ୍ତର ଅନ୍ତର୍ଭୁକ୍ତ) ପାଇଁ ପଦ୍ଧତିଗତ ବ୍ୟବହାର କୌଶଳ, Systems approach to inter — and intra basin transfers including bi-directional water transfers ପ୍ରତି ଦୃଷ୍ଟି ଦେବେ । ବିଶ୍ୱାସଯୋଗ୍ୟ ଓ ଗୁଣାତ୍ମକ ହାଇଡ୍ରୋଲୋଜି ସଂକ୍ରାନ୍ତୀୟ ଯଥା : ଜଳ ପ୍ରବାହ, ବାୟୁ ମଣ୍ଡଳ, ପଟୁ – ପରିବହନ ଜନିତ ତଥ୍ୟାଦି ସଂଗ୍ରହ ଦିଗରେ ଆମର ଏ ପର୍ଯ୍ୟନ୍ତ ଉପଯୁକ୍ତ ଧ୍ୟାନ ଦିଆଯାଇ ନାହିଁ କହିଲେ ଚଳେ । ଏ ସବୁ ତଥ୍ୟାଦି ସଂଗ୍ରହର ଉନ୍ନତି ପଦ୍ଧତି ଓ ଯନ୍ତ୍ରପାତିର ବିକାଶ ଦିଗରେ ଦୃଷ୍ଟି ନିକ୍ଷେପ କରିବା ନିହାତି ଜରୁରୀ ମନେ

ଗୁଡ଼ିକରେ ବିଭିନ୍ନ ପ୍ରକାର ବନ୍ଧ, ବ୍ୟାରେଜ୍ ଇତ୍ୟାଦି ଜଳ-ଗତ କାର୍ଯ୍ୟ। ବିଭିନ୍ନ ପ୍ରକାର Prototype behaviourର ଅଧିକ ସଂରଚନାଗୁଡ଼ିକର Prototype behaviourର ଅଧିକ କ୍ଷେତ୍ରଗତ ତଥ୍ୟ ସଂଗ୍ରହ ଓ ତାର ବିଶ୍ଳେଷଣ ପ୍ରତି ମଧ୍ୟ ଦୃଷ୍ଟି ଦେବା ଅତ୍ୟନ୍ତ ଆବଶ୍ୟକ। ଏ ସବୁ ଦିଗରେ ବିଶେଷ କିଛି କରାଯାଇ ନାହିଁ କହିଲେ ଚଳେ। ବହୁ ବନ୍ଧ ଓ ବ୍ୟାରେଜ୍ ପ୍ରଭୃତିରେ Prototype behaviourର ଅନୁଧ୍ୟାନ ପାଇଁ ଖଞ୍ଜାଯାଇଥିବା ବିଭିନ୍ନ ଯନ୍ତ୍ରପାତି ମଧ୍ୟରୁ ଅଧିକାଂଶ ନିର୍ମାଣ ସମୟରେ କିମ୍ବା ପରେ ନାନା କାରଣରୁ ଅକାମୀ ହୋଇ ଯାଉଛନ୍ତି। ଏ ସବୁ କ୍ଷେତ୍ରଗତ ତଥ୍ୟ ସଂଗ୍ରହ କରି ଠିକ୍ ସମୟରେ ଯଥାଯଥ ବିଶ୍ଳେଷଣ କରାଯାଇ ପାରୁଥିଲେ ଏ ସବୁ ଯନ୍ତ୍ରପାତିଗୁଡ଼ିକୁ ସଜାଡ଼ିବା ଦିଗରେ ସଂଶୋଧକ ପଦକ୍ଷେପମାନ ନିଆଯିବା ସଙ୍ଗେ ସଙ୍ଗେ ଏଗୁଡ଼ିକର ଉତ୍ତୋରତ୍ତର ବିକାଶ ଦିଗରେ ମଧ୍ୟ ଚିନ୍ତା କରାଯାଇ ପାରନ୍ତା। ଏଗୁଡ଼ିକୁ ମଧ୍ୟ ଭବିଷ୍ୟତ ଗବେଷଣାଗତ କାର୍ଯ୍ୟକ୍ରମ ମଧ୍ୟରେ ଅନ୍ତର୍ଗତ କରାଯାଇ ପାରେ।

ଆମର ସେଚ ଜନିତ ଇଞ୍ଜିନିୟରିଂ ବିଭାଗଗୁଡ଼ିକର ପରିଚାଳନା ପ୍ରଶାସନିକ ଢାଞ୍ଚାରେ ଏପରି ଗଢ଼ି ଉଠିଛି ଯେ ଅଧିକାଂଶ ସେଚ ଜନିତ ସମସ୍ୟାଗୁଡ଼ିକର ସଫଳତା ଓ ବିଫଳତାରୁ ଅର୍ଜିତ ଅଭିଜ୍ଞତା ଉପରେ ପ୍ରତିଷ୍ଠିତ କାରିଗରୀ ବିଚାରଧାରା ଦ୍ୱାରା ହିଁ, ଏବେ ସୁଦ୍ଧା ଚଳାଯାଉଛି। ବିଶାରଦତା ସୃଷ୍ଟି ଦିଗରେ ସେଚ ପରିଚାଳନାଗତ ସଂସ୍ଥାରେ ଏ ପର୍ଯ୍ୟନ୍ତ କିଛି ଆଖି ଦୃଶିଆ ଉଦ୍ୟମ ହୋଇ ନାହିଁ କହିଲେ ଚଳେ। ବିଶାରଦତା ସୃଷ୍ଟି ଦିଗରେ କିଛିଟା ଫଳପ୍ରଦ ଉଦ୍ୟମ ନହେଲା ପର୍ଯ୍ୟନ୍ତ ଏ ସବୁ ଆଲୋଚନା ମଧ୍ୟ କିଛି ଅର୍ଥ ହେବ ନାହିଁ। ସରକାରୀ କଳ ଭିତରେ ବିଶାରଦତା ସୃଷ୍ଟି ନିକଟ ଭବିଷ୍ୟତରେ ସମ୍ଭବ ହେବା ଆଶା ଅତି କ୍ଷୀଣ। ଉପଯୁକ୍ତ ପ୍ରୋତ୍ସାହନର ବନ୍ଦୋବସ୍ତ ନହୋଇ ପାରିଲେ ବିଶାରଦତା ସୃଷ୍ଟି ହେବା ମଧ୍ୟ ଅସମ୍ଭବ। ସରକାରୀ ଉଦ୍ୟୋଗରେ ସ୍ୱୟଂ ପରିଚାଳିତ ପରାମର୍ଶଦାତା ସଂସ୍ଥା ଗଢ଼ି କିମ୍ବା ଘରୋଇ ପରାମର୍ଶଦାତା ସଂସ୍ଥା ଜରିଆରେ, ଉପଯୁକ୍ତ ପ୍ରୋତ୍ସାହନର ବ୍ୟବସ୍ଥା କରିପାରିଲେ ବିଶାରଦତା ଗଠନ ଦିଗରେ କିଛିଟା ଉଦ୍ୟମ ଆରମ୍ଭ ହୋଇ ଫଳପ୍ରସୂ ଗବେଷଣା ଦିଗରେ ତତ୍ପରତା ପ୍ରକାଶ ପାଇ ପାରନ୍ତା। ବିଗତ ଚାରିକୋଟି ଦଶନ୍ଧିରେ ଜଳ ସମ୍ପଦର ଅଭୁତ ଦେଶରେ ସମ୍ଭବ ହୋଇଥିଲା ବେଳେ ସେଥିରେ ନିୟୋଜିତ ବିରାଟ ମାନବ ସମ୍ବଳ (ବୈଷୟିକ) ଓ ତତ୍ ଜନିତ ପ୍ରତିଭାର ବିକାଶ ଦିଗରେ ସମୟୋପଯୋଗୀ ପଦକ୍ଷେପ ଆଦୌ ନିଆଯାଇ ନାହିଁ। ଉପଯୁକ୍ତ ପ୍ରୋତ୍ସାହନର ଅଭାବରୁ ଏଭଳି ସବୁ ପ୍ରତିଭାଗୁଡ଼ିକ ନୂତନ ସୂର୍ଯ୍ୟର ଆଲୋକ ଦେଖିବା ପୂର୍ବରୁ ମଉଳି ଝଡ଼ି ପଡୁଛନ୍ତି। ଦେଶ ଏକ ବିଂଶ ଶତାବ୍ଦୀରେ ପାଦ ଦେବାକୁ ପ୍ରସ୍ତୁତ ହେଉଥିବା ବେଳେ ଏଭଳି ସବୁ ପ୍ରତିଭାର ଅପଚୟ ଯେ କେତେଦୂର ଯୁକ୍ତିସଙ୍ଗତ ତାହା ଭବିଷ୍ୟତ ହିଁ କହିବ।

ସ୍ୱର୍ଗତଃ ଅଯୋଧ୍ୟାନାଥ ଖୋସଲା ଏ ପ୍ରଦେଶର ରାଜ୍ୟପାଳ ଥିବା ସମୟରେ ଭୁବନେଶ୍ୱରସ୍ଥ ରସୁଲଗଡ଼ ପାଖରେ ଦୁଇଶହ ଏକର ପର୍ଯ୍ୟନ୍ତ ଜମି ଦଖଲ କରାଯାଇ ସେତେବେଳର ଚାରିକୋଟି ଟଙ୍କା ଅଟକଳରେ ଏକ ବଡ଼ ଧରଣର ସେଚ ଗବେଷଣାଗାର ପ୍ରତିଷ୍ଠା ଦିଗରେ ନିଷ୍ଠାର ସହ ଉଦ୍ୟମ ଆରମ୍ଭ କରିଥିଲେ। ସେଇ ଉଦ୍ୟମ ଯେ କୌଣସି କାରଣରୁ ହେଉ ନା କାହିଁକି ନୂତନ ସୂର୍ଯ୍ୟର ଆଲୋକ ଦେଖିବା ପୂର୍ବରୁ ମଉଳି ଝଡ଼ି ପଡ଼ିଲା। ଗବେଷଣା ଦିଗରେ ଏପରି ଏକ ଉଦ୍ୟମ ଏ ରାଜ୍ୟରେ ଏହା ଭିତରେ ହୋଇ ନାହିଁ କିମ୍ବା ବିଂଶ ଶତାବ୍ଦୀର ଏହି ଶେଷ ଦଶନ୍ଧିରେ ହେବାର ମଧ୍ୟ ଆଶା ଉଜ୍ଜ୍ୱଳ ନୁହେଁ। ବହୁ ସୁନେଲୀ ଭବିଷ୍ୟତକୁ ଆଖି ଆଗରେ ରଖି ସ୍ୱର୍ଗତଃ ଥିରୁମେଲ ଆୟାଙ୍ଗାରଙ୍କ ଦ୍ୱାରା ପ୍ରତିଷ୍ଠିତ ହୀରାକୁଦ ଗବେଷଣାଗାରକୁ ଇତି ମଧ୍ୟରେ ଶକ୍ତିଶାଳୀ କରିବା ପରିବର୍ତ୍ତେ ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥାରେ ରଖାଯାଇଛି। ଏହି ଗବେଷଣାଗାରଟି ରାଜ୍ୟର ପଶ୍ଚିମାଞ୍ଚଳରେ ଚାଲୁଥିବା ଓ ଚାଲିବାକୁ ଥିବା ମଧ୍ୟମ ସେଚ ପ୍ରକଳ୍ପଗୁଡ଼ିକର ଗୁଣ ନିୟନ୍ତ୍ରକ ସଂସ୍ଥା ଭାବରେ ମୁଖ୍ୟତଃ କାର୍ଯ୍ୟ ନିର୍ବାହ କରି ଚାଲିଛି। ବନ୍ଧର ଦ୍ୱୀପାଞ୍ଚଳରେ ଅବସ୍ଥିତ ବୁର୍ଲା ହାଇଡ୍ରୋଲିକ୍ ରିସର୍ଚ୍ଚ ଷ୍ଟେସନ୍ ଆବଶ୍ୟକୀୟ ଜଳର ଅଭାବରୁ ବର୍ଷକୁ ପ୍ରାୟ ଚାରି ପାଞ୍ଚ ମାସ ବନ୍ଦ ଅବସ୍ଥାରେ ଥାଏ। ଜାତୀୟ ସ୍ତରରେ ତୁଳନା କଲେ ମଧ୍ୟ ଏହା ଅତ୍ୟନ୍ତ ପୁରୁଣାକାଳିଆ କେନ୍ଦ୍ରୀୟ ସେଚ ଓ ଶକ୍ତି ମଣ୍ଡଳ ଜରିଆରେ ଆଠ କୋଟି ଟଙ୍କା ଅଟକଳରେ ଚଳିତ ଯୋଜନାରେ ଚାଲିଥିବା ବିଭିନ୍ନ ସେଚ ଜନିତ ଗବେଷଣା ପ୍ରକଳ୍ପ ମଧ୍ୟରୁ କୌଣସି ଗୋଟିଏ ହେଲେ ପ୍ରକଳ୍ପ ଆମ ରାଜ୍ୟର ଗବେଷଣା ସଂସ୍ଥା କିମ୍ବା କୌଣସି ବୈଷୟିକ ଶିକ୍ଷା ଅନୁଷ୍ଠାନ କରାୟତ୍ତ କରିପାରି ନାହିଁ। ଜଳ ଭଣ୍ଡାରଗୁଡ଼ିକର ଆୟୁଷ ନିର୍ଣ୍ଣୟ ପାଇଁ ବାସ୍ତବ ମାନଦଣ୍ଡ ଓ ସେଚଗୁଡ଼ିକର ଆୟୁଷ ବୃଦ୍ଧି ନିମନ୍ତେ ଦରକାର ପଡୁଥିବା ପରିଚାଳନାଗତ ନୀତି ପ୍ରଭୃତିର ଆବଶ୍ୟକତାକୁ ପ୍ରଧାନତଃ ଆଖିରେ ରଖି ମିଳିତ ରାଷ୍ଟ୍ର ସଙ୍ଘ ଉନ୍ନୟନ ଯୋଜନା (UNDP)ର ଆର୍ଥିକ ଓ ବୈଷୟିକ ସହାୟତାରେ ହୀରାକୁଦ ସମେତ ଦେଶର ପାଞ୍ଚ ଗୋଟି ଜଳ ଭଣ୍ଡାରରେ ପଟୁ ଜମୁଥିବା ସଂକ୍ରାନ୍ତୀୟ ସର୍ବେକ୍ଷଣ ଓ ବିଭିନ୍ନ ଅନୁସନ୍ଧାନ (ଉନ୍ନତ ଟେକ୍‌ନୋଲୋଜି ମାଧ୍ୟମରେ) ୧୯୮୫ ସେପ୍‌ଟେମ୍ବର ମାସରେ ଆରମ୍ଭ କରାହେଲା। ୧୯୮୯ ମାର୍ଚ୍ଚ ମାସରେ ଏହା ଶେଷ ହେବା କଥା। କିନ୍ତୁ ବିଭିନ୍ନ କାରଣରୁ ଏହାର ଅଗ୍ରଗତି ସନ୍ତୋଷଜନକ ନହେବାରୁ କେନ୍ଦ୍ରୀୟ ଜଳ କମିଶନ (କାର୍ଯ୍ୟକ୍ରମର ସଂଯୋଗ ସ୍ଥାପନର ଦାୟିତ୍ୱ ତୁଲାଉଥିବା) ଏହି କାର୍ଯ୍ୟକ୍ରମକୁ ଆଉ ଦୁଇବର୍ଷ ବଢ଼ାଇ ଦେବାକୁ କେନ୍ଦ୍ର ଜଳ ସମ୍ପଦ ବିଭାଗକୁ ଅନୁମୋଦନ କରୁଥିଲେ। ଏ ଜନିତ ନିଷ୍ପତ୍ତିକୁ ଏ ପର୍ଯ୍ୟନ୍ତ ଅପେକ୍ଷା କରାଯାଉଛି। ଅନ୍ୟାନ୍ୟ ଚାରିଗୋଟି ଜଳ ଭଣ୍ଡାର ଯଥା: ଭାକ୍ରା ଉକାଇ, ଶ୍ରୀରାମ ସାଗର ଓ ତୁଙ୍ଗଭଦ୍ରା ପ୍ରଭୃତିରେ ଏ ଜନିତ କାର୍ଯ୍ୟକ୍ରମ କିଛି ଆଗୁଆ ରହିଥିଲେ ହେଁ ହୀରାକୁଦ ଜଳ ଭଣ୍ଡାରରେ ଏଥିପାଇଁ ଅଦ୍ୟାପି ନିଆଯାଇଥିବା ପଦକ୍ଷେପ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ମନେହୁଏ। ଭାକ୍ରା ଜଳ ଭଣ୍ଡାରର ଏ ନେଇ କାର୍ଯ୍ୟକ୍ରମ ଅତି ଆଗୁଆ ଅଛି।

ଗବେଷଣାଗାରଗୁଡ଼ିକୁ ଶକ୍ତିଶାଳୀ କରି ନୂତନ ଓ ସମୟୋପଯୋଗୀ ରୂପରେଖ ଦେଇ ଗଢ଼ି ତୋଳିବା ସଙ୍ଗେ ସଙ୍ଗେ ସେଚ ଗବେଷଣାଜନିତ ସଂସ୍କୃତିର ବିକାଶ ଘଟାଇବା ପାଇଁ ବିଂଶ ଶତାବ୍ଦୀର ଆଗାମୀ ଶେଷ ଦଶନ୍ଧିକୁ ସେଚ ଗବେଷଣାଗାର ଦଶନ୍ଧି

ବୋଲି ଘୋଷଣା କରିବାକୁ ଡଃ ଆର୍. ଏସ୍. ଭର୍ସନେଃ ପ୍ରସ୍ତାବ ଦେଇଛନ୍ତି । ତାଙ୍କ ମତରେ "ବିଶେଷତଃ ରାଜ୍ୟରେ ଥିବା ଗବେଷଣାଗାରଗୁଡ଼ିକର ଲାବରେଟରୀ ଏବଂ ପ୍ରୋଟୋଟାଇପ୍ ମେଜରମେଣ୍ଟ ଏବଂ କମ୍ପ୍ୟୁଟର୍ ମ୍ୟାନେଜମେଣ୍ଟ ଅଫ୍ ଡାଟା ପାଇଁ ଦରକାର ପଡୁଥିବା ଆଧୁନିକ ଯନ୍ତ୍ରପାତି ଓ ଆବଶ୍ୟକୀୟ ସରଞ୍ଜାମର ଅଭାବ ରହିଛି । ଉପଯୁକ୍ତ ପ୍ରୋତ୍ସାହନର ଅଭାବରୁ ସର୍ବୋତ୍ତମ ଇଞ୍ଜିନିୟରିଂ ପ୍ରତିଭା ଗବେଷଣା ଅନୁଷ୍ଠାନରେ କାର୍ଯ୍ୟ କରିବାକୁ ଆକୃଷ୍ଟ ହେଉ ନାହିଁ । ଆସନ୍ତା ଦଶନ୍ଧିରେ ଗବେଷଣାଗାରଗୁଡ଼ିକୁ ନୂତନ ଯନ୍ତ୍ରପାତିରେ ସଜାଇ ସମୟୋପଯୋଗୀ ରୂପରେଖ ଦେବା ପାଇଁ ସଂଶୋଧନ ପଦକ୍ଷେପମାନ ନେବାକୁ ପଡ଼ିବ । ଗବେଷଣା ପାଇଁ ଯେଉଁମାନଙ୍କର ସ୍ପୃହା ଅଛି କିନ୍ତୁ ନାନା କାରଣରୁ ସେମାନେ ଗବେଷଣା ପ୍ରତି ବୀତସ୍ପୃହ ହୋଇ ଉଠୁଛନ୍ତି ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ମଧ୍ୟ ସଂଶୋଧନକ୍ଷମ ପଦକ୍ଷେପମାନ ଗ୍ରହଣ କରିବା ଉଚିତ । ପରଫରମାନ୍ସ ଓରିଏଣ୍ଟେଡ୍ ପ୍ରମୋଶନ୍ ସହ ଅନ୍ୟାନ୍ୟ ପ୍ରୋତ୍ସାହନର ବ୍ୟବସ୍ଥାମାନ ଶୀଘ୍ର ଦିଆଯାଇ ପାରିଲେ ବର୍ତ୍ତମାନର ଏ ଜନିତ ବାତାବରଣରେ ଉନ୍ନତି ହୋଇପାରେ । ଗବେଷଣାଗାରଗୁଡ଼ିକୁ ନୂତନ ଓ ସମୟୋପଯୋଗୀ ରୂପରେଖ ଦେଇ ଶକ୍ତିଶାଳୀ କରି ଗଢ଼ି ତୋଳିବା ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଯଥାଯଥ ବ୍ୟବସ୍ଥା ହେବା ନିହାତି ଦରକାର । କେନ୍ଦ୍ରୀୟ ଜଳ ଓ ଶକ୍ତି ମଣ୍ଡଳ ଜାତୀୟ ସ୍ତରରେ ଗବେଷଣାଗୁଡ଼ିକର ସଂଯୋଜକ ଭାବରେ ଦାୟିତ୍ୱ ତୁଲାଉଥିଲା ବେଳେ ଆସନ୍ତା ଦଶନ୍ଧିରେ ଗବେଷଣା କାର୍ଯ୍ୟକ୍ରମଗୁଡ଼ିକୁ ନୂତନ ରୂପରେଖ ଓ ଦିଗ୍‌ଦର୍ଶନ ଦେବା ଉଚିତ, ଯଦ୍ୱାରାକି ଗବେଷଣା ପ୍ରସୂତ ଫଳାଫଳ, ଉନ୍ନତ ଧରଣର ପରିକଳ୍ପନା ସମ୍ପାଦନା ପ୍ରଣାଳୀ ଓ ଜଳସେଚ ପ୍ରକଳ୍ପଗୁଡ଼ିକର ଦକ୍ଷତା ସମ୍ପନ୍ନ ପରିଚାଳନା ହାସଲ କରିବା ଦିଗରେ ଯଥେଷ୍ଟ ସାହାଯ୍ୟ କରିପାରିବ ।

ଆମ ପରି ଏ କ୍ଷେତ୍ରରେ ମଧ୍ୟ ପଛୁଆ ରାଜ୍ୟରେ ଏହି ସ୍ୱପ୍ନେଲୀ ସ୍ୱପ୍ନ କିଛି ଅଂଶରେ ହେଲେ ବି ସତ୍ୟରେ ପରିଣତ ହୋଇ ପାରିଲେ ଗବେଷଣାଗତ ତତ୍ପରତା ଦେଖାଯିବା ସଙ୍ଗେ ସଙ୍ଗେ ବେକାର ଥିବା ଡିଗ୍ରୀଧାରୀ ଇଞ୍ଜିନିୟରମାନଙ୍କ ପାଇଁ ଉପଯୁକ୍ତ ନିଯୁକ୍ତିର ସୁବନ୍ଦୋବସ୍ତ ମଧ୍ୟ ହୋଇପାରନ୍ତା । ଏ ଲେଖକଙ୍କ ଅନୁରୋଧ ଜଳସେଚ ବିଭାଗର ପରିଚାଳନାରେ ଉପଯୁକ୍ତ ବାତାବରଣ ସୃଷ୍ଟି କରାଯାଇ ତହିଁରେ ନିୟୋଜିତ ପ୍ରତିଭାର ଅପଚୟକୁ ରୋକିବା ସହ ପ୍ରତିଭାର ଉତ୍ତରୋତ୍ତର ବିକାଶ ପ୍ରତି ଗୁରୁତ୍ୱ ପ୍ରଦାନ ନିଆଯାଉ । ଏହା ହୋଇପାରିଲେ ରାଜ୍ୟରେ ଗବେଷଣାଗତ ତତ୍ପରତା ମଧ୍ୟ ପ୍ରକାଶ ପାଇପାରନ୍ତା । କାର୍ଯ୍ୟତଃ କ'ଣ ହେବ ତାହା ଭବିଷ୍ୟତ ହିଁ କହିବ ।

ଏ ପ୍ରବନ୍ଧର ଅନେକାଂଶ "Irrigation Research in India -Present Status and Future Needs - Dr. R. S. Varshney (Secretary General International Commission on Irrigation and Drainage) - I. & P. Journal - Vol. 46 - No. 1 - Jan. 1989" ଅନୁସରଣରେ ଲିଖିତ ।

---

ହରିପ୍ରିୟା ନିବାସ,
ଲୁଇସ୍ ରୋଡ୍
ଭୁବନେଶ୍ୱର–୨ ।



ସ୍ୱାଧୀନତା ଦିବସ ଅବସରରେ ଆଇନ ମନ୍ତ୍ରୀ ଶ୍ରୀ ନରସିଂହ ମିଶ୍ର ବଲାଙ୍ଗୀର ଜିଲ୍ଲାର କୁଇଁକେଲାରେ ବିଧବା ଭତ୍ତା ପ୍ରଦାନ କରୁଛନ୍ତି ।

# ସର୍ବନିମ୍ନ ମଜୁରି ବୃଦ୍ଧି

ଗତ ସାଧାରଣ ନିର୍ବାଚନ ପୂର୍ବ କଥା । ରାଜ୍ୟରେ ଗସ୍ତ କଲାବେଳେ ବଲାଙ୍ଗୀର ଜିଲ୍ଲାର ଏକ ଛୋଟ ଗାଁରେ ଶ୍ରୀ ବିଜୁ ପଟ୍ଟନାୟକଙ୍କର ଦେଖାହୁଏ ଜଣେ ବୁଢ଼ୀ ସହ। ବୁଢ଼ୀ ପାଠ ପଢ଼ିନି, ଆଧୁନିକ ସଭ୍ୟତା କ'ଣ, ପ୍ରଗତି କ'ଣ ସେ କିଛି ବୁଝେନି । ରାଜନୀତିର ସେ ଧାର ଧାରେନି । କିନ୍ତୁ ଅଭିଜ୍ଞତାରୁ ସେ ଜାଣେ ଗାଁ ଲୋକଙ୍କର ସମସ୍ୟା, ଖଟିଖିଆ ମୂଲିଆ ମଜୁରିଆଙ୍କ ପରିବାରର ଦୁଃଖ । ବୁଢ଼ୀ ଯଦି ମୁଖ୍ୟମନ୍ତ୍ରୀ ହୁଅନ୍ତା, ତେବେ ସେ କ'ଣ କରନ୍ତା ? ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ କହିଥିଲା ଯେ ଜଣେ ମଜୁରିଆ ଦିନକୁ ଅତି କମ୍‌ରେ ଯେପରି ୨୫ ଟଙ୍କା ରୋଜଗାର କରେ ତାର ବ୍ୟବସ୍ଥା ସେ ପ୍ରଥମେ କରିବ । ବୁଢ଼ୀର କଥା ବିଜୁବାବୁଙ୍କର ହୃଦୟକୁ ସ୍ପର୍ଶ କଲା ।

୨୦୦୦ ମସିହା ଫେବୃଆରୀ ମାସରେ ଓଡ଼ିଶା ବିଧାନସଭା ପାଇଁ ଅନୁଷ୍ଠିତ ନିର୍ବାଚନରେ ବିପୁଳ ବିଜୟ ହାସଲ କରି ଶ୍ରୀ ବିଜୁ ପଟ୍ଟନାୟକଙ୍କର ବଳିଷ୍ଠ ନେତୃତ୍ୱରେ ଗଠିତ ହେଲା ଏକ ଜନକଲ୍ୟାଣାଭିମୁଖୀ ସରକାର । ବିଧାନସଭାରେ ସର୍ବନିମ୍ନ ମଜୁରି ୧୯ ଟଙ୍କାରୁ ୨୫ ଟଙ୍କା ବଢ଼ାଇବା ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ଘୋଷଣା କଲେ ।

ଦେଶ ଗଠନ ଓ ଉତ୍ପାଦନ ବୃଦ୍ଧି ପାଇଁ ଯେଉଁ ମଜୁରିଆ ମୁଣ୍ଡ ଝାଳ ତୁଣ୍ଡରେ ମାରି କଠିନ ପରିଶ୍ରମ କରେ ତାର ପରିବାରର ସୁଖ ସୁବିଧା କଥା ବୁଝିବା ଏକ ସାମାଜିକ ଦାୟିତ୍ୱ । ଆମ ରାଜ୍ୟରେ ଏଭଳି ଲୋକଙ୍କ ସଂଖ୍ୟା କୋଟିଏରୁ ଅଧିକ । ସେମାନଙ୍କ ଆର୍ଥିକ ଅବସ୍ଥା ପରିବର୍ତ୍ତନ ନହେଲେ, ରାଜ୍ୟର ସାମୂହିକ ଉନ୍ନତି ଘଟିବ କିପରି ? ଜାତିର ଜନକ ବାପୁଜୀଙ୍କର ପରିକଳ୍ପିତ ରାମ ରାଜ୍ୟ ପ୍ରତିଷ୍ଠା କରି ଦେଶର ଗରିବ ଲୋକଙ୍କ ମୁହଁରେ ହସ ଫୁଟାଇବା ଉପରେ ଗୁରୁତ୍ୱ ଦିଆଗଲା । ଖଟିଖିଆ ମଜୁରିଆମାନଙ୍କର ମଜୁରି ବଢ଼ାଇବା ନିଷ୍ପତ୍ତି ଏହି ପରିକଳ୍ପନାର ବାସ୍ତବ ରୂପାୟନ ପାଇଁ ହିଁ ଉଦ୍ଦିଷ୍ଟ ।

ଜଣେ ମଜୁରିଆ ବର୍ଷର ବାର ମାସଯାକ କାମ ପାଏନି । ସେଥିରେ ପୁଣି ଦରଦାମ୍ ଚଢ଼ିଛି । ଖାଉଟି ମୂଲ୍ୟସୂଚୀ ବଢ଼ିବା ଯୋଗୁଁ ସମସ୍ତଙ୍କର ଆନୁପାତିକ ଆୟ ବଢ଼ୁଥିବା ବେଳେ ଯେଉଁ ଶ୍ରମିକମାନଙ୍କର କଠିନ ପରିଶ୍ରମ ଫଳରେ ଉତ୍ପାଦନ ବଢୁଛି, ଦେଶର ଅର୍ଥନୈତିକ ବିକାଶ ହେଉଛି, ସେମାନଙ୍କର ପରିବାରର ଗୁଜୁରାଣ ମେଣ୍ଟାଇବାର ଆବଶ୍ୟକତା ପ୍ରତି ଆଖି ବୁଜିଦେଲେ ହେବନି । ତାର ପିଲାମାନଙ୍କୁ ଦି'ଓଳି ମୁଠାଏ ଖାଇବାକୁ ଓ ଖଣ୍ଡେ ପିନ୍ଧିବାକୁ ଦେବା ଏକ ଜନପ୍ରିୟ ସରକାରଙ୍କର ଏକ ଅବଶ୍ୟ କରଣୀୟ ଦାୟିତ୍ୱ । ଏହି ବିଷୟ ବିଚାର କରି ଓଡ଼ିଶା ସରକାର ମଜୁରି ବଢ଼ାଇବା ନିମନ୍ତେ ଯେଉଁ ଯୁଗାନ୍ତକାରୀ ନିଷ୍ପତ୍ତି ନେଲେ ତାହା ସମଗ୍ର ଦେଶରେ ଥିଲା ଅଭୂତପୂର୍ବ । ଶ୍ରମିକ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କର ଆନ୍ତରିକତାର ଏହା ପରିଚାୟକ । ଏହି ବୈପ୍ଳବିକ ନିଷ୍ପତ୍ତି ଆଜି ଖଟିଖିଆ ମଜୁରିଆ ପରିବାରମାନଙ୍କ ମଧ୍ୟରେ ସୃଷ୍ଟି କରିପାରିଛି ଆଶାର ଏକ ନୂତନ ଆଲୋକ ।

ଏହି ମଜୁରି ପାଇବା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳା ଶ୍ରମିକମାନଙ୍କ ମଧ୍ୟରେ କୌଣସି ତାରତମ୍ୟ ରହିବନି । ଜଣେ ପ୍ରାପ୍ତ ବୟସ୍କ ଶ୍ରମିକ ଦୈନିକ ୮ ଘଣ୍ଟା କାମ କରିବେ ଓ ଅଧ ଘଣ୍ଟାଏ ବିଶ୍ରାମ ପାଇବେ । ଯେଉଁ ଶ୍ରମିକ ସପ୍ତାହ ବ୍ୟାପୀ କାମ କରୁଥିବ, ସେ ସପ୍ତାହର ଶେଷ ଛୁଟି ଦିନ ପାଇଁ ମଧ୍ୟ ଏହି ମଜୁରି ପାଇବ । ଯଦି କୌଣସି ଅନୁଷ୍ଠାନ ବା ବ୍ୟକ୍ତି ଏହି ସର୍ବନିମ୍ନ ମଜୁରି ଦେବାରେ ଖିଲାପ କରନ୍ତି, ତାଙ୍କ ବିରୁଦ୍ଧରେ ୧୯୪୮ ମସିହାର ସର୍ବନିମ୍ନ ମଜୁରି ଅଧିନିୟମ ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ନୂତନ ସର୍ବନିମ୍ନ ମଜୁରି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଶ୍ରମ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଦୈନିକ ୨୫ ଟଙ୍କାର ବର୍ଦ୍ଧିତ ମଜୁରି ଲାଗୁ କରାଯିବା ସଙ୍ଗେ ସଙ୍ଗେ ଅର୍ଦ୍ଧ କୁଶଳୀ, କୁଶଳୀ ଓ ଅତି କୁଶଳୀ ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ମଧ୍ୟ ଯଥାକ୍ରମେ ୩୦ ଟଙ୍କା, ୩୫ ଟଙ୍କା ଓ ୪୦ ଟଙ୍କାକୁ ବୃଦ୍ଧି କରାଯାଇଛି ।

ଯେଉଁ ଶ୍ରେଣୀର ଶ୍ରମିକମାନେ ଦୈନିକ ସର୍ବନିମ୍ନ ମଜୁରି ୨୫ ଟଙ୍କା ପାଇବେ ସେମାନଙ୍କର ଏକ ତାଲିକା ନିମ୍ନରେ ପ୍ରଦତ୍ତ ହେଲା

ଚଳଚ୍ଚିତ୍ର ଶିଳ୍ପ, କ୍ଷୁଦ୍ର ଯାନ୍ତ୍ରିକ ଶିଳ୍ପ (୫୦ ଜଣରୁ କମ୍ ନିୟୋଜିତ), ରାସ୍ତା ଏବଂ କୋଠାବାଡ଼ି ନିର୍ମାଣ

ଓ ପଥର ପେଷା, ହୋଟେଲ୍, ଭୋଜନାଳୟ ଓ ଜଳଖିଆ ଦୋକାନ, ଗୁଡ଼ଳ କଳ, ଡାଲି କଳ ଓ ଅଟା କଳ, ଦୋକାନ ଓ ପ୍ରତିଷ୍ଠାନ, ହସ୍ତତନ୍ତ ଓ ଗଞ୍ଜି, ତମାଖୁ (ବିଡ଼ି ପ୍ରସ୍ତୁତ ସମେତ), ଜଳସେଚନ ଯୋଜନା ଓ ସଂରକ୍ଷଣ ଏବଂ ବନ୍ଧ ନିର୍ମାଣ, ଗଡ଼ିଆ ଓ କୂପ ଖନନ ଏବଂ ମରାମତି, ସରକାରୀ ମଟର ପରିବହନ, କାଠ ବ୍ୟବସାୟ (ଗଛ କାଟିବା ଏବଂ କରତିବା ସମେତ), କାଠ ବ୍ୟବସାୟ (ଗଛ କାଟିବା ଏବଂ କରତିବା ବ୍ୟତୀତ), ବାଉଁଶ ଆମଦାନୀ ସଂସ୍ଥା, କରତ କଳ, ରିଫ୍ରାକ୍ଟୋରୀ ଶିଳ୍ପ, ତେଲ କଳ, ଖପର ଏବଂ ଇଟା ପ୍ରସ୍ତୁତି, ମଦ ଭାଟି, ଲୁଣମରା ସଂସ୍ଥା, ବେସରକାରୀ ମଟର ପରିବହନ, ଶାଳ ମଞ୍ଜି ସଂଗ୍ରହ, ରାସାୟନିକ ଶିଳ୍ପ, ଚିନାମାଟି ଏବଂ ମାଟି ଶିଳ୍ପ, ଧାତବ ଶିଳ୍ପ (କୁଟୀର ଏବଂ ଗ୍ରାମ୍ୟ ଶିଳ୍ପ ବ୍ୟତୀତ), ଛାପାଖାନା, ଝୋଟ ଶିଳ୍ପ ଏବଂ ଝୋଟ ଦଉଡ଼ି ଶିଳ୍ପ, କେନ୍ଦୁପତ୍ର ସଂଗ୍ରହ, କୃଷି, ପୌର ପରିଷଦ, କାଜୁବାଦାମ ଉତ୍ପାଦନ ସଂସ୍ଥା, ସ୍ୱୟଂଚାଳିତ ଯାନ ସେବା, ମରାମତି, ଗ୍ୟାରେଜ୍ ଓ କର୍ମଶାଳା, ସାବୁନ୍ ଓ ଧୁଲେଇ ଗୁଣ୍ଡ ପ୍ରସ୍ତୁତି, କାଠ କାମ ଏବଂ ଆସବାବ ପତ୍ର ତିଆରି ଶିଳ୍ପ, କାଚ ଶିଳ୍ପ, ଇଲେକ୍ଟ୍ରିକ୍ ବଲ୍‌ବ ତିଆରି ଶିଳ୍ପ, ଶୀତଳ ପାନୀୟ, ସୋଡ଼ା ଓ ଆନୁଷଙ୍ଗିକ ପ୍ରସ୍ତୁତି ଶିଳ୍ପ, ପିତଳ ଓ କଂସାବାସନ ପ୍ରସ୍ତୁତି ଶିଳ୍ପ, ଗାଲିଚ୍ଛ ବୁଣିବା ଶିଳ୍ପ, ପେଟ୍ରୋଲ୍ ଓ ଡିଜେଲ୍ ତେଲ ପମ୍ପ, ଆୟୁର୍ବେଦ ଓ ୟୁନାନି ଫାର୍ମାସୀ, ପାଉଁରୁଟି, ମିଷ୍ଟାନ୍ନ ସମେତ ବିସ୍କୁଟ ତିଆରି, ଖଦୀ ଗ୍ରାମୋଦ୍ୟୋଗ ଶିଳ୍ପ, ଖଣ୍ଡସାରୀ ଏବଂ ଆନୁଷଙ୍ଗିକ ପ୍ରସ୍ତୁତି ସଂସ୍ଥା, ଦିଆସିଲି, ବାଣ ତିଆରି ଏବଂ ବିସ୍ଫୋରକ ତିଆରି ସଂସ୍ଥା, ନିୟନ୍ତ୍ରିତ ବଜାର, ବାଣିଜ୍ୟ ପରିଷଦ ଓ ସମବାୟ ସମିତି, କାର୍ପାସ ଭିଣା ଓ ପ୍ରସ୍ତୁତି ଶିଳ୍ପ, ବୁଟ୍ ଓ ଜୋତା ତିଆରି ସଂସ୍ଥା, ଦଉଡ଼ି ପ୍ରସ୍ତୁତି ସଂସ୍ଥା, ସୂତା ମାଡ଼ିବା ଓ ରଙ୍ଗ କରିବା, ସିଲେଇ, ତାନ୍ତବ, ବୁଣାବୁଣି ଓ ସୂତା କାମ, ଟ୍ରଙ୍କ, ସୁଟ୍‌କେସ ଓ ବାଲ୍‌ଟି ପ୍ରଭୃତି ସଂସ୍ଥା, କଣ୍ଟା ଓ ପିନ୍ ତିଆରି ଶିଳ୍ପ, ବରଫ କଳ ଓ ଶୀତଳ ଭଣ୍ଡାର, ବିଭିନ୍ନ ଯନ୍ତ୍ରାଂଶକୁ ଏକତ୍ରୀକରଣ କରି ଜିନିଷ ପ୍ରସ୍ତୁତ କରିବା ସଂସ୍ଥା, ଢଳେଇ ଶିଳ୍ପ, ରଜକଶାଳା ସମେତ ଧୁଲେଇ, କଷେଇ ତିଆରି ସମେତ ପ୍ଲାଷ୍ଟିକ୍ ଉତ୍ପାଦନ ଶିଳ୍ପ, ଜେଲ୍ ଓ ଜଳନ୍ତା କୋଇଲା ପ୍ରସ୍ତୁତି, ରଙ୍ଗ ଓ ବାର୍ନିସ୍ ପ୍ରସ୍ତୁତି ସଂସ୍ଥା, ପଥର କଟା ଶିଳ୍ପ, ସିମେଣ୍ଟ ନଳା ଓ ତତ୍ ସଂପୃକ୍ତୀୟ ଆନୁଷଙ୍ଗିକ ପ୍ରସ୍ତୁତି ସଂସ୍ଥା, କଳତନ୍ତ ଶିଳ୍ପ, ମତ୍ସ୍ୟ ଓ ସାମୁଦ୍ରିକ ଖାଦ୍ୟ ଶିଳ୍ପ, କାଗଜ ଓ କାର୍ଡ଼ ବୋର୍ଡ଼ ଶିଳ୍ପ, ଆଲୁମିନିୟମ ଓ ହିଣ୍ଡାଲିୟମ୍ ବାସନ ପ୍ରସ୍ତୁତି ସଂସ୍ଥା, ମୃତ୍ତିକା ପାତ୍ର ପ୍ରସ୍ତୁତି, ତେନ୍ତୁଳି ସଂଗ୍ରହ, ସୁନା ଓ ରୁପା ଗହଣା ଓ କଳାତ୍ମକ ଢଙ୍ଗରେ ଦ୍ରବ୍ୟ ପ୍ରସ୍ତୁତି ସଂସ୍ଥା, ଚିକିତ୍ସକଙ୍କ ଯେକୌଣସି ପରାମର୍ଶ ପ୍ରତିଷ୍ଠାନ ଓ ଡାକ୍ତରଖାନା, ରାସାୟନିକ କିମ୍ବା ନିଦାନ ପରୀକ୍ଷାଗାର, ମଟର ବଡ଼ି ବିଲ୍‌ଡିଙ୍ଗ୍ ଶିଳ୍ପ, ବନଜାତ ଦ୍ରବ୍ୟ ଯଥା—ଗେଣ୍ଡୁଳି, ଅଠା, ମହୁଲ, କୋଇଲା ଓ ରେସିନ୍ ତିଆରି ସଂସ୍ଥା, ଶିଆଳି ପତ୍ର ତୋଳା ସଂସ୍ଥା, ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂସ୍ଥା, ଗ୍ରାଫାଇଟ୍ କାରଖାନା, ସୁତାକଳ, ଭେଷଜ ଶିଳ୍ପ, ପେଟ୍ରୋଲ ଦ୍ରବୀକରଣ ଓ ଗ୍ୟାସ୍ ତିଆରି ଶିଳ୍ପ, ବିଦ୍ୟୁତ୍ ବୋର୍ଡ଼, ସାମାଜିକ ବନ ପ୍ରକଳ୍ପ ଏବଂ ସରକାରୀ ତଥା ଅନ୍ୟ ସଂସ୍ଥାରେ ନିଯୁକ୍ତ ଅନିୟମିତ ଓ ସାମୟିକ କର୍ମଚାରୀ ।



ମତ୍ସ୍ୟ ଓ ପଶୁପାଳନ ବିଭାଗ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ରିଲିଫ୍ କାର୍ଯ୍ୟକ୍ରମ ସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳ ତଥା ଅନ୍ୟାନ୍ୟ ପଦାଧିକାରୀମାନଙ୍କ ସହିତ ଆଲୋଚନାରତ ।

# ସାମୂହିକ ସମୃଦ୍ଧିର ଚାବିକାଠି : ସହଯୋଗ

● ଡକ୍ଟର୍ ଦେବରାଜ ପଣ୍ଡା

ସଂସାରର ସକଳ ପଦାର୍ଥରେ 'ସହଯୋଗ' ଲକ୍ଷଣ ପରିଦୃଷ୍ଟ ହୁଏ । ପଦାର୍ଥଗୁଡ଼ିକର ଯେଉଁ ତିନିଗୋଟି ରୂପ ରହିଛି 'ଯଥା–ବାଷ୍ପୀୟ, ତରଳ ଓ କଠିନ' ସେ ସବୁ 'ସହଯୋଗ' ରୂପକୁ ନେଇ ଗଠିତ । ଅଣୁ ବା ପରମାଣୁମାନଙ୍କର ସହଯୋଗରେ ପଦାର୍ଥଗୁଡ଼ିକ ସୃଷ୍ଟି ହୋଇଥାନ୍ତି । କିନ୍ତୁ ସହଯୋଗ ଶକ୍ତିର ସାମର୍ଥ୍ୟ ଉପରେ ବସ୍ତୁର ସ୍ଥିତି ନିର୍ଭର କରେ । ବାଷ୍ପୀୟ ବା ତରଳ ପଦାର୍ଥର ଅଣୁମାନଙ୍କର ସହଯୋଗ ଶକ୍ତି କଠିନ ପଦାର୍ଥର ଅଣୁମାନଙ୍କର ସହଯୋଗ ଶକ୍ତିଠାରୁ ବହୁତ କମ୍ । ତେଣୁ ଲୁହା, ତମ୍ବା, ସୀସା ଆଦି ଧାତବ ପଦାର୍ଥଗୁଡ଼ିକ ଅମ୍ଳଜାନ ବାଷ୍ପ ବା ଆମେ ନିତ୍ୟ ବ୍ୟବହାର କରୁଥିବା ଜଳ ଅପେକ୍ଷା ଅଧିକ କଠିନ ଓ ଅଧିକ ସ୍ଥିତିଶୀଳ ।

'ସହଯୋଗ' ଲକ୍ଷଣଟି କେବଳ ନିର୍ଜୀବମାନଙ୍କଠାରେ ରହିଛି ବୋଲି କହିଲେ ଭୁଲ ହେବ । ଏହା ମଧ୍ୟ ସଜୀବମାନଙ୍କଠାରେ ବିଦ୍ୟମାନ । ପ୍ରାଣୀ ବା ଉଦ୍ଭିଦମାନଙ୍କର ଯାବତୀୟ ଶାରୀରିକ କ୍ରିୟା ବିଭିନ୍ନ କୋଷ, ଟିସୁ ଓ ତନ୍ତ୍ରୀ ଦ୍ୱାରା ସଂଘଟିତ ହୋଇଥାଏ । ଉଦ୍ଭିଦମାନଙ୍କର କେତେକ ନିର୍ଦ୍ଦିଷ୍ଟ ଅଂଶ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ପ୍ରାଣୀମାନଙ୍କର ଶାରୀରିକ କ୍ରିୟା କେତେକ ତନ୍ତ୍ରୀ ଦ୍ୱାରା ସମ୍ପନ୍ନ ହୋଇଥାଏ । ଯଥା ଖାଦ୍ୟ ପରିପାକ ପାଇଁ ଶ୍ୱାସ ତନ୍ତ୍ର, ରକ୍ତ ପ୍ରବାହ ପାଇଁ ରକ୍ତ ସଞ୍ଚାଳକ ତନ୍ତ୍ର, ସମ୍ବାଦ ସରବରାହ ପାଇଁ ସ୍ନାୟୁତନ୍ତ୍ର । ଏହି ତନ୍ତ୍ରୀଗୁଡ଼ିକ ମଧ୍ୟରୁ ଯଦି କୌଣସି ତନ୍ତ୍ରୀ ଠିକ୍ ଭାବରେ କାର୍ଯ୍ୟ ନ କଲେ ବା ଅଚଳ ହୋଇ ପଡ଼େ ତେବେ ପ୍ରାଣୀ କଷ୍ଟ ଅନୁଭବ କରେ । ଗଛର ମୂଳ ଭୂମିରୁ ଖାଦ୍ୟସାର ଓ ଜଳ ସଂଗ୍ରହ କରେ, ଗଣ୍ଡି ଖାଦ୍ୟ ପଦାର୍ଥକୁ ସରବରାହ କରେ ଓ ପତ୍ର ଶ୍ୱାସକାର୍ଯ୍ୟ ଓ ଖାଦ୍ୟ ପ୍ରସ୍ତୁତ କରେ । ଯଦି ଗଛର ଚେର ଖାଦ୍ୟସାର ସଂଗ୍ରହ ନ କରେ ବା ଗଣ୍ଡି ଖାଦ୍ୟସାରକୁ ପତ୍ର ନିକଟକୁ ନ ପଠାଏ ତେବେ ପତ୍ର ଖାଦ୍ୟ ପ୍ରସ୍ତୁତ କରି ପାରେ ନାହିଁ ଓ ତଦ୍ୱାରା ଉଦ୍ଭିଦର ଅଶେଷ କ୍ଷତି ଘଟେ । ସୁତରାଂ ପ୍ରାଣୀ ବା ଉଦ୍ଭିଦର ଶାରୀରିକ କ୍ରିୟା ଅନେକ ସମବାୟ ସଂସ୍ଥା ଦ୍ୱାରା ସମ୍ପନ୍ନ ହେଉଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

'ସହଯୋଗ' ଦ୍ୱାରା ବହୁତ କିଛି ଲାଭ ହୋଇଥାଏ । ଜଣଙ୍କ ଦ୍ୱାରା ଯାହା ସମ୍ଭବ ନୁହେଁ ତାହା ଅନେକଙ୍କ ଦ୍ୱାରା ସମ୍ଭବ ହୋଇଥାଏ । ସେଥିପାଇଁ କୁହାଯାଇଛି ଯୋଦ୍ଧାକୁ ଯୋଦ୍ଧା ସରି ନୁହେଁ । ଦୁଇଜଣ ବ୍ୟକ୍ତି ଏକାଠି ହେଲେ ଯୋଦ୍ଧାପରି ବଳଶାଳୀ ଜନ୍ତୁକୁ ଆୟତ୍ତ କରି ଦେଇ ପାରନ୍ତି । 'ସହଯୋଗର' ସଫଳତା ଆମେ କାହାଣୀମାନଙ୍କରେ ଶୁଣିଛେ ଓ ନିତ୍ୟ ଆଖିଆଗରେ ଦେଖୁଛେ । ବ୍ୟାଧ ଜାଲରେ ପଡ଼ିଥିବା ପକ୍ଷୀଦଳ ଏକା ସାଙ୍ଗରେ ଉଡ଼ିଯାଇ ଆତ୍ମରକ୍ଷା କରିଥିଲେ । ମୂଷିକର ସାହାଯ୍ୟ ଦ୍ୱାରା ସିଂହ ଓ କାକର ସାହାଯ୍ୟ ଦ୍ୱାରା ହରିଣ ବନ୍ଧନରୁ ମୁକ୍ତି ଲାଭ କରିଥିଲେ । ଦଳେ ପିମ୍ପୁଡ଼ି ଗୋଟାଏ ଲମ୍ବା ଜିଆକୁ ବୋହି ନେଉଥିବାର ଦୃଶ୍ୟ ଦେଖିଲେ ଦଳର ବଳ ସହଜରେ କଳନା କରିହୁଏ । ଜଣେ ବ୍ୟକ୍ତି ଗୋଟାଏ ବିଜୁଳି ଖୁଣ୍ଟିକୁ ଉଠାଇ ପାରେ ନାହିଁ ଅଥଚ ଦଶବାରଜଣ ବ୍ୟକ୍ତି ଏକାଠି ହୋଇ ତାକୁ ଗାଡ଼ି ଉପରକୁ ଅନାୟାସରେ ଉଠାଇ ଦେଉଛନ୍ତି । ନଭଚୁମ୍ବି ପ୍ରାସାଦ, ବିରାଟ ଦେବମନ୍ଦିର ଯାହାକୁ ଗଢ଼ିବା ପାଇଁ ଜଣେ ବ୍ୟକ୍ତିର ଶକ୍ତି ନାହିଁ କି ପରମାୟୁ ନାହିଁ ତାହା ଅନେକଙ୍କ ସହାୟତାରେ ସମ୍ଭବ ହୋଇଥାଏ ।

'ସହଯୋଗ' ଅଭାବରୁ ଅନେକ କିଛି କ୍ଷତି ହୁଏ । ଏହାର ଦୃଷ୍ଟାନ୍ତ ବିଭିନ୍ନ ପୁରାଣ ଓ ଇତିହାସରେ ଦେଖିବାକୁ ମିଳେ । ଲଙ୍କାଧିପତି ରାବଣ ସୀତାଙ୍କୁ ଅପହରଣ କରି ଅଯୋଧ୍ୟା ପତି ରାମଚନ୍ଦ୍ରଙ୍କ ସହିତ ଯୁଦ୍ଧ କରିଥିଲା । ରାବଣର ଏତାଦୃଶ କାର୍ଯ୍ୟକୁ ତାହାର ସାନଭାଇ ବିଭୀଷଣ ସମର୍ଥନ କଲାନାହିଁ ଓ ଯୁଦ୍ଧରେ ସହଯୋଗ ଦେଲା ନାହିଁ । ଫଳରେ ରାବଣ ଯୁଦ୍ଧରେ ପରାସ୍ତ ହେଲା ଓ ଅସୁରମାନଙ୍କର ଅନେକ ଧନ ଜୀବନ କ୍ଷୟ ହେଲା । ଅନ୍ୟ ପକ୍ଷରେ ରାମଚନ୍ଦ୍ର ବାନରମାନଙ୍କର ସହଯୋଗରେ ବିଜୟ ହାସଲ କଲେ । ଠିକ୍ ସେହିପରି ମହାଭାରତ ଯୁଦ୍ଧରେ ଦୁର୍ଯ୍ୟୋଧନର ସାନଭାଇ ପାଣ୍ଡବମାନଙ୍କୁ ସାହାଯ୍ୟ କରିଥିଲା । ଦେଶୀୟ ରାଜାମାନଙ୍କର ସହଯୋଗ ଅଭାବରୁ ଭାରତବର୍ଷ ବହୁବାର ବିଦେଶୀ ଶାସକଙ୍କ କରଗତ ହେବାର ପ୍ରମାଣ ରହିଛି । ଭାରତ 'ଅସହଯୋଗ' କୁଫଳତାର ଅନ୍ୟ ଏକ ଉଦାହରଣ

ଇତିହାସରେ ଦେଖିବାକୁ ମିଳେ । ଷୋଡ଼ଶ ଶତାବ୍ଦୀରେ ଉଭୟେ ଇଂରେଜ ଓ ଫରାସୀ ଜାତି ଭାରତବର୍ଷରେ ସାମ୍ରାଜ୍ୟ ବିସ୍ତାର କରିବା ପାଇଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରିଥିଲେ । ଇଂରେଜମାନଙ୍କ ପକ୍ଷରୁ କ୍ଲାଇବ ଓ ଫରାସୀମାନଙ୍କ ପକ୍ଷରୁ ଡୁପ୍ଲେ ଏହି ସଂଘର୍ଷରେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ । ଡୁପ୍ଲେ ଜଣେ ଚତୁର ଓ ଦକ୍ଷ ଲୋକ ଥିଲେ କିନ୍ତୁ ତତ୍କାଳୀନ ଫରାସୀ ସରକାର ତାଙ୍କୁ ସହଯୋଗ ନ କରିବାରୁ ସେ ଯୁଦ୍ଧରେ ବିଜୟୀ ହୋଇ ପାରି ନ ଥିଲେ ଓ ଭାରତ ବର୍ଷରେ ଫରାସୀ ସାମ୍ରାଜ୍ୟ ବିସ୍ତାରର ଗୌରବ ରବି ସବୁ ଦିନ ପାଇଁ ଅସ୍ତମିତ ହୋଇଗଲା । ସୁତରାଂ ସହଯୋଗ ଶକ୍ତି ଯେଉଁ ପରିବାର, ଯେଉଁ ଗ୍ରାମ, ଯେଉଁ ରାଜ୍ୟ ଓ ଯେଉଁ ଦେଶର ଜନତାଙ୍କ ମଧ୍ୟରେ ଯେତେ ବେଶୀ ସେ ପରିବାର, ସେ ଗ୍ରାମ, ସେ ରାଜ୍ୟ ସେ ଦେଶ ସେତିକି ବଳିଷ୍ଠ ଓ ସେତିକି ସକ୍ଷମ ।

ଛୋଟ ପଦାର୍ଥଟିଏ ବଡ଼ ପଦାର୍ଥ ଦ୍ୱାରା ମୁହୁର୍ମୁହୁ ଆଘାତ ପାଇଲେ ଯେପରି ଛୋଟ ପଦାର୍ଥର ଅଣୁଗୁଡ଼ିକ ସହଯୋଗ ଶକ୍ତି ହରାଇ ଖଣ୍ଡ ବିଖଣ୍ଡିତ ହୋଇଥାନ୍ତି ଠିକ୍ ସେହିପରି ଶାସକଙ୍କ ଗୁପ୍ତ ଫଳରେ ଭାରତୀୟ ଜନ ଜୀବନର ସହଯୋଗ ଶକ୍ତି ନଷ୍ଟ ହୋଇ ଯାଇଛି । ତଦ୍ୱାରା ଏ ଦେଶ ପୃଥିବୀର ଅନ୍ୟାନ୍ୟ ବିକାଶଶୀଳ ଦେଶପରି ବିଭିନ୍ନ କ୍ଷେତ୍ରରେ ଯଥା: ଶିଳ୍ପ, ଶିକ୍ଷା, କୃଷି, ପଶୁପାଳନ ଇତ୍ୟାଦି ଉତ୍ତରୋତ୍ତର ଉନ୍ନତି ସାଧନ କରିପାରି ନାହିଁ । ଦେଶର ଦ୍ରୁତ ବିକାଶ କରିବାକୁ ହେଲେ ତାହା କେବଳ ସମବାୟ ସଂସ୍ଥା ଦ୍ୱାରା ସମ୍ଭବ ।

ଭାରତ ଏକ କୃଷି ପ୍ରଧାନ ଦେଶ । ଏ ଦେଶର ଉନ୍ନତି ସାଧନ କରିବାକୁ ହେଲେ ଉଭୟ ଶିଳ୍ପ ଓ କୃଷିର ବିକାଶ ହେବା ଦରକାର । କୃଷିର ବିକାଶ ନିମନ୍ତେ ପୂର୍ବ ପ୍ରଚଳିତ ମାଲିକ–ମୂଲିଆ ଚାଷ ପରିବର୍ତ୍ତେ ସମବାୟ ଚାଷଦ୍ୱାରା ଅଧିକ ଲାଭ ହେବ । ଏହା ପ୍ରେମଚାନ୍ଦ ଉତ୍ତମ ରୂପେ ହୃଦୟଙ୍ଗମ କରିଥିଲେ । ଚାଷ କାର୍ଯ୍ୟରେ ମାଲିକ ମୂଲିଆ ମନୋଭାବ ରହିଲେ ଉଭୟେ ଉଭୟଙ୍କର କିପରି ଶତ୍ରୁ ପାଲଟି ଥାନ୍ତି ଓ ଅନ୍ୟ ପକ୍ଷରେ ମାଲିକ ମୂଲିଆ ଭାବ ନ ରହିଲେ ଉଭୟେ ପରସ୍ପରର କିପରି ମିତ୍ର ହୋଇଥାନ୍ତି ତାହା ପ୍ରେମଚାନ୍ଦ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । ଲେଖକଙ୍କ ଭାଷାରେ :

ଦୁର୍ଗାମାଳି ଡକ୍ଟର ମେହରାଙ୍କର (ବାର–ଆଟ୍–ଲ) ଜଣେ ନୌକର ଥିଲା । ମାସକୁ ପାଞ୍ଚଟଙ୍କା ବେତନ ପାଉଥିଲା ।ଘରେ ସ୍ତ୍ରୀ ଓ ଦୁଇଟି ଛୋଟ ପିଲା ଥିଲେ । ସ୍ତ୍ରୀ ପଡ଼ୋଶୀମାନଙ୍କ ଗହମ ପେଷୁଥିଲା । ପିଲା ଦୁଇଟି ଟିକିଏ ହୁସିଆର ହୋଇଯାଇଥିଲେ ଓ ଏଣୁ ତେଣୁ କାଠପତ୍ର ସଂଗ୍ରହ କରୁଥିଲେ । କିନ୍ତୁ ଏତେ କଷ୍ଟ କଲେ ବି ଖୁବ୍ କଷ୍ଟରେ ସେମାନେ ଚଳୁଥିଲେ । ଡକ୍ଟର ସାହେବଙ୍କର ଦୃଷ୍ଟି ଅନ୍ତରାଳରେ ଦୁର୍ଗା ବେଳେବେଳେ ବଗିଚାରୁ ଫୁଲ ତୋଳିକରି ନେଉଥିଲା ଓ ସେଗୁଡ଼ିକ ପୂଜାରୀକି ବିକ୍ରି କରି ଦେଉଥିଲା । କେବେ କେବେ ଫଳ ତୋଳି ବି ହାତମାରି ଦେଉଥିଲା ।

× × × × × × × ×

ଥରେ ଖରାଦିନେ ଡକ୍ଟର ସାହେବ ନିଜର କେତେକ ସାଙ୍ଗଙ୍କୁ ଆମ୍ବ ଖାଇବା ପାଇଁ ନିମନ୍ତ୍ରଣ କରିଥିଲେ ।

× × × × × × × ×

ଯେତେବେଳେ ସବୁ ସଜ୍ଜନ ଏକାଠି ହେଲେ ସେତେବେଳେ କହିଲେ ଚାଲ ଗଛରେ ଦୋହଲୁଥିବା ଫଳସବୁ ଦେଖିବା ।

× × × × × × × ×

କିନ୍ତୁ ଆଶ୍ଚର୍ଯ୍ୟର କଥା ସେଠି ଗୋଟିଏ ହେଲେ ଫଳ ନ ଥିଲା ।

× × × × × × × ×

ରାତି କିଛି ବିତିବା ପରେ ଦୁର୍ଗାମାଳି ବଜାରରୁ ଫେରିଲା । ଘ ଛାନିଆ ହୋଇ ଏଣେ ତେଣେ ଚାହୁଁଥିଲା । ପୋଖରୀ ପାହାଚ ଡକ୍ଟର ସାହେବ ଚାବୁକ ଧରି ବସି ଥିବାର ଦେଖିଲା ତ ତା'ର ହୋଶ ଉଡ଼ିଗଲା ।

× × × × × × × ×

ଡାକ୍ତର ସାହେବ ହାତଠାରି ଡାକିଲେ ଓ ପଚାରିଲେ, ଆମ୍ବ ଗଛରେ କେତେଗୁଡ଼ାଏ ଆମ୍ବଥିଲା । କିନ୍ତୁ ଗୋଟାଏ ହେଲେ ଦେଖୁନି । ସେସବୁ କୁଆଡ଼େ ଗଲା ?

× × × × × × × ×

ସରକାର ଯାହା ବୁଝୁଛନ୍ତି ବୁଝନ୍ତୁ । ମୁଁ ଆମ୍ବ ତୋଳିକି ନେଇଥିଲେ ବି ଆପଣଙ୍କର ତ ଚାକର । ରାତିଦିନ ସେବା କରୁଛି । ଆମ୍ବ ପାଇଁ ପିଲାଛୁଆ କନ୍ଦାକଟା କଲେ ବୁଝାଇ ଯିବି ? ଏବେ ଛାଡ଼ି ଦିଅନ୍ତୁ, ଆଉଥରେ ସେମିତି କରିବି ନାହିଁ । ଡାକ୍ତର ସାହେବ ଏତେ ଉଦାର ନ ଥିଲେ । ସେ ଏତିକି କଲେ ଦୁର୍ଗାକୁ ପୋଲିସରେ ଦେଲେ ନାହିଁ । ତାହାର ଧାର୍ମିକ-ଶ୍ରଦ୍ଧା ତାଙ୍କୁ ନରମ କରିଦେଲା କିନ୍ତୁ ଏପରି ଦୁର୍ବଳ ହୃଦୟ ଲୋକକୁ ପୋଷି ରଖିବା ଅସମ୍ଭବ ଥିଲା ।

× × × × × × × ×

କେତେ ମାସ ପରେ ଦିନେ ଡକ୍ଟର ସାହେବ ପ୍ରେମଚାନ୍ଦଙ୍କ ବଗିଚାକୁ ବୁଲିବାକୁ ଗଲେ ।

× × × × × × × ×

ଡାକ୍ତର ସାହେବ ବଗିଚାରେ ପ୍ରବେଶ କଲେ ତ ପ୍ରେମଚାନ୍ଦଙ୍କୁ କିଆରୀରେ ପାଣି ଦବାର ଦେଖିଲେ । କୂଅ ଉପରେ ଠିଆହୋଇ ଜଣେ ଲୋକ ପମ୍ପ ଦ୍ୱାରା ପାଣି ଉଠାଉ ଥିଲା । ମେହେରା ତାକୁ ସଙ୍ଗେ ସଙ୍ଗେ ଚିହ୍ନିଗଲେ । ଡକ୍ଟର ସାହେବଙ୍କର ସେତେବେଳେ ଦୁର୍ଗାପ୍ରତି ଖୁବ୍ ଈର୍ଷାଭାବ ଜାଗ୍ରତ ହେଲା । ଯେଉଁ ନଉକରକୁ

...ସେ ସେ ଦେଶ ବିଦା କରି ଦେଇଥିଲେ ତାଙ୍କୁ କାହିଁକି ଚାକିରୀ ...ଲିଥା । ଯଦି ଚୁରୀ ସେଠାରେ ମୁଣ୍ଡ ବାଡେଇ କାନ୍ଦିଥାନ୍ତା ତେବେ ...ଦର ସାହେବ ଖୁସି ହୋଇଥାଆନ୍ତେ ।

× × × × × × × ×

...ପ୍ରେମଶଙ୍କର ଯେତେବେଳେ ତାଙ୍କ ହାତ ଧରି କିଆରି କିଆରି ...ବୁଲାଇ ଦେଖାଇଲେ ସେତେବେଳେ ଡକ୍ଟର ସାହେବ ପଚାରିଲେ ଏ ...ଲୋକଟି ଆପଣଙ୍କ ପାଖରେ କେତେ ଦିନ ହେବ ରହିଲାଣି ?

"... ସାତ ମାସ ହେବ" "କିଛି ଚୋରି କରୁନିତ ? ମୋର ମାଳି ...ଥିଲା । ତାର ହାତଲଗା ପ୍ରକୃତି ଯୋଗୁ ତାକୁ ତଡି ଦେଲି । ...ଯେତେବେଳେ ଫୁଲ ବିକେ, ଯେତେବେଳେ ଗୁରା ବିକେ, ଆଉ ଫଳ ...ଉଣ୍ଡ କହିବି ? ତା ହାତରୁ ଏ ସବୁ କିଛି ବର୍ତ୍ତୁ ନ ...ଥିଲା ।

× × × × × × × ×

ପ୍ରେମଶଙ୍କର–ନାଁ ନାଁ କେବେ ନୁହେଁ । ସେମିତି ଠକିବା ପାଇଁ ମୁଁ ...କେବେ ସୁଯୋଗ ଦେଇନାହିଁ । ଏଠ ବେଶ୍ ପରିଶ୍ରମ କରୁଛି । ...ଦ୍ୱିପ୍ରହର ଛୁଟିରେ ବିଶ୍ରାମ କରୁ ନାହିଁ । ତା ଉପରେ ମୋର ଅଖଣ୍ଡ ...ବିଶ୍ୱାସ । ସାରା ବଗିଚାର ଭାର ମୁଁ ତା ଉପରେ ଛାଡି ଦେଇଛି । ...ଦିନସାରା ଯାହାକିଛି ଆମଦାନୀ ହୁଏ ସନ୍ଧ୍ୟାବେଳକୁ ସେ ସବୁ ...ମତେ ଦେଇଦିଏ । ଗୋଟିଏ ପଇସାର ପାର୍ଥକ୍ୟ ମୁଁ କେବେହେଲେଦେଖି ନାହିଁ ।

ଡକ୍ଟର–ଏଇତ ତାର କୌଶଳ । ଆପଣଙ୍କୁ ଓଲଟା ଛୁରୀ ମାରିବ । ଆପଣ ତାହା ଜାଣି ପାରିବେ ନାହିଁ । ଆପଣ କାହିଁକି ତାକୁ ବେତନ ଦେଉଛନ୍ତି ?

ପ୍ରେମଶଙ୍କର–ଏଠି କାହାରିକି ବେତନ ଦିଆ ଯାଏ ନାହିଁ । ...ଏଥିରେ ସମସ୍ତେ ଭାଗୀଦାର । ଆବଶ୍ୟକ ଖର୍ଚ୍ଚ ବାଦ୍ ଯାହା କିଛି ବଳକା ହୁଏ ସେଥିରୁ ଶତକଡ଼ା ଦଶ ଭାଗ ଧର୍ମଶାଳାରେ ଦିଆ ଯାଏ, ଅବଶିଷ୍ଟ ଟଙ୍କା ସମାନ ଭାବରେ ବାଣ୍ଟି ଦିଆଯାଏ । ଗତ ମାସରେ ଏକଶହ ବାଉଶ ଟଙ୍କା ଆମଦାନୀ ହୋଇଥିଲା । ମୋତେ ମିଶାଇ ଏଠାରେ ସାତଜଣ ଥିଲୁ । କୋଡ଼ିଏ ଟଙ୍କା ହିସାବରେ ବାଣ୍ଟିନେଲୁ । ଏବେ ନାରଙ୍ଗୀ ଖୁବ୍ ଭଲ ହୋଇଛି । ...ଚାଳିଶ ଟଙ୍କାରୁ କମ୍ ପଡିବ ନି ।

ଡକ୍ଟର ସାହେବ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଏତିକିରେ ତମ କାମ ଚଳି ଯାଉଛି ?

ପ୍ରେମଶଙ୍କର–ହଁ, ଖୁବ୍ ଆନନ୍ଦରେ । ମୁଁ ଏମାନଙ୍କ ପରି ଲୁଗା ପିନ୍ଧୁଛି । ମୋର କୌଣସି ଦ୍ୱିତୀୟ ବ୍ୟସନ ନାହିଁ । ଔଷଧ ପାଇଁ ଏଠାରେ କୋଡ଼ିଏ ଟଙ୍କା ଖର୍ଚ୍ଚ ହୁଏ ଏବଂ ଅଳ୍ପ କିଛି ଗରିବ ଲୋକଙ୍କୁ ଦିଆ ଯାଏ । ଏ ଆୟକୁ ସଂଯୁକ୍ତ ଆୟରୁ ଅଲଗା କରି ଦିଆ ଯାଏ । କେହିହେଲେ ସେଥିରେ ଆପତ୍ତି କରନ୍ତି ନାହିଁ । ଏଇ ଯେଉଁ ସାଇକେଲ୍‌ଟି ଆପଣ ଦେଖୁଛନ୍ତି ତାହା ସଂଯୁକ୍ତ ଆୟରୁ କିଣା ହୋଇଛି । ଯାହାର ନିତ୍ୟାନ୍ତ ଦରକାର ହୁଏ ସେ ତାହା ନିଏ । ଏମାନଙ୍କର ମୋ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି । ମୁଁ କେବଳ ସେମାନଙ୍କର ମୁଖିଆ ।ଯାହାକିଛି ନିର୍ଦ୍ଦେଶ ଦିଏ ତାହା ସେମାନେ ମାନନ୍ତି । କେହି କାହାରି ଚାକର ବୋଲି ମନେ କରନ୍ତି ନାହିଁ । ସମସ୍ତେ ନିଜକୁ ଜଣେ ଅଂଶୀଦାର ବୋଲି ମନେ କରନ୍ତି ଓ ମନ ଦେଇ ପରିଶ୍ରମ କରନ୍ତି । ଯେଉଁଠି ଜଣେ ମାଲିକ ରହିଛି ଓ ଚାକର ରହିଛନ୍ତି ସେଠି ନିଶ୍ଚିତ ଭାବେ ଶତ୍ରୁତା ଗଢ଼ି ଉଠେ । ମାଲିକ ଚାହେଁ ଅଧିକ ଲାଭ ଉଠେଇବ । ଅଥଚ ଚାକର ଚାହେଁ କମ୍‌ରୁ କମ୍ କାମ କରିବ । ସେଥିରେ ସ୍ନେହ ଓ ସହାନୁଭୂତିର ନାମ ମାତ୍ର ନାହିଁ । ଯଥାର୍ଥରେ ଉଭୟେ ଉଭୟଙ୍କର ଶତ୍ରୁ ପାଲଟି ଯାଇଥାନ୍ତି । ଏହି ପ୍ରତିଦ୍ୱନ୍ଦ୍ୱିତାର କୁପରିଣାମ ଆମେ ଦେଖୁଛେ । ଧନୀ ଓ ଦରିଦ୍ର ଲୋକଙ୍କୁ ପୃଥକ୍ ପୃଥକ୍ ଦଳରେ ବିଭକ୍ତ କରାଯାଇଛି ଓ ସେମାନଙ୍କ ମଧ୍ୟରେ ଘୋର ସଂଗ୍ରାମ ଲାଗି ରହିଛି । କାଳ ଚିହ୍ନରୁ ଜ୍ଞାତ ହୁଏ ଯେ ଏହି ପ୍ରତିଦ୍ୱନ୍ଦ୍ୱିତା ଏବେ ଅଳ୍ପ ଦିନର ଅତିଥି । ସେହି ସ୍ଥାନରେ ଏବେ 'ସହକାରିତା'ର ଆଗମନ ହୋଇଛି । ଅନ୍ୟ ଦେଶମାନଙ୍କରେ ଏହି ଘାତକ ସଂଗ୍ରାମର ଦୃଶ୍ୟ ମୁଁ ଦେଖୁଛି ଓ ମୋର ସେଥିପ୍ରତି ଘୃଣା ହୋଇ ଯାଇଛି । 'ସହକାରିତା' ଆମକୁ ଏହି ସଙ୍କଟରୁ ଉଦ୍ଧାର କରିବ ।"

କେବଳ ସହଯୋଗ ଦ୍ୱାରାହିଁ ଦେଶର ଦୁରାବସ୍ଥା ଘୁଞ୍ଚି ଯାଇ ପାରିବ । ସହଯୋଗ ଏକ ଦିବ୍ୟ ଅସ୍ତ୍ର । ଏହାଦ୍ୱାରା ଅନେକ କିଛି ସାଧନ କରାଯାଇପାରେ । ଅନ୍ୟପକ୍ଷରେ, ଅସହଯୋଗ ଏକ ମାରଣାସ୍ତ୍ର । ଏହାଦ୍ୱାରା ବିପୁଳ କ୍ଷତି ଘଟେ । ଏହି ଅସ୍ତ୍ରକୁ ପ୍ରୟୋଗ କରି ବାପୁଜୀ ଆମ ଦେଶରୁ ବ୍ରିଟିଶ ସରକାରକୁ ହଟାଇ ଦେଇଛନ୍ତି । ବର୍ତ୍ତମାନ ସମସ୍ତେ ଏକଯୁଟ ହୋଇ ବିଭିନ୍ନ ପ୍ରକଳ୍ପକୁ ଫଳପ୍ରଦ କରିବା ଉଚିତ ଓ ସେଥି ପାଇଁ ଆବଶ୍ୟକ ହେଉଥିବା ଶ୍ରମକୁ ଦାନ କରିବା ସଙ୍ଗେ ସଙ୍ଗେ ଇର୍ଷା ସ୍ୱାର୍ଥପରତାକୁ ଜଳାଞ୍ଜଳି ଦେବା ଉଚିତ । ଯଦି ସମାଜର ପ୍ରତ୍ୟେକ ସଦସ୍ୟଙ୍କ ହୃଦୟରେ ଏହି ଭାବ ଜାଗ୍ରତ ନ ହୁଏ ତେବେ ସମବାୟ ସଂସ୍ଥାଗୁଡ଼ିକୁ ଚଳେଇବା କଷ୍ଟକର ହେବ ଓ ଦେଶର ପ୍ରଗତି ବାଧାପ୍ରାପ୍ତ ହେବ ।

---

ଉପବନ ବିହାର,
ପୁରୀ–୨ ।

# ତେଲ ପାଇଁ ବେଣାଘାସ ଚାଷ

● ସୁବାସ ସାହୁ

ବେଣାଘାସ ବିଷୟରେ ସମସ୍ତେ ପ୍ରାୟ ଅଳ୍ପ ବହୁତେ ଜାଣିଥିବେ । ହିଡ଼ ମୁଣ୍ଡରେ ଥିବା ବେଣା ଘାସକୁ ଅଧିକାଂଶ ଲୋକ ଚିହ୍ନିଥିବେ । କିନ୍ତୁ ବେଣା ଘାସ ଆମର କି କି ଦରକାରରେ ଆସିବ ଏକଥା ହୁଏତ ଅନେକଙ୍କୁ ଜଣା ନ ଥିବ ।

ସମୟ ବିତିଯିବା ସହିତ ଅନେକ ଅଦରକାରୀ ଗଛକୁ ଆମେ କାମରେ ଲଗାଇ ପାରୁଛୁ । ସେ ସବୁ ଗଛରୁ ବିଭିନ୍ନ ପଦାର୍ଥ ପ୍ରସ୍ତୁତ କରାଯାଇ ପାରୁଛି । ଫଳରେ ଅଦରକାରୀ ଗଛଗୁଡ଼ିକ ଆମର ଅନେକ ଉପକାର କରିପାରୁଛନ୍ତି । ବେଣା ଘାସ ସେହିପରି ଏକ ଗଛ । ଶହ ଶହ ବର୍ଷ ହେଲା ଏହାକୁ ଆମେ ଦେଖି ଆସୁଥିଲେ ମଧ୍ୟ ଏହାର ଉପକାରିତା ବିଷୟରେ ଜାଣି ନ ଥିଲୁ । ସମ୍ପ୍ରତି ଭାରତ ଛଡ଼ା ଅନ୍ୟାନ୍ୟ ଉନ୍ନତ ଦେଶମାନଙ୍କରେ ମଧ୍ୟ ବେଣା ଘାସର ଉପଯୋଗିତା ବୃଦ୍ଧି ପାଇଛି ।

ବେଣା ଘାସରୁ ପ୍ରସ୍ତୁତ ପାଛିଆ, ବିଞ୍ଚଣା, ସପ ଆଦି ଭାରତରେ ବ୍ୟବହାର କରାଯାଇଥାଏ । ଆଜିକାଲି ଖରା ପ୍ରକୋପରୁ ରକ୍ଷା ପାଇବା ପାଇଁ ବେଣା ଘାସରୁ ତିଆରି ମସିଣା ବ୍ୟବହାର କରାଗଲାଣି । ଏହାକୁ ଘରର ଝରକା ଓ କବାଟ ପାଖରେ ଓହଳାଇ, ତାହା ଉପରେ ପାଣି ଢାଳିଲେ ଘର ଭିତର ଥଣ୍ଡା ରହେ । ଏଥି ସହିତ ବେଣା ଘାସରୁ ବାହାରୁଥିବା ସୁଗନ୍ଧ ଯୋଗୁଁ ଘରର ପରିବେଶ ଆକର୍ଷଣୀୟ ହୋଇଥାଏ । ଆଜିକାଲି ବେଣା ଘାସ ଆହୁରି ଅନେକ ଦରକାରରେ ଆସିପାରୁଛି । ଧୂଆଁପତ୍ର ଶିଳ୍ପ ଓ ପ୍ରସାଧାନ ସାମଗ୍ରୀ ପ୍ରସ୍ତୁତ ପାଇଁ ଏହା ଦରକାର ହୋଇଥାଏ । ଏହାର ତେଲ କମ୍ ପରିମାଣରେ ଉଡ଼ି ଯାଉଥିବାରୁ (Volatile) ପ୍ରସାଧନ ସାମଗ୍ରୀ ପ୍ରସ୍ତୁତ ପାଇଁ ବେଶ୍ ଉପାଦେୟ ହୋଇଥାଏ । କେତେକ ପ୍ରକାରର ଔଷଧ ପ୍ରସ୍ତୁତି ବେଳେ ଏହା ମଧ୍ୟ ବ୍ୟବହାର କରାଯାଇଥାଏ ।

ବାସ୍ନା ସାବୁନ ତିଆରିବେଳେ ବେଣାଘାସରୁ ପ୍ରସ୍ତୁତ ତେଲ ବ୍ୟବହାର କରାଯାଇଥାଏ । କାଗଜ ଓ ଆସବାବ ତିଆରି ପାଇଁ ମଧ୍ୟ ଏହି ଗଛ ଦରକାର ହୋଇଥାଏ । ଏହା ଔଷଧ ଗୁଣ ହେତୁ ଏହା ଆୟୁର୍ବେଦୀୟ ଚିକିତ୍ସାରେ ବହୁ ପୁରାକାଳରୁ ବ୍ୟବହାର ହୋଇ ଆସିଛି । ଚରକ ଶାସ୍ତ୍ରରେ ମଧ୍ୟ ଏହି ଗଛ ବିଷୟରେ ଲେଖାଅଛି ।

ଆମେରିକାରେ ବେଣାଘାସକୁ ଖସ ଖସ କହିଥାନ୍ତି । ଏହି ଗଛ ପ୍ରାୟ ଦେଢ଼ ଫୁଟରୁ ପାଞ୍ଚ ଫୁଟ ଯାଏ ଉଚ୍ଚ ହୋଇଥାଏ । ଏହାର ଚେର ମାଟିର ଗଭୀର ସ୍ତରକୁ ଯାଉଥିବାରୁ ମରୁଡ଼ି ହେଲେ ସହଜରେ ମରି ନ ଥାଏ । ରାଜସ୍ଥାନ, ଉତ୍ତର ପ୍ରଦେଶ, ପଞ୍ଜାବ ଆଦି ରାଜ୍ୟରେ ଏହା ଅଧିକ ପରିମାଣରେ ଦେଖାଯାଇଥାଏ ।

ବେଣାଘାସ ଚାଷ କରିବା ସେତେ କଷ୍ଟ ସାଧ୍ୟ ନୁହେଁ । ଚେରଥିବା ଗୋଟିଏ ପିଲ ନେଇ ଲଗାଇଦେଲେ ଏଥିରୁ ନୂଆ ଗଛ ସୃଷ୍ଟି ହୋଇଥାଏ । ବ୍ୟବସାୟିକ ଭିତ୍ତିରେ ବେଣାଘାସ ଚାଷ କରିବାକୁ ଚାହୁଁଥିଲେ ପ୍ରଥମେ ତଳିଘରା କରି ଗୁରା ପକାଇବାକୁ ହେବ । ପରେ ଏହାକୁ ଉପାଡ଼ି ନେଇ ଅନ୍ୟସ୍ଥାନରେ ରୁଆଯାଇପାରିବ । ଅଧିକ ପିଲ ହେବା ପାଇଁ ଜମି ଚାଷରେ ଡାଇଆମୋନିଅମ ଫସଫେଟ ସାର ପ୍ରୟୋଗ କରାଯାଇପାରେ । ଆଜିକାଲି ଗଡ଼ାଣିଆ ଜମି ତଥା ପାହାଡ଼ିଆ ଅଞ୍ଚଳରେ ମୃତ୍ତିକା ସଂରକ୍ଷଣ ପାଇଁ ବେଣା ଘାସ ଲଗାଇବାକୁ ପରାମର୍ଶ ଦିଆଯାଇଅଛି ।

ବେଣାଘାସର ଚେର ମାଟିକୁ ଶକ୍ତଭାବେ ଜାବୁଡ଼ି ଧରିଥିବାରୁ ବର୍ଷା ପାଣିରେ ମାଟି ଧୋଇ ହୋଇଯାଏ ନାହିଁ । ପାହଚ ପ୍ରଣାଳୀରେ ଚାଷ କରାଯାଇଥିବା ସ୍ଥାନରେ ବେଣାଘାସ ଅନେକ ଉପକାର କରିଥାଏ । ହିଡ଼ ଉପରେ ବେଣାଘାସ ଲଗାଇଦେଲେ ଏହା ବନ୍ଧ ପରି କାମ କରେ ।

ଅନେକ ସମୟରେ ନଈର ବନ୍ଧ ବର୍ଷା ପାଣିରେ ଧୋଇ ହୋଇଯାଏ । ଏହାକୁ ରୋକିବା ପାଇଁ ବନ୍ଧର ଉଭୟ ପାର୍ଶ୍ୱରେ ବେଣାଘାସ ଲଗାଇ ଦେବା ଉଚିତ୍ । ବେଣାଘାସର ଚେର ମାଟି ଭିତରେ ତିନି ମିଟର ପର୍ଯ୍ୟନ୍ତ ଗଭୀରକୁ ଯାଇ ମାଟିକୁ

କାବୁକରି ଧରେ । ତେଣୁ ଏହା ମୃତ୍ତିକାକ୍ଷୟକୁ ରୋକିବାରେ ସହାୟକ ହୋଇଥାଏ ।

ବେଣା ଚେରରୁ ବାହାରୁଥିବା ଗନ୍ଧ ଯୋଗୁଁ ମୂଷାମାନେ ରହନ୍ତି ନାହିଁ। ତେଣୁ ବନ୍ଧ ବାଡ଼ରେ ମୂଷା ଯୋଗୁଁ ଯେଉଁ ଗାତ ସୃଷ୍ଟି ହୋଇଥାଏ ତାହା ମଧ୍ୟ ରୋକାଯାଇପାରିବ ।

ଜାମ୍ବିଆରେ କେତେକ ଇଞ୍ଜିନିୟର ପରୀକ୍ଷା କରି ଦେଖିଛନ୍ତି ଯେ କିଛି ବର୍ଷ ପରେ ପଥର ବନ୍ଧ ଧୋଇ ହୋଇ ନଷ୍ଟ ହେଉଛି, କିନ୍ତୁ ବେଣାଘାସ ଦ୍ୱାରା ଆବଦ୍ଧ ବନ୍ଧ ଦୀର୍ଘ ୩୦–୪୦ ବର୍ଷ ଧରି ଅକ୍ଷୁଣ୍ଣ ରହିପାରୁଛି ।

ହିମାଳୟ ପର୍ବତରେ ମଧ୍ୟ ବେଣାଘାସ ଲଗାଯାଇ ମୃତ୍ତିକାକ୍ଷୟ ରୋକାଯିବା ସମ୍ଭବ ହେଇ ପାରିଛି । ଏକ ପ୍ରକଳ୍ପ ଦ୍ୱାରା ହିମାଳୟ ପର୍ବତମାଳାରେ ବେଣାଘାସ ଲଗାଯାଇ ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇଛି। ବେଣାଘାସ ଲଗାଇବା ଦ୍ୱାରା ସୃଷ୍ଟି ହେଉଥିବା ପାହାଚ ଅଞ୍ଚଳରେ ଘାସ ଓ ଜାଳେଣି କାଠ ଗଛ ଚାଷ କରିବା ସମ୍ଭବ କି ନୁହେଁ ତାହା ଏହି ପରୀକ୍ଷା ଦ୍ୱାରା ଜଣାପଡ଼ିବ ।

ଯେ କୌଣସି ମାଟି ଓ ଜଳବାୟୁରେ ବେଣାଘାସ ଚାଷ କରାଯିବା ସମ୍ଭବ । ଗୋରୁ ଗାଈମାନେ ଏହାକୁ ଖାଉ ନ ଥିବାରୁ ଲଗାଇଲା ପରେ ବାଡ଼ ଦେବା ଦରକାର ହୁଏ ନାହିଁ । ଥରେ ଲଗାଇ ଦେଲେ ବିନା ଯତ୍ନରେ ଏହା ବର୍ଷ ବର୍ଷ ଧରି ବଞ୍ଚିପାରିବ । ଏହି ଗଛ ମରୁଡ଼ି, ବନ୍ୟା ଆଦିରେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ନ ଥିବାରୁ ସବୁ ସ୍ଥାନରେ ଚାଷ କରାଯାଇପାରିବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଗଛ ପ୍ରାୟ ରୋଗ ପୋକ ଦ୍ୱାରା ଆକ୍ରାନ୍ତ ହୁଏ ନାହିଁ । ତେଣୁ ଲଗାଇବା ପରେ ବିଶେଷ ଯତ୍ନ ନେବାକୁ ହୁଏ ନାହିଁ ।

ଅନ୍ଧ୍ରପ୍ରଦେଶରେ ପାହାଡ଼ ଉପରେ ପଥର ସଫାକରି ଏହି ଘାସ ଚାଷ କରାଯାଇଛି । ପଥୁରିଆ ମାଟିରେ ମଧ୍ୟ ଏହା ଭଲ ହେଉଥିବାର ଜଣାଯାଏ । ବେଣାଘାସର ପତ୍ରକୁ ଫଳବଗିଚାରେ ମଲଚିଂ ପାଇଁ ବ୍ୟବହାର କରାଯାଉଛି । ଏହା ଦ୍ୱାରା ବଗିଚାରେ ଜଳ ସଂରକ୍ଷଣ କରାଯିବା ସହିତ ମୃତ୍ତିକାର ତାପମାତ୍ରା ମଧ୍ୟ ନିୟନ୍ତ୍ରିତ ହୋଇପାରିବ ।

କେତେକ ସ୍ଥାନରେ ଧାନ ବିଲର ହିଡ଼ରେ ମଧ୍ୟ ବେଣାଘାସ ଚାଷ କରାଯାଉଛି । ବେଣାଘାସର ମଞ୍ଜି ହେଉ ନ ଥିବାରୁ ଏହା କିଆରିରେ ଅନାବନା ଗଛ ହୋଇ ସମସ୍ୟା ସୃଷ୍ଟି କରେ ନାହିଁ । ତେଣୁ ଯେ କୌଣସି ଫସଲ ସହିତ ମଧ୍ୟ ଏହାକୁ ହିଡ଼ରେ ଚାଷ କରାଯାଇପାରିବ ।

ଚାଷପାଇଁ ଅନୁପଯୋଗୀ ଜମିରେ ବେଣାଘାସ ବେଶ୍ ଭଲଭାବେ ଚାଷ କରାଯାଇ ପାରିବ । ତେଣୁ ଆମ ଦେଶରେ ପଡ଼ିଆ ପଡ଼ିଥିବା ହଜାର ହଜାର ହେକ୍ଟର ଜମିକୁ ଶସ୍ୟ ଶ୍ୟାମଳା କରାଯାଇପାରିବ । ଭାରତର କେନ୍ଦ୍ରାଞ୍ଚଳ ତଥା ଆଫ୍ରିକାର ସାହେଲଠାରେ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସଫଳ ଭାବେ ବେଣାଘାସ ଚାଷ ସମ୍ଭବ ହୋଇପାରିଛି ।

ଭାରତରେ ପ୍ରତିବର୍ଷ ବହୁଳ ପରିମାଣରେ ବେଣାଘାସର ତେଲ ମିଳିଥାଏ । ତେବେ ବ୍ୟବସାୟିକ ଭିତ୍ତିରେ ଚାଷ ଅପେକ୍ଷା ଅନାବନା ଭାବେ ଉଠିଥିବା ବେଣାଗଛରୁ ପରିମାଣ ଅଧିକ ଅଟେ । ଅନାବନା ଗଛକୁ ଉପାଡ଼ି ଏଥିରୁ ତେଲ ବାହାର କରାଯାଉଥିବାରୁ ଆମ ଦେଶରେ ବେଣାଘାସ ପରିମାଣ କ୍ରମଶଃ କମି କମି ଯାଉଛି । ତେଣୁ ବେଣା ଚେରରୁ ବାହାରୁଥିବା ତେଲର ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି । ତେଣୁ ବେଣା ତେଲର ଚାହିଦା ମେଣ୍ଟାଇବା ପାଇଁ ବହୁଳଭାବେ ବେଣାଘାସ ଚାଷ କରାଯିବା ଉଚିତ୍ ।

ଆମ ଦେଶରେ ଦୁଇପ୍ରକାରର ବେଣାଘାସ ମିଳୁଅଛି । ସେଗୁଡ଼ିକ ଉତ୍ତର ଭାରତର ବେଣାଘାସ ଓ ଦକ୍ଷିଣ ଭାରତର ବେଣାଘାସ ନାମରେ ନାମିତ । ଦକ୍ଷିଣ ଭାରତୀୟ ବେଣା ଅପେକ୍ଷା ଉତ୍ତର ଭାରତୀୟ ବେଣାରୁ ବାହାରୁଥିବା ତେଲର ଗୁଣାତ୍ମକ ମାନ ଯଥେଷ୍ଟ ଅଧିକ । ଏହା ବିଶ୍ୱ ବଜାରରେ ଅଧିକ ମୂଲ୍ୟରେ ବିକ୍ରି ହୋଇଥାଏ । କିନ୍ତୁ ଉତ୍ତର ଭାରତୀୟ ବେଣାରେ ମାତ୍ର ଶତକଡ଼ା ୦·୨ ରୁ ୦·୪ ଭାଗ ପର୍ଯ୍ୟନ୍ତ ତେଲ ଅଂଶ ଥିବାବେଳେ ଦକ୍ଷିଣ ଭାରତୀୟ ବେଣାରେ ଶତକଡ଼ା ୦·୭ ରୁ ୧·୦ ଭାଗ ପର୍ଯ୍ୟନ୍ତ ତେଲ ରହିଥାଏ ।

ବେଣାଘାସର ଅଧିକ ଅମଳକ୍ଷମ କିସମ ଆବିଷ୍କାର କରିବା ପାଇଁ ଭାରତରେ ଚେଷ୍ଟା ଚାଲିଲାଣି । କିନ୍ତୁ ଏଥିରୁ ବାହାରୁଥିବା ତେଲର ମାନ ଉତ୍ତମ ହେଉ ନ ଥିବାରୁ ଏହା ଆଦୃତ ହୋଇପାରୁନାହିଁ ।

ଲକ୍ଷ୍ନୌଠାରେ ଥିବା କେନ୍ଦ୍ରୀୟ ଭେଷଜ ଓ ସୁଗନ୍ଧ ଉଦ୍ଭିଦ ପ୍ରତିଷ୍ଠାନ ତରଫରୁ ବେଣାର ଅଧିକ ଅମଳକ୍ଷମ କିସମ ବାହାର କରିବା ପାଇଁ ଚେଷ୍ଟା ଚାଲିଛି । ଏହି ପ୍ରତିଷ୍ଠାନ ତରଫରୁ କେ: ଏସ–୧ ଓ କେ: ଏସ-୨ ନାମକ ଦୁଇଟି କିସମ ବାହାର କରାଯାଇଛି । ଏଗୁଡ଼ିକରୁ ଯଥାକ୍ରମେ ଶତକଡ଼ା ୧·୪୨ ଭାଗ ଓ ୦·୩୬ ଭାଗ ତେଲ ପାଇବା ସମ୍ଭବ ହେବ ବୋଲି ଜଣାଯାଇଛି ।

ପରୀକ୍ଷା କରି ଦେଖାଯାଇଛି ଯେ କେ: ଏସ–୧ କିସମରୁ ହେକ୍ଟର ପିଛା ୧୩ କିଲୋ ଓ କେ: ଏସ–୨ କିସମରୁ ହେକ୍ଟର ପିଛା ୧୩·୪ କିଲୋ ତେଲ ସଂଗ୍ରହ କରିବା ସମ୍ଭବ ହେବ । ଏହି ତେଲର ଗୁଣ ଅନ୍ୟାନ୍ୟ ତେଲ ତୁଳନାରେ ବେଶ୍ ଉତ୍ତମ ।

ବେଣାଘାସର ଅନ୍ୟ ଏକ କିସମ ହେଲା ପୁଷା ଶଙ୍କର–୭ । ଏହି କିସମ ଚାଷ କଲେ ଶତକଡ଼ା ୧·୫୨ ଭାଗ ତେଲ ମିଳିଥାଏ । ଏହି ହିସାବରେ ଏକ ହେକ୍ଟର ବିଲରୁ ପ୍ରାୟ ୧୪·୯ କିଲୋଗ୍ରାମ ତେଲ ମିଳିବା ସମ୍ଭବ ହୁଏ ।

ସେ ଯାହା ହେଉନା କାହିଁକି ବେଣାଘାସର ନୂତନ କିସମ ଆବିଷ୍କାର କରିବା ପାଇଁ ବୈଜ୍ଞାନିକମାନେ ଅହରହ ଉଦ୍ୟମ ଚଳାଇଛନ୍ତି । ଆଗାମୀ ଦିନରେ ଅଧିକ ତେଲ ମିଳୁଥିବା କିସମ ଯେ ଆବିଷ୍କାର କରାଯିବା ସମ୍ଭବ ହେବ ଏଥିରେ ସନ୍ଦେହ ନାହିଁ । ଏଥି ସହିତ ବେଣାଘାସ ଚାଷ ପାଇଁ ଉନ୍ନତ କୃଷି ପଦ୍ଧତି ମଧ୍ୟ ଆବିଷ୍କାର କରିବା ସମ୍ଭବ ହେବ ।

ତେଣୁ ଆମ ଚାଷୀଭାଇମାନେ ବେଣାଘାସ ଚାଷ କରିବା ପାଇଁ ମନ ବଳାଇବା ଉଚିତ୍ । ପାହାଡ ତଥା ଢାଲୁ ଅଞ୍ଚଳରେ ଚାଷ ପାଇଁ ଅନୁପଯୋଗୀ ମାଟିରେ ବେଣାଘାସ ଚାଷ କରିବା ଉଚିତ୍ । ଏହା ହେଲେ ବର୍ଷ ବର୍ଷ ଧରି ପଡ଼ିଥିବା ପଡ଼ିଆ ଜ... ଚାଷ ହୋଇପାରିବ ଏବଂ ତା ସହିତ ବେଣାଚେର ... ଚାଷୀମାନେ ବେଶ୍ ଦୁଇପଇସା ଉପାର୍ଜନ କରିବାକୁ ... ହୋଇପାରିବେ ।

ଦୂରଶିକ୍ଷା କାର୍ଯ୍ୟକ୍ରମ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର ।




ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ମନ୍ତ୍ରୀ ଶ୍ରୀ ମୁଖ୍ତାଫିକ୍ ଅହମ୍ମଦ ସ୍ୱର୍ଗତ ବାଳକୃଷ୍ଣ କରଙ୍କ ମୃତ୍ୟୁ ବାର୍ଷିକୀ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି । ମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ପ୍ରଫୁଲ୍ଲ ସାମଲ ଓ ସୂର୍ଯ୍ୟନାରାୟଣ ପାତ୍ର ମଞ୍ଚାସୀନ ।

# ଉତ୍କଳର ଗର୍ବ ଓ ଗୌରବ ଗଙ୍ଗାଧର ମେହେର

● ଶ୍ରୀ ସିଦ୍ଧାର୍ଥ କାନୁନ୍‌ଗୋ

ଯେଉଁ କତିପୟ ସ୍ୱନାମଧନ୍ୟ ବାଣୀ–ସାଧକ ବୃନ୍ଦ ସ୍ୱକୀୟ ପ୍ରତିଭା ଦ୍ୱାରା କାବ୍ୟକାନନରୁ ରଙ୍ଗ ବେରଙ୍ଗର ପୁଷ୍ପ ଚୟନ କରି ଉତ୍କଳ ବାଣୀ–ମନ୍ଦିରରେ ପୂଜା ଅର୍ଘ୍ୟ ଦେବାରେ ବ୍ରତୀ ହୋଇଥିଲେ–ଯେଉଁମାନଙ୍କ ଅବଦାନ ଯୋଗୁଁ ଉତ୍କଳ ବାଣୀ–ମନ୍ଦିର, ବନ୍ଦିତା, ଗର୍ବିତା, ତଥା ପୂଜିତା–ସେହିମାନଙ୍କ ମଧ୍ୟରେ ସ୍ୱଭାବ କବି ସ୍ୱର୍ଗତଃ ଗଙ୍ଗାଧର ମେହେର ଅନ୍ୟତମ ।

ବିନ୍ଧା ବ୍ରାହ୍ମଣର ପଇତା ଯେପରି ନିଷ୍ପ୍ରୟୋଜନ ସେହିପରି ମେଗାଜୀବ ଗଙ୍ଗାଧରଙ୍କ ସାହିତ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ମଧ୍ୟ ନିଷ୍ପ୍ରୟୋଜନ ।

ପଙ୍କରୁ ପଦ୍ମ ଓ ଶାମୁକା ଗର୍ଭରୁ ରହର ସୃଷ୍ଟିପରି କବି ଗଙ୍ଗାଧର ବରପାଲିର ଏକ ଦରିଦ୍ର ତନ୍ତୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତନ୍ତୁବାୟ ପରିବାରର ସୀମିତ ପରିବେଷ୍ଟନୀ ମଧ୍ୟରେ ରହି ଏହି ଦୀନକବି ଏକ ହସ୍ତରେ ତନ୍ତ ଚର୍ଚ୍ଚା କରି ଅନ୍ୟ ହସ୍ତରେ ଗ୍ରନ୍ଥ ରଚନା କରିବାକୁ ଆଗେଇ ଆସିଥିଲେ ।

ଯେଉଁ ପ୍ରକୃତିକୁ ନେଇ ରାଧାନାଥ ନାନା ସୁନେଲି ସ୍ୱପ୍ନର କଳ୍ପନା କରିଥିଲେ–ଯେଉଁ ପ୍ରକୃତିରେ ମଧୁସୂଦନ ପାଇଥିଲେ ସତ୍ୟ–ଶିବ–ସୁନ୍ଦର ପରମେଶ୍ୱରଙ୍କ ସନ୍ଧାନ–ଯେଉଁ ପ୍ରକୃତି ମଧ୍ୟରେ ଫକୀର ମୋହନ ନାନା ସଂସ୍କାର ଦେଇଗଲେ ଏବଂ ରାଧା–ମଧୁ–ଫକୀରଙ୍କ ପରେ ଯଦି କେହିଜଣେ ଆଗନ୍ତୁକ ସେହି କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥାନ୍ତି, ତେବେ ସେ ହେଉଛନ୍ତି ସ୍ୱଭାବ କବି ଗଙ୍ଗାଧର, ମେହେର । ସେଥିପାଇଁ ଫକୀର ମୋହନଙ୍କ ଭାଷାରେ–

"ବରପାଲି ଦେଶେ ଅଛି ଗଙ୍ଗାଧର ମେହେର,
ତାହାଙ୍କ କବିତା ପଢ଼ିଲିଣି ଢ଼େର ଢ଼େର,
କବିତା ଗୁଡ଼ିକ ପଢ଼ି ମନ ମାନିଯାଏ,
ଆଉ ସେ ଲେଖିବ ବୋଲି ବାଟ ଚାହିଁଥାଏ" ।

ଇଂରାଜୀ କବି ଶେଲିଙ୍କ ଭାଷାରେ, "Every great poet must innovate upon the example of his predecessors." ସୁତରାଂ, ପ୍ରତିକବି ତାଙ୍କ ପୂର୍ବବର୍ତ୍ତୀ କବିମାନଙ୍କ ଲେଖା ଉପରେ ସଂସ୍କାର ଆଣିଥାନ୍ତି । ଏ ଦୃଷ୍ଟିରୁ ବିଚାର କଲେ ରାଧାନାଥ ଯୁଗସ୍ରଷ୍ଟା ସତ ମାତ୍ର ପ୍ରତିଭାର ମୌଳିକତା ଦୃଷ୍ଟିରୁ ଗଙ୍ଗାଧର ହିଁ ଉଚ୍ଚତମ ଆସନର ଯୋଗ୍ୟ । ନିଜେ ଯୁଗସ୍ରଷ୍ଟା ରାଧାନାଥ କବିଙ୍କ ନିକଟକୁ ଏକ ପତ୍ରରେ ଲେଖିଥିଲେ "ସ୍ୱାର୍ଥପର ସଂସାର–ଚକ୍ଷୁରେ ଆପଣ ଯତ୍‌ସାମାନ୍ୟ ହେଲେ ହେଁ ମୋ ଚକ୍ଷୁରେ ଆପଣଙ୍କ ମୂଲ୍ୟ କୋହିନୁର ଅପେକ୍ଷା ଅଧିକ" ।

ବର୍ତ୍ତମାନ କବିଙ୍କର କାବ୍ୟ ଉପରେ ପର୍ଯ୍ୟାୟକ୍ରମେ ଆଲୋକପାତ କରାଯାଉ । ରାଧାନାଥ ଓ ଗଙ୍ଗାଧର ଭିନ୍ନ ଭିନ୍ନ ଦୃଷ୍ଟିକୋଣ ନେଇ ପ୍ରକୃତିକୁ ଅନୁଧ୍ୟାନ କରିଛନ୍ତି । ରାଧାନାଥ "ଶୁଭ୍ର–ସ୍ୱଚ୍ଛ–ପସ୍ତ– ପ୍ରପାତ ପ୍ରଭାତ", "ନାସୀ – ନଳବନ – ଶୈଳ ଦ୍ୱୀପମାଳେ" ତଥା ଚିଲିକା ଓ ଅନ୍ୟାନ୍ୟ ପ୍ରକୃତିର ରୂପଶ୍ରୀ ଏବଂ "ଅସ୍ମିତା ବିସ୍ମୟରେ" ନିମଗ୍ନ ହେବାବେଳେ, ଇଂରାଜୀ କବି William Wordsworth Daffodils ମଧ୍ୟରେ ଜୀବନୀ ଶକ୍ତିର ସନ୍ଧାନ କଲାପରି ଗଙ୍ଗାଧର ପ୍ରକୃତି ମଧ୍ୟରେ ମାନବ ସମାଜର ସୁଖ, ଦୁଃଖ, ଆଶା ଓ ଆକାଂକ୍ଷା ଇତ୍ୟାଦିର ସନ୍ଧାନ ପାଇଛନ୍ତି । ହିନ୍ଦୀ ସାହିତ୍ୟ – କୋଷର ପ୍ରଣେତା କବିଙ୍କ ସମ୍ପର୍କରେ ମତବ୍ୟକ୍ତ କରିବାକୁ ଯାଇ ଯଥାର୍ଥରେ କହିଛନ୍ତି –"ସେ ଓଡ଼ିଶାକେ ୱାର୍ଡସ୍‌ୱାର୍ଥ କହେ ଜା ସକ୍‌ତେ ହେଁ ।"

ଗଙ୍ଗାଧରଙ୍କ ପ୍ରକୃତି ଗଣ ପ୍ରକୃତି । ଏହା ସର୍ବଦା ମାନବ ସମାଜର ସୁଖ–ଦୁଃଖରେ ସମ ଅନୁଭୂତି ସମ୍ପନ୍ନା ; ଉଦାହରଣ ସ୍ୱରୂପ ସୀତା, ଶକୁନ୍ତଳା ଇତ୍ୟାଦିଙ୍କୁ କୋଳାଲିଙ୍ଗନ କରି ଯେଉଁ ପ୍ରକୃତି ଆନନ୍ଦିତା, ସେହି ପ୍ରକୃତି ଦୁଃଖ ଓ ବିଦାୟରେ ସହାନୁଭୂତି ଜ୍ଞାପନ କରିବାକୁ ପଶ୍ଚାତ୍‌ପଦ ହୋଇନାହିଁ ।

ସୀତାଙ୍କ ବିରହ ଜନିତ ଦୁଃଖରେ ସମଗ୍ର ବନାନୀ କାନ୍ଦି ଉଠିଛି । କବିଙ୍କ ଭାଷାରେ –

"ତା ଶୁଣି ବିହଙ୍ଗ ମୁଖେ କାନ୍ଦିଲା ସେ ବନ,
ବହିଲା ନିଃଶ୍ୱାସ ରୂପେ ପ୍ରଖର ପବନ,
ଶୁଭିଲା ପ୍ରଶ୍ୱାସ ରୂପେ ସରସର ସ୍ୱର,
କାରୁଣ୍ୟ ଲହରୀ ପ୍ରାୟେ ଚଳିଲେ ପତର ।
ଏ ଦିଗେ ସେ ଦିଗେ ଶୁଣି ଚକିତ ଲୋଚନେ,
ମୃଗମାନେ ରହିଗଲେ ବିଚଳିତ ମନେ ।

xx xx xx

ବ୍ୟାହତ ହୃଦୟ ଶୀର୍ଣ୍ଣ ଶରୀର ବାଦଲ,
ଦଉଡ଼ି ଆସିଲା କୋପେ ଘେନି ଦଳବଳ ।

xx xx xx

ସତୀ–ମୁଖେ ସୁଶୀତଳ ବିନ୍ଦୁ ବିନ୍ଦୁ ପାଣି,
ସିଞ୍ଚି ସିଞ୍ଚି ଜୀବନର ସଂଜ୍ଞା ଦେଲା ଆଣି" ।

ଠିକ୍ ସେହିପରି 'ପ୍ରଣୟ ବଲ୍ଲରୀ'ରେ ଶକୁନ୍ତଳାଙ୍କ ପିତୃଗୃହ ଯାତ୍ରା ଅତ୍ୟନ୍ତ ମର୍ମସ୍ପର୍ଶୀ ତଥା ହୃଦୟଗ୍ରାହୀ ହୋଇଛି । ଉଦାହରଣ ସ୍ୱରୂପ –

କେତେକ ଶିଶିର ଛଳେ କେତେ ଅବା
କୁସୁମ ବର୍ଷଣ ଛଳେ,
ଶକୁନ୍ତଳା ଭରଣ୍ଣଶଣମାଧବେ
ଲୋତକ ମୋଚନ କଲେ ।
ଯେତେ ସବୁ ତରୁ ଲତା କୁ ସୁଶୀଳା
ଛାଡ଼ି ଦେଉଥାଏ କ୍ରମେ,
ବିରହ ବେଦନା ଅନୁଭବ ଯେହ୍ନେ
କରୁଥାନ୍ତି ମର୍ମେ ମର୍ମେ" ।

କବିଙ୍କ ବର୍ଣ୍ଣନା ଏତେ ପ୍ରାଣ ସ୍ପର୍ଶୀ ହୋଇଛି ଯେ, ତାହା ପାଠକ ହୃଦୟକୁ ଆର୍ଦ୍ର କରି ଦେଇଛି । ପ୍ରକୃତିକୁ ଜୀବନ୍ୟାସ ଦେବାରେ ଗଙ୍ଗାଧର ଅଦ୍ୱିତୀୟ । ଡକ୍ଟର ମାୟାଧର ମାନସିଂହଙ୍କ ଭାଷାରେ "ପ୍ରଣୟବଲ୍ଲରୀ ସମ୍ବନ୍ଧରେ ଏତିକି କହିଲେ ଯଥେଷ୍ଟ ହେବ ଯେ, କାଳିଦାସଙ୍କ ଯାଦୁକାଠିକୁ ମଧ୍ୟ ସେ ଆହୁରି ମନୋହର କରିଛନ୍ତି ସେ କବି ଆମର ବାର ବାର ନମସ୍ୟ" ।

କବିଙ୍କ ଦୁଃଖକାଳୀନ ବର୍ଣ୍ଣନା ଭଳି ଆଶା, ଆନନ୍ଦ ଓ ସୁଖକାଳୀନ ବର୍ଣ୍ଣନା ମଧ୍ୟ ଅତୀବ ଜୀବନ୍ତ । ପ୍ରଭାତ ସତୀ ସୀତାଙ୍କର ମନୋରଞ୍ଜନ ପାଇଁ ବିଭିନ୍ନ ଆୟୋଜନ କରିଛି । ଉଦାହରଣ ସ୍ୱରୂପ–

"ସମୀର ସଙ୍ଗୀତ ଗାଏ, ଭ୍ରମର ବୀଣା ବଜାଏ,
ସୁରଭି ନର୍ତ୍ତନେ ଥାଏ ଉଷା ନିର୍ଦ୍ଦେଶେ,
କୁମ୍ଭାଟୁଆ ହୋଇ ଭାଟ ଆରମ୍ଭିଲା ସ୍ତବ ପାଠ,
କଳିଙ୍ଗ ଅଇଲା ପାଟ ମାଗଧ ବେଶେ,
ଲଳିତ ମଧୁରେ କହିଲା,
ଉଠ ସତୀ ରାଜରାଣୀ ରାତି ପାହିଲା" ।

ଠିକ୍ ସେହିପରି 'କୀଚକ ବଧରେ ମଧ୍ୟ କବିଙ୍କ ପ୍ରକୃତି ବର୍ଣ୍ଣନା ଅତ୍ୟନ୍ତ ଜୀବନ୍ତ ତଥା କମନୀୟ ହୋଇ ଉଠିଛି । ଗଙ୍ଗାଧରଙ୍କ 'କୀଚକ ବଧ' ପାଠ କରି କବିବର ରାଧାନାଥ ମତ ବ୍ୟକ୍ତ କରିଥିଲେ – "ଗଙ୍ଗାଧର ଉଚ୍ଚଶ୍ରେଣୀର କବି ? କି ବହିଃ ପ୍ରକୃତି କି ଅନ୍ତଃ ପ୍ରକୃତି ଉଭୟର ଯଥା ଯଥ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ । ଗ୍ରନ୍ଥାଧ୍ୟୟନ କରି ଲୋକ ପଣ୍ଡିତ ହୋଇପାରନ୍ତି, ମାତ୍ର କବି ହେବାକୁ ହେଲେ କେବଳ ଗ୍ରନ୍ଥାଧ୍ୟୟନ ପର୍ଯ୍ୟାପ୍ତ ନୁହେଁ । ପ୍ରକୃତି ଗ୍ରନ୍ଥାଧ୍ୟୟନ ମଧ୍ୟ ଅପରିହାର୍ଯ୍ୟ ରୂପେ ଆବଶ୍ୟକ । ଗଙ୍ଗାଧର ଯେତେବେଳେ ଯାହା ଦେଖନ୍ତି ପ୍ରକୃତିକୁ ସ୍ୱଚ୍ଛରେ ଦେଖି ଲେଖନ୍ତି ।"

'କୀଚକ ବଧ'ରେ ବର୍ଣ୍ଣିତ ବସନ୍ତ ଆଗମନର ବର୍ଣ୍ଣନା କବିଙ୍କ ଦ୍ୱାରା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇ ପାରିଛି । କବିଙ୍କ ଭାଷାରେ–

"ଭାନୁ ଯମାଳୟ ଗମନ ଦେଖି ପଦ୍ମିନୀ ସତୀ,
ବିଷ୍ଣୁ ପଦ–ଚ୍ୟୁତ ଜଳରେ ଝାସିଥିଲା ଝଟତି ।
ତପ ଫଳେ ଏବେ ସୁନ୍ଦରୀ ନବ ଜନମେ ଲଭି,
ଧ୍ରୁବ ସମ୍ମୁଖୀନ ପତିଙ୍କ ହେଲା ପ୍ରିୟ ବଲ୍ଲଭୀ" ।

ଅପର ପକ୍ଷରେ ପୂର୍ବବର୍ତ୍ତୀ କବିମାନଙ୍କ ସମସ୍ତ ପାରମ୍ପରିକ ବର୍ଣ୍ଣନାକୁ ପରିତ୍ୟାଗ କରି ସ୍ୱକୀୟ ଶୈଳୀରେ କବି "ମଳୟ ଆବାହାନ" କବିତାରେ ଯେପରି ଭାବେ ବସନ୍ତ ବର୍ଣ୍ଣନା କରିଛନ୍ତି ତାହା ମଧ୍ୟ ଲକ୍ଷ୍ୟ କରିବାର କଥା । କବିଙ୍କ ଭାଷାରେ–

"ଧୀରେ ଧୀରେ ଆସ ମଳୟ ପବନ
ଧୀରେ ଧୀରେ ଆସ ବହି,
ପୁଲକିତ କର ଉତ୍କଳ ବାସୀଙ୍କି
ଶୁଭ ସମାଚାର କହି ।
ସ୍ୱାଗତ କରୁଛୁ ଉପହାର ଘେନି
ଆସ ଉତ୍କଳ ଭୂଇଁ,
ଉଦାର ହୃଦୟେ ଗ୍ରହଣ କରତା
ମୃଦୁ ହିଲ୍ଲୋଳରେ ଦୁଇ ।

xx xx xx

ଋଷିକୁଲ୍ୟା ଜଳେ ପୟର ପଖାଳି
ମହେନ୍ଦ୍ର ଆସନେ ବସି
ଚିତ୍ରୋତ୍ପଳା ଜଳେ ସ୍ନାନ କରି ପାନ–
କର ସ୍ୱର୍ଣ୍ଣରେଖା ରସ ।

ମହୋଦଧି ଜଳେ ତର୍ପଣ କରିବ
ବିହରିବ ବନେ ବନେ,
ନୃସିଂହନାଥର ପ୍ରପାତ ଲଙ୍ଘନ
ଶୁଦ୍ଧି ମୁକ୍ତ ହେବ କ୍ଷଣେ"।

ଏହିପରି କବି ଗଙ୍ଗାଧର ପ୍ରକୃତିକୁ ଜୀବନ୍ତ ଓ ଅପରୂପ ସୋପାନ ଦେଇ ସ୍ଥଳ ବିଶେଷରେ ବହୁ ବର୍ଣ୍ଣନା କରିଛନ୍ତି । ଏହାହିଁ ହେଉଛି ସ୍ୱଭାବକବି ଓ କାବ୍ୟକାରିଗର ଗଙ୍ଗାଧରଙ୍କ ସ୍ୱକୀୟ – ଶୈଳୀ ଓ ବୈଶିଷ୍ଟ୍ୟ ।

କବି ଗଙ୍ଗାଧର ଏକ ଧର୍ମପ୍ରାଣ ବ୍ୟକ୍ତି ଥିଲେ । କବିଙ୍କ ଧର୍ମାନୁଭାବ ବିଭିନ୍ନ କାବ୍ୟ କବିତାରେ ମଧ୍ୟ ଫୁଟି ଉଠିଛି । ସେ ପ୍ରତ୍ୟେକ ସ୍ଥଳରେ ଭଗବାନଙ୍କ ଅସ୍ତିତ୍ୱକୁ ଉପଲବ୍ଧି କରି ପାରିଛନ୍ତି । ତେଣୁ ଭକ୍ତି ଗଦ୍‌ଗଦ୍ ଚିତ୍ତରେ ସମସ୍ତ ଗର୍ବ ଏବଂ ଅହଂକାରକୁ ପରିତ୍ୟାଗ କରି କବି ଗାଇ ଉଠିଛନ୍ତି–

"ମୁଁ କାର ମୋତେ ମୋର ନୁହେଁ ବୋଲି
କହିବାକୁ ନାହିଁ ବାଟ,
ତୁମ୍ଭ ଶ୍ରୀଚରଣେ ଅର୍ପଣ କରୁଛି
ଯେଣ ତା ବିଶ୍ୱ ସମ୍ରାଟ ।"

କିମ୍ବା

"ଅନ୍ତର୍ଯ୍ୟାମୀ ହରି ବହୁରୂପଧରି
ରହିଛି ବ୍ୟାପୀ ସଂସାରେ,
ଜୀବେ ଅହରହ ନେତ୍ର ପାଶେ ରହ
ତଥାପି କେ ଦେଖିପାରେ ?
ଯୋଗର ଅୟନେ ଜ୍ଞାନର ନୟନେ
ଜ୍ଞାନୀ ଦେଖେ ଧ୍ୟାନ ବଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ
ଭ୍ରମରେ ରହୁ ନିଶ୍ଚଳେ" ।

ତୃତୀୟତଃ କବି ଥିଲେ ଜଣେ ସଂସ୍କାର ପ୍ରେମୀ । ସୁଜଳା, ସୁଫଳା, ଅରଣ୍ୟ କୁନ୍ତଳା, ଶସ୍ୟ ଶ୍ୟାମଳା ଉତ୍କଳ ତଥା ଭାରତ ଭୂମିର ଦୁର୍ଦ୍ଦଶାକୁ ଅବଲୋକନ କରି ତାଙ୍କ କବି ପ୍ରାଣ କାନ୍ଦି ଉଠିଛି । ତେଣୁ ସେ ଇଂରେଜ ସରକାରଙ୍କୁ ସମାଲୋଚନା କରି କହିଛନ୍ତି

ନୃପର ଆଗରେ ନୃପର ପରାଏ
ମୁସଲମାନ ଥିଲେ ଆସି,
କୋପନ ସ୍ୱଭାବ ହେଲେ ହେଁ ଆପର
ସମସ୍ତ ଥିଲେ ନାହିଁ ଗ୍ରାସି ।"

ପୁନଶ୍ଚ, ତତ୍କାଳୀନ ଅଶିକ୍ଷିତ ଜମିଦାର ବୃନ୍ଦ କିପରି ସରଳ ତଥା ନିରୀହ ପ୍ରଜାଙ୍କର ସର୍ବନାଶ କରିବାକୁ ପଶ୍ଚାତ୍‌ପଦ ହୋଇନାହାଁନ୍ତି, ତାହା ମଧ୍ୟ ଦର୍ଶାଇବାକୁ କବି ଭୁଲି ନାହାଁନ୍ତି । କବିଙ୍କ ଭାଷାରେ–

"ଅଳ୍ପ ଅଳ୍ପ ଶିକ୍ଷା ଲଭି କେତେ କ୍ରୂର ଜନ,
ମିଥ୍ୟା ଜାଲେ କରୁଛନ୍ତି ଅର୍ଥ ଅର୍ଜନ,
ମିଥ୍ୟା ଅସ୍ତ୍ର ତୀକ୍ଷ୍ଣ କରି ଅଦାଲତ ଶାଣେ,
ମାରୁଛନ୍ତି ଅଶିକ୍ଷିତ ପ୍ରଜାଙ୍କର ପ୍ରାଣେ ।
ଶାଣକାର ପରି ତହିଁ ଓକିଲ ମଣ୍ଡଳ,
ଟଙ୍କା ପୁଣି ଭରୁଛନ୍ତି ବସି ଦଳ ଦଳ" ।

ଆଜି ଦେଶରେ ଯେଉଁ ପଞ୍ଚାୟତ ଶାସନ ପ୍ରଚଳିତ ତାହା ଦୀନକବି ଗଙ୍ଗାଧରଙ୍କ ହୃଦୟରେ ବହୁଦିନରୁ ଉଙ୍କି ମାରିଥିଲା–

ପଞ୍ଚହସ୍ତେ ନ୍ୟସ୍ତ ହେଲେ ରାଜ୍ୟ ଅଧିକାର,
ଅବଶ୍ୟ ଦେଶର ହେବ ବହୁ ଉପକାର,
ବହୁ ଅର୍ଥ ପ୍ରଜାଙ୍କର ଗୃହେ ଯିବ ରହି,
ନ ପାରିବ ଦାଲିଆଙ୍କ କୋପାନଳେ ଦହି ।"

କେବଳ ଏତିକିରେ କବିଙ୍କର ସଂସ୍କାର ପ୍ରେମୀ ଲେଖନୀ ସନ୍ତୁଷ୍ଟ ହୋଇନାହିଁ । 'ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର' କବିତାରେ କବି ଲେଖିଛନ୍ତି–

ଜୀବନ ଯା' ଲକ୍ଷ ଲକ୍ଷ ଲୋକଙ୍କର ଭାର
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।

xx xx xx

ଭ୍ରମଣ ଖରଚ ପାଇ ପାଇଥାଏ ଭତ୍ତା,
ଖାଇଥାଏ ମୋଡ଼ି ଏଣେ ଦରିଦ୍ରଙ୍କ ମଥା ।
କରୁଥାଏ କ୍ଷମତାର ଅପବ୍ୟବହାର,
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମାବତାର ।"

କବି ନିଜ ଜନ୍ମଭୂମି ତଥା କର୍ମଭୂମି ଉତ୍କଳକୁ ଯେ କିପରି ଭଲ ପାଉଥିଲେ ତାହା 'ଉତ୍କଳ ଲକ୍ଷ୍ମୀ' କବିତାରେ ପରି ସ୍ଫୁଟ । ଓଡ଼ିଆଜାତିର ଦୁର୍ବଳତାକୁ ଲକ୍ଷ୍ୟ କରି କବି କହିଛନ୍ତି–

"ଉଚ୍ଚପଦ ପାଇଁ ଡାକିଲେ ରାଜନ
କେତେଜଣ ଅଛ ଦେଖିବି ଭାଜନ ।

ପ୍ରତିବେଶୀଙ୍କର ସହିତ ତୁଳନା,
କରିକର ନିଜ ମଧ୍ୟରେ କଳନା ।

ତହିଁରୁ ବୁଝିବ ନିଜେ କେତେ ଦୀନ,
କରିଅଛ ପୁଣି ମାତୃଭାଷା ହୀନ ।

ମାତୃଭାଷା ପୋଥି ଛୁଇଁବାକୁ ଡରେ,
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ।"

ଉତ୍କଳୀୟଙ୍କ ଆଳସ୍ୟ ପରାୟଣତା ତଥା ବିଦ୍ୟାହୀନତାକୁ ଲକ୍ଷ୍ୟ କରି କବି କହିଛନ୍ତି–

"କର୍ମ ବାସ୍ତରଥ ଧାଇଁ ଶଙ୍ଖସ୍ୱନେ,
ଆସି ଏବେ ଲାଗି ଗଲାଣି ସ୍ୱେଦନେ ।

ଚଢ଼ିବା ସମୟ ହେଲାଣି ନିକଟ,
ଶୋଇ ପଡ଼ିଅଛ ନ କିଣି ଟିକଟ।"

ମାତୃଭୂମି ତଥା ମାତୃଭାଷାର ଉନ୍ନତି ପାଇଁ କବିଙ୍କ ଦରଦୀ ପ୍ରାଣ କାନ୍ଦି ଉଠିଛି। ତତ୍କାଳୀନ ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ନବ୍ୟ ଶିକ୍ଷିତ ଓଡ଼ିଆ ଯୁବକ ବୃନ୍ଦ ସାଧାରଣତଃ ଉତ୍କଳର ଉନ୍ନତ ପ୍ରତି ବିମୁଖ ଥିଲେ। ତେଣୁ ସେହିମାନଙ୍କୁ ଲକ୍ଷ୍ୟ କରି କବି କହିଛନ୍ତି–

"ମାତୃଭୂମି ମାତୃଭାଷାରେ ମମତା,
ଯାହୃଦେ ଜନମି ନାହିଁ।
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା,
ଅଜ୍ଞାନୀ ରହିବେ କାହିଁ।"

ପୁନଶ୍ଚ

"ଉଚ୍ଚ ହେବା ପାଇଁ ଯଦି କର ଆଶା,
ଉଚ୍ଚକର ଆଗ ନିଜ ମାତୃଭାଷା।"

କବି ଗଙ୍ଗାଧର ଦାରିଦ୍ର୍ୟ ତଥା ଅଭାବ – ଅନାଟନର ମଧ୍ୟ କଷାଘାତ ମଧ୍ୟରେ ସ୍ୱୀୟ ସାଧନା ଏବଂ ଅଧ୍ୟବସାୟ ଦ୍ୱାରା ଉତ୍କଳଭାରତୀଙ୍କ ଯୋଗ୍ୟ ସନ୍ତାନ ରୂପେ ବିବେଚିତ। ଓଡ଼ିଆ ସାହିତ୍ୟକୁ ମେହେର କବିଙ୍କ ଦାନ ଅତୁଳନୀୟ। ସେହି ସାହିତ୍ୟର ମୂଲ୍ୟାଙ୍କନ କରି ପଲ୍ଲୀକବି ନନ୍ଦକିଶୋର ବଳ ଯଥାର୍ଥରେ କହିଛନ୍ତି–

ଜନ୍ମିଥାନ୍ତ ଯଦି ସଭ୍ୟ ଉନ୍ନତ ଦେଶରେ,
ବନ୍ଦୁଥାନ୍ତା ନାମ ତବ ଦିଗ ଦିଗନ୍ତରେ,
କିନ୍ତୁ ତୁମେ ଦୀନକବି ରହିବ ଜୀବିତ,
ଯେତେଦିନ ଥିବ ଭବେ ଓଡ଼ିଆ ସାହିତ୍ୟ।"

ଆଡିସନାଲ ଲେବରେଟୋରୀ ଅଫିସର,
ସେଣ୍ଟ୍ରାଲ ଲେବରେଟୋରୀ ନଂ-୮,
ଭୁବନେଶ୍ୱର-୭୫୧୦୦୧।



କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଅଶ୍ୱରା ଗ୍ରାମପଞ୍ଚାୟତରେ ରିଲିଫ୍ ଚାଉଳ ବଣ୍ଟନ।



ସୂଚନା ଭବନଠାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ସମାରୋହରେ ସଂସ୍କୃତି, କ୍ରୀଡ଼ା ଏବଂ ଯୁବ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଉଦ୍‌ବୋଧନ ଦେଉଛନ୍ତି (୧୫/୮) ।



ମତ୍ସ୍ୟ ଓ ପଶୁପାଳନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର କାଶୀନଗରଠାରେ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଧାନଜମି ପରିଦର୍ଶନ କରୁଛନ୍ତି ।



କାଶୀନଗରଠାରେ ରିଲିଫ୍ ବଣ୍ଟନ ।



ଗ୍ରାମ୍ୟ ପୁନର୍ଗଠନ ମନ୍ତ୍ରୀ ଶ୍ରୀ ଗଣ
ପଟ୍ଟନାୟକ କଣିଶଁଠାରେ କ୍ଷତିଗ୍ରସ୍ତ ଅ
ପରିଦର୍ଶନ କରୁଛନ୍ତି । ଶ୍ରୀ ସତୀଶ ପ
ମୁଖ୍ୟ ସମ୍ପାଦକ, ଉତ୍କଳ ପ୍ରସଙ୍ଗ, ଶ୍ରୀ
ଏଲ୍. ନାଇଡୁ ବିଧାନସଭା ସଦସ୍ୟ ଓ ଉପସ୍ଥି
ଅନ୍ୟ ପଦାଧିକାରୀମାନେ
ଅଛନ୍ତି ।



ବରପାଲିଠାରେ ଗଙ୍ଗାଧର ମେହେର ଜୟନ୍ତୀ ଉପଲକ୍ଷେ ଆୟୋଜିତ ଉତ୍ସବରେ ସଂସ୍କୃତି, କ୍ରୀଡ଼ା ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଶ୍ରୀମତୀ ମନୋରମା ମହାପାତ୍ର ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି (୨୪/୮) ।



ଯୁବ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଭୁବନେଶ୍ୱର ବିମାନଘାଟୀଠାରେ ଏକ ସାଇକେଲ ରାଲିକୁ ଉଦ୍‌ଘାଟନ କରୁଛନ୍ତି ।



ବିଧାନସଭା ସଦସ୍ୟ ନିକୁଞ୍ଜ ବିହାରି ସିଂହଙ୍କ ମୃତ୍ୟୁ ଶଯ୍ୟା ନିକଟରେ କ୍ୟାପିଟାଲ୍ ହସ୍‌ପିଟାଲ୍‌ଠାରେ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଓ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ଦାମୋଦର ରାଉତ (୨୪/୮) ।



ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ ବିଧାନସଭା ପରିସର ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି (୪/୮) ।



ଭୁବନେଶ୍ୱର 'ଲୋକ ସଂସ୍କୃତି କେନ୍ଦ୍ର' ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ପେନ୍‌ସନ୍ ଓ ସାଧାରଣ ଅଭିଯୋଗ ବିଭାଗ ମନ୍ତ୍ରୀ ଖୋର୍ଦ୍ଧା ନିକଟବର୍ତ୍ତୀ ବରୁଣାଇଠାରେ ସୁରାଗଛ ରୋପଣ କରୁଛନ୍ତି (୩୧/୭) ।




ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଙ୍ଘ ମୁଖପତ୍ର 'ଶିକ୍ଷା ପ୍ରଦୀପ'ର ରୌପ୍ୟ ଜୟନ୍ତୀ ସମାରୋହରେ ଶିକ୍ଷାମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ସ୍ମରଣିକା ଉନ୍ମୋଚନ କରୁଛନ୍ତି (୨୮/୭) ।

# ଦୃଷ୍ଟି ସଙ୍କଟ

● ଡକ୍ଟର କୃଷ୍ଣ କୁମାର ମହାନ୍ତି

ଅନେକ ଚତୁର୍ଥ ଶ୍ରେଣୀ ରେଳବାଇ କର୍ମଚାରୀଙ୍କର ଆଠମାସର ପୁଅ ପ୍ରାୟ ସାତଦିନ ଧରି ସବୁ ବେଳେ ଆଖି ବନ୍ଦ କରି ରଖୁଥିବାରୁ ତାର ଚିକିତ୍ସା ଜଣେ ଅନଭିଜ୍ଞ ହୋମିଓପ୍ୟାଥିକ ଚିକିତ୍ସକଙ୍କ ଦ୍ୱାରା କରାଇଲେ । କିନ୍ତୁ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ଚିକିତ୍ସା କରିବା ପରେ ଅବସ୍ଥାର ପରିବର୍ତ୍ତନ ହେବା ଦୂରେ ଥାଉ ଆଖିର କେତେକ କୁଲକ୍ଷଣ ପ୍ରକାଶ ପାଇଲା । ଚିକିତ୍ସକ ଶିଶୁଟିର ଆଖିରେ ବହୁ ପ୍ରକାରର ହୋମିଓପ୍ୟାଥିକ୍ ଔଷଧ ପକାଇ ସାରିଥିଲେ କିନ୍ତୁ ବାସ୍ତବରେ ଏହା କୌଣସି ସଂକ୍ରମକ ଚକ୍ଷୁ ରୋଗ ନ ଥିଲା । ରୋଗର ବିବରଣୀ ନେବାପରେ ଜଣାଗଲା ଯେ ଶିଶୁଟିର ମା'ର କ୍ଷୀର ଜନ୍ମ ହେବାର କିଛିଦିନ ପରେ ଶୁଖି ଯିବାରୁ ସେ ମାତୃ ସ୍ତନ୍ୟପାନ କରିବାରୁ ବଞ୍ଚିତ ହେଲା । ଅଜ୍ଞତା ଦୋଷରୁ ଶିଶୁଟିର ବାପା ଓ ମା' ଶିଶୁର ପ୍ରଧାନ ଖାଦ୍ୟ ଦୁଗ୍ଧ ପରିବର୍ତ୍ତେ କେବଳ ମିଶ୍ରିପାଣି, ସାଗୁ, ବାର୍ଲି ପ୍ରଭୃତି ଖୁଆଇ ଶିଶୁଟିକୁ ବଢ଼ାଇବାକୁ ଲାଗିଲେ । ଫଳରେ ପ୍ରୋଟିନ୍ ଓ ଭିଟାମିନ୍‌ଯୁକ୍ତ ଖାଦ୍ୟର ଅଭାବ ଯୋଗୁ ଶିଶୁଟିର ଚକ୍ଷୁର ଜ୍ୟୋତି ଦିନକୁ ଦିନ ନିଷ୍ପ୍ରଭ ହୋଇ ଆସିଲା ଓ ଶେଷରେ ଚକ୍ଷୁ ଦୁଇଟି ଯାକ ନଷ୍ଟ ହେବା ଅବସ୍ଥାକୁ ଆସି ଯାଇଥିଲା । ବହୁ ଚେଷ୍ଟାପରେ ଉପଯୁକ୍ତ ଖାଦ୍ୟ ଓ ଜୀବନିକା 'କ' (Vitamin 'A') ପ୍ରଭୃତି ଦିଆଯାଇ ଶିଶୁଟିର ଗୋଟିଏ ଆଖି ରକ୍ଷା କରା ଯାଇ ପାରିଲା ଓ ଅନ୍ୟ ଆଖିଟି ନଷ୍ଟ ହୋଇଗଲା । ଅଭିଭାବକମାନଙ୍କର ଅଜ୍ଞତା, ଅନ୍ଧବିଶ୍ୱାସ ଓ ଦୂର ଦୃଷ୍ଟି ଅଭାବରୁ ଏହିଭଳି ଅନେକ ଘଟଣା ଦେଖିବାକୁ ମିଳୁଛି ।

ଆମ ଦେଶରେ ପ୍ରାୟ ପନ୍ଦର ଲକ୍ଷ ଅନ୍ଧ ବ୍ୟକ୍ତି ଅଛନ୍ତି ଏବଂ ପ୍ରତିବର୍ଷ ପ୍ରାୟ ଷୋହଳ ହଜାରରୁ ଊର୍ଦ୍ଧ୍ୱ ଶିଶୁ ପାଞ୍ଚବର୍ଷ ପୁରିବା ଭିତରେ କେବଳ ପୁଷ୍ଟିସାର (Protein) ଓ ଜୀବନିକା 'କ' (Vitamin 'A') ର ଅଭାବରୁ ଅନ୍ଧ ହୋଇ ଯାଉଛନ୍ତି । ବିଚାରରୁ ଜଣା ଯାଇଛି ଯେ ଭାରତ ଭଳି ବିଭିନ୍ନ ବିକାଶଶୀଳ ଦେଶମାନଙ୍କରେ ଶତକଡ଼ା ୭୫ ରୁ ୮୦ ଭାଗ ପର୍ଯ୍ୟନ୍ତ ଅନ୍ଧ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ଦୃଷ୍ଟି ହୀନତା ସହଜରେ ପ୍ରତିରୋଧ କରାଯାଇ ପାରି ଥାଆନ୍ତା ବା ଚିକିତ୍ସାଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ କରାଯାଇ ଥାଆନ୍ତା । ଶରୀରରେ ଭିଟାମିନ୍ 'ଏ'ର ଅଭାବ ଯୋଗୁ ଚକ୍ଷୁର ବିଶେଷ କ୍ଷତି ହୁଏ । ପ୍ରଥମାବସ୍ଥାରେ ଅନ୍ଧାର କଣା (Night blindness) ହୁଏ ଅର୍ଥାତ୍ ରୋଗୀ ଅଳ୍ପ ଆଲୁଅରେ ବା ରାତିରେ ଭଲ ଦେଖି ପାରେ ନାହିଁ । ଚକ୍ଷୁର ସ୍ୱଚ୍ଛ ପଟଳ ନିକଟରେ କାତି ଛାଡ଼ିବା ପରି ଦେଖାଯାଏ ଓ ଏହା କ୍ରମଶଃ ଜ୍ୟୋତିହୀନ ହୁଏ । ରୋଗୀ ଆଲୋକ ସହ୍ୟ କରି ପାରେ ନାହିଁ । ଶୀଘ୍ର ଚିକିତ୍ସା ନ କଲେ ଡୋଳା ଦୁଇଟି ନରମି ଯାଇ ନଷ୍ଟ ହୋଇଯାଏ । ଇଂରାଜୀରେ ଏହାକୁ କେରାଟୋ ମାଲେସିଆ (Kenatomolasia) କହନ୍ତି । ଥରେ ଆଖି ଏହି ଅବସ୍ଥାକୁ ଆସିଲେ ଆଉ ଭଲ ହେବା ସମ୍ଭବ ନୁହେଁ । ଦୀର୍ଘ ଦିନ ଧରି ପୁଷ୍ଟିକର ଖାଦ୍ୟ ଅଭାବଦେଖାଦେଲେ ବା ଅନେକ ଦିନ ଧରି ଝାଡ଼ା ରୋଗ (Diarrhoea) ଭୋଗିଲେ ବା କୌଣସି କାରଣ ଯୋଗୁ କ୍ରମାଗତ ଭାବେ ସୁସ୍ଥରୂପେ ହଜମ ନ ହେଲେ ଜୀବନିକା 'କ' (Vitamin 'A') ର ଅଭାବ ହୁଏ । ଛୋଟ ପିଲାମାନେ କୃମି ରୋଗରେ ବିଶେଷତଃ କେଞ୍ଚୁଆ (Round Worm) ଦ୍ୱାରା ଆକ୍ରାନ୍ତ ହେଲେ ପୁଷ୍ଟିସାର ହୀନ ହୋଇ ଦୃଷ୍ଟି ରୋଗ ଭୋଗନ୍ତି । ଭିଟାମିନ୍ 'ଏ' ଅଣ୍ଡା, ଦୁଧ, ମାଂସ, ମାଛ, ଯକୃତ୍, ବନ୍ଧାକୋବି, ଗାଜର, ପାଳଙ୍ଗ ସାଗ, ଅମୃତ ଭଣ୍ଡା, ପାଚିଲା ଆମ୍ବ, ସଜନା ଛୁଇଁ ଆଦିରେ ଥାଏ । ଯଦି ଡୋଳା ପାଖର ବର୍ଣ୍ଣ ଦେଖାଯାଏ ବା ଆଖିର ଧଳା ଅଂଶରେ ମାଛ କାତିପରି ଦାଗ ଦେଖାଦିଏ ଅଥବା ରୋଗୀ ଅଳ୍ପ ଆଲୁଅରେ ଦେଖି ପାରେ ନାହିଁ ଓ ବହୁ ସମୟରେ ଆଖି ବନ୍ଦ କରି ରଖିବାର ଦେଖାଯାଏ ତେବେ ଅଭିଜ୍ଞ ଚିକିତ୍ସକଙ୍କ ଦ୍ୱାରା ଶୀଘ୍ର ଚିକିତ୍ସା କରେଇ ଦେବା ଶ୍ରେୟସ୍କର ।

ଆମ ଦେଶରେ ଅଧିକାଂଶ ଲୋକ ଗର୍ଭବତୀ ସ୍ତ୍ରୀର ଉପଯୁକ୍ତ ଯତ୍ନ ନିଅନ୍ତି ନାହିଁ । ଗର୍ଭ ଧାରଣ ସମୟରେ ଗର୍ଭସ୍ଥ ଶିଶୁ ଯଥେଷ୍ଟ ପରିମାଣର ଜୀବନିକା 'କ' ଆବଶ୍ୟକ କରୁଥିବାରୁ ଗର୍ଭବତୀ ସ୍ତ୍ରୀର ଏହି ଭିଟାମିନ୍ ଅଭାବ ହୁଏ । ଫଳରେ ତାର ଦୃଷ୍ଟିଶକ୍ତି ହ୍ରାସ ହୁଏ । ତେଣୁ ଗର୍ଭବତୀ ସ୍ତ୍ରୀକୁ ଯଥେଷ୍ଟ ପରିମାଣର ଜୀବନିକା

'କ' ଯୁକ୍ତ ଖାଦ୍ୟ ଦେଖା ଦେଉଛି । ଥରେ ଜଣେ ବୈଦେଶିକ ପର୍ଯ୍ୟଟକ ମନ୍ତବ୍ୟ ଦେଇଥିଲେ, ଖାଦ୍ୟାଭାବରୁ ବହୁ ସଂଖ୍ୟକ ଭାରତୀୟ ନାରୀମାନଙ୍କର ପୁଷ୍ଟି ସାଧନ ହୋଇ ପାରେ ନାହିଁ । ଦୁର୍ବଳ ମହିଳାମାନେ ପ୍ରସବ ପରେ ରକ୍ତହୀନତା, ପୁଷ୍ଟିହୀନତା ଓ ଭିଟାମିନ୍ ଅଭାବ ଜନିତ ବିଭିନ୍ନ ରୋଗ ଭୋଗ କରନ୍ତି ଫଳରେ ମା' କ୍ଷୀର ଖାଉଥିବା ଶିଶୁର ସ୍ୱାସ୍ଥ୍ୟରେ ମଧ୍ୟ ଅବନତି ହୁଏ । ଅନେକ ଗ୍ରାମୀଣ ଲୋକଙ୍କର ବିଶ୍ୱାସ ଯେ ଗାଈ କ୍ଷୀର ଖାଇଲେ ପିଲାର କଫ ବଢ଼ିବ । ସେଥିଯୋଗୁ ଶିଶୁକୁ ଗାଈ କ୍ଷୀର ଖାଇବାକୁ ଦିଅନ୍ତି ନାହିଁ । କେତେକ ଅବଶ୍ୟ ଦାରିଦ୍ର୍ୟ ଯୋଗୁ ଶିଶୁକୁ ଦୁଧ କିଣି ଖୁଆଇ ପାରନ୍ତି ନାହିଁ । ଏ କ୍ଷେତ୍ରରେ ଯଦି ମା' କ୍ଷୀରର ଅଭାବ ଥାଏ ତେବେ ଶିଶୁ କ୍ରମଶଃ ଦୁର୍ବଳ ହୋଇପଡ଼େ ଓ ତାର ଦୃଷ୍ଟି ଶକ୍ତି ନଷ୍ଟ ହୁଏ ଯେଉଁମାନେ ଦୁଧ କିଣିବାକୁ ଅକ୍ଷମ ସେମାନେ ବୁଟ ଓ ଚିନାବାଦାମ ରାନ୍ଧି ପିଲାକୁ ଖୁଆଇଲେ ପିଲାର ଶରୀର ସୁସ୍ଥ ରହେ । ଏକ କିଲୋ ଭଜା ବୁଟ ସହିତ ଦୁଇଶହ ଗ୍ରାମ୍ ଭଜା ଚିନାବାଦାମ ଏକାଠି ମିଶାଇ ଗୁଣ୍ଡ କରି ରଖି ପ୍ରତିଦିନ ପିଲାକୁ ଆବଶ୍ୟକ ପରିମାଣରେ ରାନ୍ଧି ଖୁଆଇବା ଉଚିତ ।

.ପୁନଶ୍ଚ ଶରୀରରେ ଜୀବନିକା ଖ୧ ଓ ଖ୧୨ (Vitamin B1 & B12)ର କ୍ରମାଗତ ଅଭାବହେଲେ ଦେହର ସ୍ନାୟୁଗୁଡ଼ିକ ଦୁର୍ବଳ ହୋଇପଡ଼େ ଓ ସ୍ୱାଭାବିକ ଭାବେ ଚକ୍ଷୁ ଗୋଲକ (Eye-ball) କୁ ସଂଯୁକ୍ତ ହୋଇଥିବା ସ୍ନାୟୁ ମଧ୍ୟ ଶକ୍ତିହୀନ ହୋଇପଡ଼େ । ଉପଦଂଶର ଆକ୍ରମଣ ଯୋଗୁ ମଧ୍ୟ ଚକ୍ଷୁର ପ୍ରଧାନ ସ୍ନାୟୁ (Optic Nerve)ଆକ୍ରାନ୍ତ ହୋଇ ଦୃଷ୍ଟିହୀନତା ଦେଖାଦିଏ । ଏହାକୁ ଅପ୍‌ଟିକ୍ ଆଟ୍ରୋଫି (Optic atrophy) କୁହାଯାଏ । ଠିକ୍ ସମୟରେ ଉପଯୁକ୍ତ ଭିଟାମିନ୍ ଓ ଆଣ୍ଟିବାୟୋଟିକ୍ ଦ୍ୱାରା ଚିକିତ୍ସା ନକଲେ ଦୃଷ୍ଟି ଶକ୍ତି ସମ୍ପୂର୍ଣ୍ଣ ଲୋପ ହୁଏ ।

ଶରୀରରେ ଜୀବନିକା 'ଖ' (Vitamin 'B') ର ଅଭାବ ହେଲେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଯୋଳାବିନ୍ଧା ହୁଏ; ଛାତି ଧଡ଼ ପଡ଼ ହୁଏ, ଭୋକ କମିଯାଏ ଓ ରୋଗୀ ନିସ୍ତେଜ ବୋଧକରେ । ଜୀବନିକା 'ଖ' କୁ ଏକ ଜୀବନିକା ସମଷ୍ଟି (Complex vitamin) କୁହାଯାଏ । ତନ୍ମଧ୍ୟରୁ ଜୀବନିକା ଖ ୧ (B 1), ଖ ୨ (B 2) ଖ ୬ (B 6) ଓ ଖ ୧୨ (B 12) ଶରୀର ପକ୍ଷେ ବିଶେଷ ଉପଯୋଗୀ ଏହି ଭିଟାମିନ୍ ସାଧାରଣତଃ ଅକାଣ୍ଡିଆ ଚାଉଳ, ଶାଗ, ଗଜାବୁଟ, ଗଜାମୁଗ, ଦୁଧ, ଅଣ୍ଡା, ଯକୃତ, ଚୀନାବାଦାମ ଆଦିରେ ଥାଏ । ଏହା ବ୍ୟତୀତ ଜୀବନିକା 'ଗ' (Vitamin 'C') ର ଅଭାବରେ ଶରୀରର ବିଭିନ୍ନ ଅଙ୍ଗରୁ ରକ୍ତସ୍ରାବ ହୁଏ ଓ ଚକ୍ଷୁଗୋଲକ ମଧ୍ୟରେ ରକ୍ତ ଜମାଟ ବାନ୍ଧି ଲୋକକୁ ଦୃଷ୍ଟିହୀନ କରିଥାଏ । ଏହି ଭିଟାମିନ୍ ବିଭିନ୍ନ ଫଳ, କୋଳି, କାଗିଜି ଲେମ୍ବୁ, ବିଲାତି ବାଇଗଣ, ମହୁ ପ୍ରଭୃତିରେ ଯଥେଷ୍ଟ ପରିମାଣରେ ଥାଏ ।

ଟ୍ରାକୋମା (Trachoma) ନାମକ ସଂକ୍ରାମକ ରୋଗରେ ଆମ ଦେଶର ଲକ୍ଷାଧିକ ଲୋକ ଆକ୍ରାନ୍ତ ହେଉଛନ୍ତି କିନ୍ତୁ ଠିକ୍ ସମୟରେ ଚିକିତ୍ସାଦ୍ୱାରା ଏହା ଆରୋଗ୍ୟ ହୁଏ । ପାରିପାର୍ଶ୍ୱିକ ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି, ପରିଷ୍କାର ଜଳ ବ୍ୟବହାର ଓ ସମାଜରେ ଏ ରୋଗ ପ୍ରତି ସଚେତନତା ସୃଷ୍ଟିଦ୍ୱାରା ଏହାର ନିରାକରଣ କରାଯାଇପାରିବ ।

ପରଳ (Cataract) ରୋଗ ଅସ୍ତ୍ରୋପଚାର ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ହୁଏ । ଏହି ଅପରେସନ୍ ଶେଷ କରିବା ପାଇଁ ମାତ୍ର ଦୁଇମିନିଟ୍ ସମୟ ଲାଗେ । ଆମ ଦେଶରେ ସରକାରୀ ଓ ବେସରକାରୀ ଉଦ୍ୟମରେ ପ୍ରତିବର୍ଷ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ପରଳ ରୋଗୀଙ୍କର ଏହି ଅପରେସନ୍ କରାଯାଉଛି କିନ୍ତୁ ପ୍ରାୟ ୧୦ରୁ ୫୦ ରୋଗୀ ଅଜ୍ଞତା ଓ ଅବହେଳା ବଶତଃ ଏହି ସୁଯୋଗରୁ ବଞ୍ଚିତ ହୋଇ ଦୃଷ୍ଟିଶକ୍ତି ହରାଉଛନ୍ତି । ବିଭିନ୍ନ କାରଣରୁ ଚକ୍ଷୁ ମଧ୍ୟରେ ଅଧିକ ଚାପ ହେବା ଫଳରେ ଗ୍ଲୁକୋମା (Gloucoma) ନାମକ ଚକ୍ଷୁରୋଗ ହୁଏ । ଏହି ରୋଗ ଆରମ୍ଭ ହେବାଠାରୁ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ନଷ୍ଟ ହେବା ପର୍ଯ୍ୟନ୍ତ ରୋଗୀ କିଛି ଜାଣିପାରେ ନାହିଁ ଏବଂ ଠିକ୍ ସମୟରେ ଚିକିତ୍ସା କରାନଗଲେ ଚକ୍ଷୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । ଏହି ରୋଗ ସାଧାରଣତଃ ଚାଳିଶ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଦେଖାଯାଏ ଓ ଟୋନୋମିଟର ' Tonometr) ନାମକ ଯନ୍ତ୍ର ଦ୍ୱାରା ଚିହ୍ନଟ ହୁଏ । ଏହାକୁ ସେଥିଯୋଗୁ ଦୃଷ୍ଟି ଶକ୍ତିର ଦସ୍ୟୁ (Thief of Eye-Sight) କୁହାଯାଏ । ପାଶ୍ଚାତ୍ୟ ଦେଶମାନଙ୍କରେ ବହୁ ସଂଖ୍ୟକ ଗ୍ଲୁକୋମା ନିରୂପଣ କେନ୍ଦ୍ର (Glaucoma Defection Centre) ମାନ ସରକାରୀ ଉଦ୍ୟୋଗରେ ସ୍ଥାପିତ ହୋଇ ଠିକ୍ ସମୟରେ ଏହି ଭୟାନକ ବ୍ୟାଧିର ନିରାକରଣ କରାଯାଉଛି ଓ ୪୦ ବର୍ଷ ପରେ ପ୍ରତ୍ୟେକ ବ୍ୟକ୍ତି ବର୍ଷକୁ ଥରେ ଚକ୍ଷୁ ପରୀକ୍ଷା କରାଉଛନ୍ତି କିନ୍ତୁ ଦୁଃଖର ବିଷୟ ଆମ ଦେଶରେ ଏ ଭଳି ବ୍ୟବସ୍ଥା ଅଦ୍ୟାବଧି ଆରମ୍ଭ କରାଯାଇନାହିଁ ।

ଏହା ବ୍ୟତୀତ ଉଚ୍ଚ ରକ୍ତ ଚାପ, ମଧୁମେହ ପ୍ରଭୃତି ରୋଗ ଓ ଧୂମପାନ, ମଦ୍ୟପାନ, ଆସପିରିନ୍, କୁଇନାଇନ୍, ଆର୍ସେନିକ ଜାତୀୟ ଔଷଧର ଅତ୍ୟଧିକ ବ୍ୟବହାର ଫଳରେ ମଧ୍ୟ ଚକ୍ଷୁ ଆକ୍ରାନ୍ତ ହୁଏ । ତେଣୁ ମାଦକ ଦ୍ରବ୍ୟ ବା ବିଷାକ୍ତ ପଦାର୍ଥ ସେବନରୁ ଲୋକମାନଙ୍କୁ ନିବୃତ୍ତ କରାଇବା ଉଚିତ ।

ଚକ୍ଷୁକୁ ଆତ୍ମାର ଗବାକ୍ଷ (Windows of soul) କୁହାଯାଏ । ତେଣୁ ଏହି ମୂଲ୍ୟବାନ ଇନ୍ଦ୍ରିୟର ସୁରକ୍ଷା ପ୍ରତି ସଚେତନତା ସର୍ବାଦୌ ଆବଶ୍ୟକ ।

ଜଗଣୀ, ପୁରୀ ।

# ଶିଳ୍ପ ପରିଚାଳନାରେ ଶ୍ରମିକର ଯୋଗଦାନ

• ଶ୍ରୀ ଲଗ୍ନାଜିତ୍ ଜେନା

ସ୍ତୁତି ଶିଳ୍ପ ପରିଚାଳନାରେ ଶ୍ରମିକର ଅଂଶ ଗ୍ରହଣ ଆମ ରାଷ୍ଟ୍ରୀୟ ଶ୍ରମ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରୂପେ କ୍ରମଶଃ ପ୍ରାଧାନ୍ୟ ଲାଭ କରୁଥିବା ସର୍ବଜନ ବିଦିତ। ସ୍ୱତନ୍ତ୍ର ଭାରତର ଶ୍ରମନୀତି ଔଦ୍ୟୋଗିକ ଗଣତନ୍ତ୍ରରେ ସ୍ୱୀକୃତ ତଥା ଶ୍ରମିକ ଉତ୍ପାଦନ ପ୍ରକ୍ରିୟାର ମେରୁଦଣ୍ଡ ରୂପେ ଶିଳ୍ପର ସହଯୋଗୀ ଅଂଶୀଦାର ରୂପେ ସ୍ୱୀକୃତ। ଆମ ସମ୍ବିଧାନର ୪୩ ଧାରାରେ ଲିପିବଦ୍ଧ ପ୍ରତିଶ୍ରୁତି ଏହି ମର୍ମରେ ଉଲ୍ଲେଖନୀୟ। ଶିଳ୍ପ ପରିଚାଳନାରେ ଶ୍ରମିକର ଯୋଗଦାନ ଚିନ୍ତାଧାରା ପ୍ରଥମେ ଶିଳ୍ପ ବିବାଦ ଆଇନ, ୧୯୪୭ର ତୃତୀୟ ଧାରାରେ 'ୱାର୍କସ କମିଟି' ବ୍ୟବସ୍ଥା ମାଧ୍ୟମରେ ନିଶ୍ଚିତ କରାଯାଇଥିଲେ ହେଁ ଏହାର ଫଳପ୍ରଦ ପରିପାଳନ କ୍ଷେତ୍ରରେ କ୍ଷମତା ପରିସର ସ୍ପଷ୍ଟ ଭାବେ ନିରୂପିତ ହୋଇନଥିବା ହେତୁ ବହୁ ପ୍ରତିକୂଳ ଅନ୍ତରାୟର ସମ୍ମୁଖୀନ ହୋଇଥିଲା। ଏହାର ନିରାକରଣ ପାଇଁ ଆମ ସମ୍ବିଧାନର ୪୩(କ) ଧାରାର ସଂଶୋଧନ କରାଯିବା ସଙ୍ଗେ ସଙ୍ଗେ ୧୯୫୮ରେ "ଯୌଥ ପରିଚାଳନା ପରିଷଦ" ଗଠନ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। କିନ୍ତୁ ବହୁ ଅଲଘନୀୟ କାରଣ ଯୋଗୁଁ ୱାର୍କସ କମିଟି ଭଳି ଏହି ଯୌଥ ପରିଚାଳନା ପରିଷଦ ତାର ଈପ୍ସିତ ସଫଳତା ଲାଭ କରି ପାରିଲା ନାହିଁ। ତେଣୁ ୧୯୬୯ରେ ଜାତୀୟ ଶ୍ରମ ପରିଷଦ ଏହି ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ତଥାକଥିତ ସମସ୍ତ ଅନ୍ତରାୟ ଓ ସମ୍ଭାବନାର ବିଭିନ୍ନ ଦିଗକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କଲା ଉତ୍ତାରୁ "ଶିଳ୍ପ ପରିଚାଳନାରେ ଶ୍ରମିକଙ୍କର ଯୋଗଦାନ" ନିମିତ୍ତ ଅନ୍ୟ ପରିମାର୍ଜିତ ଏକ ନୂଆ ଖସଡ଼ା ପ୍ରଣୟନ ଏବଂ ବଳବତ୍ତର କରିବା ପାଇଁ ୧୯୭୨ରେ ସୁପାରିଶ କରିଥିଲେ। ଏହି ଅନୁମୋଦନକୁ ଭିତ୍ତି କରି କେନ୍ଦ୍ର ସରକାର ୧୯୮୩ ମସିହାରେ ୫୦୦ ବା ତଦୁର୍ଦ୍ଧ୍ୱ ଶ୍ରମିକ କାମ କରୁଥିବା ୧୪ଟି ଜାତୀୟକରଣ ବ୍ୟାଙ୍କ ଓ ନିର୍ବାଚିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଏହି ଚିଠା ଯୋଜନାନୁଯାୟୀ ଆମ ରାଜ୍ୟ ସରକାର ତ୍ରିପକ୍ଷ କମିଟି ତଥା ରାଜ୍ୟ ଶ୍ରମ ଉପଦେଷ୍ଟା ପରିଷଦର ସୁପାରିଶ ଅନୁଯାୟୀ ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଯୋଗଦାନ ନିମିତ୍ତ ଏକ ଯୋଜନା ପରିସରଭୁକ୍ତ ୧୪୦ଟି ପ୍ରତିଷ୍ଠାନରୁ ମାତ୍ର ୮୫ଟି ପ୍ରତିଷ୍ଠାନ ନୀତିଗତ ଭାବେ, ଏହାର ପରିପାଳନ ପାଇଁ ଅଙ୍ଗୀକାର କରିଥିଲେ ହେଁ ବହୁ କ୍ଷେତ୍ରରେ ତାହା କେବଳ ଅଙ୍ଗୀକାରରେ ସର୍ବଜନ ବିଦିତ। ଏହା ସତ୍ତ୍ୱେ ଯେଉଁ କେତୋଟି ନିର୍ବାଚିତ ରାଷ୍ଟ୍ରୀୟ ଉଦ୍ୟୋଗରେ ଏହି ଖସଡ଼ା ନୀରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଥିଲା ତାର ସୁଫଳ ଅସ୍ୱୀକାର କରିବାର ନୁହେଁ।

୧୯୮୩ ରୁ ବଳବତ୍ତର କରାଯାଇଥିବା ଏହି ସ୍ୱେଚ୍ଛାକୃତ ଖସଡ଼ାର ସଫଳ ରୂପାୟନ କ୍ଷେତ୍ରରେ ଅନେକଗୁଡ଼ିଏ ଅନ୍ତରାୟ ମୁଣ୍ଡ ଟେକି ଉଠିଥିବା ସମସ୍ତଙ୍କୁ ଜଣା। ଏହି ଯୋଜନାରେ ଶ୍ରମ କଲ୍ୟାଣ ଏବଂ ସ୍ୱକିଡ଼ି ସର୍ତ୍ତ ସମ୍ପର୍କୀୟ ଦାବୀଦୁଆର ସମାଧାନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ କେବଳ ଉତ୍ପାଦନ ଓ ଉତ୍ପାଦକତା ପ୍ରଭୃତି ବିଷୟରେ ବିସ୍ତୃତ ଆଲୋଚନାରେ ଭାଗ ନେବାରେ ଶ୍ରମିକଙ୍କର ସେତେ ଆଗ୍ରହ ପ୍ରକାଶ ପାଇଲା ନାହିଁ। ତାହା ବ୍ୟତୀତ ବିପଣୀ–ପରିଷଦ ଓ ଯୌଥ–ପରିଷଦରେ ଗୃହୀତ ସିଦ୍ଧାନ୍ତଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ପରିଚାଳନା କର୍ତ୍ତୃପକ୍ଷଙ୍କର ନିରଙ୍କୁଶ ଆବେଦନ ଅନ୍ୟତମ ଅନ୍ତରାୟ ରୂପେ ମୁଣ୍ଡ ଟେକି ଉଠିଲା। ସର୍ବୋପରି ଉପଯୁକ୍ତ ବୁଝାମଣାର ଅଭାବ, ଶ୍ରମ ସଙ୍ଗଠନ ନେତୃବୃନ୍ଦଙ୍କ ମନରେ ଏହି ମର୍ମରେ ଅହେତୁକ ଆଶଙ୍କା ଓ ସନ୍ଦେହ ଆଦି ଅନ୍ୟ ପ୍ରତିବନ୍ଧକ ମଧ୍ୟ ମୁଣ୍ଡ ଟେକି ଉଠିଲା। ଏଣୁ ଏଭଳି ଫୋରମକୁ କାହା ମୁଣ୍ଡ ଉପରେ ଚଢ଼ି ବସିବା ନହୁବା ବାକ୍‌ବିତଣ୍ଡାର ଏକୋଇ ମଞ୍ଚ ନୁହେଁ।

ପ୍ରସଙ୍ଗ କ୍ରମେ ଶିଳ୍ପ ପରିଚାଳନାରେ ଶ୍ରମିକର ଅଂଶ ଗ୍ରହଣ ଯୋଜନା, ଶିଳ୍ପ ଶାନ୍ତି ଓ ଉତ୍ପାଦନ ବୃଦ୍ଧି ଓ ଶିଳ୍ପ ସମୃଦ୍ଧି ଆଦି ବହୁ ଦିଗରୁ କିଭଳି ତାତ୍ପର୍ଯ୍ୟପୂର୍ଣ୍ଣ ତାହା ବଖାଣିବା ଅନାବଶ୍ୟକ। ସୁଖର କଥା, ଏଭଳି ଏକ ରାଷ୍ଟ୍ରୀୟ ହିତକାରୀ ଯୋଜନାର ସଫଳ ଓ ଫଳପ୍ରଦ ରୂପାୟନ ପାଇଁ କେନ୍ଦ୍ରର ଜାତୀୟ ସାମୁଖ୍ୟ ସରକାର ଶାସନ ଭାର ଗ୍ରହଣ କରିବା ପରେ ପରେ ଏହି ମର୍ମରେ ଏକ ଜାତୀୟ ଶ୍ରମ ଆଲୋଚନା ଚକ୍ର ଏବଂ କର୍ମଶାଳା ମାଧ୍ୟମରେ ବିଭିନ୍ନ ଦିଗକୁ ଗଭୀର ଅନୁଧ୍ୟାନ କଲା ଉତ୍ତାରୁ ଶିଳ୍ପ ପରିଚାଳନାରେ ଶ୍ରମିକ

ଗଠନମୂଳକ ଯୋଗଦାନ ନିମିତ୍ତ ଏକ ବାସ୍ତବାଭିମୁଖୀ ସିଦ୍ଧାନ୍ତ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଗତ ମାସ ଏପ୍ରିଲ ୨୧/୨୨ ଓ ୨୩ ତାରିଖରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଭାରତୀୟ ଜାତୀୟ ଶ୍ରମ ସମ୍ମିଳନୀ ଏବଂ ଶ୍ରମ ରାଷ୍ଟ୍ରମନ୍ତ୍ରୀ ସମ୍ମିଳନୀରେ, ଶିଳ୍ପ ପରିଚାଳନାରେ ଶ୍ରମିକର ଅଂଶ ଗ୍ରହଣ ଯୋଜନାକୁ ସବୁ ଦୃଷ୍ଟିରୁ ସଫଳ ଓ ବାସ୍ତବାଭିମୁଖୀ କରିବା ପାଇଁ ଏକ ଚିଠା ଅଧ୍ୟାଦେଶ ଉତ୍ଥାପନରେ ଚୂଡ଼ାନ୍ତ ସିଦ୍ଧାନ୍ତ ପର୍ଯ୍ୟାୟରେ ଭାରତୀୟ ଶ୍ରମ ସମ୍ମିଳନୀର ଉଦ୍‌ଘାଟନ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମହୋଦୟଙ୍କର ବଜ୍ର ନିର୍ଘୋଷ ହେଉଛି କେବଳ ନୂଆ ଆଇନଗତ ବ୍ୟବସ୍ଥା ନୁହେଁ ପରନ୍ତୁ ଔଦ୍ୟୋଗିକ ଗଣତାନ୍ତ୍ରିକ ଚିନ୍ତାଧାରାର ସାକାର ରୂପାୟନ ପାଇଁ ଉପଯୁକ୍ତ ଶିଳ୍ପନୀତି ତଥା ସମୟୋପଯୋଗୀ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବାର ବେଳ ଆସିଛି । ଏହା ଏକ ଦିଗରୁ ଶ୍ରମ ଓ ପୁଞ୍ଜିର ସଫଳ ସଂହତି ସମେତ ସାଙ୍ଗଠନିକ ଅଭିବୃଦ୍ଧି ତଥା ସୁସ୍ଥ ଶିଳ୍ପ ସମ୍ପର୍କ ସଂରକ୍ଷଣ ମାଧ୍ୟମରେ ନୂତନ ଆତ୍ମପ୍ରତ୍ୟୟ ସୃଷ୍ଟି କରିବାରେ ଅଶେଷ ସାହାଯ୍ୟ କରିବ ଏଥିରେ ସନ୍ଦେହର ଅବକାଶ ନାହିଁ । ବିଶ୍ୱର ବୃହତ୍ତର ଗଣତନ୍ତ୍ର ରୂପେ ଭାରତ ଯେଉଁଳି ଅଧ୍ୟୁଷିତ : ଔଦ୍ୟୋଗିକ ଗଣତନ୍ତ୍ରରେ ଆମର ଆବେଦନ ସେଉଳି ପ୍ରତ୍ୟୋପିତ । ଭାରତକୁ ୨୦୦୧ ମସିହା ସୁଦ୍ଧା ଏକ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ରୂପେ ରୂପାୟିତ କରିବାର ଅଭିଳାଷ ନେଇ ଆମେ ଶ୍ରମ ଓ ପୁଞ୍ଜିର ସମନ୍ୱୟକାରୀ ସ୍ରଷ୍ଟା ଜାତିର ଜନକ ବାପୁଜୀଙ୍କର ସେହି କାଳଜୟୀ ଚେତାବନୀଟିକୁ ଭୁଲିଯିବା ଅନୁଚିତ ହେବ । "ଶ୍ରମ ପଣ୍ୟ ନୁହେଁ ନତୁବା ଶ୍ରମଜୀବୀ ଆମ ସମାଜବାଦୀ ଔଦ୍ୟୋଗିକ ଗଣତନ୍ତ୍ର ପ୍ରକ୍ରିୟାରେ ପୁଞ୍ଜିର ଶ୍ରେଣୀ ଶତ୍ରୁ ନୁହେଁ । ଶିଳ୍ପ ସମଗ୍ର ଜାତିର ଓ ରାଷ୍ଟ୍ରୀୟ ସ୍ୱାର୍ଥର ପ୍ରତୀକ ତଥା ନିୟନ୍ତ୍ରଣାଧୀନ । ଶ୍ରମିକ ଓ ପରିଚାଳନା କର୍ତ୍ତୃପକ୍ଷ ଏହି ପ୍ରକ୍ରିୟାର ଦୁଇ ସହଯୋଗୀ ଅଂଶୀଦାର" । କେବଳ ସହାୟକ ଶିଳ୍ପ ସମ୍ପର୍କରେ ସ୍ପଷ୍ଟ ଅଧ୍ୟାଦେଶ ପ୍ରଣୟନ ସମେତ ଗୁପ୍ତ ଭୋଟ ମାଧ୍ୟମରେ ବିଭିନ୍ନ ଯୌଥ ପରିଷଦକୁ ଶ୍ରମିକ ପ୍ରତିନିଧିଙ୍କର ନିର୍ବାଚନ ଗୃହୀତ ସିଦ୍ଧାନ୍ତର ଫଳପ୍ରଦ ରୂପାୟନ ଓ ପରିଚାଳନା ବୋର୍ଡ଼ରେ ଶ୍ରମିକ ନିର୍ଦ୍ଦେଶକ ନିଯୋଜନ ସମେତ ଯେଉଁ ସବୁ ପ୍ରସଙ୍ଗ ସାମୂହିକ ଯୋଗାଯୋଗ ଓ ଶିଳ୍ପ ବିବାଦ ପଦୋବାଚ୍ୟ ସେଗୁଡ଼ିକ ଯଥା ସମ୍ଭବ ଏହି ଯେଉଁଳି ବିଶ୍ୱର ବିମର୍ଷ ପ୍ରକ୍ରିୟାରୁ ଦୂରେଇ ରଖିବା ପାଇଁ ରାଷ୍ଟ୍ରୀୟ ଶ୍ରମ ସମ୍ମିଳନୀରେ ପ୍ରକାଶ ପାଇଥିବା ସର୍ବସମ୍ମତ ମତାମତ ବାସ୍ତବରେ ଏକ ଆଶା ସଞ୍ଚାରୀ ପଦକ୍ଷେପ । ଅସଲ କଥା ହେଉଛି ଉଭୟ ପକ୍ଷଙ୍କ ଆବେଦନ ସମ୍ମାନର ସହିତ ଗ୍ରହଣ କରାଯିବା ଉଚିତ୍ । ଏଉଳି ହେଲେ ବହୁ ଜନ ହିତାୟ ଓ ବହୁ ଜନ ସୁଖାୟ ପ୍ରସାର ଓ ଯୋଜନା ପୃଥିବୀର ବହୁ ବିକାଶଶୀଳ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ଯଥା, ଯୁଗୋସ୍ଲୋଭିଆ, ପଶ୍ଚିମ ଜର୍ମାନୀ, ସୁଇଡେନ୍ ଉଳି ଆମ ରାଷ୍ଟ୍ରୀୟ ଜୀବନରେ ତାହାର ସାକାର ରୂପାୟନ ତଥା ସଫଳତାରେ ପୂର୍ଣ୍ଣତା ଲାଭ କରୁ । ସର୍ବ ଭାରତୀୟ ସ୍ତରରେ ଓ ଓଡ଼ିଶା କ୍ଷେତ୍ରରେ ଏହି ହିଁ ସମୟର ଆହ୍ୱାନ । ଶିଳ୍ପ ପରିଚାଳନାରେ ଶ୍ରମିକର ଅଂଶ ଗ୍ରହଣ ଯୋଜନା ସହ ସମ୍ପୃକ୍ତ ସକଳ ବର୍ଗଙ୍କୁ କମଧିକମ୍ ।

ନିର୍ବାହୀ ସମ୍ପାଦକ,
ଶିଳ୍ପ ଦର୍ପଣ (ମ୍ୟୁରୋକାଇ),
ଭୁବନେଶ୍ୱର–୨ ।



ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଅମୃତାମଣି ଗ୍ରାମପଞ୍ଚାୟତରେ ରିଲିଫ୍ ଋଣ ବଣ୍ଟନ ।

# ବିଦ୍ୟୁତ୍ ଶକ୍ତି : ପ୍ରଗତିର ଆଧାର

ବିଗତ ଦଶନ୍ଧି ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ଉତ୍ପାଦନ ଦକ୍ଷତା ବିଶେଷ ବୃଦ୍ଧି ପାଇନଥିବାରୁ ରାଜ୍ୟରେ ବିଦ୍ୟୁତ୍ ସଙ୍କଟ ଦେଖାଦେଇଛି । ଏହି ସଙ୍କଟର ସମାଧାନ କରିବା ଲାଗି ୧୯୯୦ ମାର୍ଚ୍ଚ ୫ ତାରିଖରେ ଓଡ଼ିଶାର ବରେଣ୍ୟ ନେତା ଶ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ହୋଇଥିବା ରାଜ୍ୟ ସରକାର, ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବିନିଯୋଗ ହେଉଥିବା ପୁଞ୍ଜିକୁ ବୃଦ୍ଧି କରିଛନ୍ତି । ୧୯୯୧-୯୨ ମସିହାରେ ଏଥିଲାଗି ୪୮୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ୧୯୯୧-୯୨ ମସିହା ବଜେଟ୍ ଅଟକଳରେ ୨୯୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହା ଫଳରେ ପୁଞ୍ଜି ବିନିଯୋଗ ଶତକଡ଼ା ୫୭ ଭାଗକୁ ବୃଦ୍ଧି ପାଇଛି । ଅପର ଇନ୍ଦ୍ରାବତୀ, ଅପର କୋଲାବ, ରେଙ୍ଗାଲି ଓ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ଭଳି ଚାଲୁ ରହିଥିବା ତାପଜ ଓ ଜଳଜ ପ୍ରକଳ୍ପଗୁଡ଼ିକୁ ସମାପ୍ତ କରିବା ଲାଗି ସରକାର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ୧୯୯୧-୯୨ ମସିହା ମଧ୍ୟରେ ରେଙ୍ଗାଲି ପ୍ରକଳ୍ପ ୫ମ ଶାଖା ଓ ଅପର କୋଲାବ ଜଳଜ ବିଦ୍ୟୁତ୍ ପ୍ରକଳ୍ପର ଦ୍ୱିତୀୟ ଶାଖା କାର୍ଯ୍ୟକାରୀ କରାଯିବ ବୋଲି ସ୍ଥିର କରାଯାଇଛି । ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ଏଥି ନିମନ୍ତେ ସରକାର ୧୯୯୨-୯୩ ମସିହା ବଜେଟ୍ ଅଟକଳରେ ପର୍ଯ୍ୟାପ୍ତ ବ୍ୟୟ ବରାଦ କରିଛନ୍ତି । ସିନ୍ଧୋଳ ଭଳି ନୂଆ ତାପଜ ଓ ଜଳଜ ପ୍ରକଳ୍ପ, ହୀରାକୁଦ ବିଦ୍ୟୁତ୍ ପ୍ରକଳ୍ପରୁ ଅତିରିକ୍ତ ବିଦ୍ୟୁତ୍ ଉତ୍ପାଦନ, ତୁହୁରୀ ଓ ନଥାର ତାପଜ ବିଦ୍ୟୁତ୍ କେନ୍ଦ୍ର ଭଳି ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ଅନୁସନ୍ଧାନ କାର୍ଯ୍ୟ ଶେଷ ହୋଇଛି । ଏସବୁ ପ୍ରକଳ୍ପଗୁଡ଼ିକୁ ଅଷ୍ଟମ ଯୋଜନା କାଳ ମଧ୍ୟରେ କାର୍ଯ୍ୟକାରୀ କରାଯାଇ ପାରିବ । ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଉଦ୍ଦେଶ୍ୟରେ ହୀରାକୁଦସ୍ଥିତ ପୁରୁଣା ଜଳଜ ପ୍ରକଳ୍ପ ଓ ତାଳଚେରସ୍ଥିତ ଏକମାତ୍ର ତାପଜ ବିଦ୍ୟୁତ୍ କେନ୍ଦ୍ର ଦ୍ୱୟର ମରାମତି ଓ ଆଧୁନିକୀକରଣ ଲାଗି ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଛି । ରାଜ୍ୟରେ ଥିବା ବିପୁଳ ଅକ୍ଷୟ ଶକ୍ତିର ବିନିଯୋଗ କରିବା ଲାଗି ଛୋଟ ଛୋଟ ଜଳଜ ପ୍ରକଳ୍ପମାନ ହାତକୁ ନିଆଯାଇଛି । ବୃହତ୍ ଶିଳ୍ପାନୁଷ୍ଠାନଗୁଡ଼ିକର ଯେପରି ନିଜ ନିଜର କ୍ୟାପ୍ଟିଭ୍ ବିଦ୍ୟୁତ୍ କାରଖାନା ନିର୍ମାଣ କରିପାରିବେ, ସେଥିଲାଗି ସେମାନଙ୍କୁ ଉତ୍ସାହ ପ୍ରଦାନ କରାଯାଉଛି । ଆବଶ୍ୟକତା ଓ ଯୋଗାଣ କ୍ଷେତ୍ରରେ ରହିଥିବା ତାରତମ୍ୟକୁ ମେଣ୍ଟାଇବା ଲାଗି ରାଜ୍ୟ ସରକାର ଘରୋଇ ଶିଳ୍ପୋଦ୍ୟୋଗୀମାନଙ୍କୁ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ସାହାଯ୍ୟ କରିବା ଲାଗି ଆହ୍ୱାନ କରିଛନ୍ତି ।

ବୈଷୟିକ କାରଣରୁ ବିଦ୍ୟୁତ୍ ଶକ୍ତିର ଅପଚୟ, ଅସାଧୁ ଉପାୟରେ ବିଦ୍ୟୁତ ଚୋରି, ମିଟର ନଥାଇ ବିଦ୍ୟୁତ୍ ଯୋଗାଣ ଓ ତ୍ରୁଟିପୂର୍ଣ୍ଣ ମିଟର ବ୍ୟବହାର ଫଳରେ ଯେଉଁଭଳି ବିଦ୍ୟୁତ୍ ଶକ୍ତିର ଅପଚୟ ଇତ୍ୟାଦିକୁ ରୋକିବା ଲାଗି ଟ୍ରାନ୍ସମିସନ୍ ଲାଇନ୍ ନିର୍ମାଣ ଓ ଅତ୍ୟଧିକ ବିଦ୍ୟୁତ୍ ସରବରାହ ଅଞ୍ଚଳଗୁଡ଼ିକରେ ସବ୍‌ଷ୍ଟେସନ୍ କେନ୍ଦ୍ର ନିର୍ମାଣ, ମିଟର ବ୍ୟବସ୍ଥା, ଟ୍ୟାମ୍ପର୍ ପ୍ରୁଫ୍ ବାକ୍ସମାନ ରଖିବା, ଆକସ୍ମିକ ଚଢ଼ାଉ ବ୍ୟବସ୍ଥା ଓ ଭ୍ରାମ୍ୟମାଣ ଅଦାଲତ ବ୍ୟବସ୍ଥାମାନ ପ୍ରବର୍ତ୍ତନ କରାଯାଇଛି ।

## ଶକ୍ତି ଉତ୍ପାଦନ ଦିଗରେ ପଦକ୍ଷେପ

ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଶିଳ୍ପ ଓ କୃଷିର ଉନ୍ନତି ଏକାନ୍ତ ଆବଶ୍ୟକ । ବିଦ୍ୟୁତ୍ ଶକ୍ତି ଶିଳ୍ପର ପ୍ରାଣକେନ୍ଦ୍ର । କୃଷିର ଉନ୍ନତି ପାଇଁ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ଅପରିହାର୍ଯ୍ୟ । ରାଜ୍ୟର କ୍ରମବର୍ଦ୍ଧିଷ୍ଣୁ ବିଦ୍ୟୁତ୍ ଚାହିଦା ଦୃଷ୍ଟିରୁ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରି ରାଜ୍ୟର କୃଷିରେ ଉନ୍ନତି ଆଣିବା ସଙ୍ଗେ ସଙ୍ଗେ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ସରକାର ସଙ୍କଳ୍ପବଦ୍ଧ ।

ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳରେ ରେଙ୍ଗାଲି ବିଦ୍ୟୁତ୍ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଦୁଇଟି ୟୁନିଟ୍ ଓ ଦ୍ୱିତୀୟ ପର୍ଯ୍ୟାୟର ଦୁଇଟି ୟୁନିଟ୍ ଏବଂ ଅପର କୋଲାବ୍ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ତିନୋଟି ୟୁନିଟ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ ସେଥିରୁ ମୋଟ୍ ୬୩୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଛି । ଏତଦ୍ ବ୍ୟତୀତ ଫାରକା ଓ ଚୁଖା ଇତ୍ୟାଦି କେନ୍ଦ୍ରୀୟ ପ୍ରକଳ୍ପରୁ ଆମ ରାଜ୍ୟର ଅଂଶ

ବାବଦକୁ ୬୭ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ମିଳିବା ଫଳରେ ରାଜ୍ୟର ମୋଟ୍ ବିଦ୍ୟୁତ୍ ଉତ୍ପାଦନ ୭୨୧ ମେଗାୱାଟ୍‌କୁ ବୃଦ୍ଧି ପାଇଛି ।

କିନ୍ତୁ ରାଜ୍ୟରେ ଶିଳ୍ପର ଦ୍ରୁତ ଅଗ୍ରଗତି, ଉଠାଜଳସେଚନ ଓ ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନାର ଆବଶ୍ୟକତା ପୂରଣ ପାଇଁ ସପ୍ତମ ଯୋଜନା ଶେଷ ସୁଦ୍ଧା ଆମ ରାଜ୍ୟର ବିଦ୍ୟୁତ୍ ଚାହିଦା ୧,୨୭୧ ମେଗାୱାଟ୍‌କୁ ବୃଦ୍ଧି ପାଇଥିବାରୁ ବିଦ୍ୟୁତ୍ ଶକ୍ତିର ଚାହିଦା ତୁଳନାରେ ଏହାର ଉତ୍ପାଦନ ୫୫୦ ମେଗାୱାଟ୍ ନିଅଣ୍ଟ ପରିଲକ୍ଷିତ ହୋଇଛି । ଏହାର ଭରଣା କରିବା ନିମନ୍ତେ ଓ ଭବିଷ୍ୟତର କ୍ରମବର୍ଦ୍ଧିଷ୍ଣୁ ବିଦ୍ୟୁତ୍ ଚାହିଦା ପୂରଣ କରିବାକୁ ଅଷ୍ଟମ ପଞ୍ଚବାର୍ଷିକ ଯୋଜନା କାଳରେ ସପ୍ତମ ଯୋଜନାର ଅସମ୍ପୂର୍ଣ୍ଣ ଜଳ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କରିବା, ପୁରୁଣା ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ନବୀକରଣ ଏବଂ ନୂତନ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ ୨,୮୩,୨୯୧·୦୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ସେଥିରୁ ୧୯୯୦-୯୧ ଆର୍ଥିକ ବର୍ଷ ପାଇଁ ୨୯,୩୫୦·୦୦ ଲକ୍ଷ ଟଙ୍କା ଓ ୧୯୯୧-୯୨ ଆର୍ଥିକ ବର୍ଷ ପାଇଁ ୪୮,୦୦୦·୦୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

ସପ୍ତମ ଯୋଜନା କାଳରେ କାର୍ଯ୍ୟକାରୀ ହୋଇଥିବା ନିମ୍ନଲିଖିତ ଅସମ୍ପୂର୍ଣ୍ଣ ଜଳ ବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଅଷ୍ଟମ ପଞ୍ଚବାର୍ଷିକ ଯୋଜନା କାଳରେ ସମ୍ପୂର୍ଣ୍ଣ କରିବା ପାଇଁ ବିହିତ ପଦକ୍ଷେପ ନିଆଯାଇଛି ।

(୧) ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟର ୫ମ ୟୁନିଟ୍ ।

(୨) ଅପର କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟର ୪ର୍ଥ ୟୁନିଟ୍ ।

(୩) ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ।

(୪) ହୀରାକୁଦ ସପ୍ତମ ୟୁନିଟ୍ ।

(୫) ପୋଟେରୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ।

(୬) ଇବ୍ ତାପଜ ବିଦ୍ୟୁତ୍ ପ୍ରକଳ୍ପ ।

(୭) ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟର ନବୀକରଣ ଓ ପୁନରୁଦ୍ଧାର ।

ଉପରୋକ୍ତ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଗତ ସେପ୍ଟେମ୍ବର ମାସରେ ହୀରାକୁଦ ସପ୍ତମ ୟୁନିଟ୍ ଉତ୍ପାଦନକ୍ଷମ ହୋଇପାରିଛି ଓ ଏହି ୟୁନିଟ୍‌ରୁ ଦୈନିକ ୩୭·୫ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇପାରିଛି ।

ଉପରୋକ୍ତ ପ୍ରକଳ୍ପଗୁଡ଼ିକରୁ କେବଳ ଅଷ୍ଟମ ଯୋଜନା କାଳରେ ୬୭୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏତଦ୍ ବ୍ୟତୀତ ଏହି ଯୋଜନା କାଳରେ କେନ୍ଦ୍ରୀୟ ପ୍ରକଳ୍ପରୁ ଓଡ଼ିଶା ଅଂଶ ବାବଦକୁ ୩୩୬ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ମିଳିବାର ଅଟକଳ କରାଯାଇଛି ।

ଏତଦ୍ ବ୍ୟତୀତ ଅଷ୍ଟମ ଯୋଜନା କାଳରେ ନିମ୍ନଲିଖିତ ନୂତନ ଜଳ ବିଦ୍ୟୁତ୍, ତାପଜ ବିଦ୍ୟୁତ୍ ଓ ମିନି ମାଇକ୍ରୋ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ପ୍ରାରମ୍ଭିକ ପଦକ୍ଷେପ ନିଆଯାଇଛି ।

## ଜଳ ବିଦ୍ୟୁତ୍ ପ୍ରକଳ୍ପ

(୧) ବରଗଡ଼ ହେଡ୍ ରେଗୁଲେଟର୍ (୩[illegible] ମେଗାୱାଟ୍) ।

(୨) ବାଲିମେଳା ସମ୍ପ୍ରସାରଣ (୭ମ ଓ ୮ମ ୟୁନିଟ୍) (୨x[illegible] ମେଗାୱାଟ୍) ।

(୩) ମନ୍ଦିରା ଜଳ ବିଦ୍ୟୁତ୍ ପ୍ରକଳ୍ପ (୩x୧୦ ମେଗାୱାଟ୍ + ୧x୨·୫ ମେଗାୱାଟ୍) ।

(୪) ହରଭଙ୍ଗୀ ଜଳ ବିଦ୍ୟୁତ୍ ପ୍ରକଳ୍ପ (୨x[illegible] ମେଗାୱାଟ୍) ।

(୫) ସିନ୍ଦୋଳ ଜଳ ବିଦ୍ୟୁତ୍ ପ୍ରକଳ୍ପ (୫x[illegible] ମେଗାୱାଟ୍) ।

(୬) ହୀରାକୁଦ ଅତିରିକ୍ତ ଶକ୍ତି ଉତ୍ପାଦନ ୨୫୦×ଏମ୍.ୟୁ) ।

(୭) ଜଳାପୁଟ (ଓଡ଼ିଶା ଓ ଆନ୍ଧ୍ରର ମିଳିତ ଉଦ୍ୟମ) ୧[illegible] ମେଗାୱାଟ୍ ଓଡ଼ିଶା ଅଂଶ) ।

(୮) ନିମ୍ନ ମାଛକୁଣ୍ଡ (ଓଡ଼ିଶା ଓ ଆନ୍ଧ୍ରର ମିଳିତ ଉଦ୍ୟମ) ୬୦ ମେଗାୱାଟ୍ ଓଡ଼ିଶା ଅଂଶ) ।

(୯) ଭୀମକୁଣ୍ଡ ଯୋଜନା (୫x୬୦ ମେଗାୱାଟ୍) ।

## ତାପଜ ବିଦ୍ୟୁତ୍ ପ୍ରକଳ୍ପ

(୧) ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ର, ଦ୍ୱିତୀୟ ପର୍ଯ୍ୟାୟ (୨x୨୧୦ ମେଗାୱାଟ୍) ।

(୨) ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର ସମ୍ପ୍ରସାରଣ – (୪) (୨x୨୫୦ ମେଗାୱାଟ୍) ।

ରାଜ୍ୟର ଶିଳ୍ପର ଅଭିବୃଦ୍ଧି ପାଇଁ ଶିଳ୍ପୋଦ୍ୟୋଗୀମାନଙ୍କୁ ନିମ୍ନମାନେ ରିହାତି ଦରରେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ଆଇ. ପି. ଆର ୧୯୮୯ ଅନୁସାରେ ବ୍ୟବସ୍ଥା ଗ୍ରହଣ କରାଯାଇଅଛି ଓ ସେମାନଙ୍କୁ ନିମ୍ନମତେ ବିଦ୍ୟୁତ୍ ଶୁଳ୍କ ଛାଡ଼ କରାଯାଇଛି ।

୫୦୦ କେ.ଭି.ଏ ପର୍ଯ୍ୟନ୍ତ ୧୦୦ ପ୍ରତିଶତ ।

୫୦୦ କେ.ଭି.ଏ.ରୁ ୫,୦୦୦ କେ.ଭି.ଏ. ୭୫ ପ୍ରତିଶତ ।

୫,୦୦୦ କେ.ଭି.ଏ.ରୁ ୧୦,୦୦୦ କେ.ଭି.ଏ. ୫୦ ପ୍ରତିଶତ ।

କୃଷି, ଶିଳ୍ପ ଓ ଦୈନନ୍ଦିନ ଜୀବନରେ ବିଦ୍ୟୁତ୍ ଶକ୍ତିର ସୁବିଧା ବଢ଼ିଯାଇଥିବାରୁ ଏଥିପାଇଁ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ନିମନ୍ତେ ଅଧିକ ସଫଳ ଆବଶ୍ୟକ ହେଉଥିବାରୁ ବେସରକାରୀ ସ୍ତରରେ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରିବା ପାଇଁ ବିହିତ ପଦକ୍ଷେପମାନ ଗ୍ରହଣ କରାଯାଉଛି ।

## ଶକ୍ତି ସଂରକ୍ଷଣ

କୃଷି, ଶିଳ୍ପ, ପରିବହନ ସଂସ୍ଥା ବିଦ୍ୟୁତ୍ ଶକ୍ତି ଅଭାବରୁ ସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିନା କାରଣରେ ଶକ୍ତି ଅପଚୟକୁ ରୋକିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ

ବିହିତ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଛି । ଏଥିରେ ସର୍ବସାଧାରଣଙ୍କ ସହଯୋଗ ଆମର କାମ୍ୟ ।

ନୂତନ ବିଦ୍ୟୁତ୍ ପ୍ରକଳ୍ପ ଏବଂ ପୁରାତନ ପ୍ରକଳ୍ପର ପୁନରୁଦ୍ଧାର ଓ ଆଧୁନିକୀକରଣ ସହିତ ଅଧିକ ଟ୍ରାନ୍ସମିସନ୍ ଜନିତ କ୍ଷୟ କମାଇବା ପାଇଁ ବିଦ୍ୟୁତ୍ ସରବରାହ ଲାଇନ୍‌ର ଉନ୍ନତି ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି ।

ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ପରେ ରାଜ୍ୟକୁ ଏକ ବିଦ୍ୟୁତ୍ ବଳକା ରାଜ୍ୟ କରିବା ପାଇଁ ସରକାର ଉପର ଲିଖିତ ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରିଛନ୍ତି ।

## ମିନି, ମାଇକ୍ରୋ ଜଳ ବିଦ୍ୟୁତ୍ ପ୍ରକଳ୍ପ

| | |
|---|---|
| (୧) ବାଉବୋରିଆ | (୨×୩୭୫ କିଲୋୱାଟ୍) |
| (୨) କେନ୍ଦୁପାଟଣା | (୨×୨୫୦ କିଲୋୱାଟ୍) |
| (୩) ବାରିବାଟି | (୨×୩୭୫ କିଲୋୱାଟ୍) |
| (୪) ବାଣପୁର | (୨×୧୫୦ କିଲୋୱାଟ୍) |
| (୫) ହରଭଙ୍ଗୀ | (୨×୧୦୦୦ କିଲୋୱାଟ୍) |
| (୬) ବଡ଼ନଲା | (୨×୩୭୫ କିଲୋୱାଟ୍) |
| (୭) ଅନ୍ଧାରୀଭଙ୍ଗୀ | (୧×୩୭୫ କିଲୋୱାଟ୍) |
| (୮) ବ୍ରହ୍ମପୁର ଡିଷ୍ଟ୍ରୀବ୍ୟୁଟାରୀ | (୨୦୦ କିଲୋୱାଟ୍) |
| (୯) ଅପରଭଙ୍ଗ | (୫୦୦ କିଲୋୱାଟ୍) |

(ଉପରଲିଖିତ ୯ଟି ବ୍ୟତୀତ ଆଉ ୧୬ଟି ମିନି ମାଇକ୍ରୋ ଜଳ ବିଦ୍ୟୁତ୍ ପ୍ରକଳ୍ପର କାମ ହାତକୁ ନେବା ପାଇଁ ଚିହ୍ନିତ କରାଯାଇଛି । ସେଗୁଡ଼ିକର ଅନୁସନ୍ଧାନ କାର୍ଯ୍ୟ ଚାଲୁ ରହିଛି ।)



ଆନ୍ତଃରାଜ୍ୟ ବସ୍ ଚଳାଚଳ ବିଷୟରେ ଭୁବନେଶ୍ୱରଠାରେ ଏକ ବୈଠକରେ ମିଳିତ ହୋଇ ରାଜ୍ୟ ପରିବହନ ବିଭାଗ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ଆନ୍ଧ୍ରପ୍ରଦେଶ ପରିବହନ ମନ୍ତ୍ରୀଙ୍କ ସହିତ ଆଲୋଚନା କରୁଛନ୍ତି (୨୦/୭) ।

# ଓଡ଼ିଶାରେ ଦାରିଦ୍ର୍ୟ ଏକ ବିଶ୍ଳେଷଣ

● ଡକ୍ଟର ହୃଷିକେଶ ମିଶ୍ର

ଭାରତର ସମସ୍ତ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ ଦରିଦ୍ରତମ ରାଜ୍ୟ । ଏହାର ପ୍ରାୟ ଶତକଡ଼ା ୬୦ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ପର୍ଯ୍ୟାଲୋଚନାରୁ ଜଣାଯାଏ ଯେ ସମସ୍ତ ପ୍ରକାର ପ୍ରାକୃତିକ ସମ୍ପଦ ଯଥା–ବନଜ, ଖଣିଜ, ଜଳଜ ଏବଂ ଭୂ–ସମ୍ପତ୍ତି ଇତ୍ୟାଦିରେ ଓଡ଼ିଶା ଅନ୍ୟାନ୍ୟ ରାଜ୍ୟମାନଙ୍କ ତୁଳନାରେ ଅଧିକ ସମୃଦ୍ଧ । ଓଡ଼ିଶାର ମାନବ ସମ୍ବଳ ଅର୍ଥାତ୍ ଲୋକଶକ୍ତି ବେଶ ଉନ୍ନତ । ଏହାର କଳା, ସଂସ୍କୃତି ଏବଂ ଭାସ୍କର୍ଯ୍ୟ ପୃଥିବୀ ପ୍ରସିଦ୍ଧ । ଆମ ଐତିହ୍ୟ ଅତ୍ୟନ୍ତ ବୁଦ୍ଧିମନ୍ତ । ଅତୀତ ଓଡ଼ିଶାର ସାଧବ ପୁଅମାନେ ବାଣିଜ୍ୟ ବ୍ୟବସାୟ କରି ଦେଶକୁ ପ୍ରଚୁର ପରିମାଣରେ ଧନରତ୍ନ ବୋହି ଆଣିବାର ସ୍ମୃତି ଆଜି ମଧ୍ୟ ଆମ ମନରୁ ଲିଭି ଯାଇ ନାହିଁ । ତଥାପି ଯୋଜନାର ଚାରି ଦଶନ୍ଧି ପରେ ମଧ୍ୟ ଓଡ଼ିଶା ଦରିଦ୍ର ଏବଂ ଅନୁନ୍ନତ ଅବସ୍ଥାରେ ଅଛି । ଫଳରେ ଦାରିଦ୍ର୍ୟ ଓଡ଼ିଶା ପାଇଁ ଏକ କ୍ରୁର ଉପହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ୬୦ ବର୍ଷ ତଳେ ଗାନ୍ଧିଜୀ କହିଥିଲେ– "ଦାରିଦ୍ର୍ୟ ଓଡ଼ିଶାର ଏକ ନଗ୍ନ ରୂପ" । ଆଜି ବି ତାହା ଦେଖିବାକୁ ମିଳୁଛି ।

ଓଡ଼ିଶାରେ ଦାରିଦ୍ର୍ୟର କାରଣମାନ ଅନୁସନ୍ଧାନ କଲେ ଜଣାଯାଏ ଯେ, ୧୫୦ ବର୍ଷର ବ୍ରିଟିଶ ଶାସନ ଏବଂ ଓଡ଼ିଶାର ବିବିଧ ବିପତ୍ତି ଯଥା, ବନ୍ୟା ବାତ୍ୟା ଏବଂ ମରୁଡ଼ି ସହିତ ଅନୁନ୍ନତ ତଥା ଅବହେଳିତ କୃଷି, ଶିଳ୍ପ ଓ ପୁଞ୍ଜି ବିନିଯୋଗ ବେକାରୀ ଏବଂ ଦାରିଦ୍ର୍ୟ ବଢାଇବାରେ ସାହାଯ୍ୟ କରିଛି । ପୁନଶ୍ଚ ବର୍ଷ ବର୍ଷର ପୁଞ୍ଜିଭୂତ ଅଧୋଗତି ଦାରିଦ୍ର୍ୟ ସୃଷ୍ଟି କରି ଚାଲିଛି । ଫଳରେ ଓଡ଼ିଶାର ଅର୍ଦ୍ଧାଧିକ ଲୋକ ଦିନକୁ ଦୁଇବେଳା ପେଟପୂରା ଖାଇବାକୁ ପାଉ ନାହାଁନ୍ତି । ଏ ଅଧୋଗତି କାହିଁକି ?

ଏଥିପାଇଁ ଆମେମାନେ ତଥା ଆମ ସମାଜ ଦାୟୀ ନୁହେଁ କି ? ଆମେମାନେ ଅତୀତରୁ କିଛି ନଶିଖିଲା ପରି ମନେ ହୁଏ । ଆମମାନଙ୍କ ମଧ୍ୟରେ ସେ ସ୍ୱାଭିମାନ ବା ଚେତନା ତଥା ଉନ୍ନତି ପାଇଁ ଶୃଙ୍ଖଳା, କଠିନ ପରିଶ୍ରମ ତଥା ଜିଦ୍‌ଖୋର ମନବୃତ୍ତିର ଅଭାବ ଅଛି । ଏ ସମସ୍ତ ପ୍ରବୃତ୍ତିରେ ଜର୍ମାନୀ, ଜାପାନ ଓ ଚୀନ ଏମିତି ଆଗେଇଛନ୍ତି ଯେ ଏପରିକି ଆମେରିକା, କାନାଡ଼ା ଓ ରୁଷିଆ ପରି ସମୃଦ୍ଧ ଦେଶ ସମୂହ ହାରି ଯାଉଛନ୍ତି । ଓଡ଼ିଶାରେ ଏ ସମସ୍ତ ପ୍ରବୃତ୍ତି ତଥା ଆଗ୍ରହ ନାହିଁ । କହିବା ବାହୁଲ୍ୟ ଯେ ଆମ ଜନସାଧାରଣ ଭାଗ୍ୟବାଦୀ । ଫଳରେ, ଆମରାଜ୍ୟ ଯଥା ପୂର୍ବ ତଥା ପଙ୍ଗୁ ଅବସ୍ଥାରେ ରହି ଯାଉଛି ।

ଏକ ଅର୍ଥନୈତିକ ବିଶ୍ଳେଷଣରୁ ଜଣାଯାଏ ଯେ ଅର୍ଥ୍କ ରୋଜଗାର ବଢ଼ିଲେ ଦୁଃଖ ଯାଏନାହିଁ । ମାତ୍ର ଉତ୍ପାଦନ ବା ପ୍ରକୃତ ରୋଜଗାର ବଢ଼ିଲେ ଦୁଃଖ ବା ଦୈନ୍ୟ ହଟିଯାଏ । କେବଳ ବୃଦ୍ଧି ବା ସମ୍ପଦ ଥିଲେ ଦେଶର ଉନ୍ନତି ହୁଏ ନାହିଁ । ଏ ସମସ୍ତ ସମ୍ପଦର ସଦ୍ ବିନିଯୋଗ, ନିୟନ୍ତ୍ରଣ ତଥା ପରିଚାଳନା ଦରକାର । ମାତ୍ର ଏ ସମସ୍ତ ସମ୍ପଦର ସଦ୍ ବିନିଯୋଗ ନିମନ୍ତେ ପୁଞ୍ଜି ଦରକାର । ପୁଞ୍ଜି ସୃଷ୍ଟି ନିମନ୍ତେ ସମସ୍ତ ପ୍ରକାର ଅପବ୍ୟୟ କମାଇ ସଂଯମ ଆଚରଣ ସହ ସଞ୍ଚୟ ବଢ଼ାଇବା ଦରକାର । ଏ ସଞ୍ଚିତ ପୁଞ୍ଜି ଏବଂ କିଛି ଋଣ କରି ମଧ୍ୟ ଉତ୍ପାଦନରେ ଲଗାଇ ସମ୍ପଦ ସୃଷ୍ଟି କରିବା ଓ ଆର୍ଥିକ ରୋଜଗାର ବଢ଼ାଯିବା ଦରକାର । ଫଳରେ, ବର୍ଦ୍ଧିତ ଉତ୍ପାଦନ ରପ୍ତାନୀ ବୃଦ୍ଧି ଦ୍ୱାରା ଦେଶକୁ ଆଗେଇ ନେବାରେ ସାହାଯ୍ୟକରେ । ଏ ସମସ୍ତ ମାଧ୍ୟମରେ ଅର୍ଥନୈତିକ ପ୍ରଗତି ଯେତେ ବଢ଼େ, ଦାରିଦ୍ର୍ୟ ଓ ବେକାରୀ ସେତେ କମେ । ମାତ୍ର ଏ ଅର୍ଥନୈତିକ ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚିବା ଦରକାର । ବାଟ ମାରଣା ଯେପରି ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର । ମାତ୍ର ଏ ସବୁର ବ୍ୟତିକ୍ରମ ଦାରିଦ୍ର୍ୟ ସୃଷ୍ଟିକରି ଚାଲିଥାଏ ।

ଓଡ଼ିଶାର ଅର୍ଥନୈତିକ ଉନ୍ନତି ପାଇଁ କୃଷି ଆଉ ଶିଳ୍ପ, ଏ ଦୁଇ କଥା ବିଚାର କରାଯାଉ । ଏହା ସ୍ୱୀକାର୍ଯ୍ୟ ଯେ ଓଡ଼ିଶା ଏକ କୃଷି ପ୍ରଧାନ ଦେଶ । ଏଠି ଶତକଡ଼ା ୮୦ ଜଣ କୃଷି କାର୍ଯ୍ୟରେ ଜୀବିକା ନିର୍ବାହ କରନ୍ତି । କୃଷି ଶତକଡ଼ା ୬୦ ଭାଗ ରାଜ୍ୟ ଆୟ ଦେଇ ଥାଏ । ମାତ୍ର ଆମ କୃଷି ଏକ ଅନୁନ୍ନତ ଅବସ୍ଥାରେ ଅଛି । ଫଳରେ ଏଣୁ କୃଷି କାର୍ଯ୍ୟରେ ସେତେ ଲାଭ ହୁଏ ନାହିଁ । ଏହାର ପ୍ରମାଣ ଅଧିକାଂଶ କୃଷକ ଦରିଦ୍ର ଏବଂ ଋଣ ଗ୍ରସ୍ତ । ଏହାର ପ୍ରମାଣ ସ୍ୱରୂପ ଏକ ଅର୍ଥନୈତିକ ସର୍ବେକ୍ଷଣ ସୂଚାଇ ଦିଏ ଯେ ୮୦ ଭାଗ କୃଷିକାରୀଙ୍କ ଆୟ ମାତ୍ର ଶତକଡ଼ା ୬୨ ଭାଗ ହୁଏ ତେବେ ୨୦

ଓ ଅଣକୃଷିକାରୀଙ୍କ ଆୟ ଶତକଡ଼ା ୩୮ ଭାଗ। ମାତ୍ର ସରକାର ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ଼ ଚାଷୀ ଭାଇଙ୍କୁ ସାମାନ୍ୟ ସାନ୍ତ୍ୱନା ଦେଇ ପାରିଛି। ଅନ୍ୟ ପକ୍ଷରେ, ଓଡ଼ିଶାରେ କୃଷକର ବା ଜମି ଆଶାନୁରୂପ ହୋଇପାରି ନାହିଁ। ଉକ୍ତ ସମସ୍ୟାର ଏକ ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା।

ଓଡ଼ିଶାରେ ଶତକଡ଼ା ୭୪ ଭାଗ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ହାତରେ ଶତକଡ଼ା ୩୮ ଭାଗ ଜମି ଥିବା ବେଳେ, ଶତକଡ଼ା ୨୬ ଭାଗ ବଡ଼ ଚାଷୀ, (ଜଣପିଛା ୫ ଏକରରୁ ଅଧିକ) ଚାଷୀଙ୍କ ହାତରେ ୬୦ ଭାଗ ଜମି ରହିଛି।

ଅନ୍ୟପକ୍ଷରେ ଓଡ଼ିଶାର ବିବିଧ ବିପତ୍ତି ବିଶେଷ କରି ମରୁଡ଼ି ଏକ ସ୍ଥାୟୀ ବ୍ୟାଧି ରୂପେ ଲାଗି ରହିଛି। ଓଡ଼ିଶାର ସମସ୍ତ ଜିଲ୍ଲା ପ୍ରାୟତଃ ମଧ୍ୟମ ଭାବେ ମରୁଡ଼ି ପ୍ରପୀଡ଼ିତ ଥିବା ବେଳେ ଫୁଲବାଣୀ, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ ଏବଂ ଗଞ୍ଜାମ ଇତ୍ୟାଦି ବିଶେଷ ଭାବେ ସଦା ମରୁଡ଼ି ପ୍ରପୀଡ଼ିତ। ଏଠି ଜଳସେଚନର ଆବଶ୍ୟକତା ଜରୁରୀ ଥିବା ବେଳେ ମାତ୍ର ୨୩ ଭାଗ ଜମି ସେଚିତ ହୁଏ। ଏହା ସର୍ବ ଭାରତୀୟ ହାର (୩୦%) ବା ତାମିଲନାଡୁ, ମହାରାଷ୍ଟ୍ର, ପଞ୍ଜାବ, ହରିଆନା ଇତ୍ୟାଦିଠାରୁ ବହୁତ କମ୍। ଏଣେ ଲୋକମାନେ ଏଠି ଅନୁନ୍ନତ ବା ଦରିଦ୍ର ଥିବାରୁ ଉନ୍ନତ ବିହନ, ସାର, ପୋକମରା ଔଷଧ ଏବଂ ଉନ୍ନତ କୃଷି ଉପକରଣର ବ୍ୟବହାର ବହୁତ କମ୍ ମାତ୍ରାରେ ଦେଖାଯାଏ। ସର୍ବଭାରତୀୟ ହାର ତୁଳନାରେ ଏହା ଅତି ନଗଣ୍ୟ।

ଅର୍ଥନୈତିକ ଉନ୍ନତିର ବେଗକୁ ତ୍ୱରାନ୍ୱିତ କରିବାକୁ ହେଲେ କୃଷି ବିକାଶ ସାଙ୍ଗକୁ ଦ୍ରୁତ ଶିଳ୍ପ ବିକାଶ ଦରକାର। କାରଣ କୃଷି ବିନା ଶିଳ୍ପ ଅସମ୍ଭବ। କୃଷି ବିକାଶ ପାଇଁ ଜଳସେଚନ ତଥା ନିୟନ୍ତ୍ରଣ ଏବଂ ଶିଳ୍ପ ବିକାଶ ପାଇଁ ବିଦ୍ୟୁତ୍ ଏବଂ ବୈଷୟିକ ଜ୍ଞାନ ଦରକାର। ମାତ୍ର ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଏକ ପଛୁଆ ରାଜ୍ୟ ଭାବେ ପରିଗଣିତ। ଏଠି ୧୯୮୯–୯୦ ମସିହା ପର୍ଯ୍ୟନ୍ତ ମାତ୍ର ୨୦୦୦ ଶିଳ୍ପର ତାଲିକା ଦେଖିବାକୁ ମିଳେ। ସରକାରଙ୍କ ନାନାବିଧ ଉଦ୍ୟମ ସତ୍ତ୍ୱେ ଅନେକ ଶିଳ୍ପ ରୁଗ୍ଣ ଅବସ୍ଥାରେ ଅଛି, ଏବଂ କେତେକ ଜନ୍ମରୁ ରୁଗ୍ଣ ହୋଇ ସଙ୍କଟ ସୃଷ୍ଟି କରିଛି। ଫଳରେ ତଥା କଥିତ ସଙ୍ଗଠକମାନେ ଅଭାବଗ୍ରସ୍ତ ଆଉ ଦେବାଳିଆ ଅବସ୍ଥାରେ ରହି ଅର୍ଥନୀତିରେ ଦୁରବସ୍ଥା ଆଣିଛନ୍ତି। ଏ ସମସ୍ତ ରୁଗ୍ଣ ଶିଳ୍ପ ପାଇଁ ବିଶେଷ ଉଦ୍ୟମ ଦରକାର। ବ୍ୟାଙ୍କ ସମୂହଙ୍କ କାର୍ଯ୍ୟ ପ୍ରଣାଳୀରେ ପରିବର୍ତ୍ତନ ଆଣି ଏମାନଙ୍କ କାର୍ଯ୍ୟ ସମୀକ୍ଷା କରାଯିବା ଦରକାର। ସରକାରୀ ତଥା ଅର୍ଦ୍ଧ ସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷାକରି ଶିଳ୍ପ ବିପ୍ଳବର ପଥ ସୁଗମ କରାଯିବା ଉଚିତ। ଯୋଜନାର ସ୍ୱୀକୃତି ଦୃଷ୍ଟିରେ ମଧ୍ୟ ଫୁଲବାଣୀ, କଳାହାଣ୍ଡି, ବଲାଙ୍ଗୀର ଇତ୍ୟାଦି ଜିଲ୍ଲା ଶିଳ୍ପ ଦିଗରେ ଅନୁନ୍ନତ ରହିବା ଏବଂ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ଆଶାନୁରୂପ ଅଗ୍ରଗତି ନ ହେବା ପରିତାପର ବିଷୟ। ଅନ୍ୟ ପକ୍ଷରେ ରାସ୍ତାଘାଟ, ବିଦ୍ୟୁତ୍ ଶକ୍ତି ତଥା ବଜାରର ଅଭାବ ଏତେ ବେଶୀ ଯେ ଶିଳ୍ପ ସ୍ଥାପନା ନିମନ୍ତେ ଅନେକେ ଭୟ କରୁଛନ୍ତି। ସର୍ବତୋଭାବେ ବିଦ୍ୟୁତ୍‌ଶକ୍ତିର ଅଭାବ ଶିଳ୍ପ ବିପ୍ଳବ ପାଇଁ ଏଠି ବିଶେଷ ଅସୁବିଧା ସୃଷ୍ଟି କରିଛି।

ଓଡ଼ିଶାରେ ଶତକଡ଼ା ୮୫ ଭାଗ ଲୋକ ଗ୍ରାମାଞ୍ଚଳରେ ରହୁଥିବାରୁ, ଗ୍ରାମାଞ୍ଚଳର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ଭବ। ଏଣେ ଗ୍ରାମାଞ୍ଚଳରେ ରହୁଥିବା ଲୋକମାନଙ୍କ ମଧ୍ୟରୁ ଶତକଡ଼ା ୪୫ ଭାଗ ଦାରିଦ୍ର୍ୟ ସୀମାରେଖା ତଳେ ଥିବାରୁ, ଓଡ଼ିଶାରେ ଦାରିଦ୍ର୍ୟ କହିଲେ ଗ୍ରାମାଞ୍ଚଳର ଦାରିଦ୍ର୍ୟକୁ ହିଁ ବୁଝାଇ ଥାଏ। ଏଣୁ ବର୍ତ୍ତମାନ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଅର୍ଥାଧିକ ସମ୍ବଳ ଗ୍ରାମାଞ୍ଚଳରେ ବ୍ୟୟ ହେବା ନୀତି ସମ୍ମତ। ବିଶେଷ କରି ଗ୍ରାମାଞ୍ଚଳରେ ଆଦିବାସୀ ହରିଜନ ତଥା ଅନୁନ୍ନତ ଶ୍ରେଣୀର ଲୋକେ ଅର୍ଥନୈତିକ ଉନ୍ନତିର ସଫଳ ପାଇ ପାରୁ ନାହାଁନ୍ତି। ଏମାନେ ଏ ସବୁର ବାହାରେ ଥିବାରୁ ଅନ୍ୟାନ୍ୟଙ୍କ ଦ୍ୱାରା ଆଜି ବି ନିଷ୍ପେଷିତ। ଏଣୁ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ, ଏବଂ ବେକାରୀ ବଢ଼ି ଚାଲିଛି। ଫଳରେ ଲୋକେ ଗାଁ ଗଣ୍ଡା ଛାଡ଼ି ସହରକୁ ଧାଇଁବା ଏକ ନିତି ଦିନିଆ ପେଶା ହୋଇ ପଡ଼ିଛି। ଏଣୁ ଦରିଦ୍ର ଲୋକଙ୍କ ପ୍ରକୃତ ଚିହ୍ନଟ କରାଯାଇ ସେମାନଙ୍କ ନିମନ୍ତେ ବିଶେଷ ଯୋଜନା କାର୍ଯ୍ୟକାରୀ ହେବା ବିଧେୟ। ଯଦିଓ ସରକାରଙ୍କ ନାନାବିଧ ଉଦ୍ୟମ ସତ୍ତ୍ୱେ ଦାରିଦ୍ର୍ୟ କିଛି କମିଛି, ମାତ୍ର ଏହା ସମୁଦ୍ରକୁ ଗଣ୍ଡେ ପାଣି ପରି। ଏହାର ପୂର୍ଣ୍ଣ ସମାଧାନ ହୋଇପାରି ନାହିଁ। କଳାହାଣ୍ଡି, ଫୁଲବାଣୀ ତଥା ଅନ୍ୟାନ୍ୟ ଅଞ୍ଚଳରେ ଥିବା ଦାରିଦ୍ର୍ୟର ମୂଳୋତ୍ପାଟନ ନିମନ୍ତେ କେନ୍ଦ୍ର ସରକାରଙ୍କ ସାହାଯ୍ୟ ଯୁଦ୍ଧ ଭିତ୍ତିରେ ବଢ଼ିବା ଦରକାର। ଓଡ଼ିଶା ପାଇଁ କେନ୍ଦ୍ର ସାହାଯ୍ୟ ବଙ୍ଗଳା ଏବଂ ଉତ୍ତର ପ୍ରଦେଶଠାରୁ ବହୁତ କମ୍। ଅନ୍ୟପକ୍ଷରେ, ଭାରତରେ ଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାକୁ ୧୭–ତମ ବିଶେଷ ଶ୍ରେଣୀୟ ରାଜ୍ୟ ଘୋଷଣା କରି ଏହାର ସର୍ବବିଧ ଉନ୍ନତିରେ ସାହାଯ୍ୟ କରିବା ସହସା ବିଧେୟ। ଅନ୍ୟଥା "ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ" ଓଡ଼ିଶାର ଏକ ବିଡ଼ମ୍ବନା ହୋଇ ରହିଯିବ।

# ପ୍ରଶାନ୍ତ ସାଗର

● ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

ପ୍ରଶାନ୍ତ ସାଗର !
ତୁମେ କ'ଣ ବ୍ୟାପିଅଛ
ଆଦିରୁ ଅନନ୍ତଯାଏଁ
କେଉଁଠାରେ ଆରମ୍ଭ ଓ
କେଉଁଠାରେ ଶେଷ ବା' ତୁମର ?
କେଉଁଠାରେ କୂଳ ତୁମ
କେଉଁଠାରେ ପୁଣି ଉପକୂଳ ?
ତୁମର ସୁନୀଳ ଢେଉ
ସ୍ପର୍ଶ ମାତ୍ରେ ପୋଛିଦିଏ
ପାପ, ତାପ, ଯେତେକ କଳୁଷ
ପୋଛିଦିଏ
ଗ୍ଲାନି, ଦୁଃଖ ଯେତେ ଅହଙ୍କାର ।
କି ପବିତ୍ର ଗୁଞ୍ଜରଣ
ଗାୟତ୍ରୀ ମନ୍ତ୍ରର ଏକ ଶୁଦ୍ଧପୂତ ଉଚ୍ଚାରଣ !!
ପକ୍ଷୀଙ୍କର କାକଳିରେ
ଏ କି' ବା ଅଦ୍ଭୁତ ସ୍ୱର
ମିଶିଯାଏ ପ୍ରଶାନ୍ତ ସାଗର
ତୁମ ଘନ ନୀଳ ଶାଢ଼ୀ ଅଞ୍ଚଳରେ
ସେ ସ୍ୱର କି ବେଦ ମନ୍ତ୍ର
ଓଁକାର ଶବ୍ଦର ଭଳି
ଭେଦିଯାଏ ଗଗନ ପବନ ?
ସେ ସ୍ୱର କି ଅନନ୍ତ ତୃଷ୍ଣାର ?
ଅନନ୍ତ କ୍ଷୋଭର ??
ଆଉ ଅନନ୍ତ ସୁଖର ???
ଦିଗ୍‌ବଳୟୁ ଉଠି ଆସେ ବାଳ ସୂର୍ଯ୍ୟ
ଲୋହିତ କିରଣେ
ତୁମେ କି ଅପୂର୍ବ ଦିଶ —
କେଶବତୀ ରାଜକନ୍ୟା ଭଳି
ତୁମେ କି ଅନିନ୍ଦ୍ୟ ଦିଶ !!
ସତୀତ୍ୱର ଅପୂର୍ବ ତେଜରେ
ସୁବର୍ଣ୍ଣ ପ୍ରତିମା ଭଳି
ସ୍ନାନ ଶେଷେ
ଏଇନା ପାଣିରୁ ଉଠି
ଅର୍ଘ୍ୟ ଥାଳି ଧରି
ଯୋଡ଼ ହାତେ ନମସ୍କାର କର ।

ସକାଳର କନକ କିରଣେ
ଚିକ୍ ଚିକ୍ କରି ଯାଇ
ଛୁଇଁଯାଏ ତୁମ ଦେହ
କୋଣ ଅନୁକୋଣ
ସୂର୍ଯ୍ୟ ଅବା ଉଙ୍କି ମାରେ,
ପୂର୍ବ ଦିଗୁଁ
ସିନ୍ଦୁର ବିନ୍ଦୁଟେ ଭଳି
ତୁମ କପାଳରେ
ତୁମେ ହୁଅ ଶାନ୍ତ ଆଉ ଶୁଭ୍ର
ତୁମ ଲହରୀରେ ଆଉ
ଉଠେ ନାହିଁ ଉଦ୍ଦାମତା
ଉଡ଼େ ନାହିଁ ଝଡ଼ର ଇଗଲ ।

ପ୍ରଶାନ୍ତ ଶାଗର ତୁମ
ଉଦ୍‌ବେଳିତ ଲହରୀରେ କ'ଣ
ସହସ୍ର ଜ୍ୟୋତ୍ସ୍ନାର ଆଖି ?
ଯେଉଁଥିରେ ଲିପିବଦ୍ଧ ହୋଇଯାଏ
ଶ୍ୟାମଳିତ ସୃଷ୍ଟିର ପୂରବୀ ?
ତୁମର ଢେଉ କି କ'ଣ
ସହସ୍ର ହାତରେ
ବଢ଼ିଯାଏ ଈଶ୍ୱରଙ୍କ ଆଗେ
ଶ୍ୱେତ ଶୁଭ୍ର ବିନମ୍ର ପ୍ରଣତି ?

ପ୍ରଶାନ୍ତ ସାଗର !!
ଭୀମକାନ୍ତ ରୂପ ନେଇ
ତୁମେ ଏକ ପବିତ୍ର ପୁସ୍ତକ
ବିଚିତ୍ର ଏ ବିଶାଳ ବିଶ୍ୱର !!
ପ୍ରତି ଜଳ ବିନ୍ଦୁ ଯା'ର, ଅମୃତର ସିନ୍ଧୁ ହୋଇ
କରିଯାଏ ଆସାକୁ ବିହ୍ୱଳ ।

ଅଧ୍ୟାପିକା,
ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ,
କଟକ ।




## ପବଲା ଗ୍ରାମର ଐତିହାସିକ ପରିବର୍ତ୍ତନ

ପିଙ୍କୋ ଗ୍ରାମ ଲୋକଲୋଚନରେ ଏକ ଅଧ୍ୟାୟନ । ଅନୁଗୋଳ ସଦରଠାରୁ ୩୦ କି: ମି: ଦୂର ପବଲା ଗ୍ରାମ । ଉଜ୍ଜୀ ତଡିର ବା ବିଧବାମାନଙ୍କର ବାସସ୍ଥାନ ଏ ପବଲା । ଏକ ବର୍ଷ ତଳେ ଲୋକ ଲୋଚନର ଅନ୍ତରାଳରେ ଆଲୋଡ଼ନ ସୃଷ୍ଟି କରିଥିବା ପବଲା ଗ୍ରାମ ବର୍ତ୍ତମାନ ଏକ ନୂତନ ରୂପରେଖ ନେଇଛି । ବିକୃତ ରୂପ, ଶ୍ରୀହୀନ ଘରେ ବାସ କରୁଥିବା ପୁରୁଷମାନେ ହଠାତ୍ ଗୋଟେ ପରେ ଗୋଟେ ପ୍ରାଣତ୍ୟାଗ କରି ନାରୀମାନଙ୍କ ମଥାରେ ସିନ୍ଦୁର ପୋଛି ଦେଉଥିଲେ । ୨ କି: ମି: ଦୁର୍ଗମ ପାହାଡ଼ ଉପରେ ବାସିନ୍ଦାମାନଙ୍କ ଦୁଃଖ ଲୋକ ଲୋଚନଠାରୁ ବହୁତ ଦୂରରେ ରହି ଯାଇଥିଲା । କିନ୍ତୁ ବର୍ତ୍ତମାନ ପବଲାର ଲୋକମାନଙ୍କ ଦୁଃଖ ମୋଚନ କରି ସେମାନଙ୍କ ଜୀବନରେ ଏକ ନୂତନ ଆଶାର ସଞ୍ଚାର କରିବାକୁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଚେଷ୍ଟାକରି ସଫଳ ହୋଇ ପାରିଛି । ତାହାର ଏକ ସ୍ପଷ୍ଟ ଚିତ୍ର ତଳେ ପ୍ରଦତ୍ତ କରାଗଲା ।

୧୯୯୦ ମସିହା ଫେବ୍ରୁଆରୀ ମାସରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ନାଲକୋ ନଗର ପରିଦର୍ଶନରେ ଆସିଥାନ୍ତି । ସେହି ସମୟରେ ଢେଙ୍କାନାଳ ଜିଲ୍ଲାପାଳ ଡ଼ଃ କେ: ଏସ: ଗଣେଶନଙ୍କ ସହ ତାଙ୍କର ସାକ୍ଷାତ ହୁଏ ଏବଂ ପବଲାର ଦୁଃଖ, ଯନ୍ତ୍ରଣା ବିଷୟ ଆଲୋଚନା ହୁଏ । ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ପବଲା ଗ୍ରାମବାସୀମାନଙ୍କର ଦୁଃଖରେ ସମଦୁଃଖୀ ହୋଇ ଜିଲ୍ଲାପାଳ ମହୋଦୟ ନିଜେ ବ୍ୟକ୍ତିଗତ ଭାବେ ଗ୍ରାମବାସୀମାନଙ୍କର ଦୁଃଖ ଦୁର୍ଦ୍ଦଶା ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରନ୍ତି । ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ଉଦ୍ୟମକୁ ସ୍ୱାମୀଜୀଙ୍କ ପ୍ରେରଣା ଦ୍ୱିଗୁଣିତ କରେ ସେଦିନ । ସେଦିନଠାରୁ ଆଜି ପର୍ଯ୍ୟନ୍ତ ଜିଲ୍ଲାପାଳ ବ୍ୟକ୍ତିଗତ ଭାବେ ଏକାଧିକବାର ପବଲା ଗ୍ରାମ ପରିଦର୍ଶନ କରିଛନ୍ତି । ତାଙ୍କର ଅନେକ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ପବଲା ଗ୍ରାମ ପରିଦର୍ଶନ କରି ପବଲାର ଉନ୍ନତି ପାଇଁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ଉଦ୍ୟମ ତଥା ବିଭାଗୀୟ କର୍ମକର୍ତ୍ତାଙ୍କ ଉଦ୍ୟମ ଫଳରେ ଚିର ଅବହେଳିତ ପବଲା ଏକ କିମ୍ବଦନ୍ତୀ ହୋଇ ରହିନାହିଁ । ଏହାର ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ବେଶ ଉନ୍ନତି ପରିଲକ୍ଷିତ ହୋଇଛି ।

୧୯୯୦ ମସିହା ମାର୍ଚ୍ଚମାସ ୨୨ ତାରିଖ ଦିନ ଢେଙ୍କାନାଳ ଜିଲ୍ଲାପାଳ ସମସ୍ତ ଜିଲ୍ଲାସ୍ତରୀୟ ଅଫିସର ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତାଙ୍କ ସହ ଉକ୍ତ ଗ୍ରାମକୁ ଫୋକସ୍ ଭିଲେଜ୍ ପୋଗ୍ରାମରେ ଯାଇ ଲୋକମାନଙ୍କର ସୁବିଧା ଅସୁବିଧା ଏବଂ ପୁରୁଷମାନଙ୍କର ଅକାଳ ବିୟୋଗର କାରଣ ଅନୁଧ୍ୟାନ କରିଥିଲେ । ସେଇଦିନଠାରୁ ପବଲାର ସୁଖଦୁଃଖରେ ଏକ ପ୍ରକାର ସ୍ଥିର ଦୃଷ୍ଟି ରଖିନେଲେ ଢେଙ୍କାନାଳର ଜିଲ୍ଲାପାଳ ଡ଼ଃ କେ: ଏସ୍: ଗଣେଶନ । ଆଜି ପବଲାର ଭୂଗୋଳ ଏକ ପ୍ରକାର ପରିବର୍ତ୍ତନ ହୋଇ ଯାଇଛି ।

(୧) ଯାତାୟତ ଏବଂ ଗମନା ଗମନର ସୁବିଧା :—ପବଲା ଗ୍ରାମଟି ଏକ ଉଚ୍ଚାମଥାନ ଟେକା ପାହାଡ଼ ଉପରେ ଅବସ୍ଥିତ ହୋଇଥିବାରୁ ଏଠାକୁ କୌଣସି ଗାଡ଼ି ମଟର ଯିବା କଷ୍ଟକର ହେଉଥିଲା । ଯାହାଦ୍ୱାରା କି କୌଣସି ଅଫିସର କିମ୍ବା ସହରର କୌଣସି ଲୋକ ସେ ଗ୍ରାମକୁ ଯିବା ସମ୍ଭବ ହୋଇ ପାରୁନଥିଲା । କିନ୍ତୁ ଆଜି ତାର ପରିବର୍ତ୍ତନ ହୋଇଯାଇଛି । ଅନୁଗୋଳ ବ୍ଲକ ଦ୍ୱାରା କରଡପଟାରୁ ପବଲାକୁ ନିର୍ମାଣ କରାଯାଇଥିବା ରାସ୍ତାରେ ଆଜି ମଟରଗାଡ଼ି ଏବଂ ଯାନବାହାନ ଯିବା ପଥକୁ ଉନ୍ମୁକ୍ତ କରିପାରିଛି ।

(୨) ବର୍ତ୍ତମାନ ପବଲା ଗ୍ରାମରେ ମୋଟ ଗ୍ରାମବାସୀଙ୍କ ସଂଖ୍ୟା ମାତ୍ର ୫୧ । ସେଥିରୁ ପିଲାଙ୍କ ସଂଖ୍ୟା ୧୭ ପୁରୁଷଙ୍କ ସଂଖ୍ୟା ୯ ଏବଂ ମହିଳାମାନଙ୍କ ସଂଖ୍ୟା ୨୫ ମାତ୍ର । ଲୋକମାନଙ୍କର ବିଶୁଦ୍ଧ ପାନୀୟ ଜଳର ଉତ୍କଟ ଅଭାବ ସେମାନଙ୍କୁ ଦୂଷିତ ଜଳ ଏବଂ ଖଜୁରୀ ଗଛର ରସ ପିଇବାକୁ ବାଧ୍ୟ କରୁଥିଲା । କିନ୍ତୁ ଅନୁଗୋଳ ବ୍ଲକ ତରଫରୁ ଟ୍ୟୁବୱେଲ ଏବଂ ଦୁଇଟି କୂପ ଖନନ କରାଯାଇ ପାନୀୟ ଜଳ ଅଭାବକୁ ଦୂର କରାଯାଇ ପାରିଛି ।

(୩) ସ୍ୱାସ୍ଥ୍ୟ :–ଚିର ଅବହେଳିତ ପବଲା ଗ୍ରାମର ସ୍ୱାସ୍ଥ୍ୟ ଅବର୍ଣ୍ଣନୀୟ । ଖାଦ୍ୟ ତଥା ପାନୀୟ ଜଳ ଅଭାବରୁ ମଣିଷମାନଙ୍କ ରୂପ କିମ୍ଭୂତକିମାକାର ଦେଖାଯାଉଥିଲା କଳାମିଚିମିଚି ଚେହେରାକୁ ବିକୃତ ରୂପ ସାଧାରଣ ଲୋକଙ୍କୁ ଭୟ ଦେଉଥିଲା । କିନ୍ତୁ ବର୍ତ୍ତମାନ ପବଲାର ଲୋକମାନଙ୍କ ସ୍ୱାସ୍ଥ୍ୟ ସେବାର ଉନ୍ନତି ହୋଇ ପାରିଛି । ବନ୍ତଲା ଡାକ୍ତରଖାନା ତରଫରୁ ପବଲାବାସୀଙ୍କ ପ୍ରତି ଏକ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ଜିଲ୍ଲା **ରେଡକ୍ରସ୍** ତରଫରୁ ଲୋକମାନଙ୍କୁ ସାଇ ପୋଟିନ ଖାଦ୍ୟ ନିୟମିତ ଭାବେ ଦିଆଯାଉଛି । ପିଲାମାନଙ୍କୁ ବ୍ଲକ ତରଫରୁ ଶିଶୁ ଖାଦ୍ୟ ଯୋଗାଣ ତ୍ୱରାନ୍ୱିତ କରାଯାଉଛି । ଜିଲ୍ଲାପାଳ ନିଜେ ଜଣେ ଡାକ୍ତର ହୋଇଥିବାରୁ ସେ ବ୍ୟକ୍ତିଗତ ଭାବେ ଏକାଧିକବାର ଉକ୍ତ ଗ୍ରାମ ପରିଦର୍ଶନ କାଳରେ ଲୋକମାନଙ୍କୁ ନିଜେ ପରୀକ୍ଷା କରି ଦେଖିଛନ୍ତି । କହିବାର ବାହୁଲ୍ୟ ମାତ୍ର ଯେ ଏକ ବର୍ଷ ତଳର ପବଲାର ଲୋକମାନଙ୍କର ସ୍ୱାସ୍ଥ୍ୟ ଏବଂ ରୂପରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି ।

(୪) କୃଷି ଓ ଜଳସେଚନ :–କୃଷି କ୍ଷେତ୍ରରେ ଉନ୍ନତି ପାଇଁ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି ପବଲାରେ ଏକ ଚେକ ବନ୍ଧ ନିର୍ମାଣ କରାଯାଇ ଜଳସେଚନର ସୁବିଧା କରାଯାଇଛି । ସରକାରୀ ଭାବେ ଲୋକମାନଙ୍କୁ ବିହନ, ସାର ଔଷଧ ଏବଂ ଆବଶ୍ୟକୀୟ ପରାମର୍ଶମାନ ଦିଆଯାଇ କୃଷିକାର୍ଯ୍ୟ ତ୍ୱରାନ୍ୱିତ କରାଯାଇ ପାରିଛି । ଲୋକମାନେ ଧାନ, ହରଡ଼ ଏବଂ ଅନ୍ୟାନ୍ୟ ଫସଲ ଅମଳକରି ସେମାନଙ୍କ ଜୀବିକା ନିର୍ବାହ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଆର୍ଥିକ ଦୁରବସ୍ଥାକୁ ଦୂର କରିବାକୁ ଚେଷ୍ଟା କରୁଛନ୍ତି ।

(୫) ଅର୍ଥନୈତିକ ଉନ୍ନତି :–ପବଲା ଗ୍ରାମବାସୀଙ୍କ ଅର୍ଥନୈତିକ ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଯଥେଷ୍ଟ ଧ୍ୟାନ ଦିଆଯାଉଛି । ବ୍ଲକ୍ ତରଫରୁ ଡୋକରା କାର୍ଯ୍ୟକ୍ରମ ମାଧ୍ୟମରେ ତାଳଗୁଡ଼ ତିଆରି, ଖଜୁରୀପଟି ତିଆରି ଇତ୍ୟାଦି ଶିକ୍ଷା ଦିଆଯାଇ ସେମାନଙ୍କ ଅର୍ଥନୈତିକ ଉନ୍ନତି ପାଇଁ ଚେଷ୍ଟା କରାଯାଉଛି । କୃଷି ଏବଂ ଅନ୍ୟାନ୍ୟ ଆୟକାରୀ ଜିବୀକାମାନ ଲୋକମାନଙ୍କୁ ଶିକ୍ଷା ଦିଆଯାଉଛି ।

(୬) ଶିକ୍ଷା:–ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଉକ୍ତ ଗ୍ରାମରେ ସରକାରଙ୍କ ତରଫରୁ ଏକ ଶିକ୍ଷା କେନ୍ଦ୍ର ଖୋଲାଯାଇ ଆବଶ୍ୟକୀୟ ପାଠ୍ୟୋପକରଣ ଯୋଗାଣ ଦିଆଯାଇଛି । ଏକ ଶିକ୍ଷା କର୍ମୀଙ୍କୁ ଏଠାରେ ନିଯୁକ୍ତ କରାଯାଇ ନିରକ୍ଷରତା ଦୂରୀକରଣରେ ଧ୍ୟାନ ଦିଆଯାଉଛି । ଆବାଳବୃଦ୍ଧ ବନିତା ସମସ୍ତଙ୍କୁ ଶିକ୍ଷା ଦିଆଯାଉଛି ।

ଚଳିତ ବର୍ଷ କୃଷି, ମୃତ୍ତିକା ସଂରକ୍ଷଣ ଏବଂ ସାମାଜିକ ବନୀକରଣ ବିଭାଗ ତରଫରୁ ଉକ୍ତ ଗ୍ରାମରେ ବୃକ୍ଷ ରୋପଣ, ଫଳବୃକ୍ଷ, ଏବଂ ଅନ୍ୟାନ୍ୟ ଲାଭଜନକ ଫସଲ ଚାଷ କରାଯିବାର କାର୍ଯ୍ୟକ୍ରମ ରହିଛି ।

ଚଳିତ ବର୍ଷ ୯୮ ମସିହା ମାର୍ଚ୍ଚ ୭ମ ତାରିଖ ଦିନ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ପାଦ ପଡ଼େ ଏହି ପବଲା ଗ୍ରାମରେ । ସେ ସହ ଢେଙ୍କାନାଳ, ଜିଲ୍ଲାପାଳ, ଅନୁଗୋଳର ଉପଜିଲ୍ଲାପାଳ ଏବଂ ବି: ଡି: ଓ: ଶ୍ରୀଯୁକ୍ତ ବସନ୍ତ କୁମାର ନନ୍ଦ ପରିଦର୍ଶନରେ ସାମିଲ ହୁଅନ୍ତି । ୭ମ ତାରିଖ ପ୍ରତ୍ୟୁଷରେ ଜିଲ୍ଲାପାଳ ଜିଲ୍ଲା ଅଫିସରମାନଙ୍କ ସହ ସ୍ୱାମୀଜୀ ପବଲା ପରିଦର୍ଶନ କରନ୍ତି । ଏକବର୍ଷ ତଳର ପବଲା ଏବଂ ବର୍ତ୍ତମାନର ପବଲାର ପରିବେଶ ଲୋକମାନଙ୍କର ମାର୍ଜିତ ଚେହେରା ଏବଂ ରୁଚି ସ୍ୱାମୀଜୀଙ୍କୁ ଅଭିଭୂତ କରେ । ସ୍ୱାମୀଜୀ ଆନନ୍ଦ ବିହ୍ୱଳ ହୋଇ ଗ୍ରାମବାସୀମାନଙ୍କୁ ଅନ୍ନ, ବସ୍ତ୍ର ପ୍ରଦାନ ଏବଂ ପ୍ରତ୍ୟେକଙ୍କୁ ୫ ଟଙ୍କା ଲେଖାଏଁ ଦକ୍ଷିଣା ଦାନ କରନ୍ତି ଏବଂ ଯେଉଁ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନରେ ଆଜି ପବଲା ଏକ ନୂତନ ରୂପ ନେଇଛି ତାଙ୍କୁ ପୁଷ୍ପମାଲ୍ୟ ଏବଂ ଏକ ଉପଢ଼ୌକନ ଦେଇ ସମ୍ମାନିତ କରନ୍ତି । ଅନୁଗୋଳର ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାମୀଜୀ ସମ୍ମାନିତ କରି ଉକ୍ତ ଗ୍ରାମରେ ବ୍ଲକ ତରଫରୁ ଏକ ପକ୍କା ଘରକୁ ସାଧାରଣ ଶିକ୍ଷାକେନ୍ଦ୍ର ରୂପେ ଉଦ୍‌ଘାଟନ କରି ଆନନ୍ଦବିହ୍ୱଳ ହୋଇ ଫେରି ଆସନ୍ତି ପବଲାରୁ ।

ଖୁବ୍ କମ୍‌ଦିନରେ ପବଲାର ଏ ଐତିହାସିକ ପରିବର୍ତ୍ତନରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ବେଶ୍ ଆନନ୍ଦ ପ୍ରକାଶ କରିଛନ୍ତି । ସ୍ୱାମୀଜୀଙ୍କ ଆଶୀର୍ବାଦ ଏବଂ ସରକାରୀକଳର ଉଦ୍ୟମ ଫଳରେ ପବଲାର ଆଜି ଏ ପରିବର୍ତ୍ତନ ସମ୍ଭବ ହୋଇ ପାରିଛି । ଆଶାକରାଯାଏ ଆଉ କିଛି ଦିନ ପରେ ପବଲାର ଉଜ୍ଜ୍ୱଳମୟ ଭବିଷ୍ୟତ ଲୋକ ଲୋଚନକୁ ଆସିଯିବ ।

ନିରଞ୍ଜନ ସେଠୀ
ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,
ଅନୁଗୋଳ ।

## ସରକାରଙ୍କ ଋଣଛାଡ଼ ଯୋଜନା

ତେଲ, ଲୁଣର ସଂସାରକୁ ସମ୍ଭାଳିବାକୁ ମୁଠାପଙ୍କରେ ମୁଣ୍ଡ ଗୋଡ଼ ଝାଳରେ ମାରି କି ଖରା, ବର୍ଷା, ଶୀତ, କାକର ନ ଡରି କାମକରି ଗୁଲିଛି । ଏ ମାଟିର ଗରିବ ଖଟିଖିଆ, ଚାଷୀ, ମୂଲିଆ ମଜୁରିଆ ଋଣଗ୍ରସ୍ତ ବ୍ୟାଧିରେ ଛଟପଟ ହେବା ବ୍ୟତୀତ ଋଣ ପରିଶୋଧ କରିବାକୁ ଅଧିକ ସମ୍ବଳ ପାଉନଥାଏ । ପ୍ରଗତିଶୀଳ, ଲୋକପ୍ରିୟ ସରକାରଙ୍କର ଲୋକାଭିମୁଖୀ କାର୍ଯ୍ୟକ୍ରମାନୁଯାୟୀ ଗ୍ରାମ୍ୟ କୃଷି ଓ ସମବାୟ ଋଣ ଭାରରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଦଶହଜାର ଟଙ୍କା ଯାଏ ଋଣ ଛାଡ଼ କରିବାକୁ ଘୋଷଣା କଲେ । ଋଣ ଭାର ଦିନକୁ ଦିନ ଅଧିକ ହେବା ସଙ୍ଗେ ସଙ୍ଗେ ଏ ଦେଶର ପ୍ରକୃତ ମେରୁଦଣ୍ଡ ଗ୍ରାମ୍ୟ କୃଷକ, ଜନତାଙ୍କୁ ହତାଶ କରିଦେଉଥିଲା ଚିନ୍ତା । ଏଥିରୁ ପରିବାର ପୋଷଣ ନିମନ୍ତେ ଗାଁ ଭିଟା–ମାଟି ଛାଡ଼ି ବିଦେଶ ଯିବାକୁ ପଡ଼େ । ଏପରିକି ଦାଦନ ଶ୍ରମିକ ଭାବେ ଦୂର ହରାଜକୁ ଯିବାକୁ ପଡୁଥିଲା । ସେଠାରେ କେତେଙ୍କର ଶେଷ ନିଶ୍ୱାସ ଉଡିଯାଇଥିବାର କରୁଣ କାହାଣୀ ଶୁଣାଯାଉଥିଲା । ଏଥି

ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କର ଅନୁମୋଦିତ ନୀତି ନିୟମ ଅନୁସରଣ କରି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼ ପାଇଁ ସ୍ଥିର କଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଏକ ଐତିହାସିକ ନିଷ୍ପତ୍ତି ନେଇ ସରକାର ୧୯୮୬, ଅପ୍ରେଲ ୧ ତାରିଖଠାରୁ ୧୯୮୯ ଅକ୍ଟୋବର ୨ ତାରିଖ ମଧ୍ୟରେ ଯେଉଁ ଚାଷୀ ଓ ଭୂମିହୀନ କୃଷକମାନେ ଗୋଟିଏ ବର୍ଷର ଫସଲର କ୍ଷତି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସହିଥିବେ, ସେମାନେ ମଧ୍ୟ ଏକ ସ୍ୱତନ୍ତ୍ର ଋଣ ଛାଡ଼ ଯୋଜନାରେ ୧୦ ହଜାର ଟଙ୍କାର ଋଣ ଛାଡ଼ ପାଇବେ । ଯଦ୍ୱାରା ଓଡ଼ିଶାର ବ୍ୟାଙ୍କ ଓ ସମବାୟ ସଂସ୍ଥାରୁ ଋଣ ନେଇଥିବା ୧୮-୨୦ ଲକ୍ଷ ଚାଷୀଙ୍କ ମଧ୍ୟରୁ ୧୫-୨୫ ଲକ୍ଷ ଚାଷୀ ଋଣ ଛାଡ଼ ପାଇବେ ଓ ରାଜ୍ୟ ସରକାର ୪୦୩ କୋଟି ଟଙ୍କା ବହନ କରିବେ ।

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଉପଖଣ୍ଡମଣ୍ଡଳ ଅନ୍ତର୍ଗତ- କୁକୁଡ଼ାଖଣ୍ଡି ପଞ୍ଚାୟତ ସମିତିର ଗୋଳନ୍ଥରା ଗ୍ରାମପଞ୍ଚାୟତର ଲୋକମାନେ ଏ ଯୋଜନାରେ ଉପକୃତ ହୋଇ ପାରିଛନ୍ତି । ଗୋଳନ୍ଥରା ସେବାସମବାୟ ସମିତିରୁ ଋଣ ନେଇଥିବା ୪୪ ଜଣ ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କା ଯାଏଁ ଋଣ ଛାଡ଼ କରାଯାଇଛି । ମୂଳ ଋଣ ହାର ୬୪,୦୩୯ ଟଙ୍କା, ସୁଧର ହାର ଓ ପରିମାଣ ମିଶି ୭୬,୦୮୮ ଟଙ୍କା ମୋଟ ୧ ଲକ୍ଷ, ୪୦ ହଜାର ୧୨୭ ଟଙ୍କା ଛାଡ଼ କରା ହୋଇଛି । ଋଣ ଛାଡ଼ ପାଇବା ପରେ ଏ ଅଞ୍ଚଳର ଉତ୍ସାହୀ ଚାଷୀ ମନରେ ନୂତନ କୃଷି ଚିନ୍ତା ଉଙ୍କି ମାରୁଛି । ଏ ଅଞ୍ଚଳର ଚାଷୀମାନେ ନୂତନ କର୍ମ ପନ୍ଥା ଆରମ୍ଭ କରିଛନ୍ତି । ଏ ଅଞ୍ଚଳକୁ କୃଷି ତୀର୍ଥରେ ପରିଣତ କରିବାକୁ ସଙ୍ଘବଦ୍ଧ ଭାବେ ଚାଷ ଆରମ୍ଭ କରିଛନ୍ତି ।

ଋଣ ଚିନ୍ତାରେ ଜର୍ଜ୍ଜର ନ ହୋଇ ଏ ଦେଶର, ଅଞ୍ଚଳର ଚାଷୀ ଓ ଗ୍ରାମୀଣ ଜନତାକୁ ଲୋକପ୍ରିୟ ସରକାର ସରକାରୀ ଋଣ ଛାଡ଼ ଯୋଜନା ୧୯୯୦ ଯଥେଷ୍ଟ ସହାୟତା ଯୋଗାଇଛି । ଆଜି ପ୍ରତ୍ୟେକଟି ଋଣ ଛାଡ଼ ପରିବାର ସରକାରଙ୍କଠାରେ ଚିର କୃତଜ୍ଞ ।

ଶ୍ରୀ ଦାମୋଦର ପାଢ଼ୀ,
ଅନୁବିଭାଗୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ,
ବ୍ରହ୍ମପୁର ।



ପଟାମୁଣ୍ଡାର ବ୍ଲକ୍‌ର ବାଲୁରିଆ ଗ୍ରାମପଞ୍ଚାୟତକୁ ଟ୍ରାକ୍ଟର୍ ସାହାଯ୍ୟରେ ରିଲିଫ୍ ଦ୍ରବ୍ୟ ପଠାଯାଉଛି ।



## ଏନ୍: ଟି: ପି: ସି: ପ୍ରକଳ୍ପରେ ବାସଚ୍ୟୁତମାନଙ୍କ ଥଇଥାନ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଢେଙ୍କାନାଳ ଜିଲ୍ଲାର କଣିହାଠାରେ ନିର୍ମାଣାଧୀନ ଜାତୀୟ ତାପଜ ଶକ୍ତି ନିଗମର ୩୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ତାପଜ ପ୍ରକଳ୍ପର ବାସଚ୍ୟୁତ ଅଧିବାସୀମାନଙ୍କ ସ୍ଥାୟୀ ଥଇଥାନ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି ।

ଗତ ୨୯ ତାରିଖରେ ସଚିବାଳୟଠାରେ ଏନ: ଟି:-ପି: ସି:ର ଅଧ୍ୟକ୍ଷ ଶ୍ରୀ ସି: ଏସ୍: ସାମିଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବାସଚ୍ୟୁତ ପରିବାରର ଲୋକଙ୍କୁ ପ୍ରକଳ୍ପର ସ୍ପୃହା ଅନୁଯାୟୀ ଧନ୍ଦାମୂଳକ ତାଲିମ ଦିଆଯାଇ ପ୍ରକଳ୍ପରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବା ନିମନ୍ତେ ଗୁରୁତ୍ୱ ଦେଇଥିଲେ । ଶ୍ରୀ ସାମି ସୂଚନା ଦେଇଥିଲେ ଯେ, ବର୍ତ୍ତମାନ ଅଣକୁଶଳୀ ପଦବୀଗୁଡ଼ିକ ବାସଚ୍ୟୁତମାନଙ୍କ ମଧ୍ୟରୁ ପୂରଣ କରାଯାଉଛି । ଏତଦ୍ ବ୍ୟତୀତ ତାଲିମପ୍ରାପ୍ତ ବାସଚ୍ୟୁତ ବ୍ୟକ୍ତିମାନଙ୍କୁ ବ୍ୟାବହାରିକ ଜ୍ଞାନ ଓ ଅଭିଜ୍ଞତା ଦ୍ୱାରା କୁଶଳୀ ପଦବୀ ପାଇଁ ଉପଯୁକ୍ତ କରିବାକୁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପର୍ଯ୍ୟାୟକ୍ରମେ ବାସଚ୍ୟୁତ ପରିବାରର ଲୋକମାନଙ୍କୁ ପ୍ରକଳ୍ପରେ ଉପଯୁକ୍ତ ପଦବୀରେ ନିଯୁକ୍ତି ଦିଆଯିବ । ଶ୍ରୀ ସାମି ପୁଣି ଦର୍ଶାଇଥିଲେ ଯେ, ପ୍ରକଳ୍ପର ୫୦୦ ବାସଚ୍ୟୁତ ଲୋକଙ୍କୁ ତାଳଚେର ଶିଳ୍ପ ତାଲିମ ପ୍ରତିଷ୍ଠାନରେ ତାଲିମ ଦିଆଯିବା ପାଇଁ ସ୍ଥିର ହୋଇଛି ଏବଂ ସେମାନଙ୍କ ଭିତରୁ ୧୨୮ ଜଣଙ୍କୁ ତାଲିମ ଦିଆ ସରିଛି ଓ ୨୪ ଜଣଙ୍କୁ କୁଶଳୀ ଶ୍ରମିକ ରୂପେ ନିଯୁକ୍ତି ଦିଆଯାଇଛି । ଏହାଛଡ଼ା ୧୨୦ଟି ନବନିର୍ମିତ ଦୋକାନ ଗୃହ ବାସଚ୍ୟୁତମାନଙ୍କୁ ଆବଣ୍ଟନ କରାଯିବ ବୋଲି ସେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଲେ ଯେ, ଏନ୍: ଟି: ପି: ସି: ଦ୍ୱାରା ନିଯୁକ୍ତ ଠିକାଦାରମାନେ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନଙ୍କୁ ନିଯୁକ୍ତି ଦେବା ସମୟରେ ବାସଚ୍ୟୁତ ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଦେବା ଉଚିତ । ରାଜ୍ୟ ସରକାରଙ୍କ ନୂତନ ମଜୁରି ନୀତି ଅନୁଯାୟୀ ଶ୍ରମିକମାନଙ୍କୁ ମଜୁରି ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଇବ୍ ଉପତ୍ୟକାଠାରେ ପ୍ରସ୍ତାବିତ ସୁପର୍ ଥର୍ମାଲ୍ ପ୍ରକଳ୍ପ ପାଇଁ ଅନୁସନ୍ଧାନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏନ୍: ଟି: ପି: ସି: ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀ ସାମି ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ନୀତିଗତ ଅନୁମୋଦନ ଲୋଡ଼ିଥିଲେ ଓ ମୁଖ୍ୟମନ୍ତ୍ରୀ ସେଥିନିମନ୍ତେ ସମ୍ମତି ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ୨୫୦ ମେଗାୱାଟ୍ ୟୁନିଟ୍ ପରିବର୍ତ୍ତେ ୫୦୦ ମେଗାୱାଟ୍ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଇବ୍ ଓ ତାଳଚେରରେ ଅନ୍ୟୁନ ୧୦,୦୦୦ ମେଗାୱାଟ୍ ବିଶିଷ୍ଟ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ତାଙ୍କର ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇଥିଲେ ।

ବାସଚ୍ୟୁତମାନଙ୍କ ଥଇଥାନ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ତ୍ରୈମାସିକ ସମୀକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇ ସଙ୍ଗେ ସଙ୍ଗେ ମେରାମୁଣ୍ଡଳୀଠାରୁ ତାଳଚେର ଯାଉଥିବା ରାସ୍ତାକୁ ମାର୍ଚ୍ଚ ୧୯୯୭ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ଏହି ବୈଠକରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ଜଗନ୍ନାଥ ରଥ, ଉନ୍ନୟନ କମିଶନର୍ ଶ୍ରୀ ସୁନ୍ଦରରାଜନ୍, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶ୍ରୀ ପ୍ୟାରୀମୋହନ ମହାପାତ୍ର, ଅତିରିକ୍ତ ଉନ୍ନୟନ କମିଶନର୍ ଶ୍ରୀ ସହଦେବ ସାହୁ, ସ୍ୱରାଷ୍ଟ୍ର ପ୍ରମୁଖ ସଚିବ ଶ୍ରୀ ପି: କେ: ମିଶ୍ର, ଶକ୍ତି ସଚିବ ଶ୍ରୀ ଭାସ୍କର ପଟ୍ଟନାୟକ, ରାଜସ୍ୱ ସଚିବ ଶ୍ରୀ ଶ୍ରୀନିବାସ ରଥ, ଶ୍ରମ କମିଶନର୍ ଶ୍ରୀ ବିନୟ କୁମାର ମିଶ୍ର ଓ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ଏ: ଏନ୍: ଦାସ ଓ ଏନ୍: ଟି: ପି: ସି:ର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

## ନାଟକକୁ ଯୁଗୋପଯୋଗୀ କରିବାକୁ ହେଲେ ତା'ର ଆଭିମୁଖ୍ୟ ବଦଳାଇବାକୁ ହେବ

...ତାରିଖ ଦିନ ପୁରୀସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ପାଞ୍ଚଦିନ ବ୍ୟାପୀ ନାଟକ ଉତ୍ସବକୁ ଉଦ୍‌ଘାଟନ କରି ରାଜ୍ୟ କ୍ରୀଡ଼ା, ସଂସ୍କୃତି, ଯୁବ ବ୍ୟାପାର ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର କହିଲେ ଯେ, ନାଟକଗୁଡ଼ିକୁ ଯୁଗୋପଯୋଗୀ କରିବା ପାଇଁ ତା'ର ଆଭିମୁଖ୍ୟକୁ ବଦଳାଇବା ଆବଶ୍ୟକ। ଆଜିକାଲିର ଇଲେକ୍‌ଟ୍ରୋନିକ୍ସ ଯୁଗରେ ଦର୍ଶକଙ୍କର ମନକୁ ଛୁଇଁଲା ଭଳି ନାଟକ ରଚନା ଓ ମଞ୍ଚସ୍ଥ ଉପରେ ଶ୍ରୀ କର ଗୁରୁତ୍ୱ ଆରୋପ କରିଥିଲେ। ସେ ପୁଣି କହିଲେ ଯେ ନାଟକଗୁଡ଼ିକ ଆମ ସାହିତ୍ୟ, କଳା ଓ ସଂସ୍କୃତିର ପ୍ରସାର ପାଇଁ ଏକ ମାଧ୍ୟମ ରୂପେ କାର୍ଯ୍ୟ କରିବା ଉଚିତ। ସେ ଆଶା ପ୍ରକାଶ କରି କହିଲେ ଯେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଏହିଭଳି ନାଟକୋତ୍ସବ ନିଶ୍ଚିତ ରୂପେ ନାଟକର ପ୍ରଚାର ଓ ପ୍ରସାର ଘଟାଇବାରେ ସହାୟକ ହେବ।

ଏହି ଉତ୍ସବରେ ରାଜ୍ୟର ସୁନାମଧନ୍ୟ ନାଟ୍ୟକାର ଶ୍ରୀ ମନୋରଞ୍ଜନ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଲେ ଯେ ସାହିତ୍ୟ ଓ ସଂସ୍କୃତିର ପ୍ରାଣପିଣ୍ଡ ହେଉଛି 'ନାଟକ'। ନାଟକର ପରିପ୍ରସାର ପାଇଁ କେବଳ ସରକାରୀ ସ୍ତରରେ ଉଦ୍ୟମ ନୁହେଁ ପ୍ରତ୍ୟେକ ସ୍ତରରେ ଏହାର ବ୍ୟାପକ ଉଦ୍ୟମ ହେବା ଉଚିତ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ନାଟ୍ୟକାର ଶ୍ରୀ ଗୋବିନ୍ଦ ଚନ୍ଦ୍ର ମଧ୍ୟ ଭାଷଣ ଦେଇ ନାଟକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

ପ୍ରାରମ୍ଭରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ଡଃ ଶୈଳେଶ୍ୱର ନନ୍ଦ ପ୍ରାରମ୍ଭିକ ସୂଚନା ଦେଇ କହିଲେ ଯେ ଏହି ନାଟକ ଉତ୍ସବ ଚଳିତ ମାସର ୨୮ ତାରିଖ ଯାଏଁ ଚାଲିବ ଏବଂ ଏହି ଉତ୍ସବର ବିଭିନ୍ନ ସନ୍ଧ୍ୟାରେ 'ଅସମାପିକା', 'କପୋତ ପକ୍ଷୀ ସମ୍ବାଦ', 'ଅବାଙ୍ଗ' ଏବଂ 'ମୁଁ ଓ ପ୍ରତିବିମ୍ବ' ପ୍ରଭୃତି ନାଟକଗୁଡ଼ିକ ରାଜ୍ୟର ବିଭିନ୍ନ କଳା ଅନୁଷ୍ଠାନ ଦ୍ୱାରା ପରିବେଷଣ କରାଯିବ। ଏହା ବ୍ୟତୀତ ପ୍ରତ୍ୟହ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ ଉପରେ ବିଶିଷ୍ଟ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକଙ୍କୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହେବ ବୋଲି ଡଃ ନନ୍ଦ ସୂଚାଇଥିଲେ।

## ଜଳସେଚନ ମନ୍ତ୍ରୀ ଶ୍ରୀ ମହାପାତ୍ରଙ୍କ ବଡ଼ଚଣା ବନ୍ୟାଞ୍ଚଳ ଗସ୍ତ

...୨୬ ତାରିଖରେ ସେଚ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର, ବଡ଼ଚଣା ବିଧାୟକ ଶ୍ରୀ ଅମର ପ୍ରସାଦ ଶତପଥୀଙ୍କ ସହିତ ସେହି ନିର୍ବାଚନମଣ୍ଡଳୀର କେତେକ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଉକ୍ତ ନିର୍ବାଚନମଣ୍ଡଳୀର ଅରଖପୁର ଗ୍ରାଃ ପଂ, ସୁକ୍ରୁଡ଼ା ଗ୍ରାଃ ପଂ, ବଡ଼ଚଣା ଗ୍ରାଃ ପଂ, ରାଇପୁର ଗ୍ରାଃ ପଂ, ବାଲିଚନ୍ଦ୍ରପୁର ଗ୍ରାଃ ପଂ, ଅଣକା ଗ୍ରାଃ ପଂର କେତେ ଗ୍ରାମ ପରିଦର୍ଶନ କରିଥିଲେ। ଉକ୍ତ ଗ୍ରାଃ ପଂଗୁଡ଼ିକର ଯେଉଁ କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକୁ ସେଚମନ୍ତ୍ରୀ ପରିଦର୍ଶନ କରିଥିଲେ, ସେଗୁଡ଼ିକ ହେଲା–ବିଦ୍ୟାଧରପୁର, ପଦ୍ମପୁର, ଗୋଡ଼ପାଟଣା, ଗୁଞ୍ଜିଦେଇପୁର, ନୀଳାସରପୁର, ଦକ୍ଷିଣଚନ୍ଦନପୁର, ରାଧାଦେଇପୁର, ଠାକୁରପାଟଣା, ଦାମୋଦରପୁର, ବାଲିଜୁଡ଼ା, ତାଳୁଆ, ହଳଧରପୁର, ରାଇପୁରଘାଟ, ମଞ୍ଜୁରୀ, ନାନପୁର, ଭାକୁଡ଼ୀ, ମହିପୁର, ଅରକା, ଶାନ୍ତିପୁର, ବେଣାପୁର ଓ ଖଣ୍ଡିତାପଣି।

ଗସ୍ତ ସମୟରେ ଶ୍ରୀ ମହାପାତ୍ର କେତେକ ରିଲିଫ୍ ବଣ୍ଟନ କେନ୍ଦ୍ର ପରିଦର୍ଶନ କରିଥିଲେ। ଏକ୍ସପ୍ରେସ୍ ହାଇୱେ ଉପରେ ଆଶ୍ରୟ ନେଇଥିବା କ୍ଷତିଗ୍ରସ୍ତ ଲୋକମାନଙ୍କୁ ସେ ଭେଟିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ।

ସେଠାରୁ ଫେରି ସେଚମନ୍ତ୍ରୀ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉଚ୍ଚ ଅଫିସରମାନଙ୍କ ସହିତ ବନ୍ୟା କ୍ଷତିଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆଭ୍ୟନ୍ତରିଣ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯେପରି ଗୁଡ଼ଚୁଡ଼ା, ଅଟା, ପଲିଥିନ୍ ଇତ୍ୟାଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ତୁରନ୍ତ ପଠାଯିବ, ସେଥିପାଇଁ କଟକ ଜିଲ୍ଲାପାଳଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ବିଶେଷତଃ ଅତ୍ୟାବଶ୍ୟକ ସାମଗ୍ରୀ ଯେପରି ବନ୍ୟା ପ୍ରପୀଡ଼ିତ ଲୋକଙ୍କ ପାଖରେ ପହଞ୍ଚି ପାରିବ, ସେ ସମ୍ପର୍କରେ ତତ୍ପରତାର ସହିତ ଆଶୁ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ କର୍ମକର୍ତ୍ତାମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ।

## ମହିଳା ବିକାଶ ନିଗମ ପକ୍ଷରୁ ଶକ୍ତି ବର୍ଦ୍ଧକ ଖାଦ୍ୟ ପ୍ରସ୍ତୁତି କାରଖାନା ସ୍ଥାପନ ପାଇଁ ନିଷ୍ପତ୍ତି

ନବ ଗଠିତ ମହିଳା ବିକାଶ ନିଗମ ପକ୍ଷରୁ ରାଜ୍ୟରେ ଏକ ଶକ୍ତି ବୃଦ୍ଧିକାରକ ଖାଦ୍ୟ ପ୍ରସ୍ତୁତି କାରଖାନା (ଏନର୍ଜି ଫୁଡ୍ ପ୍ଲାଣ୍ଟ) ସ୍ଥାପନ କରାଯିବା ପାଇଁ ପରିକଳ୍ପନା କରାଯାଇଛି।

ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ତଥା ମହିଳା ବିକାଶ ନିଗମର ଅଧ୍ୟକ୍ଷ ଡାଃ ଦାମୋଦର ରାଉତଙ୍କ ଅଧ୍ୟକ୍ଷତାରେ ସମ୍ପ୍ରତି ନିଗମର ବୋର୍ଡ଼ ଅଫ୍ ଡାଇରେକ୍ଟରସଙ୍କ ପ୍ରଥମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି କାରଖାନା ଆଗାମୀ ଏକବର୍ଷ ମଧ୍ୟରେ ସ୍ଥାପନ କରିବା ପାଇଁ ନିଗମ ପ୍ରସ୍ତାବ କରିଛି। ଏହା ନିଗମର ଏକ ଅନନ୍ୟ ଉଦ୍ୟମ। ଏହି କାରଖାନାରୁ ଉତ୍ପାଦିତ ଆରୋଗ୍ୟକର (ଥେରାପ୍ୟୁଟିକ୍) ଓ ଶକ୍ତି ବୃଦ୍ଧିକାରକ ଖାଦ୍ୟଦ୍ରବ୍ୟ ଦ୍ୱାରା ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମର ସୁବିଧା ମେଣ୍ଟାଇ ପାରିବ।

ବିଶ୍ୱ ବ୍ୟାଙ୍କ୍ ସହାୟତାରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବା ରାଜ୍ୟର ୨୮ଟି ବ୍ଲକ୍‌ରେ ମହିଳାମାନଙ୍କ ରୋଜଗାର ବଢ଼ିବା ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଗ୍ରହଣ କରାଯିବାକୁ ନିଗମ ନିଷ୍ପତ୍ତି ନେଇଛନ୍ତି। ୟୁନିସେଫ୍ ଏବଂ କେନ୍ଦ୍ର

ସରକାରଙ୍କ ସହାୟତାରେ ଗୋଷ୍ଠୀ ସମୂହ ପାଇଁ ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏକାଭିମୁଖୀ ସେବା ପ୍ରଦାନ ଯୋଜନାର ସଫଳତା ପାଇଁ ନିଗମ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଓ ସମର୍ଥନ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଗ୍ରାମାଞ୍ଚଳ ମହିଳା ଉଦ୍ୟୋଗକାରୀଙ୍କୁ ଉତ୍ସାହିତ କରାଯିବା ପାଇଁ ନିଗମ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଗ୍ରାମାଞ୍ଚଳରେ ମହିଳାମାନଙ୍କ ଦ୍ୱାରା ସମଷ୍ଟିଗତ ଭାବରେ ଗଢ଼ିଉଠୁଥିବା ସମ୍ପ୍ରୁଦ୍ଧିକ୍ଷମ ପ୍ରକଳ୍ପଗୁଡ଼ିକୁ ନିଗମ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ବୈଠକରେ ସ୍ଥିର ହୋଇଛି ।

ଚଳିତ ବର୍ଷ ପାଇଁ ନିଗମର ୪୯ ଲକ୍ଷ ୫୧ ହଜାର ଟଙ୍କାର ବାର୍ଷିକ ବଜେଟ୍‌କୁ ବୈଠକରେ ଅନୁମୋଦନ କରାଯାଇଛି । ରାଜ୍ୟ ଓ କେନ୍ଦ୍ର ସରକାର ଏହି ଅର୍ଥର ଯଥାକ୍ରମେ ଶତକଡ଼ା ୫୧ ଓ ୪୯ ଭାଗ ବହନ କରିବା ପାଇଁ ବ୍ୟବସ୍ଥା ରହିଛି । ତଦନୁଯାୟୀ କେନ୍ଦ୍ର ସରକାର ସେମାନଙ୍କର ଅଂଶଧନ ବାବଦକୁ ନିଗମକୁ ୧୭ ଲକ୍ଷ ୨୫ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଯୋଗାଇ ଦେବେ ।

୧୧ ଜଣ ବେସରକାରୀ ଓ ୧୦ ଜଣ ସରକାରୀ ସଭ୍ୟ ଏପରି ୨୧ ଜଣ ବୋର୍ଡ଼ ଅଫ ଡାଇରେକ୍ଟର୍ସଙ୍କୁ ନେଇ ମହିଳାମାନଙ୍କ ସାମୂହିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏହି ନିଗମ ଗଠିତ ହୋଇଛି । ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ଏହାର ଅଧ୍ୟକ୍ଷ ଥିଲାବେଳେ ପଞ୍ଚାୟତିରାଜ ବିଭାଗ ଶାସନ ସଚିବ ଏହାର ପରିଚାଳନା ନିର୍ଦ୍ଦେଶକ ରହିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସଦସ୍ୟା ଶ୍ରୀମତୀ ମୀରା ଦାସ, ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ, ପଞ୍ଚାୟତିରାଜ ବିଭାଗ ଶାସନ ସଚିବ ଶ୍ରୀ କୈଳାସ ବିହାରୀ ବର୍ମା, ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ, ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ ନିର୍ଦ୍ଦେଶକଙ୍କ ସମେତ ରାଜ୍ୟର ପ୍ରମୁଖ ସମାଜସେବୀ ଓ ବିଭିନ୍ନ ଜିଲ୍ଲାରୁ ମନୋନୀତ ବୋର୍ଡ଼ ଅଫ୍ ଡାଇରେକ୍ଟର୍ସମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

## ଜାତୀୟ ପୋଲିସ୍ ଏକାଡେମୀର ଶିକ୍ଷାନବୀଶଗଣଙ୍କୁ ରାଜ୍ୟପାଳଙ୍କ ଉଦ୍‌ବୋଧନ

ସମାଜରେ ଆଜି ସବୁଠୁ ବଡ଼ ସମସ୍ୟା ହେଉଛି ବିଶ୍ୱବ୍ୟାପୀ ଅବକ୍ଷୟମାନ ମୂଲ୍ୟବୋଧ ଏବଂ ଏହି କ୍ରମାଗତ ଅବମୂଲ୍ୟାୟନରୁ ଆତଙ୍କବାଦ ଓ ଅନ୍ୟାନ୍ୟ ବହୁ ସାମାଜିକ ସମସ୍ୟାବଳୀର ଜନ୍ମ ବୋଲି ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ପ୍ରକାଶ କରିଛନ୍ତି ।

ରାଜଭବନଠାରେ ହାଇଦ୍ରାବାଦସ୍ଥ ଜାତୀୟ ପୋଲିସ୍ ଏକାଡେମୀର ଶିକ୍ଷାନବିଶମାନେ ଏସ୍. ଏ. ସଭାରଙ୍କର ଅଧିନାୟକତ୍ୱରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କୁ ସାକ୍ଷାତ କରିଥିଲେ । ସେମାନେ ଭାରତ ଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାର ପରିଦର୍ଶନରେ ଆସି ଏଠାରେ ପହଞ୍ଚିଛନ୍ତି ।

ରାଜ୍ୟପାଳ ଶ୍ରୀ ଶର୍ମା ଶିକ୍ଷାନବିଶମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଦେଶରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ... ଲାଗି ରହିଛି । ସଦ୍‌ବୁଦ୍ଧିସମ୍ପନ୍ନ ବ୍ୟକ୍ତି ବିଜ୍ଞାନ ... ଉତ୍ତମ ଓ ସମାଜର ହିତ ନିମନ୍ତେ ବିନିଯୋଗ କରୁଥିବାବେଳେ ମନ୍ଦବୁଦ୍ଧି ଓ ବିଘଟନବାଦୀ ବ୍ୟକ୍ତି ଏହି ଜ୍ଞାନକୁ ସମାଜର ... ସାଧନ ଲାଗି ବିନିଯୋଗ କରୁଛି । ଏହାଛଡ଼ା ଜନସଂଖ୍ୟା ... ସୀମିତ ସମ୍ପଦ ଯୋଗୁଁ ଅତ୍ୟଧିକ ପ୍ରତିଯୋଗିତା ... ବୋଲି ଶ୍ରୀ ଶର୍ମା ସତର୍କ କରାଇ ଦେଇଥିଲେ ।

ରାଜ୍ୟପାଳ କହିଥିଲେ ଯେ ଆଜି ସବୁଠୁ ବଡ଼ ସମସ୍ୟା ହେଉଛି ବିଶ୍ୱବ୍ୟାପୀ ଅବକ୍ଷୟମାନ ମୂଲ୍ୟବୋଧ, ମୂଲ୍ୟବୋଧର ଅବମୂଲ୍ୟାୟନର ଫଳ ସ୍ୱରୂପ ଆତଙ୍କବାଦ ଓ ବହୁ ସାମାଜିକ ସମସ୍ୟାର ଜନ୍ମ । ଏଭଳି ପ୍ରତ୍ୟେକ ସଙ୍କଟମୟ ପରିସ୍ଥିତିରେ ପୋଲିସ୍ ବାହିନୀକୁ ବିଶେଷ କରି ଆଇ. ପି. ଏସ୍. ଅଫିସରମାନଙ୍କୁ ପ୍ରଥମେ ସମ୍ମୁଖୀନ ହେବାକୁ ପଡ଼େ ଓ ପଡ଼ିବ ବୋଲି ଶ୍ରୀ ଶର୍ମା କହିଥିଲେ । ପୁନଶ୍ଚ ଆଇନକାନୁନ ପରିସ୍ଥିତି ପ୍ରତ୍ୟକ୍ଷ ବା ପରୋକ୍ଷରେ ରାଜନୀତି ସହିତ ଯୋଡ଼ି ହୋଇ ଯାଉଥିବାରୁ ପୋଲିସ୍‌କୁ ଏଥିଲାଗି ଖଣ୍ଡାଧାରରେ ଚାଲିବା ଭଳି ସଙ୍କଟମୟ ପରିସ୍ଥିତିରେ କାର୍ଯ୍ୟନିର୍ବାହ କରିବାକୁ ହୁଏ । କିନ୍ତୁ ଯୋଗ୍ୟ ନିର୍ଭୀକ, ମାନସିକ ଭାରସାମ୍ୟ ଓ ଲକ୍ଷ୍ୟ ସାଧନ ପ୍ରତି ମାନସିକ ପ୍ରସ୍ତୁତି ସହ ସମସ୍ୟାବଳୀର ସମାଧାନ କରିପାରିଲେ ଆଗାମୀ ବଂଶଧରମାନେ ସୁଖ ଓ ସମୃଦ୍ଧି ଭୋଗ କରିପାରିବେ ବୋଲି ରାଜ୍ୟପାଳ ପରାମର୍ଶ ଦେଇଥିଲେ ।

ଏହି ସାକ୍ଷାତ ସମୟରେ ରାଜ୍ୟପାଳଙ୍କ ସଚିବ ଶ୍ରୀ ... ପଣ୍ଡା, ଡି. ଆଇ. ଜି. ଶ୍ରୀ ଜି. ସି. ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ ତୈଳବୀଜ ଚାଷର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଓଡ଼ିଶାରେ ତୈଳବୀଜ ଫସଲର ଉତ୍ପାଦନ ବୃଦ୍ଧି କରିବା ପାଇଁ ବ୍ୟାପକ ଭାବରେ ତୈଳବୀଜ ଫସଲ ଚାଷ କରିବାକୁ ଚାଷୀମାନଙ୍କୁ ଉତ୍ସାହିତ କରିବା ପାଇଁ ବ୍ୟବସାୟିକ ବ୍ୟାଙ୍କମାନେ ଆଗେଇ ଆସନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କହିଛନ୍ତି ।

ସଚିବାଳୟଠାରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଚିଫ୍ ଜେନେରାଲ୍ ମ୍ୟାନେଜର ଶ୍ରୀ ବିଦ୍ୟାଭୂଷଣ ସୁତାଙ୍କ ସହିତ ରାଜ୍ୟର ତୈଳବୀଜ ଉତ୍ପାଦନ ବୃଦ୍ଧି ସମ୍ପର୍କରେ ଆଲୋଚନା କଲାବେଳେ ମୁଖ୍ୟମନ୍ତ୍ରୀ କହିଲେ ଯେ ଦେଶରେ ଖାଇବା ତେଲ କ୍ଷେତ୍ରରେ ବିଶେଷ ସମସ୍ୟା ଉପୁଜିଛି । ଦେଶ ଅଧିକା ଖାଇବା ତେଲ ଆମଦାନୀ କରିବା ଅବସ୍ଥାରେ ନାହିଁ । ତେଣୁ ଚାଷୀମାନେ ଅଧିକ ଜମିରେ ତୈଳବୀଜ ଚାଷ କରି ଉତ୍ପାଦନ ବଢ଼ାଇବାକୁ ଆକର୍ଷଣୀୟ ବ୍ୟବସ୍ଥା କରିବାକୁ ପଡ଼ିବ । ମୁଖ୍ୟମନ୍ତ୍ରୀ ଏଥିପାଇଁ ଏକ ପୂର୍ଣ୍ଣାଙ୍ଗ ଯୋଜନା କରି ଜମିର କିସମ ଓ ଜଳସେଚନ ବ୍ୟବସ୍ଥା ସମ୍ପର୍କରେ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିବାକୁ ପରାମର୍ଶ

କରିଥିଲେ । ଭାରତ ବର୍ତ୍ତମାନ ପାମୋଲିନ୍ ତେଲ ଆମଦାନୀ ପ୍ରାୟ ବନ୍ଦ କରିଦେଇଥିବାରୁ ରାଜ୍ୟର ଉପକୂଳ ଅଞ୍ଚଳମାନଙ୍କରେ ତାଳ ଜାତୀୟ ଗଛ ଲଗାଯାଇ ପାମୋଲିନ୍ ତେଲ ଉତ୍ପାଦନ କରାଯାଇ ପାରିବ ବୋଲି ସେ କହିଥିଲେ । ମଧ୍ୟ ପ୍ରଦେଶ, ରାଜସ୍ଥାନ ପ୍ରଭୃତି ରାଜ୍ୟରେ ଜଳବାୟୁ ଅନୁକୂଳ ଥିବାରୁ ସେଠାରେ ସୋରିଷ ଫସଲ ଅଧିକ ଉତ୍ପାଦନ ହେଉଥିବା ସ୍ଥଳେ ଓଡ଼ିଶାରେ ତାହା ହୋଇପାରୁ ନାହିଁ । ଓଡ଼ିଶାର ପାରାଦ୍ୱୀପଠାରେ ଏନ୍: ଡି: ଡି: ବି: ସହାୟତାରେ ଖାଇବା ତେଲ ଷ୍ଟକ୍ କରି ରଖାଗଲେ, ରାଜ୍ୟ ଭିତରେ ଖାଇବା ତେଲ ଦର ବୃଦ୍ଧି ରୋକିଯାଇ ପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ ଏନ୍: ଡି: ଡି: ବି: ଅଧ୍ୟକ୍ଷ ଡଃ କୁରିଏନ୍ ଇତିମଧ୍ୟରେ ପାରାଦ୍ୱୀପଠାରେ ୨୦,୦୦୦ ଟନ୍ ତେଲର ଭଣ୍ଡାର ନିର୍ମାଣ କରିବା ପାଇଁ ରାଜି ହୋଇଛନ୍ତି ।

ରାଜ୍ୟରେ ଗତ ୧୯୭୦-୭୧ ମସିହାରେ ୭୧,୦୦୦ ହେକ୍ଟର୍ ଜମିରେ ଚିନାବାଦାମ ଚାଷ କରାଯାଇ ୮୭,୦୦୦ ମେଟ୍ରିକ୍ ଟନ୍ ଚିନାବାଦାମ ଉତ୍ପାଦନ କରାଯାଉଥିବା ବେଳେ ବର୍ତ୍ତମାନ ତାହା ୩.୯ ଲକ୍ଷ ହେକ୍ଟର୍ ଜମିରେ ଚାଷ କରାଯାଇ ପ୍ରାୟ ୫.୨୧ ଲକ୍ଷ ମେଟ୍ରିକ୍ ଟନ୍ ତୈଳବୀଜ ଉତ୍ପାଦିତ ହେଉଛି । ରବି ଚିନାବାଦାମ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଶୀର୍ଷ ସ୍ଥାନରେ ରହିଛି । ରବି ଋତୁରେ ଅଧିକ ଚିନାବାଦାମ ଚାଷ କରିବା ପାଇଁ ଚାଷୀମାନଙ୍କୁ ବ୍ୟାଙ୍କ୍ ସହାୟତା ମିଳିବା ଉଚିତ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ଏବେ ଓଡ଼ିଶାର ଚାଷୀ ସୋରିଷ ଚାଷ ଦ୍ୱାରା ଏକର ପିଛା ୨୦୦ କେ: ଜି: ସୋରିଷ ଉତ୍ପାଦନ କରି ସେଥିରୁ ମାତ୍ର ୨,୦୦୦ ଟଙ୍କା ପାଉଛି । ଏହାକୁ ଏକକ ଫସଲ ଭାବେ ଗ୍ରହଣ କରାନଯାଇ ମିଶ୍ରିତ ଚାଷ ହିସାବରେ ଧାନଚାଷ ପରେ ସୋରିଷ ଓ ପୁଣି ଧାନଚାଷ କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯିବା ଉଚିତ । ତଥାପି ସୋରିଷ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ପଛରେ ପଡ଼ିଥିବା ଦୃଷ୍ଟିରୁ ରାଜସ୍ଥାନ ବା ଗୁଜୁରାଟରୁ ଏହା ଆଣାଯାଇ ରାଜ୍ୟରେ ଅପେକ୍ଷାକୃତ ଶସ୍ତା ମୂଲ୍ୟରେ ଯୋଗାଇ ଦିଆଯାଇପାରେ । କଟକ, ଢେଙ୍କାନାଳ, ଗଞ୍ଜାମ, ପୁରୀ ଓ ବାଲେଶ୍ୱର ଜିଲ୍ଲାମାନଙ୍କରେ ରବି ଋତୁରେ ଚିନାବାଦାମ ଚାଷ କରାଯିବା ପାଇଁ ଚାଷୀମାନଙ୍କୁ ପ୍ରବର୍ତ୍ତା ଯାଉଥିବା ବେଳେ ସମ୍ବଲପୁର ଜିଲ୍ଲାର ଜଳସେଚିତ ଅଞ୍ଚଳର ନିମ୍ନାଂଶରେ ଓ ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର ଉଠାଜଳସେଚିତ ଅଞ୍ଚଳରେ ଚିନାବାଦାମ ଚାଷ କରାଯିବ । ସେହିଭଳି କଳାହାଣ୍ଡି, ଫୁଲବାଣୀ, କୋରାପୁଟ, ବଲାଙ୍ଗୀର ଓ ସମ୍ବଲପୁର ଜିଲ୍ଲାର କୁଟିଙ୍ଗା ଅଞ୍ଚଳରେ ସୋରିଷକୁ ଦ୍ୱିତୀୟ ଫସଲ ରୂପେ ଚାଷ କରାଯାଇ ପାରିବ । ତୈଳବୀଜ ଚାଷକୁ ଅଧିକ ବ୍ୟାପକ କରାଯାଇ ଠିକ୍ ସମୟରେ ଚାଷୀମାନଙ୍କୁ ବିହନ ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଶାସନ ସଚିବ ସୂଚନା ଦେଇଥିଲେ ।

## ରାଜ୍ୟରେ ଚାଉଳର ଯୋଗାଣ ନିମନ୍ତେ ସରକାରୀ ପଦକ୍ଷେପ

ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟରେ ଚାଉଳର ଯୋଗାଣ ବୃଦ୍ଧି ନିମନ୍ତେ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି ଏବଂ ଅଯଥା ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି ।

ରାଜ୍ୟ ସଚିବାଳୟଠାରେ ଖାଦ୍ୟ ଓ ଯୋଗାଣ ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟରେ ଚାଉଳର ଦର ବୃଦ୍ଧି ରୋକିବା ସହ ଆବଶ୍ୟକତା ଅନୁଯାୟୀ ଚାଉଳ ଯୋଗାଣ ଏବଂ ଏହାର ସୁଷମ ବଣ୍ଟନ ଉପରେ ଯୋଗାଣ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ରାଜ୍ୟ ସରକାରଙ୍କ ଉଦ୍ୟମ ଫଳରେ କେନ୍ଦ୍ର ସରକାର ରାଜ୍ୟକୁ ଆଉ ଅଧିକ ୫ ହଜାର ଟନ୍ ଚାଉଳ ଯୋଗାଇଛନ୍ତି ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରି ଆହୁରି ଅଧିକ ଚାଉଳ କେନ୍ଦ୍ରରୁ ଆଣିବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି ବୋଲି କହିଛନ୍ତି । ଏହା ଫଳରେ ଚାଉଳର ଚାହିଦା ମେଣ୍ଟାଯାଇ ପାରିବ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଚାଉଳର ଅଭାବ ଥିବା ଅଞ୍ଚଳମାନଙ୍କରେ ଭ୍ରାମ୍ୟମାଣ ଗାଡ଼ି ଜରିଆରେ ଚାଉଳ ବିକ୍ରୟ କରାଯିବାକୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଥିଲେ । ଆଗାମୀ ବର୍ଷା ଯୋଗୁଁ ବନ୍ୟା ତଥା ଯୋଗାଯୋଗ ବିପର୍ଯ୍ୟସ୍ତ ଆଶଙ୍କା ଅଞ୍ଚଳମାନଙ୍କରେ ଆବଶ୍ୟକୀୟ ଚାଉଳ ଓ ଗହମ ଆଗରୁ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଥିଲେ । ପରିସ୍ଥିତିର ସୁଯୋଗ ନେଇ ଅଯଥା ଲାଭ ଉଠାଇବା ଉଦ୍ଦେଶ୍ୟରେ ଯେଉଁ ବ୍ୟବସାୟୀ ବା ମିଲ୍ ମାଲିକମାନେ ଅପଚେଷ୍ଟା କରିବେ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ହରିଚନ୍ଦନ ସତର୍କ କରାଇ ଦେଇଛନ୍ତି । ହିସାବ ବହିର୍ଭୂତ ଧାନ ଓ ଚାଉଳ ରଖିଥିବାରୁ ସମ୍ବଲପୁରର ଜଣେ ମିଲ୍ ମାଲିକଙ୍କୁ ସମ୍ପ୍ରତି ଗିରଫ କରାଯାଇଥିବା ସେ ପ୍ରକାଶ କରିଛନ୍ତି ।

ଚାଉଳର ସାମୟିକ ଦର ବୃଦ୍ଧି ଜନିତ ସମସ୍ୟା ସାହସ ଓ ଧୈର୍ଯ୍ୟର ସହ ମୁକାବିଲା କରିବା ଏବଂ ଅଯଥା ଆତଙ୍କ ସୃଷ୍ଟି ନକରି ଉପସ୍ଥିତ ପରିସ୍ଥିତିର ସମାଧାନ ଦିଗରେ ସରକାରଙ୍କ ସହ ସହଯୋଗ କରିବା ପାଇଁ ଶ୍ରୀ ହରିଚନ୍ଦନ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ଆଲୋଚନାରୁ ପ୍ରକାଶ ଯେ ଦେଶର ସବୁ ଅଞ୍ଚଳରେ ଚାଉଳର ଦର ବୃଦ୍ଧି ଘଟିଛି । ଓଡ଼ିଶାର ପଡ଼ୋଶୀ ରାଜ୍ୟ ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗରେ ଓଡ଼ିଶା ଅପେକ୍ଷା ଚାଉଳ ଦର ଅଧିକ ରହିଛି । କେବଳ ଆନ୍ଧ୍ରପ୍ରଦେଶରେ ଓଡ଼ିଶାଠାରୁ ଦର ସାମାନ୍ୟ କମ୍ ଅଛି । ଓଡ଼ିଶାକୁ ବାହାରୁ କିପରି ପର୍ଯ୍ୟାପ୍ତ ପରିମାଣର ଚାଉଳ ଆସିପାରିବ, ସେ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇ ବାହାରୁ ଚାଉଳ ଆସିବା କ୍ଷେତ୍ରରେ ରହିଥିବା

କଟକଣାଗୁଡ଼ିକୁ ଉଠାଇ ନେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟର ଚାଉଳ ମିଲ୍ ମାଲିକମାନେ ସେମାନଙ୍କର ଚାଉଳ ରାଜ୍ୟ ବାହାରେ ବିକ୍ରି ନକରିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରବିନାରାୟଣ ଦାସ, ଯୋଗାଣ ବିଭାଗ ସଚିବ ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ, ବିକ୍ରିକର ବିଭାଗ କମିଶନର ଶ୍ରୀ ଏସ୍: ଆର୍: ପାଲ୍, କଟକ ଜିଲ୍ଲାପାଳ ଓ ଯୋଗାଣ ବିଭାଗର ସମ୍ପୃକ୍ତ କର୍ମଚାରୀମାନେ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଦରିଦ୍ର ପରିବାରଙ୍କୁ ଅର୍ଥନୈତିକ ଥଇଥାନ

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ପ୍ରଥମ ତିନିମାସ ମଧ୍ୟରେ ରାଜ୍ୟରେ ମୋଟ୍ ୧୦ ହଜାର ୩୦ଟି ଦରିଦ୍ର ପରିବାରଙ୍କୁ ଅର୍ଥନୈତିକ ଥଇଥାନ କରାଯାଇଛି । ଏମାନଙ୍କ ମଧ୍ୟରେ ୨,୬୯୨ଟି ତଫସିଲଭୁକ୍ତ ଜାତି ଓ ୧,୮୪୫ଟି ତଫସିଲଭୁକ୍ତ ଉପଜାତି ପରିବାର ଅନ୍ତର୍ଭୁକ୍ତ । ହିତାଧିକାରୀଙ୍କ ମଧ୍ୟରେ ମହିଳା ସଂଖ୍ୟା ଶତକଡ଼ା ୩୦ ଭାଗ ।

ଦାରିଦ୍ର୍ୟ ସୀମାରେଖା ଉପରକୁ ଆଣିବା ଉଦ୍ଦେଶ୍ୟରେ ବିଭିନ୍ନ ଆୟ ନିଯୁକ୍ତି କାର୍ଯ୍ୟକ୍ରମରେ ନିୟୋଜିତ କରି ଆର୍ଥିକ ଅବସ୍ଥାର ଉନ୍ନତି କରିବା ପାଇଁ ସେମାନଙ୍କୁ ମୋଟ୍ ୨ କୋଟି ୮୬ ଲକ୍ଷ ୯୯ ହଜାର ଟଙ୍କା ଅନୁଦାନ ଆକାରରେ ଦିଆଯାଇଛି ।

ଜିଲ୍ଲାୱାରୀ ସମୀକ୍ଷାରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଶତକଡ଼ା ୩୩ ଭାଗ ଲକ୍ଷ୍ୟ ହାସଲ ହୋଇପାରିବା ଜଣାଯାଇଛି ।

## ଯୁବଗୋଷ୍ଠୀ ସମାଜର ସମସ୍ୟା ଅନୁଧ୍ୟାନ କରି ତା'ର ପ୍ରତିକାର ସୂତ୍ର ବାହାର କରିବା ଆବଶ୍ୟକ

**—ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ**

ରାଜ୍ୟର ଯୁବଗୋଷ୍ଠୀ ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସଙ୍ଗେ ସଙ୍ଗେ ସମାଜର ସମସ୍ୟାଗୁଡ଼ିକୁ ଅନୁଧ୍ୟାନ କରି ତା'ର ପ୍ରତିକାର ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଗତ ମାସ ୯ ତାରିଖ ଦିନ ସ୍ଥାନୀୟ ବିମାନ ବନ୍ଦର ନିକଟରେ 'ସାଇକେଲ ଅଭିଯାନ'କୁ ଉଦ୍‌ଘାଟନ କରି ଅଭିଯାତ୍ରୀ ଦଳକୁ ଏହି ପରାମର୍ଶ ଦେଇଥିଲେ ।

ରାଜ୍ୟ କ୍ରୀଡ଼ା ବିଭାଗ ଦ୍ୱାରା 'ଯୁବ ଦିବସ' ଅବସରରେ ଆୟୋଜିତ ଏକ ବଡ଼ ଧରଣର ସାଇକେଲ ଅଭିଯାନକୁ ମୁଖ୍ୟମନ୍ତ୍ରୀ ପତାକା ଉଡ଼ାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ସାଇକେଲ ଅଭିଯାନରେ ଯୋଗ ଦେଇଥିବା ୫୦ ଜଣ ଯୁବ ଅଭିଯାତ୍ରୀଙ୍କୁ ଉପଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଯାତ୍ରା ସମୟରେ ବିଭିନ୍ନ ଗ୍ରାମ ପରିଦର୍ଶନ କରି ସେଠାର ସମସ୍ୟା, ସେ ଅଞ୍ଚଳବାସୀଙ୍କ ଚାଲିଚଳନ, ଆଗ୍ରହ ବ୍ୟବହାର ଏବଂ ସଂସ୍କୃ... ଉପରେ ଅନୁଧ୍ୟାନ କରି ତାହାକୁ ଲିପିବଦ୍ଧ ଆକାରରେ ଉପସ୍ଥା... କରାଯିବା ଉଚିତ । ଯାତ୍ରା ସମୟରେ ଦୁର୍ଘଟଣାକୁ ଏଡ଼ାଇ... ପାଇଁ ସତର୍କତା ଅବଲମ୍ବନ କରିବା, ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ଏବ... ସାକ୍ଷାତ ବେଳେ ଲୋକଙ୍କ ସହିତ ଭଦ୍ର ବ୍ୟବହାର କରିବା ପ୍ରଭୃ... କେତେକ ଉପାଦେୟ ଉପଦେଶ ସାଇକେଲ ଅଭିଯାତ୍ରୀ ଦଳ... ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ ।

ଉତ୍ସବରେ ଅଧ୍ୟକ୍ଷତା କରି ରାଜ୍ୟ କ୍ରୀଡ଼ା, ସଂସ୍କୃତି, ଯୁବ କଲ୍ୟାଣ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମା... କର କହିଲେ ଯେ ଯୁବ କଲ୍ୟାଣ କାର୍ଯ୍ୟକ୍ରମ ମଧ୍ୟରେ ଏ... ସାଇକେଲ ଅଭିଯାନ ଅନ୍ୟତମ । ଏହା ଫଳରେ ଯୁବଗୋଷ୍ଠୀ ବିଭିନ୍ନ ଅଞ୍ଚଳର ଲୋକଙ୍କ ସହିତ ମିଶି ଭାବର ଆଦାନ ପ୍ରଦା... କରିବା ସଙ୍ଗେ ସଙ୍ଗେ ଏକତା ଓ ମୈତ୍ରୀ ସ୍ଥାପନ ଦିଗରେ ସହାୟ... ସୃଷ୍ଟି କରିପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଶ୍ରମ ଓ ନିଯୁକ୍ତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ ଉତ୍ସ... ସମ୍ମାନୀୟ ଅତିଥି ରୂପେ ଯୋଗଦେଇ କହିଲେ ଯେ କ୍ରୀଡ଼ା ଆମ... ଏକ ସମ୍ପଦ । କ୍ରୀଡ଼ା ମନୋଭାବ ନେଇ ଏହି ଅଭିଯାତ୍ରୀ ଦ... ଗ୍ରାମାଞ୍ଚଳରେ ଏକ ନୂତନ ଜାଗରଣ ସୃଷ୍ଟି କରିବା ପାଇଁ ସେ ଆହ୍ୱାନ ଦେଇଥିଲେ ।

ପୂର୍ବରୁ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଡଃ ବିମଳେନ୍ଦୁ ମହାନ୍ତି ସ୍ୱାଗ... ଭାଷଣ ଦେଇ ସୂଚାଇଥିଲେ ଯେ ବିଭିନ୍ନ ଜିଲ୍ଲାର ଯୁବକଙ୍କୁ ନେ... ଗଢ଼ାଯାଇଥିବା ଏହି ସାଇକେଲ ଅଭିଯାତ୍ରୀ ଦଳ ଆଜିଠାରୁ ଯା... ଆରମ୍ଭ କରି ଆସନ୍ତା ୨୬ ତାରିଖ ଦିନ ଭୁବନେଶ୍ୱରଠାରେ ଶେ... ଯାତ୍ରା ଶେଷ କରିବେ । ଏହି ଦଳ ପୁରୀ, ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲାର ବିଭିନ୍ନ ଜଙ୍ଗଲ ରାସ୍ତା, ଘାଟି ରାସ୍ତା ଓ ନଦନଦୀ ଅତିକ୍ର... କରି ମୋଟ୍ ୬୦୦ କି: ମି: ଭ୍ରମଣ କରିବେ । ଅନ୍ୟାନ୍ୟ ଯୁ... କଲ୍ୟାଣ କାର୍ଯ୍ୟକ୍ରମ ମଧ୍ୟରେ ଭବିଷ୍ୟତରେ ପର୍ବତାରୋହଣ, ବେଳାଭୂମି ପଦଯାତ୍ରା ପ୍ରଭୃତି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ବୋଲି ସେ ସୂଚାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ, କ୍ରୀଡ଼ା, ସଂସ୍କୃତି, ଯୁ... କଲ୍ୟାଣ ବିଭାଗ ଶାସନ ସଚିବ ଶ୍ରୀ ଡି: ଏନ୍: ପାଢ଼ୀ ଏବ... ଓଡ଼ିଶା ସାଇକେଲ ଚାଳନା ସଂଘର ସଭାପତି ଶ୍ରୀ କାମିନୀ... ପଟ୍ଟନାୟକ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ ।

## ରାଜ୍ୟର ବିଶିଷ୍ଟ ଶିଳ୍ପୀଙ୍କ ପାଇଁ 'ଧର୍ମପଦ' ପୁରସ୍କାର ପ୍ରଚଳନ କରାଯିବ

ରାଜ୍ୟର ସାହିତ୍ୟ, ସଂସ୍କୃତି ଓ କଳାକୁ ଋଦ୍ଧିମନ୍ତ କରିବାରେ ଅବଦାନ ଥିବା କୃତୀ ସାହିତ୍ୟିକ, କଳାକାର ଓ ଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଆର୍ଥିକ ପୁରସ୍କାର ପ୍ରଚଳନ କରି ସେମାନଙ୍କୁ ସମ୍ବର୍ଦ୍ଧନା କରିବା ସଙ୍ଗେ ସଙ୍ଗେ ୨... ହଜାର ଟଙ୍କା ମୂଲ୍ୟର ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଚଳନ କରି ପ୍ରତି...

ଓଡ଼ିଶାର ବିଶିଷ୍ଟ କଳାକାର 'ବାବି'ଙ୍କୁ ଯେଉଁଭଳି 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କଲେ, ସେହିଭଳି ରାଜ୍ୟର ବିଶିଷ୍ଟ ଶିଳ୍ପୀଙ୍କ ପାଇଁ 'ଧର୍ମପଦ' ନାମରେ ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଚଳନ କରାଯିବ ବୋଲି ରାଜ୍ୟ କ୍ରୀଡ଼ା, ସଂସ୍କୃତି, ଯୁବ ବ୍ୟାପାର ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ସୂଚନା ଦେଇଥିଲେ ।

ସ୍ଥାନୀୟ ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ ପ୍ରାଙ୍ଗଣରେ ଅନୁଷ୍ଠିତ ୧୯ତମ ନିଖିଳ ଉତ୍କଳ ସ୍କୁଲ୍‌କଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ଶ୍ରୀ କର କହିଲେ ଯେ ରାଜ୍ୟର ତିନୋଟିଯାକ ଏକାଡେମୀକୁ ସ୍ୱୟଂଶାସିତା ପ୍ରଦାନ କରାଯାଇ ଚଳିତ ଆର୍ଥିକ ବର୍ଷରେ ପ୍ରତ୍ୟେକଙ୍କୁ ଦଶଲକ୍ଷ ଟଙ୍କା କରି ଅଧିକ ଆର୍ଥିକ ଆବଣ୍ଟନ କରାଯାଇଛି । ଏହାଦ୍ୱାରା ରାଜ୍ୟର ସାହିତ୍ୟ, ସଂସ୍କୃତି ଓ କଳାର ବ୍ୟାପକ ପ୍ରସାର ପାଇଁ ଏଭଳି କାର୍ଯ୍ୟକ୍ରମମାନ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ସୀମିତ ସମୟ ମଧ୍ୟରେ ଓଡ଼ିଶାକୁ ସଂସ୍କୃତି କ୍ଷେତ୍ରରେ ଏକ ଅଗ୍ରଗଣ୍ୟ ରାଜ୍ୟ ରୂପେ ପ୍ରତିଷ୍ଠିତ କରିବାକୁ ଉଦ୍ୟମ ଅବ୍ୟାହତ ରହିଥିବା ବେଳେ ରାଜ୍ୟର ଶିକ୍ଷାନୁଷ୍ଠାନ, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଏହି କାର୍ଯ୍ୟକ୍ରମ ସହିତ ସାମିଲ ରହି କିଛି କିଛି ଆର୍ଥିକ ସାହାଯ୍ୟ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ଲଳିତଗିରି ଅଞ୍ଚଳର ମୌଳିକ ପରମ୍ପରା 'ପଥର ଖୋଦେଇ ଶିଳ୍ପ'କୁ ବଞ୍ଚାଇ ରଖିବା ପାଇଁ ସରକାର ସେଠାରେ ଏକ ପଥର ଖୋଦେଇ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରୁଥିବା କଥା ମନ୍ତ୍ରୀ ଶ୍ରୀ କର ସୂଚାଇଥିଲେ । ଏହା ବ୍ୟତୀତ ପୁରାତନ ଶିଳ୍ପକଳା ଓ ଚିତ୍ରକଳାର ପ୍ରସାର ନିମନ୍ତେ ରାଜ୍ୟ ସଚିବାଳୟ ପ୍ରାଚୀରମାନଙ୍କରେ ଯେଉଁଭଳି ଚିତ୍ରପଟ୍ଟମାନ ପ୍ରଦର୍ଶିତ ହୋଇଛି, ସେହିଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ସେ ସବୁ ଚିତ୍ରପଟ୍ଟକୁ ପ୍ରଦର୍ଶନ କରାଯିବ ଏବଂ ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରେ ଏକ 'ସାଂସ୍କୃତିକ କମ୍ପ୍ଲେକ୍ସ' ପ୍ରତିଷ୍ଠା କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

ଏହି ସ୍କୁଲ୍‌କଳା ପ୍ରଦର୍ଶନୀରେ ମୋଟ୍ ୧୨୮ ଗୋଟି ଚିତ୍ର, ଭାସ୍କର୍ଯ୍ୟ ଓ ଗ୍ରାଫିକ୍ ଚିତ୍ର ସ୍ଥାନ ପାଇଛି । ତନ୍ମଧ୍ୟରୁ ବିଚାରକମଣ୍ଡଳୀ ଦ୍ୱାରା ଶ୍ରୀ ଗୌତମ ବାରିକ, ଶ୍ରୀମତୀ କଞ୍ଚନା ମହାନ୍ତି, ଶ୍ରୀ ବିଜୟ କୁମାର ସୁତାର, ଶ୍ରୀ ନଳିନୀ ରଞ୍ଜନ ମହାନ୍ତି, ଶ୍ରୀ ଗୌରହରି ରାଉତ, ଶ୍ରୀ ଦେବରାଜ ସାହୁ ଓ କୁମାରୀ ନିବେଦିତା ମିଶ୍ରଙ୍କ ଚିତ୍ର ଶ୍ରେଷ୍ଠ ବିବେଚିତ ହୋଇଛି । ଏହି ସାତଜଣ କୃତୀ ଶିଳ୍ପୀଙ୍କୁ ମନ୍ତ୍ରୀ ଶ୍ରୀ କର ଉକ୍ତ ଉତ୍ସବରେ ୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ କର ସୂଚାଇଥିଲେ ଯେ ଏହି ପୁରସ୍କାର ଅର୍ଥର ପରିମାଣକୁ ଆସନ୍ତା ବର୍ଷଠାରୁ ୫ ହଜାର ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯିବ ।

ଏହି ଉତ୍ସବରେ ଓଡ଼ିଶାର ପ୍ରଖ୍ୟାତ ସାହିତ୍ୟିକ ଶ୍ରୀ ସାତକଡ଼ି ହୋତା ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଲେ ଯେ ଯେଉଁ ଦେଶର ସଂସ୍କୃତି ଯେତେ ମାର୍ଜିତ, ସେ ଦେଶ ସେତିକି ସମୃଦ୍ଧ ହୋଇଥାଏ । ଆମ ରାଜ୍ୟରେ ସାଂସ୍କୃତିକ ସର୍ଭେ କରାଯାଇ ଏ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ନିମନ୍ତେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ଉଦ୍ୟମ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ ।

## ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ଇନ୍ଦ୍ରାବତୀ ନଦୀ ଅବବାହିକାରେ ଅତ୍ୟଧିକ ବୃଷ୍ଟିପାତ ହେତୁ ଅସ୍ୱାଭାବିକ ବନ୍ୟା ଆସି ଗତମାସ ୨୮ ତାରିଖରେ ଅପର ଇନ୍ଦ୍ରାବତୀ ପ୍ରକଳ୍ପର କଫର୍ ଡ୍ୟାମ୍ ଭାଙ୍ଗିଯାଇ ମୁଖୀଗୁଡ଼ା ଓ ମହୁଲିପାଟଣା ଅଞ୍ଚଳରେ ଯେଉଁ ତାଣ୍ଡବଲୀଳା ସୃଷ୍ଟି ହେଲା, ଗତ ଜୁଲାଇ ମାସ ୩୦ ତାରିଖରେ ଏ ସମ୍ବାଦ ଜିଲ୍ଲା କର୍ତ୍ତୃପକ୍ଷଙ୍କଠାରୁ ପାଇବା ମାତ୍ରେ ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କିରଣଚନ୍ଦ୍ର ସିଂହଦେଓ ଘଟଣା ସ୍ଥଳକୁ ଯାଇ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ ।

ଏହି ପ୍ରକଳ୍ପର ହେଡ୍‌ରେସ୍ ଟନେଲ୍‌ରେ ବନ୍ୟାଜଳ ପ୍ରବେଶ କରିବା ଫଳରେ ଦୁର୍ଘଟଣାଜନିତ ମୃତ ଓ ନିଖୋଜ ଶ୍ରମିକଙ୍କ ପରିବାରବର୍ଗଙ୍କୁ ଶ୍ରୀ ସିଂହଦେଓ ସାକ୍ଷାତ କରି ସାନ୍ତ୍ୱନା ଦେଇଥିଲେ । ପରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଦୁର୍ଘଟଣାର ସମସ୍ତ ବିଷୟ ଅବଗତ କରାଇ ସେମାନଙ୍କୁ ସାହାଯ୍ୟ ଦେବା ପାଇଁ ଅନୁରୋଧ କରିଥିଲେ । ସମ୍ପ୍ରତି ମୃତ ବ୍ୟକ୍ତିମାନଙ୍କର ନିକଟ ସମ୍ପର୍କୀୟମାନଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମଞ୍ଜୁର କରାଯାଇଛି ।

ଏହି ବନ୍ୟାରେ ଖଲିଆଥାଭଟା, ଜୟପାଟଣା, ଚିଟକା, ବେନଗର, ଖାଇରମଲ, କନକପୁର, ପ୍ରତାପପୁର, ଖଣ୍ଡଗୁଡ଼ା, ପାଇକକେଣ୍ଡୁ, ନେଗୁପଦା, ପାପଲଗୁଡ଼ା, କେନ୍ଦୁଗମା, ମଙ୍ଗଳପୁର, କୁହରୀଗୁମା, ପାତିଗୁଡ଼ା, ମୁଦ୍ରାଗୁଡ଼ା, ମହିପାଣି, କରଞ୍ଜିଗୁଡ଼ା, ତାଳଗୁଡ଼, ମୁଖୀଗୁଡ଼ା ଓ ଏହାର ଆଖପାଖ ଅଞ୍ଚଳଗୁଡ଼ିକ ବିଶେଷ କ୍ଷତିଗ୍ରସ୍ତ ହୋଇଥିବାର ଶ୍ରୀ ସିଂହଦେଓ କହିଛନ୍ତି । ପ୍ରାୟ ୧,୨୫୦ ହେକ୍ଟର୍ ଚାଷଜମି ଧୋଇହୋଇ ଯାଇଥିବା ବେଳେ ଶହସ୍ରାଧିକ ପରିବାର ଏହି ବନ୍ୟା ଫଳରେ କ୍ଷତିଗ୍ରସ୍ତ ହୋଇଥିବା ସେ ଦର୍ଶାଇଛନ୍ତି । କ୍ଷତିଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କାର୍ଯ୍ୟ ରାଷ୍ଟ୍ରମନ୍ତ୍ରୀ ତଦାରଖ କରିଥିଲେ ଏବଂ ଯେପରି କୌଣସି ଅସୁବିଧା ନହୁଏ, ସେଥିପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି । ଶ୍ରୀ ସିଂହଦେଓ ଇତିମଧ୍ୟରେ ସେହି ଅଞ୍ଚଳକୁ ବାରମ୍ବାର ଗସ୍ତରେ ଯାଇ ଲୋକମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ବୁଝିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଦୂରୀକରଣ ନିମନ୍ତେ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ସାହାଯ୍ୟ କାର୍ଯ୍ୟ ସ୍ୱଳ୍ପ ରଖାଯାଇଥିବା ସେ ପ୍ରକାଶ କରିଛନ୍ତି ।

## ଯୋଜନାର ବିକେନ୍ଦ୍ରୀକରଣ ଦ୍ୱାରା ଆଞ୍ଚଳିକ ବୈଷମ୍ୟ ଦୂର କରାଯିବ

**—ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ**

ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଯୋଜନାର ବିକେନ୍ଦ୍ରୀକରଣ କରାଯାଇ ରାଜ୍ୟ ମଧ୍ୟରେ ଥିବା ଆଞ୍ଚଳିକ ବୈଷମ୍ୟ ଦୂର କରାଯିବ

ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ସଚିବାଳୟଠାରେ ଅନୁଷ୍ଠିତ ଜିଲ୍ଲା ମୁଖ୍ୟ ଯୋଜନା ଓ ଉନ୍ନୟନ ଅଧିକାରୀମାନଙ୍କର ଦୁଇଦିନିଆ ସମ୍ମିଳନୀ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ରାଜ୍ୟର ସାମୁହିକ ବିକାଶ ପାଇଁ ପଞ୍ଚାୟତ ପଞ୍ଚାୟତ ଭିତରେ ଓ ବ୍ଲକ୍ ବ୍ଲକ୍ ଭିତରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିବାକୁ ହେବ । ଗତ ୧୯୬୧ ମସିହାରେ ଶ୍ରୀ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଯେଉଁଳି ବ୍ଲକ୍ ଓ ପଞ୍ଚାୟତ ପାଇଁ ପୁରସ୍କାର ବ୍ୟବସ୍ଥାର ପ୍ରବର୍ତ୍ତନ କରାଯାଇଥିଲା, ତାହାର ପୁନଃ ପ୍ରବର୍ତ୍ତନ କରାଯିବ ବୋଲି ସେ କହିଥିଲେ । ଅଫିସରମାନଙ୍କ ଭିତରେ ଦାୟିତ୍ୱବୋଧ ଓ କାର୍ଯ୍ୟ କରିବାର ନିର୍ଦ୍ଦିଷ୍ଟ ପ୍ରଣାଳୀ ଦ୍ୱାରା ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ପାରିବ । ପଞ୍ଚାୟତରାଜ ବ୍ୟବସ୍ଥାକୁ ଏବଂ ଜିଲ୍ଲା ପରିଷଦଗୁଡ଼ିକୁ ଅଧିକ କ୍ରିୟାଶୀଳ ଓ ଲୋକାଭିମୁଖୀ କରିବା ପାଇଁ ଶତକଡ଼ା ୩୦ ଭାଗ ମହିଳା ପ୍ରତିନିଧିତ୍ୱ ରହିବ । ଜିଲ୍ଲା ପରିଷଦମାନଙ୍କରେ ଜିଲ୍ଲାପାଳମାନଙ୍କୁ ମୁଖ୍ୟ କାର୍ଯ୍ୟ ନିର୍ବାହୀ କରାଯିବା ସଙ୍ଗେ ସଙ୍ଗେ ମୁଖ୍ୟ ଜିଲ୍ଲା ଯୋଜନା ଓ ଉନ୍ନୟନ ଅଧିକାରୀ ଏବଂ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀମାନଙ୍କର କାର୍ଯ୍ୟ ପରିସରକୁ ନିର୍ଦ୍ଦିଷ୍ଟ କରାଯିବ । ମୁଖ୍ୟମନ୍ତ୍ରୀ ତାଙ୍କର ସାମ୍ପ୍ରତିକ ଗସ୍ତକାଳରେ କେତେକ ଜିଲ୍ଲାରେ ସବୁଜ ପତ୍ରିକା ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇନଥିବାରୁ କ୍ଷୋଭ ପ୍ରକାଶ କରି ରାଜ୍ୟର ବିକାଶ ଦିଗରେ ସହାୟତା କରୁଥିବା ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କୁ ପ୍ରୋତ୍ସାହନ ମିଳିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଏ ଦିଗରେ ସମସ୍ତେ ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ସମ୍ମିଳନୀର ପ୍ରାରମ୍ଭରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଯୋଜନାର ସଫଳ ରୂପାୟନ ପାଇଁ ଯୋଜନା କଳକୁ ଠିକ୍ ଭାବରେ କ୍ରିୟାଶୀଳ କରିବା ପାଇଁ ପରାମର୍ଶ ଦେଇଥିଲେ । ଶ୍ରୀ ଘଡ଼େଇ କହିଲେ ଯେ ରାଜ୍ୟ ଭିତରେ କେତେକ ଅଞ୍ଚଳରେ ଉନ୍ନତି ସାଧିତ ହୋଇଥିଲେ ହେଁ, ଅନ୍ୟ କେତେକ ଅଞ୍ଚଳ ଦାରିଦ୍ର୍ୟ ଭିତରେ ରହିଛି । ଯୋଜନାରେ ଜନସାଧାରଣଙ୍କ ଅଂଶ ଗ୍ରହଣ ଓ ସମାଜର ସବୁ ସ୍ତରର ଲୋକଙ୍କର ସକ୍ରିୟ ସହଯୋଗ ଦ୍ୱାରା ଏହା ସଫଳ ହୋଇପାରିବ ବୋଲି ଉଲ୍ଲେଖ କରି ଯୋଜନାରେ ଲୋକମାନଙ୍କର ଆଶା ଆକାଂକ୍ଷା ଠିକ୍ ଭାବରେ ପ୍ରତିଫଳିତ ହେବା ଉଚିତ ବୋଲି ସେ ପ୍ରକାଶ କରିଥିଲେ । ଶ୍ରୀ ଘଡ଼େଇ ପୁଣି କହିଲେ ଯେ ଜିଲ୍ଲାର ଗ୍ରାମାଞ୍ଚଳର ମୁଖ୍ୟଦାବୀ ଓ ଅଭାବ ଅସୁବିଧା ରାଜ୍ୟର ଯୋଜନାରେ ଯଥାଯଥ ସ୍ଥାନ ପାଇଲେ, ଯୋଜନାର ଉଦ୍ଦେଶ୍ୟ ସାଧିତ ହୋଇପାରିବ ।

ପଞ୍ଚାୟତରାଜ ମନ୍ତ୍ରୀ ଡକ୍ଟର୍ ଦାମୋଦର ରାଉତ ଯୋଜନାର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗ ଓ ସଂସ୍ଥା ମଧ୍ୟରେ ସମନ୍ୱୟ ସ୍ଥାପିତ ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ । ଜିଲ୍ଲା ଯୋଜନା ବୋର୍ଡ଼ରେ ଅଧିକ ସଂଖ୍ୟାରେ ବିଶେଷଜ୍ଞମାନଙ୍କୁ ନିଆଯିବା ଉଚିତ ବୋଲି ସେ କହିଥିଲେ ।

ପୂର୍ବତନ ମନ୍ତ୍ରୀ ଓ ରାଜ୍ୟ ଯୋଜନା ଓ କାର୍ଯ୍ୟକ୍ରମ ମୂଲ୍ୟାୟନ କମିଟିର ଉପାଧ୍ୟକ୍ଷ ଶ୍ରୀ ପ୍ରତାପଚନ୍ଦ୍ର ମହାନ୍ତି ଆଲୋଚନାରେ ଅଂଶ ଗ୍ରହଣ କରି ଯୋଜନାର ସଫଳତା ପାଇଁ ତାଙ୍କର ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ଉନ୍ନୟନ କମିଶନର ଶ୍ରୀ ସୁନ୍ଦରରାଜନ୍ ପ୍ରାରମ୍ଭିକ ସୂଚନା ଦେଇଥିଲେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥମନ୍ତ୍ରୀ ଶ୍ରୀ ବେଦପ୍ରକାଶ ଅଗ୍ରୱାଲା, ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ଘାସିରାମ ମାଝୀ, ବୟନ ଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ଶ୍ରୀ ମୁସ୍ତାଫିଜ୍ ଅହମଦ୍, ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭାଗୀୟ ସଚିବ ଓ ବିଭାଗୀୟ ମୁଖ୍ୟମାନେ ଯୋଗଦେଇ ଥିଲେ ।

## ସହରାଞ୍ଚଳରେ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାର ଉନ୍ନତି କରାଯିବ

**—ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାନ୍ତି**

ରାଜ୍ୟରେ ଜଳ ଯୋଗାଣ ଓ ସ୍ୱେରେଜ୍ ବୋର୍ଡ଼ ଗଠନ ହେବା ପରେ ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମ୍ପ୍ରତି ଏହାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା ।

ଏହି ବୈଠକରେ ବୋର୍ଡ଼ର ନିଜସ୍ୱ ଯନ୍ତ୍ରୀ ପଦବୀ ସୃଷ୍ଟି ହେବା ପର୍ଯ୍ୟନ୍ତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ନିର୍ମାଣ ଶାଖାର ନିର୍ବାହୀ ଯନ୍ତ୍ରୀଙ୍କ ସେବା ଉପଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି । ସେହିପରି ବୋର୍ଡ଼ର ନିଜସ୍ୱ କାର୍ଯ୍ୟାଳୟ ଗୃହ ନିର୍ମାଣ କରିବା ଲାଗି ଆବଶ୍ୟକୀୟ ଜମି ଓ ଅର୍ଥ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା । ନିଜସ୍ୱ ଗୃହ ନିର୍ମାଣ ହେବା ପର୍ଯ୍ୟନ୍ତ ଏହି ବୋର୍ଡ଼ କାର୍ଯ୍ୟ 'ସୁଡା' ଅଫିସ୍‌ଠାରେ ଚଳାଇବାକୁ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା ।

ଏହି ସଂସ୍ଥା ସରକାରୀ ଅନୁଦାନ ଓ 'ହୁଡ଼କୋ' ସହାୟତାରେ ସହରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାର ଉନ୍ନତି ନିମନ୍ତେ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବ । ପ୍ରଥମ ପର୍ଯ୍ୟାୟରେ କଟକ, ସମ୍ବଲପୁର, ପୁରୀ, ଜୟପୁର ଓ ରାଉରକେଲାର ସହରରେ ଥିବା ଜଳ ଯୋଗାଣ ବ୍ୟବସ୍ଥାର ଅଭିବୃଦ୍ଧି କରାଯିବ ଏବଂ ପର୍ଯ୍ୟାୟକ୍ରମେ ରାଜ୍ୟର ଅନ୍ୟ ସହରାଞ୍ଚଳରେ ଜଳ ଯୋଗାଣ ବ୍ୟବସ୍ଥା ହାତକୁ ନିଆଯିବ । କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ଭୁବନେଶ୍ୱର ଓ ରାଉରକେଲା ସହରରେ ସ୍ୱେରେଜ୍ ବ୍ୟବସ୍ଥା କରିବା ନିମନ୍ତେ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ ବୋର୍ଡ଼ର ଉପାଧ୍ୟକ୍ଷ ଶ୍ରୀ ପି. ତ୍ରିପାଠୀ, ଗୃହ ନିର୍ମାଣ ଉନ୍ନୟନ ବିଭାଗ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର ଦାସ, ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଦେବେନ୍ଦ୍ର କୁମାର ମିଶ୍ର, ଭୁବନେଶ୍ୱର ଉନ୍ନୟନ ସଂସ୍ଥା ଉପାଧ୍ୟକ୍ଷ ଶ୍ରୀ ରମାନାଥ ମହାନ୍ତିଙ୍କ ସମେତ ବୋର୍ଡ଼ର ସରକାରୀ ଓ ବେସରକାରୀ ସଭ୍ୟମାନେ ବୈଠକରେ ଯୋଗ ଦେଇଥିଲେ ।

## ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ପାଇଁ ସକ୍ରିୟ ପଦକ୍ଷେପ

ଗ୍ରାମାଞ୍ଚଳରେ ଉପଯୁକ୍ତ ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳରେ ରହିଥିବା ନଳକୂପଗୁଡ଼ିକର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସେ ଦିଗରେ ସମୁଚିତ ବ୍ୟବସ୍ଥା କରାଯାଉଥିବା ଜଣାଯାଇଛି ।

ରାଜ୍ୟର ନଳକୂପଗୁଡ଼ିକର ବାସ୍ତବ ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଶାସନ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଚାୟତ ସମିତି ସ୍ତରରୁ ବ୍ଲକ୍ ଉନ୍ନୟନ ଅଧିକାରୀମାନଙ୍କ ଜରିଆରେ ପ୍ରତ୍ୟେକ ଗ୍ରାମର ନଳକୂପର ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବାକୁ ଶ୍ରୀ ତ୍ରିପାଠୀ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ଗ୍ରାମରେ ସରକାରଙ୍କ ପକ୍ଷରୁ ସ୍ଥାପନ କରାଯାଇଥିବା ନଳକୂପଗୁଡ଼ିକର ପ୍ରକୃତ ତାଲିକା ସମ୍ପୃକ୍ତ ଗ୍ରାମସେବକମାନଙ୍କ ଜରିଆରେ ପ୍ରସ୍ତୁତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମସେବକମାନେ ପ୍ରତ୍ୟେକ ଗ୍ରାମକୁ ଯାଇ ଗ୍ରାମରେ କେତୋଟି ନଳକୂପ ରହିଛି, ତା' ମଧ୍ୟରୁ କେତୋଟି ନଳକୂପ ସ୍ଥାୟୀ ଅବସ୍ଥାରେ ଅଛି କେତୋଟି ଅସ୍ଥାୟୀ ଭାବେ ଅଚଳ ହୋଇପଡ଼ିଛି ଓ ଆଉ କେତୋଟି ସମ୍ପୂର୍ଣ୍ଣ ଭାବେ ଅଚଳ ଅବସ୍ଥାରେ ଅଛି, ତା'ର ସଠିକ୍ ବିବରଣୀ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ବି.ଡି.ଓମାନେ ଗ୍ରାମସେବକମାନଙ୍କ ସଂଗୃହୀତ ତଥ୍ୟ ବ୍ଲକ୍ ସ୍ତରୀୟ ବୈଠକରେ ଉପସ୍ଥାପନ କରି ବ୍ଲକ୍‌ର ସମୁହ ବିବରଣୀ ପ୍ରସ୍ତୁତ କରିବେ । ସମ୍ପୃକ୍ତ ସବ୍-କଲେକ୍ଟରମାନଙ୍କୁ ସେମାନେ ଉକ୍ତ ବିବରଣୀ ଉପସ୍ଥାପନ କରିବେ । ସବ୍-କଲେକ୍ଟରମାନେ ବିବରଣୀର ସଠିକତା ସମ୍ପର୍କରେ ସବ୍‌ଡିଭିଜନ୍ ସ୍ତରୀୟ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କର୍ତ୍ତୃପକ୍ଷଙ୍କ ସହ ସବିଶେଷ ତଦାରଖ କରି ଜିଲ୍ଲାପାଳଙ୍କୁ ବିବରଣୀ ପ୍ରଦାନ କରିବେ । ଜିଲ୍ଲାପାଳମାନେ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜିଲ୍ଲାର ବୃତ୍ତାନ୍ତ ନଳକୂପ ସ୍ଥିତି ସମ୍ପର୍କରେ ବିବରଣୀ ପ୍ରଦାନ କରିବେ । ଉକ୍ତ ବିବରଣୀର ଏକ ନକଲ ଯୋଜନା ଓ ସମନ୍ୱୟ ବିଭାଗକୁ ମଧ୍ୟ ଦେବେ ।

ସରକାରଙ୍କ ପକ୍ଷରୁ ବିଭିନ୍ନ ଗ୍ରାମରେ ସ୍ଥାପନ କରାଯାଇଥିବା ନଳକୂପଗୁଡ଼ିକର ବିସ୍ତୃତ ତାଲିକା ସମ୍ପୃକ୍ତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଡିଭିଜନ୍ ପକ୍ଷରୁ ଅଗଷ୍ଟ ମାସ ୧୦ ତାରିଖ ସୁଦ୍ଧା ବି.ଡି.ଓମାନଙ୍କୁ ଯୋଗାଇ ଦିଆଯିବ ବୋଲି ଶ୍ରୀ ତ୍ରିପାଠୀ ଏକ ପତ୍ରରେ ଉଲ୍ଲେଖ କରିଛନ୍ତି ।

ବ୍ଲକ୍‌ର ବି.ଡି.ଓ., ସମ୍ପ୍ରସାରଣ ଅଧିକାରୀ ଏବଂ ଗ୍ରାମସେବକମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିବା ପାଇଁ ରାଜ୍ୟ ପଞ୍ଚାୟତିରାଜ ବିଭାଗ ସମ୍ମତି ପ୍ରଦାନ କରିଥିବା ଶ୍ରୀ ତ୍ରିପାଠୀଙ୍କ ସୂତ୍ରରୁ ପ୍ରକାଶ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପାନୀୟ ଜଳ ସମସ୍ୟା ରହିଥିବା ଗ୍ରାମଗୁଡ଼ିକୁ ଚିହ୍ନଟ କରାଯାଇଛି । ସେହିସବୁ ଗ୍ରାମରେ ନଳକୂପ ଓ କୂପ ସାହାଯ୍ୟରେ ଆବଶ୍ୟକୀୟ ଉପଯୁକ୍ତ ପାନୀୟ ଜଳ ଯୋଗାଇ ଦେବା ଦାୟିତ୍ୱ ନୂତନ ଭାବେ ଗଠିତ ଗ୍ରାମ୍ୟ ଉନ୍ନୟନ ବିଭାଗର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥା ଉପରେ ନ୍ୟସ୍ତ କରାଯାଇଛି । ନଳକୂପ ସ୍ଥାପନ, କୂପ ଖନନ ସହ ଏହାର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ଏହି ସଂସ୍ଥା ଉପରେ ନ୍ୟସ୍ତ କରାଯାଇଛି । କିନ୍ତୁ ରାଜ୍ୟର ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ତଥା ଗ୍ରାମବାସୀମାନଙ୍କ ସକ୍ରିୟ ସହଯୋଗ ବିନା ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ଭବପର ନୁହେଁ । ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ଗ୍ରାମାଞ୍ଚଳରେ ବହୁ ନଳକୂପ ସ୍ଥାପନ ହୋଇ ଆସିଛି । କିନ୍ତୁ ସେସବୁର ପ୍ରକୃତ ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ । ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟରେ ବହୁ ସାମଞ୍ଜସ୍ୟ ରହୁଛି । ଏସବୁ ଦୃଷ୍ଟିରୁ ରାଜ୍ୟରେ ଗ୍ରାମାଞ୍ଚଳର ନଳକୂପର ପ୍ରକୃତ ସଂଖ୍ୟା ଓ ଅବସ୍ଥା ସମ୍ପର୍କରେ ବାସ୍ତବ ଚିତ୍ର ସଂଗ୍ରହ କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ଏହା ଫଳରେ ନଳକୂପଗୁଡ଼ିକର କାର୍ଯ୍ୟକାରିତା ସୁଗମ ହୋଇପାରିବ ବୋଲି ଆଶା କରାଯାଏ ।

## ଓଡ଼ିଶାରେ ଏକ ନୂତନ ଟିଟାନିୟମ୍ ଡାଇଅକ୍ସାଇଡ୍ କାରଖାନା ନିର୍ମିତ ହେବ

**—ଶିଳ୍ପ ମନ୍ତ୍ରୀ ଶ୍ରୀ ରାୟ**

୧୬୫ କୋଟି ଟଙ୍କା ବ୍ୟୟ ଅଟକଳରେ ଓଡ଼ିଶାରେ ଏକ ବୃହତ ଟିଟାନିୟମ ଡାଇଅକ୍ସାଇଡ୍ କାରଖାନା ଖୁବ୍‌ଶୀଘ୍ର ନିର୍ମିତ ହେବ ବୋଲି ଶିଳ୍ପ ମନ୍ତ୍ରୀ ଶ୍ରୀ ଦିଲ୍ଲୀପ ରାୟ ପ୍ରକାଶ କରିଛନ୍ତି ।

ଶ୍ରୀ ରାୟ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ସହଯୋଗରେ ହାଇଦ୍ରାବାଦସ୍ଥିତ ପୃଥ୍ୱୀ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଏହି ସମନ୍ୱିତ ବୃହତ୍ ଟିଟାନିୟମ୍ ଡାଇଅକ୍ସାଇଡ୍ ଶିଳ୍ପ ଗଞ୍ଜାମ ଜିଲ୍ଲାରେ ପ୍ରତିଷ୍ଠା କରାଯିବ । ଶିଳ୍ପ ମନ୍ତ୍ରୀ ଶ୍ରୀ ରାୟ ଏବଂ ଉକ୍ତ ଶିଳ୍ପ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର କେ: ଶେଷାଗିରି ରାଓଙ୍କ ମଧ୍ୟରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଉକ୍ତ ଶିଳ୍ପ ପ୍ରତିଷ୍ଠାନ ପକ୍ଷରୁ ପ୍ରସ୍ତାବିତ କାରଖାନାକୁ ରାଜ୍ୟ ସରକାର ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଦେବେ ବୋଲି ଶ୍ରୀ ରାୟ ଦର୍ଶାଇଛନ୍ତି । ସାଧାରଣ ପୁଞ୍ଜି ଅଂଶ ବାବଦକୁ ଆବଶ୍ୟକୀୟ ମୋଟ୍ ୬୫ କୋଟି ଟଙ୍କା ମଧ୍ୟରୁ ରାଜ୍ୟ ସରକାର ୧୦ କୋଟି ଟଙ୍କା ବିନିଯୋଗ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି ବୋଲି ଶ୍ରୀ ରାୟ ପ୍ରକାଶ କରିଛନ୍ତି । ସର୍ବଭାରତୀୟ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ଆବଶ୍ୟକୀୟ ଅର୍ଥ ମଞ୍ଜୁରୀର ତିନିବର୍ଷ ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି ବୋଲି ଶ୍ରୀ ରାୟ କହିଛନ୍ତି । ଏହି କାରଖାନାରୁ ବାର୍ଷିକ ୨୫ ହଜାର ଟନ୍ ଟିଟାନିୟମ

ଡାଇଓକ୍ସାଇଡ୍ (ରୁଟିଲେ ଗ୍ରେଡ୍) ଏବଂ ଏକ ଲକ୍ଷ ୨୦ ହଜାର ଟନ୍ ସିଙ୍ଗଲ୍ ସୁପର ଫସ୍ଫେଟ୍ ଉତ୍ପାଦନ ହୋଇପାରିବ । ଏହି ଉତ୍ପାଦିତ ଦ୍ରବ୍ୟ ବସ୍ତ୍ର ଶିଳ୍ପ ଓ ଉତ୍କୃଷ୍ଟ ରଙ୍ଗ ତିଆରି ପାଇଁ ଆବଶ୍ୟକ ହୋଇଥାଏ । ଏହି ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ଟନ୍ ପିଛା ୭୦ ହଜାର ଟଙ୍କାରୁ ଏକ ଲକ୍ଷ ଟଙ୍କା ରହିଥିବା ଦର୍ଶାଯାଇଛି ।

ପ୍ରସ୍ତାବିତ କାରଖାନା ନିର୍ମାଣ କ୍ଷେତ୍ରରେ ସମ୍ପ୍ରବର୍ତ୍ତକ ପୃଥିବୀ ଇଣ୍ଡଷ୍ଟ୍ରିଜ୍ ଟେକୋପ୍ରୋଗାକିଆଠାରୁ ପ୍ରୟୋଗ ବିଜ୍ଞାନ ବା ପ୍ରଯୁକ୍ତି ଲାଭ କରିଥିବା ଏବଂ ଏହି ଶିଳ୍ପ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ହେବ ବୋଲି ଜଣାଯାଇଛି । ଟିଟାନିୟମ୍ ଡାଇଓକ୍ସାଇଡ୍ ଉତ୍ପାଦନ ପାଇଁ ଆବଶ୍ୟକୀୟ ମୁଖ୍ୟ କଞ୍ଚାମାଲ ଛତ୍ରପୁରସ୍ଥିତ ଭାରତୀୟ ବିରଳ ମୃତ୍ତିକା କାରଖାନାରୁ "ଇଲିମିନାଇଟ୍" ପ୍ରଚୁର ପରିମାଣରେ ମିଳିବ ବୋଲି ଜଣାଯାଇଛି । ବିରଳ ମୃତ୍ତିକା କର୍ତ୍ତୃପକ୍ଷ ଆବଶ୍ୟକୀୟ କଞ୍ଚାମାଲ ପ୍ରସ୍ତାବିତ କାରଖାନାକୁ ଯୋଗାଇ ଦେବା ପାଇଁ ସମ୍ମତି ହୋଇଛନ୍ତି ।

ପ୍ରକଳ୍ପ ପାଇଁ ୫୦୦ କିଲୋୱାଟ୍ ବିଦ୍ୟୁତ୍‌ଶକ୍ତି ଆବଶ୍ୟକ ହେବ । ଏହି ବିଦ୍ୟୁତ୍ ଶକ୍ତି ରାଜ୍ୟ ବିଦ୍ୟୁତ୍ ବୋର୍ଡ ପକ୍ଷରୁ ମିଳିପାରିବ ବୋଲି କୁହାଯାଇଛି । ପ୍ରକଳ୍ପ ନିମନ୍ତେ ଦୈନିକ ଏକ ନିୟୁତ ଗ୍ୟାଲନ୍ ଜଳର ଆବଶ୍ୟକତା ରହିଛି । କାରଖାନା ନିର୍ମାଣ, ଆନୁଷଙ୍ଗିକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ଓ ନୂତନ ବସତି ସ୍ଥାପନ ପାଇଁ ପ୍ରାୟ ୧୫୦ ଏକର ଜମି ଆବଶ୍ୟକ । ଆଗାମୀ ତିନିମାସ ମଧ୍ୟରେ ଏହି ପ୍ରକଳ୍ପ ସମ୍ବନ୍ଧୀୟ ସବିଶେଷ ବିବରଣୀ ପ୍ରସ୍ତୁତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଏହି ମର୍ମରେ ଇଡିକଲ୍ ଓ ପୃଥିବୀ ଇଣ୍ଡଷ୍ଟ୍ରିଜ୍ ମଧ୍ୟରେ ଏକ ବୁଝାମଣା ସ୍ମାରକ ପତ୍ର ସ୍ୱାକ୍ଷରିତ ହୋଇଛି ।

ଏହି ନୂତନ ଶିଳ୍ପ ଗଢ଼ିଉଠିଲେ ୫୦୦ ଲୋକ ପ୍ରତ୍ୟକ୍ଷ କର୍ମ ନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ବହୁ ଲୋକଙ୍କ ପାଇଁ ପରୋକ୍ଷ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶିଳ୍ପ ମନ୍ତ୍ରୀ ଶ୍ରୀ ରାୟ କହିଛନ୍ତି ।

## ପରିବହନ ମନ୍ତ୍ରୀଙ୍କ ନୟାଗଡ଼ ବନ୍ୟାଞ୍ଚଳ ପରିଦର୍ଶନ

ଗତ ୨୭ ତାରିଖଠାରୁ ୨୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ନୟାଗଡ଼ ଅଞ୍ଚଳରେ ନାହିଁ ନଥିବା ବର୍ଷା ଯୋଗୁଁ ଦାହୁକା, କୁସୁମୀ, ଲୁଣିଝରା, ରୁଆଁଙ୍କ, ଖୁଲିଆ ଓ ବାଘମାରୀ ନଦୀରେ ବନ୍ୟା ଆସି ନୟାଗଡ଼ ତହସିଲର ବ୍ୟାପକ ଅଞ୍ଚଳରେ କ୍ଷତି ହୋଇଛି । ଏହି ବନ୍ୟା ଫଳରେ ବାରଣିଆପଡ଼ା, ଜହ୍ନିପଡ଼ା, ବଡ଼ ପଞ୍ଚୁଗର, ସାନ ପଞ୍ଚୁଗର, ହରେକୃଷ୍ଣପୁର, ଖରପଡ଼ା, ମୁନାଲଟି, ଦେଉଳି, ଚନ୍ଦ୍ରଶେଖରପୁର, ନନ୍ଦପୁର, ସାମନ୍ତାପୁର, ଲାଠିପଡ଼ା, ଚମ୍ପତିପୁର, ଖେଡ଼ବାରଣା, ସାଲୁଣି, ନାଡୁଗାଁ, ସଜନାପଡ଼ା, ଗୋବିନ୍ଦପୁର, ସୁବଳଗାଡ଼ିଆ, ହରିପୁର, ଗଦାଧର ପ୍ରସାଦ, ଦୁରଦୁରା, ଏକତାଳ, ବକଲବନ୍ଧ, ଭାରପୁର, ମାଳିସାହି, କୋଡ଼ିଏ କାହାଣିଆ, ବାଲିକୁଦିଆ, ବରକୋଳି ପାଟଣା ଏବଂ ଓଡ଼ଗାଁ ବ୍ଲକର ଓଞ୍ଜିଆ ଓ ଅମରପୁର ଆଦି ଗ୍ରାମର ପ୍ରଭୂତ କ୍ଷତି ସାଧିତ ହୋଇଛି ।

ଏହି ବନ୍ୟା ଯୋଗୁଁ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା, ଓ... ବାଲୁଗାଁ–ମହିପୁର, ମାଛିପଡ଼ା–ଖୁଣ୍ଟବନ୍ଧ, ଓଡ଼ଗାଁ–... ଇଟାମାଟି–ଖେଡ଼ପଡ଼ା, ବାରବାଟୀ–ଗୁଣ୍ଠୁଣି, ବାଲୁଗାଁ–... ପୁର, ପ୍ରତାପ ପ୍ରସାଦ–ଦର୍ପନାରାୟଣ ପୁର ... କୋମନ୍ଦ–କୁରାଳ ରାସ୍ତାର ବିଭିନ୍ନ ସ୍ଥାନରେ ... ଯାତାୟତ ବାଧାପ୍ରାପ୍ତ ହୋଇଛି । ପୂର୍ତ୍ତ ବିଭାଗର ରାସ୍ତା, ... ପୁରୁଷୋତ୍ତମପୁର–କୋତର ରାସ୍ତା ଏବଂ ନୟାଗଡ଼–... ରାସ୍ତାର ବିଭିନ୍ନ ସ୍ଥାନରେ ଧୋଇହୋଇ ଯାତାୟାତ ବାଧା... ହୋଇଛି । ଏହା ବ୍ୟତୀତ ବହୁ ସମିତି ଓ ପଞ୍ଚାୟତ ରାସ୍ତା ... ଭାବେ ଧୋଇ ହୋଇଯାଇ ଗମନାଗମନ କ୍ଷେତ୍ରରେ ବହୁ ଅସୁବିଧା ସୃଷ୍ଟି ହୋଇଛି ।

ପ୍ରାୟ ୫୦ ରୁ ଅଧିକ ସ୍ଥାନରେ ନଦୀବନ୍ଧମାନଙ୍କରେ ... ହୋଇଯାଇଛି । ତନ୍ମଧ୍ୟରୁ ଲୁଣିଝରା ନଦୀର ... ପ୍ରସାଦଠାରେ ବିରାଟ ଘାଇ ହୋଇ ଏକ ନୂତନ ନଦୀ ସୃଷ୍ଟି ହୋଇ... ସଙ୍ଗେ ସଙ୍ଗେ ପ୍ରାୟ ବହୁ ଜମିରେ ବାଲିଚର ହୋଇଯାଇଛି । ନୟାଗଡ଼ ତହସିଲ୍ ଅଞ୍ଚଳରେ ଆଖୁ, ଧାନ ଓ ବିନାବାଦାମ ଆଦି ଫସଲ ଧୋଇ ହୋଇଯାଇ ନଷ୍ଟ ହୋଇଛି । ଏହି ବନ୍ୟାରେ ଅନେକ କୋଠାବାଡ଼ି ଭୁଶୁଡ଼ି ପଡ଼ିଛି । କ୍ଷୟକ୍ଷତିର ପରିମାଣ ଆନୁମାନିକ ୮ କୋଟି ଟଙ୍କାରୁ କମ୍ ହେବନାହିଁ । ନୟାଗଡ଼ ସବ୍‌ଡିଭିଜନ୍‌ରେ ଅନ୍ୟୂନ ୮ ହଜାର ପରିବାରଙ୍କର ବାସଗୃହ ... ବନ୍ୟାରେ ଭାଙ୍ଗି ନଷ୍ଟ ହୋଇଯାଇଛି ।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ଗତ ୨୯ ଓ ୩୦ ତାରିଖ, ଦୁଇଦିନ ଧରି ବନ୍ୟାଞ୍ଚଳ ଗସ୍ତ କରିଛନ୍ତି ଓ ... କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଧାନଟାକି ଓ ବିହନ ଯୋଗାଇ ଦେବା ସକାଶେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସକାଶେ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଥିବା କୂପ ଓ ନଳକୂପଗୁଡ଼ିକୁ ତୁରନ୍ତ ବିଶୋଧନ କରିବା ପାଇଁ ମନ୍ତ୍ରୀ ଶ୍ରୀ ବେହେରା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ସ୍ଥାନରେ ହୋଇଥିବା ଘାଇଗୁଡ଼ିକର ତୁରନ୍ତ ମରାମତି କରିବା ନିମନ୍ତେ କାର୍ଯ୍ୟାନୁଷ୍ଠାନ ହେବା ଦରକାର । କାରଣ ପୁନର୍ବାର ବନ୍ୟା ଆସିଲେ, ଲୋକମାନେ ଅଧିକ କ୍ଷତିଗ୍ରସ୍ତ ହେବେ । ଏଥିସକାଶେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବନ୍ଧ ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବା ସକାଶେ ଏବଂ କ୍ଷତିଗ୍ରସ୍ତ ଲୋକମାନଙ୍କୁ ତୁରନ୍ତ ଟେଷ୍ଟ ରିଲିଫ୍ ଜରିଆରେ ଖାଦ୍ୟ ଯୋଗାଇ ଦେବାକୁ ମନ୍ତ୍ରୀ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଛନ୍ତି ।

## ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଗଞ୍ଜାମ ବନ୍ୟାଞ୍ଚଳ ପରିଦର୍ଶନ

ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ ଗତ... ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି ସବ୍‌ଡିଭିଜନ୍ ବନ୍ୟାଞ୍ଚଳ...

ଅଞ୍ଚଳରେ ଯାଇ କାଶୀନଗର, ଗୁଡ଼ର ବନ୍ୟାଜନିତ କ୍ଷୟକ୍ଷତି ବିଷୟରେ ବିଶଦ ଅନୁଧ୍ୟାନ କରିଥିଲେ । ବନ୍ୟା ବିପନ୍ନ ଲୋକମାନଙ୍କୁ ଦିଆଯାଉଥିବା ସରକାରୀ ସାହାଯ୍ୟ (ରିଲିଫ୍) ସହ ଅଞ୍ଚଳରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଅତ୍ୟାବଶ୍ୟକୀୟ ଜିନିଷ ଯୋଗାଣ ନେଇ ମଧ୍ୟ ସେ ସମୀକ୍ଷା କରିଥିଲେ ।

ବନ୍ୟା ଯୋଗୁଁ ପାରଳାଖେମୁଣ୍ଡି ଓ ଗୁଣପୁର ମଧ୍ୟରେ ସଂଯୋଗ ରକ୍ଷାକରୁଥିବା ମୁଖ୍ୟରାସ୍ତା ଭାଙ୍ଗି, କାଶୀନଗର ଓ କିମିଶିଠାରେ ଏକ ବିରାଟ ଗାତ ସୃଷ୍ଟି ହୋଇଥିବା ଶ୍ରୀ ପଟ୍ଟନାୟକ ପରିଦର୍ଶନ କରି ତୁରନ୍ତ ତା'ର ମରାମତି କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର ତୁରନ୍ତ ମରାମତି କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ଚାଷୀମାନେ ପାଣି ପାଇବାରେ ଯେପରି ଅସୁବିଧା ନହୁଏ ।

ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ଦାରାପୁ ଲାଛନା ନାଇଡୁ ଓ ଉପ ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନେ ଏହି ଗସ୍ତକାଳରେ ଉପସ୍ଥିତ ରହି ବନ୍ୟା ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ ।

## ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲାର ବିଦ୍ୟୁତିକରଣ କାର୍ଯ୍ୟକ୍ରମ ସମୀକ୍ଷା

ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ କାଳନ୍ଦୀ ଚରଣ ବେହେରା ଗତ ଜୁଲାଇ ମାସ ୩୦ ଓ ୩୧ ତାରିଖରେ ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲା ଗସ୍ତ କରି ବିଦ୍ୟୁତିକରଣ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଥିଲେ ।

ଗୋପାଳପୁରଠାରେ ଗଞ୍ଜାମ ଜିଲ୍ଲାର ବିଦ୍ୟୁତିକରଣ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରି ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ଉଠାଜଳସେଚନ, ଜନସ୍ୱାସ୍ଥ୍ୟ ପ୍ରଭୃତି ବିଭିନ୍ନ ସରକାରୀ ସଂସ୍ଥାଗୁଡ଼ିକରେ ବହୁ ପରିମାଣର ବକେୟା ପାଉଣା ରହିଯାଇଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ ଏବଂ ତଦ୍ୱାରା ବିଦ୍ୟୁତ୍ ବୋର୍ଡର ବହୁ କ୍ଷତି ସାଧନ ଘଟିବ ବୋଲି ଆଶଙ୍କା ପ୍ରକାଶ କରିଥିଲେ । ଗଞ୍ଜାମ ଜିଲ୍ଲାର ବିଦ୍ୟୁତ୍ ଡିଭିଜନାଲ ଷ୍ଟୋର୍ ରାଷ୍ଟ୍ରମନ୍ତ୍ରୀ ପରିଦର୍ଶନ କରିଥିଲେ । ଟ୍ରାନ୍ସଫର୍ମରଗୁଡ଼ିକର ମରାମତି ସମ୍ପର୍କରେ ସେ ବୁଝିଥିଲେ ଓ ନୂତନ ନିୟମ ପଦ୍ଧତିରେ ମରାମତି କରିବା ପାଇଁ ପରାମର୍ଶ ଦେଇଥିଲେ ।

୩୦ ତାରିଖ ସଂଧ୍ୟାରେ ଫୁଲବାଣୀ ଯିବା ରାସ୍ତାରେ ଭଞ୍ଜନଗର ନିକଟସ୍ଥ ବଲ୍ଲେଶ୍ୱରପଲ୍ଲୀ ଗ୍ରୀଡ୍ ସବ୍-ଷ୍ଟେସନ୍ ପରିଦର୍ଶନ କରି ଶ୍ରୀ ବେହେରା ସେଠାରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର ଅଭାବ ଅସୁବିଧା ପଚାରି ବୁଝିଥିଲେ । ଫୁଲବାଣୀ ଜିଲ୍ଲାର ବିକୁଳିକସ୍ତ, ପଣସଗୁଡ଼ା ଓ ଖୁଲିଆଗୁଡ଼ା ଗ୍ରାମର କୁଟୀର ଜ୍ୟୋତି କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ ।

ଫୁଲବାଣୀ ଜିଲ୍ଲାର ବିଦ୍ୟୁତିକରଣ କାର୍ଯ୍ୟକ୍ରମ ମନ୍ତ୍ରୀ ଶ୍ରୀ ବେହେରା ସମୀକ୍ଷା କରିଥିଲେ । ଏହି ଜିଲ୍ଲାରେ ବିଦ୍ୟୁତିକରଣ ୩୬ ଭାଗ କରାଯାଇଥିବା ବିଷୟ ଉକ୍ତ ସମୀକ୍ଷାରୁ ଜଣାଯାଇଥିଲା । ସମସ୍ତ କୋହଳ ନୀତି ଅବଲମ୍ବନ କରି ଅଧିକ ଗ୍ରାମ୍ୟ ବିଦ୍ୟୁତିକରଣ ପାଇଁ ପଦକ୍ଷେପ ନେବାକୁ ରାଷ୍ଟ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଫେରିବା ବେଳେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା ନୟାଗଡ଼ର ରାଜପାଟଣାଠାରେ ନବନିର୍ମିତ ଗ୍ରୀଡ୍ ସବ୍-ଷ୍ଟେସନ୍ ପରିଦର୍ଶନ କରିଥିଲେ ।

## ଗୋ ସମ୍ପଦର ବିକାଶ ଜରିଆରେ ଅର୍ଥନୈତିକ ବିକାଶ କରାଯିବ

**–ମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର**

ଅଧିକ ଦୁଗ୍ଧ ଉତ୍ପାଦନ କରି କୃଷକମାନଙ୍କର ତୁରନ୍ତ ଅର୍ଥନୈତିକ ବିକାଶ ସାଧନ କରିବା ଉପରେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଗୁରୁତ୍ୱ ଆରୋପ କରିଛନ୍ତି ।

ଗଞ୍ଜାମ ଜିଲ୍ଲାରେ ହେବାକୁ ଥିବା ଗୋ-ସମ୍ପଦ ବିକାଶ ଲାଗି ଇଣ୍ଡୋ-ସୁଇସ୍ ଯୁଗ୍ମ ପ୍ରକଳ୍ପ କମିଟିର ସଦସ୍ୟମାନଙ୍କ ସହିତ ଏଠାରେ ଆଲୋଚନା ବେଳେ ଶ୍ରୀ ପାତ୍ର ଏହି ମତ ପ୍ରକାଶ କରିଛନ୍ତି । ଗଞ୍ଜାମ ଜିଲ୍ଲାରେ ଏହି ପ୍ରକଳ୍ପର ସଫଳ ରୂପାୟନ ନିମନ୍ତେ ଯୁଗ୍ମ କମିଟି ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସଦସ୍ୟମାନେ ରାଷ୍ଟ୍ରମନ୍ତ୍ରୀଙ୍କ ସହିତ ବିଶଦ ଆଲୋଚନା କରିଥିଲେ ।

ଗଞ୍ଜାମ ଜିଲ୍ଲାରେ ଗୋ-ସମ୍ପଦର ବିକାଶ ତଥା ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ସ୍ୱିଜରଲାଣ୍ଡ ସରକାରଙ୍କ ସହିତ ଚୁକ୍ତି ଅନୁଯାୟୀ ଇଣ୍ଡୋ-ସୁଇସ୍ ଯୁଗ୍ମ ପ୍ରକଳ୍ପ କମିଟିର ପ୍ରଥମ ବୈଠକ ସମ୍ପ୍ରତି ସଚିବାଳୟଠାରେ ଅନୁଷ୍ଠିତ ହୋଇଥିଲା । କୃଷି ଓ ଗ୍ରାମ୍ୟ ଉନ୍ନୟନ କମିଶନର ଶ୍ରୀ ସହଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରାଯାଇଥିଲା । ଏହାକୁ ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟକାରୀ କରିଯିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଅଞ୍ଚଳକୁ ମଧ୍ୟ ସମ୍ପ୍ରସାରିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହା ବ୍ୟତୀତ କୃତ୍ରିମ ପ୍ରଜନନ ଦ୍ୱାରା ଉନ୍ନତ ଗୋ-ସମ୍ପଦ ସୃଷ୍ଟି, ସେମାନଙ୍କର ସଂଖ୍ୟା ବୃଦ୍ଧି, ଭିତିଭୂମି ସୃଷ୍ଟି, ଅଧିକ ଗୋ- ଖାଦ୍ୟ ଉତ୍ପାଦନ, ଦୁଗ୍ଧ ବିକ୍ରୟ ସମିତି ଗଠନ ଏବଂ କୃଷୀ ଓ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ ଇତ୍ୟାଦି ସମ୍ପର୍କରେ ମଧ୍ୟ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

ସୁଇସ୍ ଉନ୍ନୟନ ନିଗମର ଉପ କାର୍ଯ୍ୟକ୍ରମ ସଂଯୋଜକ ମିଃ ସ୍ନିଏଡ଼ରଙ୍କ ନେତୃତ୍ୱରେ ଆସିଥିବା ୩ ଜଣ ପ୍ରତିନିଧିଙ୍କ ସମେତ

ନୂଆଦିଲ୍ଲୀସ୍ଥିତ ପ୍ରୋଗ୍ରାମ୍ ଅଫିସର ଶ୍ରୀ ଏସ୍‌ଃ ନାୟର୍, ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଏସ୍‌ଃ ଏଲ୍‌ଃ ଚ୍ଚାଟର୍ଜୀ, ବିଭାଗୀୟ ଶାସନ ସଚିବ ଶ୍ରୀ ଅର୍ଦ୍ଧେନ୍ଦୁ ଶେଖର ଷଡ଼ଙ୍ଗୀ, ପଶୁ ପାଳନ ନିର୍ଦ୍ଦେଶକ ଶ୍ରୀ ଗୋକୁଳ ଚନ୍ଦ୍ର ପତି, ପ୍ରୋଜେକ୍ଟ ଅଫିସର ଡଃ ଏନ୍‌ଃ ପାଢ଼ୀ, ଗଞ୍ଜାମ ଜିଲ୍ଲା ଦୁଗ୍ଧ ଉତ୍ପାଦନ ସଂଘର ଜେନେରାଲ ମ୍ୟାନେଜର ଡଃ ଏସ୍‌ଃସିଃ ସାହୁ ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ମହିଳା ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦିଆଯିବ

**—ମୁଖ୍ୟଶାସନ ସଚିବ**

ରାଜ୍ୟରେ ମହିଳା ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର ଗୁରୁତ୍ୱ ଆରୋପ କରିଛନ୍ତି ।

ସଚିବାଳୟଠାରେ ପଞ୍ଚାୟତିରାଜ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ମହିଳା କଲ୍ୟାଣ କାର୍ଯ୍ୟକ୍ରମ ଦ୍ୱିତୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ମିଶ୍ର ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ସହ ସଚେତନତା ସୃଷ୍ଟି କରି ଦେଶର ସର୍ବବିଧ ଉନ୍ନତିରେ ମହିଳାମାନଙ୍କୁ ସାମିଲ କରାଯିବା ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ମହିଳାମାନଙ୍କ ପଦ ମର୍ଯ୍ୟାଦା ଓ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ ବିଭାଗ ଜରିଆରେ ଗ୍ରହଣ କରିଥିବା କେତେକ ସୁଚିନ୍ତିତ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ଧାର୍ଯ୍ୟ ଲକ୍ଷ ହାସଲ ପାଇଁ ସମୁଚିତ ପଦକ୍ଷେପ ନେବାକୁ ସେ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସମାଜ ମଙ୍ଗଳ ନିର୍ଦ୍ଦେଶକ ଶ୍ରୀ ଭାସ୍କର ଚ୍ଚାଟର୍ଜୀ ମହିଳାମାନଙ୍କ ସାମୂହିକ ବିକାଶ ଉଦ୍ଦେଶ୍ୟରେ ପରିକଳ୍ପିତ ବିଭିନ୍ନ ମହିଳା କଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ରାଜ୍ୟର ବିଭିନ୍ନ ସ୍ତରରେ ମହିଳାମାନେ ଉଲ୍ଲେଖନୀୟ ଅଗ୍ରଗତି କରିଥିବା ପ୍ରକାଶ କରିଥିଲେ । ତଥାପି ମହିଳାମାନଙ୍କ ବିକାଶ ଓ ବିଶେଷ କରି ପରିବାର କଲ୍ୟାଣ ପରି କାର୍ଯ୍ୟକ୍ରମର ସଫଳତାରେ ଉପଯୁକ୍ତ ଶିକ୍ଷା ଓ ସାକ୍ଷରତାର ଅଭାବ ଏକ ପ୍ରଧାନ ଅନ୍ତରାୟ ବୋଲି ସେ ମତବ୍ୟକ୍ତ କରିଥିଲେ । ନାରୀଶିକ୍ଷା ଓ ସାକ୍ଷରତା କ୍ଷେତ୍ରରେ ରାଜ୍ୟ ଆଗେଇଥିଲେ ହେଁ ଆହୁରି ଅଧିକ ଆଶାତୀତ ସଫଳତା ହାସଲ ଦିଗରେ ଉଦ୍ୟମ ଅବ୍ୟାହତ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ ।

ପୂର୍ବରୁ ଅନୁଷ୍ଠିତ ପ୍ରଥମ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ପରିପ୍ରେକ୍ଷୀରେ ପଞ୍ଚାୟତିରାଜ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସ୍ୱରାଷ୍ଟ୍ର, ହରିଜନ ଓ ଆଦିବାସୀ ମଙ୍ଗଳ, ଶ୍ରମ ଓ ନିଯୁକ୍ତି, ଶିଳ୍ପ, ବୟନ ଶିଳ୍ପ ଓ ହସ୍ତତନ୍ତ, ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି, ନଗର ଉନ୍ନୟନ ଓ ରାଜସ୍ୱ ବିଭାଗଗୁଡ଼ିକ ଉପରେ ନ୍ୟସ୍ତ ବିଭିନ୍ନ ମହିଳା ବିକାଶ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା ।

ଏଥିମଧ୍ୟରେ ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଓ ସଚେତନତା ସୃଷ୍ଟି, ପରିବାର କଲ୍ୟାଣ କାର୍ଯ୍ୟକ୍ରମର ଉନ୍ନ... ରୂପାୟନ, କର୍ମଜୀବୀ ମହିଳା ନିବାସ ନିର୍ମାଣ, ଯୌତୁକ ନିରୋଧ ଆଇନର କାର୍ଯ୍ୟକାରିତା, ଅସହାୟ ମହିଳାମାନଙ୍କ ଥଇଥାନ, ମହିଳାମାନଙ୍କ ନିଯୁକ୍ତି ଏବଂ ସେଥିପାଇଁ ତାଲିମ ଓ ସହାୟତା ଆବଶ୍ୟକତା, ସ୍ୱଳ୍ପକାଳୀନ ରହଣି ମହିଳା ଆବାସ ନିର୍ମାଣ ଓ ମହିଳା ବିକାଶ ନିଗମ ପ୍ରଭୃତି ଏହି ଆଲୋଚନାରେ ଅନ୍ତର୍ଭୁକ୍ତ ।

ସମୀକ୍ଷାରୁ ଜଣାଯାଇଛି ଯେ ୩୪ ଟି ମହିଳା ନିବାସ ନିର୍ମାଣଧୀନ ଅଛି । ଅସହାୟ ମହିଳାମାନଙ୍କ ଥଇଥାନ ନିମନ୍ତେ ୭୫୦ ଜଣ ମହିଳାଙ୍କୁ ସିଲେଇ, ରେଡିଓ ମରାମତି ଓ ଟେଲିଫୋନ୍ ଅପରେସନ୍ ପ୍ରଭୃତିରେ ତାଲିମ ଦିଆଯାଇଛି । ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ ପକ୍ଷରୁ ହରିଜନ ଓ ଆଦିବାସୀ ମହିଳାମାନଙ୍କ ପାଇଁ ବହୁ କନ୍ୟାଶ୍ରମ ଖୋଲାଯାଇଛି । ସେମାନଙ୍କ ପାଇଁ ୨୦ଟି ମହିଳା ଛାତ୍ରୀ ନିବାସ ନିର୍ମାଣ କରାଯାଇଛି । ଟେଲିଫୋନ୍ ଅପରେଟର ଓ ଟିଃ ଭିଃ ମରାମତି ପାଇଁ ତାଲିମ ଦିଆଯାଇଛି । ଫୁଲବାଣୀ ଜିଲ୍ଲାରେ ଶାଳରୁ ବିଭିନ୍ନ ଜିନିଷ ତିଆରି ପାଇଁ ଆବଶ୍ୟକୀୟ ମେସିନ୍ ଯୋଗାଇ ଦିଆଯାଇଛି । ଗତ ଆର୍ଥିକ ବର୍ଷରେ ଯୌତୁକ ନିରୋଧ ଆଇନ ଅନୁଯାୟୀ ପୋଲିସ୍ ପକ୍ଷରୁ ମୋଟ୍ ୪୯ଟି ମକଦ୍ଦମା ରୁଜୁ କରାଯାଇଛି । ନାରୀ ନିର୍ଯ୍ୟାତନାଜନିତ ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ ମହିଳା ପୋଲିସ୍ ନିଯୁକ୍ତି ଓ ରାଜ୍ୟରେ ଏକ ସ୍ୱତନ୍ତ୍ର ମହିଳା ପୋଲିସ୍ କମ୍ପାନୀ ଖୋଲିବାର ଆବଶ୍ୟକତା ରହିଥିବା ବୈଠକରେ ମତ ପ୍ରକାଶ ପାଇଥିଲା । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ଏକ ସ୍ୱତନ୍ତ୍ର ମହିଳା ସଂସ୍କରଣ ପ୍ରକାଶ କରାଯିବା ସଙ୍ଗେ ସଙ୍ଗେ ମହିଳା କ୍ରୀଡ଼ା ସମ୍ପର୍କରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ମହିଳାମାନଙ୍କ ପାଇଁ ପ୍ରଦର୍ଶିତ ହେବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସକ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀ ପ୍ରକାଶ କରିଥିଲେ ।

## ଫୁଲବାଣୀ ଜିଲ୍ଲାରେ ୬ ହଜାରରୁ ଊର୍ଦ୍ଧ୍ୱ

## - ଗରିବ ପରିବାରଙ୍କୁ ଅର୍ଥନୈତିକ ଥଇଥାନ

୧୯୯୦–୯୧ ଆର୍ଥିକ ବର୍ଷରେ ଫୁଲବାଣୀ ଜିଲ୍ଲାରେ ମୋଟ୍ ୬ ହଜାରରୁ ଊର୍ଦ୍ଧ୍ୱ ଗରିବ ପରିବାରଙ୍କୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ଅର୍ଥନୈତିକ ଥଇଥାନ କରାଯାଇଛି ।

ସମ୍ପ୍ରତି ଫୁଲବାଣୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବୈଠକରେ ପ୍ରକାଶ ଯେ ମୋଟ୍ ୪,୫୪୯ଟି ପରିବାରଙ୍କୁ ଅର୍ଥନୈତିକ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଛଳେ ମୋଟ୍ ୬,୦୧୬ଟି ପରିବାରଙ୍କୁ ଥଇଥାନ କରାଯାଇ ପାରିଛି । ଏଥିନିମନ୍ତେ ମୋଟ୍ ୨୧୬.୭୩ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି । ଏଥିମଧ୍ୟରୁ ୧,୨୭୭ଟି ହରିଜନ ଓ

୨୯ଟି ଆଦିବାସୀ ପରିବାର ଅନ୍ତର୍ଭୁକ୍ତ । ସେହିପରି ଚଳିତ ଆର୍ଥିକ ବର୍ଷରେ ୫,୩୦୯ଟି ପରିବାରଙ୍କୁ ଅର୍ଥନୈତିକ ଉତ୍ଥାନ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଗତମାସ ଶେଷ ସୁଦ୍ଧା ୩୯୯ଟି ପରିବାରଙ୍କୁ ଉତ୍ଥାନ କରାଯାଇଛି ।

ଇ ଆର୍ ଆର୍ ପି: କାର୍ଯ୍ୟକ୍ରମ ଅନୁଯାୟୀ ଗତ ମାର୍ଚ୍ଚ ସୁଦ୍ଧା ୩୦ଟି ପରିବାରଙ୍କୁ ଉପକୃତ କରାଯାଇଛି । କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କ ଆର୍ଥିକ ସହାୟତା କାର୍ଯ୍ୟକ୍ରମ ଅନୁଯାୟୀ ଗତବର୍ଷ ୮୭ଟି ହରିଜନ ଓ ୮୫୦ଟି ଆଦିବାସୀ ପରିବାର ସମେତ ଅନ୍ୟାନ୍ୟ ୬୮୦ ଜଣ କୃଷୀ ଉପକୃତ ହୋଇଛନ୍ତି ।

ଟ୍ରାଇସେମ୍ କାର୍ଯ୍ୟକ୍ରମ ଅନୁଯାୟୀ ଗତବର୍ଷ ୧,୬୮୩ ଜଣଙ୍କୁ ବିଭିନ୍ନ ଧନ୍ଦାରେ ତାଲିମ ଦିଆଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାସ୍ଥଳେ ୯୫୯ ଜଣଙ୍କୁ ତାଲିମ ଦିଆଯାଇ ସେମାନଙ୍କ ମଧ୍ୟରୁ ୪୯୦ ଜଣଙ୍କୁ ଉତ୍ଥାନ କରାଯାଇଛି । ସେହି ବର୍ଷ ତାଲିମ୍ ପାଇଥିବା ୨୦୯ ଜଣଙ୍କ ମଧ୍ୟରୁ ୭୮ ଜଣଙ୍କୁ ଚଳିତ ବର୍ଷ ଉତ୍ଥାନ କରାଯାଇଛି । ଗତ ମାର୍ଚ୍ଚ ମାସ ସୁଦ୍ଧା ବଡଦ ବ୍ଲକ୍‌ର ୨୯ ଜଣ ବେଠି ଶ୍ରମିକଙ୍କୁ ଉତ୍ଥାନ କରାଯାଇଛି ।

ଜବାହର ରୋଜଗାର ଯୋଜନା ଜରିଆରେ ଗତବର୍ଷ ୧୦୦.୮୪ ଲକ୍ଷ ଟଙ୍କା ବିନିଯୋଗରେ ୨୦ ଲକ୍ଷ ୭୬ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୫୬ଟି ଇନ୍ଦିରା ଅବାସ, ୧୨୧ଟି ଜୀବନ ଧାରା କୂପ, ୨୭ଟି ପଞ୍ଚାୟତ ଗୃହ, ୧,୧୫୭ କିଲୋମିଟର ଗ୍ରାମ୍ୟରାସ୍ତା ନିର୍ମିତ ହୋଇଥିଲା । ଏହା ସଙ୍ଗେ ସଙ୍ଗେ ୩୧୭ଟି ପାନୀୟ ଜଳ କୂପ ଓ ୧୩୮ଟି ପୋଖରୀ ମଧ୍ୟ ଖୋଳାଯାଇ ପାରିଛି । ଗ୍ରାମାଞ୍ଚଳରେ ଥିବା ୧୭୪ଟି ସ୍କୁଲଗୃହ ମରାମତି କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟକ୍ରମରେ ୫୩.୨୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ଗ୍ରାମବାସୀଙ୍କୁ ନିଯୁକ୍ତି ସୁବିଧା ଯୋଗାଇ ଦିଆଯାଇ ପାରିଛି । ଜଳଧାରା କାର୍ଯ୍ୟକ୍ରମରେ ଏପର୍ଯ୍ୟନ୍ତ ୬୭୮ଟି କୂପ ସମ୍ପୂର୍ଣ୍ଣ ହୋଇଛି । ଗତବର୍ଷ ୧୯୯ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ନିର୍ମିତ ହୋଇଛି । ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଚଳିତ ବର୍ଷ ୩୦୦ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣର ଲକ୍ଷ୍ୟ ରହିଛି ।

ଶିଳ୍ପ ତାଲିମ କେନ୍ଦ୍ରରେ ୧୯ ଜଣଙ୍କୁ ଇଲେକ୍ଟ୍ରିକ୍ ଓ୍ୱାରିଂରେ ତାଲିମ ଦିଆଯାଇଛି ।

## କୃଷି ମନ୍ତ୍ରୀଙ୍କ ଯାଜପୁର ବନ୍ୟାଞ୍ଚଳ ପରିଦର୍ଶନ

କୃଷି ମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକ ଗତ ୨୫ ତାରିଖରେ କଟକ ଜିଲ୍ଲା ଦଶରଥପୁର ବ୍ଲକ୍‌ର ଯାଜପୁର ଜଳସେଚନ ଡ଼ିଭିଜନ୍ ଅନ୍ତର୍ଗତ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ବନ୍ୟାଜନିତ କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ବନ୍ୟା ବିପନ୍ନ ଲୋକଙ୍କୁ ଦିଆଯାଉଥିବା ସରକାରୀ ସାହାଯ୍ୟ (ରିଲିଫ୍) ବ୍ୟବସ୍ଥା ମଧ୍ୟ ସେ ତଦାରଖ କରିଛନ୍ତି । ଏହି ବନ୍ୟାରେ ଗୃହଶୂନ୍ୟ ହୋଇଥିବା ପ୍ରତ୍ୟେକ ପରିବାରଙ୍କୁ ଶ୍ରୀ ମଲ୍ଲିକ ୨,୫୦୦ ଟଙ୍କା ଲେଖାଏଁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି ।

ସମଗ୍ର ଅଞ୍ଚଳ ପାଣିଘେର ମଧ୍ୟରେ ରହିଥିବା ଦୃଷ୍ଟିରୁ ଶ୍ରୀ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ବିପନ୍ନ ଲୋକମାନଙ୍କୁ ରିଲିଫ୍ ବଣ୍ଟନ ମିଆଦକୁ ୭ ଦିନ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ପୂର୍ବରୁ ୩ ଦିନ ପାଇଁ ଖାଦ୍ୟ ଓ ରିଲିଫ୍ ଯୋଗାଇ ଦିଆଯାଇଥିଲା । କ୍ଷତିଗ୍ରସ୍ତ କୃଷୀମାନେ ଯେପରି ପୁଣି ଚାଷ କରିପାରିବେ, ସେଥିପାଇଁ ସେମାନଙ୍କୁ ଆବଶ୍ୟକୀୟ ବିହନ ତୁରନ୍ତ ଯୋଗାଇ ଦେବା ପାଇଁ ସେ ସମ୍ପୃକ୍ତ କୃଷି ବିଭାଗ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ସଂକ୍ରାମକ ରୋଗର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ସହ ଅନ୍ୟାନ୍ୟ ଅସ୍ୱାସ୍ଥ୍ୟକର ପରିବେଶକୁ ନିୟନ୍ତ୍ରଣ କରିବା ପାଇଁ ସମୁଚିତ ପଦକ୍ଷେପ ନେବା ନିମନ୍ତେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଅଞ୍ଚଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଦଳ ଜରିଆରେ ବ୍ୟାପକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଯାଜପୁର ଉପ ଜିଲ୍ଲାପାଳଙ୍କୁ ଗୋ-ଖାଦ୍ୟ ବ୍ୟବସ୍ଥା କରିବା ପାଇଁ ଏବଂ ଉକ୍ତ ଖାଦ୍ୟ ଗୋରୁଗାଈମାନଙ୍କୁ ଯୋଗାଇ ଦେବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ସେ ପଶୁ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଶ୍ରୀ ମଲ୍ଲିକ କହିଛନ୍ତି ଯେ କାଣିନଦୀର ଡାହାଣ ପାର୍ଶ୍ୱରେ ଅହିଆସ ନିକଟରେ ୨୫୦ ଫୁଟ ଓସାରର ଏକ ବଡ଼ ଘାଇ ସୃଷ୍ଟି ହେବା ଫଳରେ ବିସ୍ତୃତ ଅଞ୍ଚଳର ବହୁ ଘର ଭାଙ୍ଗିଯାଇଛି । ଅନେକ ଧାନଜମି ନଷ୍ଟ ହୋଇଛି । ସେହିପରି ବୈତରଣୀ ନଦୀର ଡାହାଣ ପାର୍ଶ୍ୱ ହେମନ୍ତପୁରଠାରେ ମଧ୍ୟ ଏକ ବିରାଟ ଘାଇ ସୃଷ୍ଟି ହୋଇଛି । ଏହା ବ୍ୟତୀତ ସେ ଅଞ୍ଚଳରେ ବନ୍ୟା ଯୋଗୁଁ ବହୁ ସ୍ଥାନ ଅତ୍ୟନ୍ତ ଉଦ୍‌ବେଗଜନକ ଅବସ୍ଥାରେ ରହିଥିବା ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି । ସେ ଦୃଷ୍ଟିରୁ ଆଡ଼ିବନ୍ଧର ସୁରକ୍ଷା ନିମନ୍ତେ ଅବିଳମ୍ବେ ବିହିତ ପଦକ୍ଷେପ ନେବା ପାଇଁ ଜଳସେଚନ ବିଭାଗ ଓ ରାଜସ୍ୱ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଏହି ବନ୍ୟା ଫଳରେ ମୋଟ୍ ୨୮ଟି ଗ୍ରାମର ୩୮,୫୦୭ ଜଣ କ୍ଷତିଗ୍ରସ୍ତ ହୋଇଛନ୍ତି । ମୋଟ୍ ୫,୭୬୦ ହେକ୍ଟର ଧାନଜମି ନଷ୍ଟ ହୋଇଛି । ୧୧ଟି ବାସଗୃହ ସମ୍ପୂର୍ଣ୍ଣ ଭାବେ ଧୋଇହୋଇ ଯାଇଥିବା ବେଳେ ୩୧ଟି ସମ୍ପୂର୍ଣ୍ଣ ଭାବେ ଓ ୩୮ଟି ଆଂଶିକ ଭାବେ ଭାଙ୍ଗିଯାଇଛି । ୮ କିଲୋମିଟର ଗ୍ରାମ୍ୟରାସ୍ତା, ୧ଟି ହାଇସ୍କୁଲ ଓ ୫ଟି ପ୍ରାଥମିକ ସ୍କୁଲ ଗୃହ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ।

ଶ୍ରୀ ମଲ୍ଲିକ ତାଙ୍କ ଗସ୍ତ ସମୟରେ କସ୍ପା, ମଲ୍ଲିକାପୁର, ଦୁହୁରାପଡ଼ା ଓ କମାରଡ଼ିହ ଗ୍ରାମପଞ୍ଚାୟତର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ । କଟକ ଜିଲ୍ଲାପାଳ, ଯାଜପୁର ଉପ ଜିଲ୍ଲାପାଳ ଓ ତହସିଲଦାର, ଜଳସେଚନ ନିର୍ବାହୀ ଯନ୍ତ୍ରୀ ଓ ସବ୍‌ଡ଼ିଭିଜନ୍ ମେଡ଼ିକାଲ ଅଫିସର ପ୍ରମୁଖ ମନ୍ତ୍ରୀଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ ।

## ସର୍ବନିମ୍ନ ମଜୁରି ଉପଦେଷ୍ଟା ବୋର୍ଡ଼ ବୈଠକ

ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ ସାମଲଙ୍କ ଅଧ୍ୟକ୍ଷତାରେ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରେ ସମ୍ପ୍ରତି ସର୍ବନିମ୍ନ ମଜୁରି ଉପଦେଷ୍ଟା ବୋର୍ଡ଼ର ବୈଠକ ଅନୁଷ୍ଠିତ ହୋଇଥିଲା । ଆଲୋଚନାର ପ୍ରାରମ୍ଭରେ ଶ୍ରୀ ସାମଲ କହିଲେ ଯେ ସର୍ବନିମ୍ନ ମଜୁରି ଆଇନ୍ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ନିଯୁକ୍ତିକାରୀ, ଶ୍ରମିକ ସଙ୍ଘ ଓ ଶ୍ରମିକମାନଙ୍କ ସହଯୋଗ ଆବଶ୍ୟକ । ମଜୁରି ବୃଦ୍ଧି ହେବାରୁ ପ୍ରତିଷ୍ଠାନର କ୍ଷତି ଆଳରେ ତାହାକୁ ବନ୍ଦ କରିବା କିମ୍ବା ଶ୍ରମିକ ଛଟେଇ କରିବା କେବଳ ଶ୍ରମିକମାନଙ୍କର କ୍ଷତି ନୁହେଁ, ତାହା ଦେଶ ଓ ସମାଜପାଇଁ ଅଧିକ କ୍ଷତିକାରକ । ସର୍ବନିମ୍ନ ମଜୁରି ଉଚିତ୍ ଭାବେ କାର୍ଯ୍ୟକାରୀ କରି ପ୍ରତିଷ୍ଠାନର କ୍ଷତି ନ ହେବା ଭଳି ବିକଳ୍ପ ବ୍ୟବସ୍ଥା କରିବା ଉଚିତ୍ ବୋଲି ସେ ମତ ଦେଇଥିଲେ । ଯଦି କେଉଁଠି ସର୍ବନିମ୍ନ ମଜୁରି ଆଇନର ଖିଲାପ ହେଉଥାଏ, ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଅଭିଯୋଗ ସରକାରଙ୍କ ଦୃଷ୍ଟିକୁ ଅଣାଗଲେ, ତାହାର ବିହିତ ପ୍ରତିକାର କରାଯିବ ବୋଲି ମଧ୍ୟ ସେ କହିଥିଲେ ।

ଆଜିର ଏହି ବୈଠକରେ କେତେକ ପ୍ରତିଷ୍ଠାନରେ ଠିକା କାମର ମଜୁରି ଦର ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷ କରି କରତ କଳ ଗଛ କାଟିବା ଓ କରତିବା, ଟାଇଲ୍ ଓ ଇଟା ତିଆରି, ତେଲକଳ, ଲୁଣମରା, ବିଡ଼ି ବଳିବା, ରାସ୍ତା ଓ ଗୃହ ନିର୍ମାଣ, କେନ୍ଦୁପତ୍ର ସଂଗ୍ରହ, ଧାନ, ଡ଼ାଲି ଓ ନାଡ଼ିଆ, ବାଉଁଶ ସଂଗ୍ରହ, ଛପାଖାନା, ଶାଳମଞ୍ଜି ସଂଗ୍ରହ ପ୍ରଭୃତିରେ ନିଯୋଜିତ ଶ୍ରମିକମାନଙ୍କ ଠିକା ମଜୁରି ସମ୍ପର୍କରେ ଏହି ବୈଠକରେ ସବିଶେଷ ଆଲୋଚନା କରି ସଭ୍ୟମାନେ ବିଭିନ୍ନ ପରାମର୍ଶ ଦେଇଛନ୍ତି ।

ଏହି ବୈଠକରେ ବିଧାୟକ ଶ୍ରୀ କାହ୍ନୁ ସୋରେନ୍, ଶ୍ରମ କମିଶନର ଶ୍ରୀ ବିନୟ ଭୂଷଣ ମିଶ୍ର, ଜଙ୍ଗଲ ଓ ପରିବେଶ ବିଭାଗ ଶାସନ ସଚିବ ଶ୍ରୀ ସୁବାସ ପାଣି, ଉପଦେଷ୍ଟା ବୋର୍ଡ଼ର ସଭ୍ୟ ବୃନ୍ଦ ଏବଂ ବିଭାଗୀୟ ପଦସ୍ଥ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

## ଉନ୍ନତ ଚୁଲ୍ଲୀ ଯୋଗାଣ

ରାଜ୍ୟରେ ଜାଳେଣି କାଠ ଖର୍ଚ୍ଚ କମ୍ କରିବା ଓ ଘର ମଧ୍ୟରେ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ନିମନ୍ତେ ଗତ ଜୁନ୍ ମାସରେ ୧୬୮୦ଟି ଉନ୍ନତ ଚୁଲ୍ଲୀ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଏହି କାର୍ଯ୍ୟକ୍ରମରେ ମୋଟ୍ ୩୬୬୩ଟି ଚୁଲ୍ଲୀ ଯୋଗାଇ ଦିଆଯାଇଛି ବୋଲି ଗତ ଜୁନ୍ ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ପ୍ରକାଶ ।

ଉକ୍ତ ମାସରେ ୧୭୬୨ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି । ୧୯୯୧-୯୨ର ପ୍ରଥମ ତିନିମାସରେ ମୋଟ୍ ୩୦୬୯ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି ବୋଲି ଏହି ବିବରଣୀରୁ ଜଣାପଡ଼ିଛି ।

ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନା ଅନୁଯାୟୀ ... ୨୦୦ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଣ କରାଯିବା ସଙ୍ଗେ ସଙ୍ଗେ ... ପାଇଁ ଉଦ୍ଦିଷ୍ଟ ୧୬୪ଟି ପମ୍ପସେଟ୍‌କୁ ବିଦ୍ୟୁତ୍ ... କରାଯାଇଛି । ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷର ପ୍ରଥ... ତିନିମାସ ମଧ୍ୟରେ ଏହିପରି ମୋଟ୍ ୫୩୯ଟି ପମ୍ପସେଟ୍‌କୁ ବିଦ୍ୟୁ... ସଂଯୋଗ କରାଯାଇଛି ବୋଲି ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗ... ବିବରଣୀରୁ ପ୍ରକାଶ ।

## ପରିବାର କଲ୍ୟାଣ କାର୍ଯ୍ୟକ୍ରମର ସାଫଲ୍ୟ

ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ଗତ ଜୁନ୍ ମାସରେ ମୋଟ୍ ୬୨୦୯ ଜଣ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରିଛନ୍ତି । ସେଥିମଧ୍ୟରେ ୫୭୦୭ ଜଣ ମହିଳା ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ୮୭୬୮ ଜଣ ମହିଳା 'ଲୁପ୍' ଗ୍ରହଣ କରିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟରୁ ପ୍ରକାଶିତ ଏକ ବିବରଣୀରୁ ଏ ତଥ୍ୟ ପ୍ରକାଶ ପାଇଛି ।

ସାର୍ବଜନୀନ ଟିକାଦାନ କାର୍ଯ୍ୟକ୍ରମରେ ୫୬,୦୫୦ ଜଣ ଗର୍ଭବତୀ ମହିଳା ଓ ୩୨,୯୬୩ ଜଣ ଶିଶୁଙ୍କୁ ଧନୁଷ୍ଟଙ୍କାର ପ୍ରତିଷେଧକ ଟିକା ଦିଆଯାଇଛି । ଏହା ବ୍ୟତୀତ ୫୫,୨୭୬ ଜଣ ଶିଶୁଙ୍କୁ ଡ଼ି: ପି: ଟି:, ୫୫, ୧୦୨ ଜଣ ଶିଶୁଙ୍କୁ ପୋଲିଓ, ୨୦,୬୭୮ ଜଣ ଶିଶୁଙ୍କୁ ବି: ସି: ଜି: ଓ ୨୮,୫୬୮ ଜଣ ଶିଶୁଙ୍କୁ ମିଳିମିଳା ପ୍ରତିଷେଧକ ଟିକା ଦିଆଯାଇଛି ।

ପୁଷ୍ଟିକର ଖାଦ୍ୟ ଅଭାବଜନିତ ରକ୍ତହୀନତା ରୋଗରେ ପୀଡ଼ିତ ୫୩,୬୨୧ ଜଣ ମହିଳା ଓ ୮୨,୮୬୮ ଜଣ ଶିଶୁଙ୍କ ଚିକିତ୍ସା କରାଯିବା ସଙ୍ଗେ ସଙ୍ଗେ ୯୬,୬୫୫ ଜଣ ଶିଶୁଙ୍କୁ ଭିଟାମିନ୍ 'ଏ' ଦିଆଯାଇଛି ।

## ନିର୍ମାଣ କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହେବା ଉଚିତ

—ପୂର୍ତ୍ତ ମନ୍ତ୍ରୀ ଶ୍ରୀ ମହାନ୍ତି

ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ଦାୟିତ୍ୱରେ ଥିବା ମୁଖ୍ୟଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସଚିବାଳୟଠାରେ ବିଭିନ୍ନ ଜିଲ୍ଲାରେ ନିର୍ମାଣାଧୀନ ସେତୁ, ରାସ୍ତା ଓ କୋଠାବାଡ଼ି ପ୍ରଭୃତି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲା ବେଳେ ଶ୍ରୀ ମହାନ୍ତି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଲେ ଯେ ନୂତନ ପ୍ରକଳ୍ପଗୁଡ଼ିକ ତୁରନ୍ତ ସର୍ଭେ କରାଯାଇ ଡିଜାଇନ୍ ଇତ୍ୟାଦି ପ୍ରସ୍ତୁତ କରି ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଆବଶ୍ୟକ । କାର୍ଯ୍ୟ ତୁଲାଇବା ବେଳେ ପରିଲକ୍ଷିତ ହେଉଥିବା ଅସୁବିଧାଗୁଡ଼ିକୁ ତୁରନ୍ତ ଦୂର କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ ।

...ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ କିରଣ ଚନ୍ଦ୍ର ସିଂହଦେଓ ଏହି ...ରେ ଯୋଗ ଦେଇ ନିର୍ମାଣ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟ ...ଯରେ ସମ୍ପନ୍ନ କରିବା ଲାଗି ବିଭାଗର ତଳସ୍ତରଠାରୁ ...ନ ପର୍ଯ୍ୟନ୍ତ ସମସ୍ତେ ତତ୍ପର ହେବା ଉଚିତ ବୋଲି ମତବ୍ୟକ୍ତ ...ଥିଲେ।

...ଶାସନ ସଚିବ ଶ୍ରୀ ଏସ୍. ପି. ଗନ୍ତାୟତ ...ଯୋଜନା ଆରମ୍ଭ କରି ନିର୍ମାଣାଧୀନ ବିଭିନ୍ନ ସେତୁ, ରାସ୍ତା ଓ ...ଗୋଡ଼ିକର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ...ରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ବିଭିନ୍ନ କାର୍ଯ୍ୟ ...ଗୁଡ଼ିକରେ ଥିବା ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ ଏବଂ ନିର୍ବାହୀ ...ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଜଙ୍ଗଲ ସୁରକ୍ଷା ପାଇଁ ସହଯୋଗ ଅପରିହାର୍ଯ୍ୟ —ମନ୍ତ୍ରୀ ଶ୍ରୀ ବକ୍ସିପାତ୍ର

...ଣ ଜଙ୍ଗଲ ସୁରକ୍ଷା ପାଇଁ ଜନସାଧାରଣଙ୍କ ସହଯୋଗ ନିତାନ୍ତ ...ଆବଶ୍ୟକ। ଲୋକଙ୍କ ସହଯୋଗ ବିନା କେବଳ ...କର୍ମଚାରୀମାନଙ୍କ ଦ୍ୱାରା ବଣ ଜଙ୍ଗଲ ସୁରକ୍ଷାର ଫଳପ୍ରଦ ...କାର୍ଯ୍ୟାନୁଷ୍ଠାନ ସମ୍ଭବ ନୁହେଁ। ତେଣୁ, ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ...ଥିବା କର୍ମଚାରୀମାନେ ବଣ ଜଙ୍ଗଲର ସୁରକ୍ଷା ପାଇଁ ...ଜନସାଧାରଣଙ୍କ ସହଯୋଗ ଲୋଡ଼ିବା ନିମନ୍ତେ ଜଙ୍ଗଲ ଓ ...ପରିବେଶ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର କର୍ମଚାରୀମାନଙ୍କୁ ...ପରାମର୍ଶ ଦେଇଛନ୍ତି।

...ଖୋର୍ଦ୍ଧାଠାରେ ଜିଲ୍ଲା ବନ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ...ଙ୍ଗଲ ବିଭାଗ ପକ୍ଷରୁ ନୂତନ ଭି. ଏଚ୍. ପି. ସେଟ୍ ସ୍ଥାପନର ...ଶୁଭ ଉଦ୍‌ଘାଟନ କରି ଶ୍ରୀ ବକ୍ସିପାତ୍ର କହିଲେ ଯେ ଯେଉଁଠାରେ ...ଲୋକମାନେ ଜାଗ୍ରତ ପ୍ରହରୀଭାବେ ଜଙ୍ଗଲର ସୁରକ୍ଷା ପାଇଁ ...ସଚେତନ ରହିଛନ୍ତି, ସେସବୁ ଜଙ୍ଗଲର ବିଶେଷ କ୍ଷତି ହେଉନାହିଁ। ...ସେ କହିଲେ ଯେ ଭି. ଏଚ୍. ପି. ସେଟ୍ ସ୍ଥାପନ ଫଳରେ ବଣ ...ଜଙ୍ଗଲର ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ସହ ଜିଲ୍ଲା ...କାର୍ଯ୍ୟାଳୟ ମଧ୍ୟରେ ସିଧାସଳଖ ଯୋଗାଯୋଗ ସ୍ଥାପନ ...ହୋଇପାରିବ। ଏହାଦ୍ୱାରା ଜଙ୍ଗଲରୁ ଚୋରୀ ହେଉଥିବା ...ମୂଲ୍ୟବାନ ଗଛଗୁଡ଼ିକୁ ଜବତ କରିବା ଦିଗରେ ତୁରନ୍ତ ଓ ଫଳପ୍ରଦ ...କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଏହା ବ୍ୟତୀତ ...ଭି. ଏଚ୍. ପି. ସେଟ୍ ଜରିଆରେ ଜିଲ୍ଲାର ବିଭିନ୍ନ ରେଞ୍ଜ ସହ ...ସହଜରେ ଯୋଗାଯୋଗ ସ୍ଥାପନ କରାଯାଇପାରିବ। ବ୍ୟାପକ ...ଜଙ୍ଗଲକାଟ ରୋକିବା ସହ ବଣ ଜଙ୍ଗଲ ଓ ପରିବେଶର ସୁରକ୍ଷା ...ଉଦ୍ଦେଶ୍ୟରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ବନ ଅଧିକାରୀମାନଙ୍କ ...କାର୍ଯ୍ୟାଳୟମାନଙ୍କରେ ମଧ୍ୟ ଏପରି ଭି. ଏଚ୍. ପି. ସେଟ୍ ସ୍ଥାପନ ...କରାଯିବ ବୋଲି ବକ୍ସିପାତ୍ର ପ୍ରକାଶ କରି ଏହା ସଂରକ୍ଷଣ ...କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପାଦନରେ ଯଥେଷ୍ଟ ସହାୟକ ...ହେବ ବୋଲି କହିଥିଲେ। ପରିବେଶର ସୁରକ୍ଷା ପାଇଁ ବଣ ଜଙ୍ଗଲର ସଫଳ ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ଏ ଦିଗରେ ସରକାର ସମସ୍ତ ପ୍ରକାର ଫଳପ୍ରଦ ପଦକ୍ଷେପ ନେବେ ବୋଲି ସେ ପ୍ରକାଶ କରିଥିଲେ। ଦାୟିତ୍ୱ ସମ୍ପାଦନ ସମୟରେ ମୃତ୍ୟୁବରଣ କରିଥିବା ଜଙ୍ଗଲ କର୍ମଚାରୀଙ୍କ ବିଧବା ପତ୍ନୀଙ୍କୁ ୫୦ ହଜାର ଟଙ୍କାର 'ଏକ୍ସ–ଗ୍ରେସିଆ' ସ୍ୱରୂପ ମନ୍ତ୍ରୀ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କର୍ତ୍ତବ୍ୟ ସମ୍ପାଦନ ସମୟରେ ଆହତ ହୋଇଥିବା କର୍ମଚାରୀମାନଙ୍କୁ ସେ ପ୍ରଶଂସା ପତ୍ର ବିତରଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମୁଖ୍ୟ ବନ ସଂରକ୍ଷକ, ଜଙ୍ଗଲ ବିଭାଗ ଅଧିକାରୀ ବୃନ୍ଦ ଓ ସ୍ଥାନୀୟ ବହୁ ବିଶିଷ୍ଟ ବେସରକାରୀ ଭଦ୍ରବ୍ୟକ୍ତି ଏହି ସଭାରେ ଯୋଗ ଦେଇଥିଲେ।

## ଆନ୍ତର୍ଜାତିକ ମେଳାରେ ଓଡ଼ିଶା ଅଂଶ ଗ୍ରହଣ କରିବ

ଆସନ୍ତା ନଭେମ୍ବର ମାସ ୧୪ ତାରିଖରେ ନୂଆଦିଲ୍ଲୀଠାରେ ଆନ୍ତର୍ଜାତିକ ବାଣିଜ୍ୟମେଳା ଅନୁଷ୍ଠିତ ହେବ। ଏହି ମେଳାରେ ଓଡ଼ିଶା ଅଂଶ ଗ୍ରହଣ କରିବା ପାଇଁ ସ୍ଥିର କରାଯାଇଛି। ଏଥିପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଚୂଡ଼ାନ୍ତ କରାଯିବା ନିମନ୍ତେ ଆଜି ସଚିବାଳୟଠାରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରବିନାରାୟଣ ଦାସ, କୃଷି ବିଭାଗ ଶାସନ ସଚିବ ଶ୍ରୀ ଅଭୟ ରଥ, ପର୍ଯ୍ୟଟନ ବିଭାଗ ଶାସନ ସଚିବ ଶ୍ରୀ ଧୀରେନ୍ଦ୍ର ନାଥ ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର, ପ୍ରଧାନ ମୁଖ୍ୟ ସ୍ଥପତି ଶ୍ରୀ ଆଦିକନ୍ଦ ବିଶ୍ୱାଳ ଓ ବିଭିନ୍ନ ବିଭାଗର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

ଏହା ଏକ ଆନ୍ତର୍ଜାତିକ ମେଳା ହୋଇଥିବାରୁ ଓଡ଼ିଶାର ବିବିଧ ସାମଗ୍ରୀ ଉତ୍ତମ ଭାବରେ ଉପସ୍ଥାପନ କରାଯିବା ଉପରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ଓ ଓଡ଼ିଶା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପରାମର୍ଶ ଦେଇଥିଲେ।

ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଆନ୍ତର୍ଜାତିକ ମେଳାରେ ସ୍ୱତନ୍ତ୍ର ପ୍ରଦର୍ଶନ ପାଇଁ ବିଷୟବସ୍ତୁ ବାଣିଜ୍ୟ ମେଳା କର୍ତ୍ତୃପକ୍ଷ ଧାର୍ଯ୍ୟ କରିଛନ୍ତି। କୃଷି ଯନ୍ତ୍ରପାତି, ରାସାୟନିକ ସାର ଓ ତତ୍ ସମ୍ପର୍କୀୟ ଯନ୍ତ୍ରପାତି ତଥା ରାସାୟନିକ ଉପକରଣ ମୁଖ୍ୟ ବିଷୟବସ୍ତୁ ଭାବେ ପ୍ରଦର୍ଶିତ ହେବ। ଏଥିପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଉପସ୍ଥିତ କୃଷି ବିଭାଗ ଶାସନ ସଚିବ ଶ୍ରୀ ଅଭୟାନନ୍ଦ ରଥଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସ୍ୱତନ୍ତ୍ର ବିଷୟବସ୍ତୁ ବ୍ୟତୀତ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ମଧ୍ୟ ଏହି ମେଳାରେ ପ୍ରଦର୍ଶିତ ହେବ।

କୃଷି ବିଭାଗ ବ୍ୟତୀତ, ହସ୍ତତନ୍ତ ନିଗମ, ହସ୍ତଶିଳ୍ପ ନିଗମ, କ୍ଷୁଦ୍ର ଶିଳ୍ପ ସଂସ୍ଥା, ଓଡ଼ିଶା ଟେକ୍ସଟାଇଲ ମିଲ୍, 'ଓରିଡ଼ା' ଓ କୋଣାର୍କ ଟେଲିଭିଜନ ସଂସ୍ଥା ଓଡ଼ିଶା ମଣ୍ଡପ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିବେ । ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶାର ଦର୍ଶନୀୟ ସ୍ଥାନ ସମ୍ପର୍କରେ ଦେଶ ତଥା ବିଦେଶାଗତ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଫଟୋ ଚିତ୍ର ପ୍ରଦର୍ଶିତ ହେବ ବୋଲି ଉପସ୍ଥିତ ପର୍ଯ୍ୟଟନ ବିଭାଗ ଶାସନ ସଚିବ ସୂଚନା ଦେଇଥିଲେ । ମୃତ୍ତିକା ସଂରକ୍ଷଣ ବିଭାଗ, ଶିଳ୍ପ ବିଭାଗ ଓ ଅନ୍ୟାନ୍ୟ ବିଭାଗ ଓ ନିଗମର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଭାଗ ନେ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । ସୂଚନା ଓ ଲୋକ ସମ୍ବ ବିଭାଗ ନିର୍ଦ୍ଦେଶକ ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର ଶରି ମେଳାରେ ଅଂଶ ଗ୍ରହଣ ସମ୍ପର୍କରେ ଆବଶ୍ୟକୀୟ ତଥ୍ୟ ପ୍ରଦ କରିଥିଲେ ।




ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ "ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ"ର ବିଜ୍ଞାନ ଓ ଶିକ୍ଷା ବାର୍ଷିକ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି (୨୮/୮) ।

# 'ଆମୋଫୋଇ' ଯୌତୁକ ବିରୁଦ୍ଧରେ ସଂଗ୍ରାମ

● ଶୁଭଲକ୍ଷ୍ମୀ ମହାନ୍ତି

ବିବାହ ଏକ ସାମାଜିକ ଆବଶ୍ୟକତା । ଭାରତୀୟ ଜନଜୀବନରେ ବିବାହ ସମୟରେ ଯୌତୁକ କିଛି ନୂଆ କଥା ନୁହେଁ । ବହୁ ପୁରା କାଳରୁ ଏଇ ଯୌତୁକ ପ୍ରଥା ଆମ ସମାଜରେ ପ୍ରଚଳିତ । ପୂର୍ବ କାଳରେ ଝିଅଟିକୁ ବାହାଦେବା ସମୟରେ ପିତାମାତା ନିଜର ଆର୍ଥିକ ସାମର୍ଥ୍ୟକୁ ଦୃଷ୍ଟି ଦେଇ ଝିଅ ଜ୍ୱାଇଁକୁ ଉପହାର ସ୍ୱରୂପ କିଛି ନିତ୍ୟ ବ୍ୟବହାର୍ଯ୍ୟ ଘରକରଣା ଜିନିଷ, ସୁନା, ରୂପା ଗହଣା, ପାଟପଟନି ବସ୍ତ୍ରାଦି ପ୍ରଦାନ କରୁଥିଲେ । ଏଥିରେ ବାଧ ବାଧକତା ନଥିଲା ବରଂ ଭରି ରହିଥିଲା ଅକପଟ ଆତ୍ମୀୟତା, ଆନ୍ତରିକତା । ଆଜି ଏକବିଂଶ ଶତାବ୍ଦୀରେ ସେହି ଉପହାର ଦାବୀର ରୂପ ନେଇଛି । ଆମ ହିନ୍ଦୁ ପରମ୍ପରା ଅନୁସାରେ ବିବାହ ବେଦୀରେ ହାତଗଣ୍ଠି ପଡ଼ିଲା ବେଳେ ପୁରୋହିତ କନ୍ୟା ପିତାଙ୍କୁ ପ୍ରଶ୍ନ କରିଥାନ୍ତି । କନ୍ୟା ଦାନ ସହିତ ଦକ୍ଷିଣା ସ୍ୱରୂପ କି କି ଯୌତୁକ ଦେବେ ସେତେବେଳେ ପିତାଙ୍କୁ ବାଧ୍ୟ ହୋଇ ସେଇ ଦ୍ରବ୍ୟର ନାମ ଉଚ୍ଚାରଣ କରି ଶଙ୍ଖରେ ପାଣି ଫେଙ୍କିବାକୁ ହୁଏ । ସ୍ୱର୍ଣ୍ଣ ଦାନ, ଭୂମି ଦାନ, ଧେନୁ ଦାନ ଇତ୍ୟାଦି ଯାହା କିଛି ଦାନ ଦିଆଯାଏ ତାହାକୁ ବରପକ୍ଷ ଆଦରର ସହ ଗ୍ରହଣ କରନ୍ତି । ଯାହାର କିଛି ଦେବାକୁ ଶକ୍ତି ନଥାଏ, କନ୍ୟା ଦାନ ସହ ତୁଳସୀ ପତ୍ରଟିଏ ଦକ୍ଷିଣା ଦେଲି ବୋଲି କହିଲେ ମଧ୍ୟ ବହୁ ଆଦରରେ ବୋହୂକୁ ଗ୍ରହଣ କରୁଥିଲେ । ମାତ୍ର ଆଜିର ଅତ୍ୟାଧୁନିକ ଯୁଗରେ ଯୌତୁକ ଦେବାରେ ସାମାନ୍ୟ ବ୍ୟତିକ୍ରମ ଘଟିଲେ ଯେତେ ଶିକ୍ଷିତା, ଗୁଣବତୀ, ସୁନ୍ଦରୀ ହୋଇଥାଉନା କାହିଁକି ତାକୁ ବିଷ ଦେଇ, ତଣ୍ଟି ଚିପି, କିରୋସିନି ଢାଳି ନିଆଁ ଲଗାଇ ତା'ର ସ୍ୱାମୀ, ଶାଶୂ, ଶ୍ୱଶୁର, ନଣନ୍ଦ, ଦିଅରଙ୍କ ଦ୍ୱାରା ଅତି ନିର୍ମମ ଭାବରେ ମାରି ଦେଉଛନ୍ତି ।

ଆଜି ନାରୀର ବଞ୍ଚିବା ଏକ ସମସ୍ୟା ହୋଇପଡ଼ିଛି । ପ୍ରତ୍ୟେକ ଦିନ ଖବର କାଗଜରେ ଦେଖିବାକୁ ମିଳୁଛି ଯୌତୁକର ଶିକାର ହୋଇ ଜଳି ଯାଉଥିବା ହଜାର ହଜାର ନବବଧୂଙ୍କର ଅଶ୍ରୁପୂର୍ଣ୍ଣ ଗାଥା କିମ୍ବା ଯୌତୁକ ଦାବୀ ପୂରଣ କରି ନପାରି ହୋଇଯାଇଥିବା ପିତା ମାତାଙ୍କୁ ମୁକ୍ତି ଦେବା ପାଇଁ ଅନେକ ନିରୀହା କନ୍ୟାଙ୍କ ଆତ୍ମହତ୍ୟା । ଯେଉଁମାନେ ଦୀର୍ଘ ଲେଖା ଓ ଲମ୍ବା ବକ୍ତୃତା ଦେଇ ନାରୀର କର୍ତ୍ତବ୍ୟ ବିଷୟରେ ସଚେତନ କରାଉଛନ୍ତି ସେମାନେ କ'ଣ ଏ ସମସ୍ୟା ପ୍ରତି ଦୃଷ୍ଟିପାତ କରୁନାହାନ୍ତି ? ସେମାନେ କାହିଁକି ଲେଖୁନାହାନ୍ତି କହୁନାହାନ୍ତି ଝିଅ କ'ଣ ସତରେ ଅଲୋଡ଼ା ? କନ୍ୟାର ଜନ୍ମ କ'ଣ ସତରେ ଅବାଞ୍ଛିତ ?

ଆଜି ସମାଜରେ ଯେଉଁ ପରମ୍ପରା ଚଳି ଆସୁଛି ସେ ସମସ୍ତର ପ୍ରବର୍ତ୍ତକ ହିଁ ପୁରୁଷ । ଆଦାମ୍ ଇଭ୍ ଯୁଗରୁ ଶାରୀରିକ ଦୃଷ୍ଟିରୁ ସେ ନିଜକୁ ଶକ୍ତିଶାଳୀ ବୋଲି ପ୍ରମାଣିତ କରି ଜୋର୍ ଯା'ର ମୁଲକ ତା'ର ନୀତିରେ ପ୍ରକୃତିର ସବୁ ନିୟମକୁ ନିଜର କରାୟତ୍ତରେ ରଖିବାକୁ ଚେଷ୍ଟା କରି ଆସିଛି । ସେଥିରୁ ନାରୀ ମଧ୍ୟ ବାଦ ଯାଇନାହିଁ । ପୁରୁଷର ଅନୁଦାନକୁ ନାରୀ ଆଜି ପର୍ଯ୍ୟନ୍ତ ସ୍ୱୀକାର କରି ଆସିଛି । ନାରୀ ସମାଜରୁ ଜଣେ ଉପଯୁକ୍ତ ଗୃହିଣୀ, ପତ୍ନୀ ମା' ହେବାର ଶିକ୍ଷାଲାଭ କରେ ସିନା, ଜଣେ ମଣିଷ ହୋଇ ବଞ୍ଚିବାର ଅର୍ଥ କ'ଣ ତାହା ଜାଣିପାରେ ନାହିଁ । ତେଣୁ ନାରୀର ଏହି ପାରିପାର୍ଶ୍ୱିକ ପରିସ୍ଥିତିରେ ଯେ କୌଣସି ସମସ୍ୟା ଆସିଲେ ତାକୁ ବିରୋଧ କରିପାରେ ନାହିଁ । ବରଂ ଆତ୍ମହତ୍ୟାକୁ ଆଦରି ନିଏ । ଭାରତୀୟ ନାରୀ ଆଜିର ସମାଜରେ କେତୋଟି କମା ମାତ୍ର ଏ କଥା ସତ ଯେ ଆଜି ଶିକ୍ଷାର ଆଲୋକରେ ନଗଣ୍ୟ ନାରୀ ସମାଜର ଚିନ୍ତା ଓ ଚେତନା ବଦଳିବାରେ ଲାଗିଛି । ଜୀବନ ସଂଗ୍ରାମରେ ଅନେକ ଅସମାହିତ ସମସ୍ୟାର ହିସାବ ନାହିଁ । ସମାଜରେ ଏଯାଏଁ ଭାରତୀୟ ନାରୀ ସଂସ୍କୃତର ଲକ୍ଷ୍ମଣ ରେଖା ମଧ୍ୟରେ ସୀମାବଦ୍ଧ ହୋଇ ରହିଛି । ପାପ ପୁଣ୍ୟର ବିଚାର ପୁରୁଷ ଅପେକ୍ଷା ତା'ର ସେପରି ଅଧିକ ଜରୁରୀ ।

ଆମ ଏ ଭାରତବର୍ଷରେ ଏଭଳି କେତେକ ସମ୍ପ୍ରଦାୟ ଅଛନ୍ତି ଯେଉଁମାନେ ଯୌତୁକ ପ୍ରଥାର ବିରୋଧୀ । ଖ୍ରୀଷ୍ଟିଆନ ପରିବାର, ଆଦିବାସୀ ପରିବାରମାନଙ୍କର ଏ ଦିଗରେ ଉଲ୍ଲେଖନୀୟ ଭୂମିକା ରହିଛି । 'ବିବାହ ମେଳା' ଶବ୍ଦଟି ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ । କିନ୍ତୁ ଆମରି ଦେଶରେ ହିଁ ଏହା ଅନୁଷ୍ଠିତ ହୁଏ । ବିହାର ପ୍ରଦେଶର ଏକମାତ୍ର ସୌରଠ ସଭା ଏହି ବିବାହ ମେଳା ଆୟୋଜନ କରିଥାଏ । ଏଠାରେ ବହୁ ସଂଖ୍ୟାରେ ବିବାହ ସମ୍ପନ୍ନ ହୁଏ ।

ପ୍ରାୟ ୫ ଶହ ବର୍ଷର ପରମ୍ପରା ଥିବା ଏହି ସଙ୍ଗଠନ ଗତବର୍ଷ ୬ ହଜାର ନରନାରୀଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରିଛି । ଉତ୍ତର ବିହାରର ମଧୁବନୀ ଜିଲ୍ଲା ସୁନ୍ଦର ଚିତ୍ରକଳା ପାଇଁ ପ୍ରସିଦ୍ଧ । ନିକଟରେ ଶେଷ ହୋଇଥିବା ମେଳା ସଭାଗାଛିରେ ଅନୁଷ୍ଠିତ ହୋଇଥିଲା । ସେଠାରେ ବହୁ ସଂଖ୍ୟକ ଯୋଗ୍ୟ ବରପାତ୍ର ଏକତ୍ରିତ ହୋଇଥିଲେ । ସେମାନେ ପିତା ଗୋଲାପୀ ରଙ୍ଗର ଧୋତି ପରିଧାନ କରି କନ୍ୟା ପିତାମାନଙ୍କ ସହିତ ନିଜର ବିବାହ ବିଷୟରେ ଆଲୋଚନା କରିଥିଲେ । ବିନା ଯୌତୁକରେ ସରଳ ଓ ନିରାଡ଼ମ୍ବର ବିବାହ ସମାପନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ରାଜ୍ୟରେ ଏହି ମେଳା ବିବାହ ଋତୁର ଶେଷ ଭାଗରେ ବର୍ଷକୁ ଥରେ ସପ୍ତାହବ୍ୟାପୀ ଚାଲେ । ସାଧାରଣତଃ ଅନ୍ୟତ୍ର ସମ୍ବନ୍ଧ ପକ୍କା ହୋଇ ନପାରିଲେ ବର କନ୍ୟାମାନେ ପୁନଶ୍ଚ ସମ୍ପର୍କ ସ୍ଥାପନ ପ୍ରୟାସ କରନ୍ତି । ବୟୋବୃଦ୍ଧଙ୍କ କଥା ଅନୁଯାୟୀ ଏହି ପ୍ରଥା ମହାରାଜା ନରସିଂହ ଦେଓ ପ୍ରଚଳିତ କରିଥିଲେ । ଚତୁର୍ଦ୍ଦଶ ଶତାବ୍ଦୀରେ ସେ ମିଥିଳାଞ୍ଚଳରେ ଶାସନ କରୁଥିଲେ । କନ୍ୟା ପିତାମାନଙ୍କ ସମସ୍ୟା ଦୂର କରିବା ପାଇଁ ଯୌତୁକ ଶୂନ୍ୟ ବିବାହ ପ୍ରଥା ପ୍ରବର୍ତ୍ତିତ କରିଥିଲେ ।

ମାତ୍ର ଆଜିର ସମାଜରେ ସମସ୍ତେ ଆତ୍ମକେନ୍ଦ୍ରିକ ହୋଇ ପଡ଼ିଛନ୍ତି । ଅନ୍ୟପ୍ରତି ସହାନୁଭୂତିଶୀଳ ହେବା ଅପେକ୍ଷା ଅସହିଷ୍ଣୁ ହୋଇ ପଡ଼ିଛନ୍ତି । ଗାନ୍ଧୀଜୀଙ୍କ ସମୟରୁ ଯୌତୁକ ବିରୁଦ୍ଧରେ ସଚେତନତା ସୃଷ୍ଟି କରାଯାଉଛି । ଦିନ ଥିଲା ଭାରତୀୟ ନାରୀ ନିଜକୁ ସତୀ ସାବସ୍ତ କରିବା ପାଇଁ ସ୍ୱାମୀର ଚିତାଗ୍ନିରେ ଝାସ ଦେଇ ଆତ୍ମ ବିସର୍ଜନ କରୁଥିଲା । ରାଜା ରାମମୋହନ ରାୟ ବିଦ୍ୟାସାଗର ପ୍ରମୁଖ ସମାଜ ସଂସ୍କାରମାନଙ୍କ ଆନ୍ଦୋଳନ ଫଳରେ ଏହି ଅମାନୁଷିକ ପ୍ରଥା ଲୋପ ପାଇଲା । ଲୋକମାନେ ବୁଝିଲେ ଜଣେ ଜୀବନ୍ତ ମଣିଷକୁ ସ୍ୱାମୀର ଚିତାରେ ପୋଡ଼ି ମାରିଦେବା ଅକ୍ଷମଣୀୟ ଅପରାଧ । କିନ୍ତୁ ଆଜି ସ୍ୱାମୀ ନିଜେ ନିରୀହା, ନିରପରାଧୀ, ନିର୍ଦ୍ଦୋଷ ସ୍ତ୍ରୀଟିକୁ ଯୌତୁକ ଅଭାବରୁ ଜାଳିଦେଇ ନିଜକୁ ଖୁବ୍ ପାରିବାର ମନେକରୁଛି । ଏହି ପ୍ରସଙ୍ଗରେ ଥରେ ଜାତିର ଜନକ ମହାତ୍ମା ଗାନ୍ଧୀ କହିଥିଲେ "ଯେଉଁ ଯୁବକ ଯଥେଷ୍ଟ ଯୌତୁକ ପାଇଲେ ବିବାହ କରିବାକୁ ସମ୍ମତି ପ୍ରଦାନ କରେ ସେ ତାର ବିଶ୍ୱବିଦ୍ୟାଳୟ ଉପାଧିକୁ କଳଙ୍କିତ କରେ" ଏବଂ କନ୍ୟାମାନଙ୍କୁ ଉପଦେଶ ଦେଇ କହିଥିଲେ "ଯଦି ସେମାନେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଦୃଢ଼ ଭାବରେ ଅସ୍ୱୀକାର କରନ୍ତି ତେବେ ଏ ସମାଜର ଅବସ୍ଥା କ'ଣ ହେବ ? ଯୌତୁକ ଦାବୀ କରୁଥିବା ଯୁବକମାନେ ବଧୂ ଅନ୍ୱେଷଣରେ କେଉଁ ଦେଶକୁ ଯିବେ ?" ଶିକ୍ଷା ମଣିଷକୁ ମାର୍ଜିତ କରେ । ଜ୍ଞାନର ଆଲୋକ ଦେଖାଏ । ଅନ୍ୟ ପ୍ରତି ସହାନୁଭୂତିଶୀଳ ହେବାକୁ ଶିଖାଏ ନିଜର ଆଚରଣ ଶୁଦ୍ଧ କରେ, ସଂଯତ କରେ । ମାତ୍ର ଏ ସବୁ ଘଟୁଛି କାହିଁକି ? ତା'ର ପ୍ରଧାନ କାରଣ ଆମ ପାଖରେ ନୈତିକତାର ଅଭାବ ।

ଯୌତୁକ ବିରୋଧୀ ଆନ୍ଦୋଳନ ୭୦ ବର୍ଷ ତଳୁ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ସଫଳ ହୋଇପାରି ନାହିଁ । ଜାତିର ପିତା ମହାତ୍ମା ଗାନ୍ଧୀ, ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଆଦି ସମାଜ ସଂସ୍କାରକମାନେ ଯୌତୁକ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ମଧ୍ୟ ତାହାକୁ ଫଳପ୍ରଦ କରିପାରି ନଥିଲେ । ଏହି କଳଙ୍କିତ ପ୍ରଥାର ନିମନ୍ତେ ପୂର୍ବରୁ ଲୋକସଭା ଓ ରାଜ୍ୟସଭାରେ ବହୁ ତର୍କ ବିତର୍କ ହୋଇଥିଲା । ୧୯୬୧ ମସିହାରେ ପ୍ରଥମ କରି ଯୌତୁକ ନିରୋଧ ଆଇନ ପ୍ରଣୟନ କରାଗଲା । ଏଥିରେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଏହି ଯୌତୁକ ନିରୋଧ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ଲୋକସଭାରେ ଏକ ଯୁଗ୍ମ କମିଟି ଗଠନ କରାଗଲା । ୧୯୮୦ ମସିହାରେ ଆନ୍ତର୍ଜାତିକ ମହିଳା ସପ୍ତାହର ବର୍ଷ ପାଳନ କରାଗଲା ସେତେବେଳେ ମଧ୍ୟ ଏ ଦିଗରେ ଉନ୍ନତି ସାଧିତ ହୋଇନଥିଲା । ତେବେ ୧୯୮୩ ମସିହାରେ କାର୍ଯ୍ୟବିଧି ଆଇନର ୨ୟ ସଂଶୋଧନ ଅଣାଗଲା । ଭାରତୀୟ ଦଣ୍ଡବିଧି ଆଇନ, କାର୍ଯ୍ୟବିଧି ଆଇନ ଓ ସାକ୍ଷୀ ଆଇନର ସଂଶୋଧନ କରାଯାଇଥିଲା । ତା' ସହିତ ଆଉ କେତେକ ନୂତନ ଦଫାର ସଂଯୋଗ କରାଯାଇଥିଲା । ୧୯୮୪ ମସିହାର ଯୌତୁକ ନିରୋଧ ଆଇନର ଧାରା ୩ ଅନୁସାରେ ବିବାହ ପୂର୍ବରୁ ବିବାହ ସମୟରେ ବା ବିବାହ ପରେ ଯୌତୁକ ଗ୍ରହଣ କରିବା ବା ଯୌତୁକ ଦେବା ଏକ ଦଣ୍ଡନୀୟ ଅପରାଧ ଭାବରେ ଗ୍ରହଣ କରାଗଲା । ୧୯୮୩ ମସିହା ସଂଶୋଧିତ ପିଙ୍ଗଳ ଆଇନ ଅନୁଯାୟୀ ଯୌତୁକ ଆଦାୟ କରିବା ନିମନ୍ତେ କୌଣସି ନବବଧୂକୁ ତାର ସ୍ୱାମୀ କିମ୍ବା ସ୍ୱାମୀ ପରିବାରର କେହି ନିର୍ଯ୍ୟାତନା ଦେଲେ ତାହା ଏକ ଧର୍ତ୍ତବ୍ୟ ଅପରାଧ ଅଟେ । ଏଥିପାଇଁ କେହି ଦୋଷୀ ସାବ୍ୟସ୍ତ ହେଲେ ୩ ବର୍ଷ କାରାଦଣ୍ଡର ବ୍ୟବସ୍ଥା ରହିଛି । ସେହିପରି ଫୌଜଦାରୀ ଦଣ୍ଡବିଧି ଆଇନର ସଂଶୋଧିତ ପରିଚ୍ଛେଦ ଧାରା ୧୭୪ ଓ ୧୭୬ ଅନୁସାରେ ବିବାହର ୭ ବର୍ଷ ଭିତରେ ଯଦି କୌଣସି ବଧୂ ମୃତ୍ୟୁବରଣ କରିଥିବେ ତାର ଶବ ବ୍ୟବଚ୍ଛେଦ କରିବା ବାଧ୍ୟତାମୂଳକ । ଏଥି ନିମନ୍ତେ ଜଣେ ଶାସନ ବିଭାଗୀୟ ମାଜିଷ୍ଟ୍ରେଟ୍ ଶବ ବ୍ୟବଚ୍ଛେଦ ବିବରଣୀ ପ୍ରସ୍ତୁତ କରିବା ପାଇଁ ଆଇନଗତ ବ୍ୟବସ୍ଥା ରହିଛି । ବ୍ୟବହାର ୧୦ ବର୍ଷ ମଧ୍ୟରେ ହୋଇଥିବା ଯୌତୁକ ଜନିତ ମୃତ୍ୟୁ ଘଟଣାର ତଦନ୍ତ କେବଳ ଉପ ଡି: ଏସ୍: ପି: ବା ତାଙ୍କଠାରୁ ଊର୍ଦ୍ଧ୍ୱ ପାହ୍ୟାର ପୁଲିସ ଅଫିସର କରିପାରିବେ । ଯୌତୁକଜନିତ ହତ୍ୟା ବା ଆତ୍ମହତ୍ୟା ମକଦ୍ଦମାରେ ଦୁଇଜଣ ଡାକ୍ତରଙ୍କୁ ନିଯୁକ୍ତ କରାଯାଏ । ଶବ ବ୍ୟବଚ୍ଛେଦ ହୋଇସାରିବା ପରେ ପୋଲିସର କୌଣସି ଆପତ୍ତି ନଥିଲେ ଶବ ସତ୍କାର କରାଯାଇଥାଏ । ନବବଧୂର ପିତାମାତା ନିକଟ ସମ୍ପର୍କୀୟ ପରିବାରର ଲୋକେ ଶବକୁ ନଦେଖିବା ପର୍ଯ୍ୟନ୍ତ ଆପତ୍ତି ନାହିଁ ରିପୋର୍ଟ ଦେବା ନିୟମ ରହିଛି ।

ତେବେ ସରକାରୀ ଆଇନ ବା ଶୁପ ଏଭଳି ସଂକ୍ରାମକ ଜୀବାଣୁକୁ ନଷ୍ଟ କରିବାକୁ ଅକ୍ଷମ । ସରକାରୀ ଟାକ୍ସ ଫାଙ୍କି ଠକିବା ପାଇଁ ଲୋକେ ଯେପରି ବହୁ କଳା କାରବାରରେ ଲିପ୍ତ ରହିଥାନ୍ତି ଠିକ୍ ସେହିଭଳି ଟଙ୍କା ଆକାରରେ ଯୌତୁକ ନେଲେ ବା ଦେଲେ କେହି ଧରାପଡ଼ିବା ସମ୍ଭବ ନୁହେଁ । ଏଠାରେ ଆଇନର ଆଶ୍ରୟ ନେବା ଅଯୌକ୍ତିକ । ଆଜିର ସମାଜ ଏକ ବଣିକବୃତ୍ତି

...ଦାନ ହୋଇଥିବାରୁ ସହଜଲବ୍ଧ ଧନ ପାଇଁ ସମସ୍ତେ ...ଛନ୍ତି ।

...ନେତା ତଥା ବି. ରାମଚନ୍ଦ୍ରଙ୍କ ବ୍ୟକ୍ତିଗତ ଉଦ୍ୟମରେ "...ମୋଫୋଇ" ନାମକ ଏକ ବିବାହ ସଂସ୍ଥା ଭୁବନେଶ୍ୱରଠାରେ ...ଷ୍ଠିତ ହୋଇପାରିଛି । ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ...ମାଜରେ ଜାତି, ଜାତକ, ଯୌତୁକ ଶୂନ୍ୟ ବିବାହ ଅନୁଷ୍ଠିତ ...ରିବା ।

...ମୋଫୋଇ ମତରେ ଜାତିର ବିଦାୟରେ ଯୌତୁକର ...ବିଦାୟ । ସଂଜ୍ଞା ଶୂନ୍ୟ ନାମ ଓ ପଦବୀ ଶୂନ୍ୟ କାର୍ଯ୍ୟର ପ୍ରବର୍ତ୍ତନ ...ଲଙ୍କୁ ସବୁ ଶିକ୍ଷାୟତନରେ ସତ୍ ଶିକ୍ଷାର ବ୍ୟବସ୍ଥା କରିବାକୁ ...ହେବ । ଏହା ଦ୍ୱାରା ପରସ୍ପର ମଧ୍ୟରେ ସ୍ନେହ ପ୍ରେମର ଉଦ୍ରେକ ...ହେବ ଏବଂ ଯୌତୁକ ବ୍ୟାଧି ସମାଜରୁ ଦୂରୀଭୂତ ହେବ । ଏଇ ...ମାନବବାଦୀ ସଙ୍ଗଠନ ଆମୋଫୋଇ ମତରେ ମନ୍ଦିର, ମସ୍‌ଜିଦ୍, ...ଗୀର୍ଜାର ବର୍ତ୍ତରେ ସବୁ ଏକା ସବୁ ଉପରେ ମଣିଷ ଗୋଟିଏ ଜାତି, ...ଧର୍ମ ମଣିଷ । ଈଶ୍ୱରଙ୍କର ସୃଷ୍ଟି, ଗୁରୁଜନଙ୍କର ଆଶୀର୍ବାଦ ମିଳିଲେ ...ଦୂର ମାନରେ ମଧ୍ୟ ବିବାହ କାର୍ଯ୍ୟ ଶେଷ ହୋଇ ଯାଇପାରେ । ...ଥିପାଇଁ ଅର୍ଥର ଲୋଡ଼ା ନାହିଁ, ଯୌତୁକର ଆବଶ୍ୟକ ନାହିଁ । ...ଯୌତୁକ ଦେବା ନେବାର ପ୍ରଶ୍ନ ନିରର୍ଥକ । ଏହି ଯୌତୁକ ଦ୍ୱାରା ...ଜର ବାତାବରଣ କଳୁଷିତ ହୋଇ ଯାଇଛି । ବନ୍ଧୁ ବନ୍ଧୁ ...ଧ୍ୟରେ ଆନ୍ତରିକତା ଆତ୍ମୀୟତା ପରିବର୍ତ୍ତେ ତିକ୍ତତା ...ଦେଖାଦେଉଛି ।

ଆମୋଫୋଇର ଉଦ୍‌ଯୋଗୀ ତଥା ମୁଖ୍ୟ ସମ୍ପାଦକ ୧୯୮୦ ...ଡିସେମ୍ବର ୧୦ରୁ ବର୍ତ୍ତମାନ ସୁଦ୍ଧା ୫୦୦ ଝିଅ ପୁଅଙ୍କର ଯୌତୁକ ...ଶୂନ୍ୟ ବିବାହ କାର୍ଯ୍ୟ ଅନୁଷ୍ଠିତ କରି ୨୫୦ ଆମୋଫୋଇ ଦମ୍ପତି ...ସୃଷ୍ଟି କରି ପାରିଛନ୍ତି । ଏହା ତାଙ୍କର ଏକ ସାହସିକ ପଦକ୍ଷେପ । ...ସମାଜ ପାଇଁ ଅତୁଳନୀୟ ଦାନ । ଏଇ ପ୍ରତ୍ୟେକ ବିବାହ, ବିନା ଆଡ଼ମ୍ବରରେ ବିନା ପାଞ୍ଜିରେ, ବିନା ଯୌତୁକରେ ହିଁ ଅନୁଷ୍ଠିତ ହୋଇ ପାରିଛି । ସମାଜରେ ପ୍ରତିଷ୍ଠା ଲାଭ କରିଥିବା ଶିକ୍ଷାବିତ୍ ବୁଦ୍ଧିଜୀବୀ, ରାଜନୀତିଜ୍ଞ, ଆଇନଜ୍ଞ, ସାମ୍ବାଦିକମାନଙ୍କର ଉପସ୍ଥିତିରେ ବିବାହ କାର୍ଯ୍ୟ ସମାପନ ହୋଇଯାଇଛି । ସେମାନଙ୍କର ଆଶୀର୍ବାଦରେ ନବଦମ୍ପତି ପରସ୍ପରକୁ ସ୍ୱାମୀ ସ୍ତ୍ରୀ ଭାବରେ ଗ୍ରହଣ କରି ନୂତନ ଜୀବନର ଶୁଭାରମ୍ଭ କରିଛନ୍ତି । ଏହା ବ୍ୟତୀତ ଆମୋଫୋଇ ଗୋଟିଏ ସନ୍ତାନର ପରିବାରରେ ଆଗ୍ରହୀ । ପ୍ରତ୍ୟେକ ଦମ୍ପତି ଗୋଟିଏ ମାତ୍ର ପିଲାଙ୍କୁ ଯଦି ଜନ୍ମ ଦିଅନ୍ତି ତେବେ ସମସ୍ୟା ସେମାନଙ୍କ ପାଇଁ, ସମାଜ ପାଇଁ ତଥା ସରକାରଙ୍କ ପାଇଁ ନିଶ୍ଚିତ ଭାବରେ କମ୍ ହେବ । ବର୍ତ୍ତମାନ ରାଜ୍ୟର ଜନସଂଖ୍ୟା ଯେଉଁଳି ଭାବରେ ବଢ଼ି ଚାଲିଛି ସେହିପରି ଖାଦ୍ୟ ସମସ୍ୟା, ବେକାର ସମସ୍ୟା ମଧ୍ୟ ବଢ଼ି ଚାଲିଛି । ଏଇ ସବୁ ସମସ୍ୟାକୁ ଆଖିରେ ରଖି ଆମୋଫୋଇ ଏକ ପିଲା ବ୍ରତ ନୀତି ଗ୍ରହଣ କରିଛନ୍ତି । ଡକ୍ଟର ହରେକୃଷ୍ଣ ମହତାବଙ୍କ ପୌରୋହିତ୍ୟରେ ୧୯୮୩ ମସିହାରେ 'ଗୋଟିଏ ପିଲାର ପରିବାର' (One Child Family) ନାମକ ଏକ ସେମିନାର ଅନୁଷ୍ଠିତ ହୋଇଥିଲା ।

ଆମୋଫୋଇ ସଂସ୍ଥାର ଉଦ୍‌ଯୋଗୀ ତଥା ସମ୍ପାଦକ ବି. ରାମଚନ୍ଦ୍ର ପ୍ରକୃତରେ ପ୍ରଶଂସାର ପାତ୍ର । ଯଦି ପ୍ରତ୍ୟେକ ଯୁବକ ଯୁବତୀ ନିଜକୁ ଯୌତୁକ ଲୋଭରୁ ଦୂରେଇ ରଖନ୍ତେ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମହିଳା ସଙ୍ଗଠନ, ସମାଜ କଲ୍ୟାଣକାରୀ ସଂସ୍ଥା ଯଦି ଯୌତୁକ ଶୂନ୍ୟ ବିବାହ କରାଇବାରେ ନିଜକୁ ନିୟୋଜିତ କରନ୍ତେ, ତେବେ ନିଶ୍ଚୟ ଦିନେ ସମାଜରୁ ଯୌତୁକ ପ୍ରଥାର ବିଲୋପ ଘଟିବ ।

---

କ୍ୱାଟର ନଂ–୧୦୯,
ରୋଡ ନଂ–୫, ୟୁନିଟ୍–୯,
ଭୁବନେଶ୍ୱର ।

■ କୌଣସି ପ୍ରକାର ହିଂସାତ୍ମକ କାର୍ଯ୍ୟକଳାପକୁ ତୁରନ୍ତ ଲକ୍ଷ୍ୟ ହାସଲର ପନ୍ଥା ସ୍ୱରୂପ ଗ୍ରହଣ କରିବାରେ ମୁଁ ଆଦୌ ବିଶ୍ୱାସ କରେ ନାହିଁ । ଉଦ୍ଦେଶ୍ୟ ଯେତେ ମହତ୍ ହେଲେ ସୁଦ୍ଧା ଏବଂ ସେଥିପ୍ରତି ମୋର ସବୁପ୍ରକାର ସହାନୁଭୂତି ରହିଥିଲେ ମଧ୍ୟ ସେହି ମହତ୍ ଉଦ୍ଦେଶ୍ୟ ସାଧନ ନିମନ୍ତେ ହିଂସାତ୍ମକ ପଦ୍ଧତି ଅବଲମ୍ବନ ମୁଁ ବରଦାସ୍ତ କରିପାରିବି ନାହିଁ ।

—ଗାନ୍ଧିଜୀ

# ଶ୍ରମ, ପାରିଶ୍ରମିକ ଓ ଶ୍ରମିକ

● ଜେନାମଣି ଲକ୍ଷ୍ମୀକାନ୍ତ

ମୋଟାମୋଟି 'ବେନହାମ୍'ଙ୍କ ଭାଷାରେ ମଜୁରି କହିଲେ କାମ ପାଇଁ ଦିଆଯାଉଥିବା ପାରିଶ୍ରମିକ ବା ମୂଲ୍ୟକୁ ବୁଝାଏ । କିନ୍ତୁ ମଜୁରି ଅର୍ଥରେ, ପ୍ରଦତ୍ତ ଗଚ୍ଛ ଭତ୍ତା, ଭବିଷ୍ୟନିଧି, ପାରିତୋଷିକ, ଘରଭଡ଼ା ଏବଂ ଅନ୍ୟ କଲ୍ୟାଣକାରୀ ତଥା ଲାଭପ୍ରଦ ସୁବିଧାଦି ମଜୁରି ସଂଜ୍ଞା ପରିସରଭୁକ୍ତ ନୁହେଁ । ଆମ ଅର୍ଥନୈତିକ ଓ ସାମାଜିକ ଜୀବନକୁ ପ୍ରଭାବିତ କରୁଥିବା ମୁଖ୍ୟ ଉପାଦାନଗୁଡ଼ିକ ମଧ୍ୟରୁ 'ମଜୁରି' ଅନ୍ୟତମ । ବହୁ ବିକାଶମୁଖୀ ଦେଶରେ ଦୈହିକ ଶ୍ରମ ଲବ୍ଧ ମଜୁରି ସମଗ୍ର ଜାତୀୟ ଆୟର ଶତକଡ଼ା ଚାଳିଶି ଭାଗ ବୋଲି ନିକଟ ଅତୀତର ଆନ୍ତର୍ଜାତିକ ଶ୍ରମ ସଂସ୍ଥାର ଏକ ଆକଳନରୁ ସୂଚିତ । କେବଳ ଶ୍ରମଜୀବୀ ନୁହନ୍ତି, ସେମାନଙ୍କର ପୋଷ୍ୟ ବର୍ଗ, ଖାଦ୍ୟ, ବସ୍ତ୍ର, ଗୃହ ଏବଂ ଜୀବନ ଯାପନର ଅନ୍ୟାନ୍ୟ ଅପରିହାର୍ଯ୍ୟ ଗୁଜୁରାଣ ମେଣ୍ଟାଇବା ପାଇଁ ମୁଖ୍ୟତଃ ମଜୁରି ଉପରେ ନିର୍ଭର କରନ୍ତି । ବିଶେଷ କରି ଶିଳ୍ପ କ୍ଷେତ୍ରରେ 'ମଜୁରି' ନିଯୋକ୍ତାର ଉତ୍ପାଦନ ମୂଲ୍ୟର ଏକ ବୃହତ୍ ଅଂଶ ରୂପେ ଉତ୍ପାଦନ ଅର୍ଥନୀତିକୁ ନିୟନ୍ତ୍ରିତ ଏବଂ ପ୍ରଭାବିତ କରେ । ଏକ ଦିଗରୁ ଶ୍ରମଜୀବୀମାନଙ୍କର ଅର୍ଥନୈତିକ ସ୍ଥିତିର ବିକାଶ ଓ ଅପର ଦିଗରୁ ଉତ୍ପାଦନ ବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଉତ୍ପାଦିତ ଦ୍ରବ୍ୟର ସୁଲଭ ଦାର ନିୟନ୍ତ୍ରଣ ପରିପ୍ରେକ୍ଷୀରେ 'ମଜୁରି'ର ଭୂମିକା କିଭଳି ତାତ୍ପର୍ଯ୍ୟପୂର୍ଣ୍ଣ, ତାହା ସହଜରେ ଅନୁମେୟ ।

ଯନ୍ତ୍ରଣାର ମୂଳ କେଉଁଠି ତାହା ଯନ୍ତ୍ରଣାଭୋଗୀ ଜାଣେ । କେବଳ ଆମ ଦେଶରେ ନୁହେଁ ବିଶ୍ୱର ପ୍ରାୟ ସବୁ ଦେଶର ଅର୍ଥନୀତିରେ 'ମଜୁରି ନୀତି' ନିର୍ଦ୍ଧାରଣ ଓ ନିୟନ୍ତ୍ରଣ ସରକାରଙ୍କ ପାଇଁ ଏକ ଜ୍ୱଳନ୍ତ ପ୍ରସଙ୍ଗ ଅଟେ । 'ମଜୁରି ମାନ' କେବଳ ଅଗଣିତ ଶ୍ରମଜୀବୀଙ୍କ ସାମାଜିକ ଓ ଆର୍ଥିକ ଜୀବନକୁ ଯେ ପ୍ରଭାବିତ କରେ ତା ନୁହେଁ, ସାଧାରଣ ଖାଉଟୀଙ୍କ କ୍ରୟ ଶକ୍ତି ସମେତ ମୂଲ୍ୟ ନିୟନ୍ତ୍ରଣ, ଉତ୍ପାଦନ ବୃଦ୍ଧି, ଔଦ୍ୟୋଗିକ, ନିଯୁକ୍ତି ତଥା ସ୍ଥିରାସ୍ଥିତି ଆଦି କ୍ଷେତ୍ରରେ 'ମଜୁରି'ର ପ୍ରଚ୍ଛନ୍ନ ପ୍ରଭାବ ଅସ୍ୱୀକାର କରିବାର ନୁହଁ ।

ସ୍ଥାନ କାଳ ପାତ୍ର ଭେଦରେ 'ମଜୁରି ନୀତି'ର ତଥାକଥିତ ମୌଳିକ ସମସ୍ୟା ପ୍ରାୟ ସବୁ ଦେଶରେ ଉଣାଅଧିକେ ଏକା ସମତୁଲ । ଅବଶ୍ୟ ମଜୁରି ସମସ୍ୟାର ସମାଧାନ ଏବଂ ନିୟନ୍ତ୍ରଣ ଜନିତ ଆବେଦନ ପଛରେ ଫରକ ପରିଲକ୍ଷିତ ହୁଏ ଏବଂ ରାଷ୍ଟ୍ରୀୟ ନୀତି ନେଇ ଏଭଳି ଫରକ ସ୍ୱାଭାବିକ ମଧ୍ୟ । କେତେକ ଦେଶରେ ମଜୁରି ପ୍ରସଙ୍ଗ, ସମ୍ପତ୍ତି ମାଲିକ, ଶ୍ରମିକଙ୍କ ମିଳିତ ଓ ପାରସ୍ପରିକ ସୌଦାଗରୀ ପଦ୍ଧତିରେ ସମାହିତ ହେଉଥିବା ବେଳେ, ଅନ୍ୟ କେତେକ ରାଷ୍ଟ୍ରରେ ଏକ ଜାତୀୟ ଶିଳ୍ପ ବା ବୃତ୍ତି ପାଇଁ ଯୌଥ ଚୁକ୍ତି ବିନିମୟରେ ନିୟନ୍ତ୍ରିତ ହୁଏ । ଅନ୍ୟ କେତେକ ଯୋଜନାବଦ୍ଧ ଅର୍ଥନୀତିରେ ନିରୂପିତ ମାନ, ଯଥା : ଜାତୀୟ ଆୟ, ଉତ୍ପାଦନ, ଅର୍ଥନୈତିକ ସମତାଦି ବହୁ ଉପାଦେୟ ଦିଗକୁ ଭିତ୍ତି କରି ନ୍ୟୂନତମ, ଜୀବନକ୍ଷମ ଓ ନ୍ୟାଯ୍ୟ ମଜୁରି ହାର ରାଷ୍ଟ୍ରୀୟ ସହାୟତାରେ ନିର୍ଦ୍ଧାରିତ କରାଯାଏ । ପ୍ରତ୍ୟକ୍ଷରେ ମଜୁରି ହାର ମାଲିକ ଓ ଶ୍ରମିକ ଉଭୟଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ ହେଲେ ହେଁ, ଏହା ଖାଉଟୀ ଓ ରାଷ୍ଟ୍ରୀୟ ଅର୍ଥନୀତି ବିକାଶ ଦୃଷ୍ଟିରୁ ତତୋଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଜଟିଳ ପ୍ରସଙ୍ଗ ରୂପେ ମୁଣ୍ଡ ଟେକି ଉଠେ । ଏଣୁ 'ମଜୁରି ନୀତି'ର ତ୍ରୁଟି ଓ ତତ୍ ଜନିତ ବିପର୍ଯ୍ୟୟ ବାରମ୍ବାରରେ ରାଷ୍ଟ୍ରର ଅର୍ଥନୀତିକୁ ସଙ୍କଟ କୋଣରେ ବହୁ ସମୟରେ ସମୀପସ୍ଥ କରେ ।

ସବୁ ବସ୍ତୁର ଆପାତତଃ ଆଭାସ ତା'ର ପ୍ରକୃତ ବିଭାସ ନି ନାହିଁ । ମଜୁରିର ସ୍ୱରୂପ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ । ମଜୁରି ମଜୁରି ହେଲେ ହେଁ, ଆର୍ଥିକ ମଜୁରି, ପ୍ରକୃତ ମଜୁରି ଓ ପାରିଶ୍ରମିକ ମଧ୍ୟରେ ଫରକ ଅନେକ । କାମ ପାଇଁ ବଦଳରେ ଶ୍ରମଜୀବୀ ଆର୍ଥିକ ମଜୁରି ଉପାର୍ଜନ କରେ । କେବଳ ମଜୁରି ନୁହେଁ, ଅନ୍ୟ ସୁବିଧା ହାସଲରେ ଶ୍ରମଜୀବୀ ସ୍ଥଳେ ଏହା ପ୍ରକୃତ ମଜୁରି ରୂପେ ପରିଚିତ । ଆର୍ଥିକ ମଜୁରିର ବୃଦ୍ଧି ସଙ୍ଗେ ସଙ୍ଗେ ଖାଦ୍ୟ, ବସ୍ତ୍ର, ଗୃହାଦି ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ମୂଲ୍ୟ ଘଟିଲେ, ଶ୍ରମିକର 'ପ୍ରକୃତ ମଜୁରି' ବା କ୍ରୟ ଶକ୍ତି ବିପର୍ଯ୍ୟସ୍ତ ହୁଏ । ମଜୁରିର ଗାଏମୋଟ ମୁଦ୍ରା ମୂଲ୍ୟ, ପ୍ରଦତ୍ତ ଅର୍ଥ ଓ ତାର ପ୍ରଚଳିତ ବଜାର ମୂଲ୍ୟାନୁଯାୟୀ କ୍ରୟ ମୂଲ୍ୟର ହିସାବକୁ ନେଇ ସମ୍ପର୍କିତ

ମୂଳ। ମଜୁରିର ଏବଂବିଧ ସ୍ୱରୂପଗତ ପାର୍ଥକ୍ୟ ବ୍ୟତୀତ ମଜୁରି ପ୍ରଦାନ ହାରରେ ମଧ୍ୟ ଫରକ ରହିଛି। ତାହା ହେଉଛି ଦୁଇ ପ୍ରକାରର ଯଥା : ସମୟ ହାର ଓ ଖଣ୍ଡ ହାର। ନିରୂପିତ କାର୍ଯ୍ୟ ସମୟ ମଧ୍ୟରେ ଶ୍ରମ ସମ୍ପାଦନ ପାଇଁ ସମୟ ଭିତ୍ତିରେ ପ୍ରଦତ୍ତ ମଜୁରି ସମୟ ହାର ଓ ନିର୍ଦ୍ଦିଷ୍ଟ ପରିମାଣର ଉତ୍ପାଦନ ବା କାମ ପାଇଁ ଖଣ୍ଡ ହାରରେ ପ୍ରଦତ୍ତ ମଜୁରି 'ଖଣ୍ଡ ମଜୁରି' ହାର କୁହାଯାଏ।

ମଜୁରି ଏକ ଦୁଇଧାର ଥିବା ଭୁଜାଲି। ନାଯ୍ୟ କାମ ପାଇଁ ନାଯ୍ୟ ମଜୁରିର ପ୍ରବଞ୍ଚନା ଏକ ଦିଗରୁ ଶ୍ରମଜୀବୀ ଜନତାର ଆର୍ଥିକ ସ୍ଥିତିକୁ ଅଧିକ କବଳିତ କରିବା ସଙ୍ଗେ ସଙ୍ଗେ ଉତ୍ପାଦନ, ମୂଲ୍ୟ ନିର୍ଦ୍ଧାରଣ ଓ ଅର୍ଥନୈତିକ ସମତାକୁ ବିଘ୍ନିତ କରେ। ଅପର ଦିଗରୁ ଅଧିକ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟବୃଦ୍ଧି ତଥା ଶିଳ୍ପ ଅର୍ଥନୀତିର ବିକାଶ ପ୍ରଭାବିତ କରେ ମଧ୍ୟ। ମଜୁରି ନୀତି ନିର୍ଣ୍ଣୟ ଓ ନିୟନ୍ତ୍ରଣ ବିଶ୍ୱ ଅର୍ଥନୀତିର ଏକ ଜଟିଳ ଓ ଜ୍ୱଳନ୍ତ ପ୍ରସଙ୍ଗ। ଅର୍ଥନୀତିଜ୍ଞ ଓ ସମାଜ ବିଜ୍ଞାନୀଗଣ ମଜୁରି ସମସ୍ୟାର ସମ୍ଭାବନା ଓ ସମାଧାନ ନିମନ୍ତେ ଯେଉଁ କେତୋଟି ସୁପରିଚିତ 'ମଜୁରି ତତ୍ତ୍ୱ' ଅବତାରଣା କରିଛନ୍ତି, ସେ ସମ୍ପର୍କରେ ଏଠାରେ କିଛି ବୁଝାଇବା ଦରକାର।

## (କ) ଗୁଜୁରାଣ ଭିତ୍ତିକ ମଜୁରି :

ଏହି ତତ୍ତ୍ୱର ପ୍ରବକ୍ତା ଇଂରେଜ ଅର୍ଥନୀତି ବିଶାରଦ ଡେଭିଡ୍-ରିକାର୍ଡୋ ତାଙ୍କର ଜୀବନ କାଳ ୧୭୭୨ରୁ ୧୮୨୩ରେ ପ୍ରତିପାଦିତ କଲେ। ତାଙ୍କ ପ୍ରବର୍ତ୍ତିତ ଏହି ତତ୍ତ୍ୱ ଧାରା "ମଜୁରିର ଲୌହ ନିୟମ" ରୂପେ ବିଦିତ। ତାଙ୍କ ମତରେ ଅତ୍ୟାବଶ୍ୟକୀୟ ଗୁଜୁରାଣ ପାଇଁ ଯୋଗ୍ୟ ବ୍ୟବହାରଠାରୁ "ପ୍ରକୃତ ମଜୁରି" ଯଦି ଅଧିକ ହୁଏ, ତେବେ ଖାଦ୍ୟ ଓ ଅନ୍ୟାନ୍ୟ ଅପରିହାର୍ଯ୍ୟ ବସ୍ତୁର ଉତ୍ପାଦନ ହାର ତୁଳନାରେ, ଜନ ସଂଖ୍ୟା ବୃଦ୍ଧି ପ୍ରମାଣତଃ ମାତ୍ରାଧିକ ହାରରେ ପର୍ଯ୍ୟବେଶିତ ହେବ। ଫଳରେ ଜନ ବିସ୍ଫୋରଣ ଯୋଗୁଁ କାର୍ଯ୍ୟ ପ୍ରାର୍ଥୀ ଶ୍ରମଜୀବୀଙ୍କ ସଂଖ୍ୟା ଦ୍ୱିଗୁଣିତ କରିବା ସଙ୍ଗେ ସଙ୍ଗେ, 'ଶ୍ରମ ଯୋଗାଣ' ସମ୍ଭାବନା ପରେ ସ୍ୱତଃ ଚାପ ପକାଇବ ଏବଂ ପରିଶେଷରେ ଗୁଜୁରାଣ ଭିତ୍ତିକ–ମଜୁରି ପ୍ରଦାନ କ୍ଷେତ୍ରରେ ଚାପ ଓ ପ୍ରତିଯୋଗିତା ସୃଷ୍ଟି କରିବ ମଧ୍ୟ। ତେଣୁ 'ପ୍ରକୃତ ମଜୁରି'ର ପ୍ରଗତି ଏକ ସାମୟିକ ବା ଅନ୍ତର୍ବର୍ତ୍ତୀକାଳୀନ ତରିକା ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ରିକାର୍ଡୋଙ୍କ ଅଭିମତ। ଦାବୀ ଓ ସରବରାହ ଉଭୟର ପ୍ରତିକ୍ରିୟା ଏବଂ ସମନ୍ୱୟ ସମ୍ପର୍କୀୟ ବିଶ୍ୱବିସ୍ତୃତ ଅର୍ଥନୀତି ବିଶାରଦ ଆଦମ ସ୍ମିଥ୍‌ଙ୍କ ମତାମତକୁ ଗ୍ରହଣ କରୁଥିଲେ ମଧ୍ୟ, ବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଚାପ ହେତୁ ଗୁଜୁରାଣ ଭିତ୍ତିକ ମଜୁରି ଧାରା ସ୍ୱତଃ ପ୍ରମାଣିତ ହେବ ବୋଲି ତାଙ୍କର ଗଭୀର ଆସ୍ଥା ପ୍ରତ୍ୟୟ ଥିଲା। ରିକାର୍ଡୋଙ୍କ ଏବଂବିଧ ତତ୍ତ୍ୱ ସେତେବେଳର ପଶ୍ଚିମ ୟୁରୋପ ଭଳି ବର୍ତ୍ତମାନ ସମ୍ପ୍ରତି ଏସିୟ ଓ ଆଫ୍ରିକୀୟ ଜନବହୁଳ ରାଷ୍ଟ୍ରରେ ପ୍ରୟୋଗର ଅପେକ୍ଷା କରେ। ଚଳିତ ଶତାବ୍ଦୀର, ଔଦ୍ୟୋଗିକ ପ୍ରକ୍ରିୟା ଓ ଦକ୍ଷତାର ଦ୍ରୁତ ପ୍ରଗତି, ଯାନ୍ତ୍ରିକ ବିକାଶ, ଅଧିକ ଶ୍ରମ ବିନିମୟ, ଶିକ୍ଷା, ସ୍ୱାସ୍ଥ୍ୟ, କାର୍ଯ୍ୟ କୌଶଳ ଏବଂ ଦକ୍ଷତାର ପ୍ରଶଂସନୀୟ ଅଭିବୃଦ୍ଧି ଯୋଗୁଁ କେତେକ ବିକାଶଶୀଳ ରାଷ୍ଟ୍ରରେ ଜନସଂଖ୍ୟାର ମଛର ଅଭିବୃଦ୍ଧି ହାର ତୁଳନାରେ ଉତ୍ପାଦନ ହାର ବୃଦ୍ଧି ସମ୍ଭବ ହେବା ସଙ୍ଗେ ସଙ୍ଗେ ସେ ଦେଶର ଅଗଣିତ ଶ୍ରମଜୀବୀଙ୍କ ପ୍ରଚଳିତ ଗୁଜୁରାଣ ଭିତ୍ତିକ ମଜୁରି ହାରର ବୃଦ୍ଧି ସାଧନର ସୀମା ଓ ସମ୍ଭାବନାକୁ ଆଖିଦୃଶିଆ ଭାବେ ସମ୍ପ୍ରସାରିତ କରିଛି। ଏହା ଅସ୍ୱୀକାର କରିବାର ନୁହେଁ।

## (ଖ) ମଜୁରି ପାଣ୍ଠି ଧାରା :

ଇଂରେଜ ଅର୍ଥନୀତି ବିଶାରଦ ଜନ୍ ଷ୍ଟୁଆର୍ଟମିଲ୍ ଏହି ତତ୍ତ୍ୱର ପ୍ରବର୍ତ୍ତକ ତାଙ୍କ ମତରେ କେବଳ ମଜୁରି ହାର ନିର୍ଣ୍ଣୟ ନୁହେଁ, ତାର ପ୍ରଦାନ ତତୋଧିକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରସଙ୍ଗ। ଏଥିପାଇଁ ପାଣ୍ଠିର ଆବଶ୍ୟକତା ଓ ଭୂମିକା ସର୍ବାଦୌ ବିଚାରଣୀୟ। ସ୍ୱଳ୍ପ ମିଆଦୀ ଭିତ୍ତିରେ ପାଣ୍ଠି ବିନିଯୋଗ ଦୁସାଧ୍ୟକର ନହେଲେ ବି, ପ୍ରତିଷ୍ଠାପନ, ସଞ୍ଚାଳନା ତଥା ଯନ୍ତ୍ର, ଅନ୍ୟାନ୍ୟ ଉତ୍ପାଦନକାରୀ ହାତ ହତିଆର, ସମ୍ପ୍ରସାରଣ, ଜୀବନକ୍ଷଣ ଉତ୍ତରଣାଦି ଦୃଷ୍ଟିରୁ ପାଣ୍ଠି ବିନିଯୋଗ ଓ ବ୍ୟୟ ଏକ ଜଟିଳ ବିଷୟ। ଏହାର ସୁସଂହତ ଆବେଦନ ବିନା ସ୍ଥାୟୀ ମଜୁରିର ସ୍ୱାସ୍ଥ୍ୟରକ୍ଷା ଏକ ଦୁରୂହ ବ୍ୟାପାର। ଭୂମିର ଆକୃତି ବଡ ହେଲେ ତହିଁରୁ ପୁଞ୍ଜି ଓ ଶ୍ରମର ଭାଗ ଅନୁରୂପ ଭାବେ ବେଶୀ ହେବା ସ୍ୱାଭାବିକ। ଏଣୁ ମଜୁରି ପାଣ୍ଠିକୁ ଦୀର୍ଘ ମିଆଦୀ ଭିତ୍ତିରେ ବଳିଷ୍ଠ ଏବଂ ପର୍ଯ୍ୟାପ୍ତ କରିବା ବିଧେୟ। ଏହି ତତ୍ତ୍ୱ ଅନୁଯାୟୀ ପୁଞ୍ଜି ବା ପାଣ୍ଠିର ଅଭିବୃଦ୍ଧି ନତୁବା ଅତ୍ୟାଧୁନିକ ପ୍ରଯୁକ୍ତି କୌଶଳର ପ୍ରୟୋଗ ହେତୁ ଶ୍ରମ ଶକ୍ତିର ହ୍ରାସ ସତ୍ତ୍ୱେ, ମଜୁରିର ସାଧାରଣ ହାରରେ ବୃଦ୍ଧି ସମ୍ଭବ ବୋଲି ମିଲ୍‌ଙ୍କର ଯୁକ୍ତି ଏକାନ୍ତ ବଳିଷ୍ଠ। ଏହି ତତ୍ତ୍ୱର ବ୍ୟବହାରିକ ସାର୍ଥକତା ନେଇ କେତେକ ମତାନ୍ତର ଓ ବ୍ୟତିକ୍ରମ ସର୍ବଜନବିଦିତ, ଯେଣୁ ନାନା ମୁନିଙ୍କର ନାନା ମତ। ତା'ଛଡ଼ା ମଜୁରି ପ୍ରଦାନ ନିମିତ୍ତ ଏକ ନିର୍ଦ୍ଦିଷ୍ଟ ସମୟରେ ଉଦ୍ଦିଷ୍ଟ ପାଣ୍ଠି ବା ଅର୍ଥ ସର୍ବଦା ସମାନ ବା ସ୍ଥିତିଶୀଳ ନୁହେଁ। ସେହିଭଳି ଥରେ ନିର୍ଦ୍ଧାରିତ ବା ବନ୍ଦବସ୍ତର ମଜୁରି ହାର ଏକ ସ୍ଥାୟୀ ବନ୍ଦୋବସ୍ତ ନୁହେଁ। ସର୍ବୋପରି କୌଣସି ପ୍ରକ୍ରିୟାରେ କେତେ ଶ୍ରମଜୀବୀ ନିଯୁକ୍ତ ହେବେ, ତାହା ଉତ୍ପାଦିତ ଦ୍ରବ୍ୟର ଚାହିଦା ଉପରେ ମୁଖ୍ୟତଃ ପର୍ଯ୍ୟବେଶିତ ଏ ସବୁ ଦିଗଗୁଡ଼ିକ ଆପଣାର ସୀମା ସରହଦ ଭିତରେ ସୀମିତ ଏବଂ ଗତ୍ୟାସକ୍ତ। କୌଣସି ଦେଶରେ କେଉଁ ପରିପ୍ରେକ୍ଷୀରେ ପ୍ରଚଳିତ "ପ୍ରକୃତ ମଜୁରି"ର ସ୍ତର ବୃଦ୍ଧିକ୍ଷମ, ତାହା ସେ ଦେଶର ରାଷ୍ଟ୍ରୀୟ ଆୟରୁ "ଶ୍ରମିକର ଅଂଶ" ପ୍ରାପ୍ତି, ପୁଞ୍ଜି ବୃଦ୍ଧି, ଜନ ବିସ୍ଫୋରଣ ତଥା ବର୍ଦ୍ଧିତ ଜନଶକ୍ତିର ସଫଳ ଶ୍ରମ ବିନିଯୋଗ ଏବଂ ଉତ୍ପାଦନ ସମ୍ପ୍ରସାରଣ ଉପରେ ମଧ୍ୟ ଉଣାଧିକେ ନିର୍ଭର କରେ।

## (ଗ) ପ୍ରାନ୍ତସ୍ଥ ଉତ୍ପାଦିକା ତତ୍ତ୍ୱ :

ଚଳିତ ଶତାବ୍ଦୀର ପ୍ରାରମ୍ଭରୁ ଅତ୍ୟନ୍ତ ବହୁଳ ଚର୍ଚ୍ଚିତ ଏହି ସିଦ୍ଧାନ୍ତ ଅନୁଯାୟୀ ଜଣେ ନିଯୋକ୍ତା ସେ ଯାବତ୍ ଅଧିକ ଶ୍ରମଜୀବୀଙ୍କୁ ନିଯୁକ୍ତି ଦେବାରେ ସ୍ୱତଃ ପ୍ରଣୋଦିତ ହେଉଥିବ,ଯେତେବେଳଯାଏ ସେ ମଜୁରି ବାବଦରେ ଦେୟ ଅର୍ଥଠାରୁ ଉତ୍ପାଦିତ ଦ୍ରବ୍ୟ ବିକ୍ରୟ ଅର୍ଥରୁ ଅଧିକ ଅର୍ଥ ଆୟ କରୁଥିବ। ଏହି ସୀମା ଅତିକ୍ରମଣ

ଉଭାରେ ଅଧିକ ନିଯୁକ୍ତି ଅବକାଶ ବାରାଣ୍ଡରରେ ନିଯୋକ୍ତା ପାଇଁ ଅଧିକ ଆର୍ଥିକ ଦାୟ ଓ ବ୍ୟୟ ଭାରର କାରଣ ରୂପେ ପ୍ରତୀୟମାନ ହୁଏ । ଏହି ସିଦ୍ଧାନ୍ତ ଚାହିଦା ଓ ସରବରାହ ତତ୍ତ୍ୱ ଉପରେ ଆଧାରିତ ଯାହା ଶ୍ରମର ଚଳତ ଶକ୍ତି ଦ୍ୱାରା ମଧ୍ୟ ପ୍ରଭାବିତ । ଫଳରେ ମିଳୁଥିବା କାର୍ଯ୍ୟରେ ଶ୍ରମ ନିରତଙ୍କ ନ୍ୟାଯ୍ୟ ମଜୁରି ହାରଠାରୁ କମ୍ ହାରରେ, ସେହି କାର୍ଯ୍ୟ କରିବା ପାଇଁ କାର୍ଯ୍ୟଦକ୍ଷ ବେକାର ଶ୍ରମଜୀବୀମାନେ ଆଗ୍ରହ ସ୍ୱତଃ ପ୍ରକାଶ କରନ୍ତି । ତା' ସତ୍ତ୍ୱେ ଏହା ସତ୍ୟ ଯେ ନିଯୁକ୍ତି – ଶକ୍ତିର ଉପଯୁକ୍ତ ବିନିଯୋଗ ପରେ, ଅଧିକ ଶ୍ରମଜୀବୀଙ୍କୁ ନିଯୁକ୍ତି ଦେବାବେଳେ, ସେମାନଙ୍କ ଶ୍ରମ ଜନିତ ଉତ୍ପାଦନର ମୂଲ୍ୟ, ଦେୟ ମଜୁରିଠାରୁ ଅଧିକ ନତୁବା ସମତୁଲ କି ନୁହେଁ ତାହାର ସଠିକ୍ ମୂଲ୍ୟାୟନ କରାଯିବା ଉଚିତ । ନହେଲେ ଗୋଡ଼ା ମାଡ଼େ ଯେତେ ଛିଡ଼େ ସେତେ, ଏହି ପରିମାଣ ସମ୍ପୃକ୍ତ ପ୍ରତିଷ୍ଠାନର ଆର୍ଥିକ ସ୍ଥିତିକୁ ବିପର୍ଯ୍ୟସ୍ତ କରିବା କିଛି ବଡ଼ କଥା ନୁହେଁ ।

## (ଘ) ଦର ଦସ୍ତୁର ସିଦ୍ଧାନ୍ତ :

ସାମ୍ପ୍ରତିକ ବିଶ୍ୱର ବହୁ ପୁଞ୍ଜିବାଦୀ ଓ ଗଣତନ୍ତ୍ର ଅଙ୍ଗୀକୃତ ରାଷ୍ଟ୍ରରେ ଏହି ସିଦ୍ଧାନ୍ତର ପ୍ରବର୍ତ୍ତନ ଏବେ ବି ବାରାଣ୍ଡରରେ ଅପ୍ରତିହତ । ଏହି ତତ୍ତ୍ୱାନୁଯାୟୀ ମଜୁରିର ସର୍ବୋଚ୍ଚ ଓ ସର୍ବନିମ୍ନ ଦୁଇଟି ସ୍ତର ଅନ୍ତର୍ଭୁକ୍ତ । ଏହି ଦୁଇ ସୀମା ସରହଦ ମଧ୍ୟରେ ମଜୁରିର ପ୍ରକୃତ ହାର କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ନିମିତ୍ତ ନିଯୋକ୍ତାଙ୍କର ନିର୍ଦ୍ଦିଷ୍ଟ ସଂଖ୍ୟକ ଶ୍ରମଜୀବୀଙ୍କ ଜରୁରୀ ଚାହିଦା ଏବଂ ସେହି କାର୍ଯ୍ୟ ପ୍ରସ୍ତାବିତ ସର୍ତ୍ତାବଳୀ ଅନୁଯାୟୀ ଜୀବନର ଅତ୍ୟାବଶ୍ୟକୀୟ ଗୁଜୁରାଣ ମେଣ୍ଟାଇବା ପାଇଁ ତାହା ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ଶ୍ରମିକଙ୍କର ସ୍ପୃହା ଏବଂ ସ୍ୱୀକୃତି ଉପରେ ପ୍ରାୟତଃ ପର୍ଯ୍ୟବେଶିତ ହୋଇଥାଏ । ଏତାଦୃଶ ନିର୍ଦ୍ଧାରିତ ମଜୁରି ହାର ମୁଖ୍ୟତଃ ନିଯୋକ୍ତା ଓ ନିଯୁକ୍ତ ବ୍ୟକ୍ତିଙ୍କ ସାମୂହିକ ସୌଦାଗରୀ ବା ଦର ଦସ୍ତୁର ସାମର୍ଥ୍ୟ ଉପରେ ନିର୍ଭର କରେ । ଏକ ଦିଗରୁ ଏହା ସମ୍ପୃକ୍ତ ନିଯୋକ୍ତାଙ୍କର ଆର୍ଥିକ ସ୍ୱଚ୍ଛଳତା ସମେତ ଔଦ୍ୟୋଗିକ ପ୍ରତିଷ୍ଠାନର ସଂବୃଦ୍ଧି, ଉତ୍ପାଦିତ ଦ୍ରବ୍ୟର ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବା ସାମର୍ଥ୍ୟ ଆଦି ଉପରେ ଭରା ଦେଉଥିବା ବେଳେ; କ୍ରମବର୍ଦ୍ଧିଷ୍ଣୁ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ମୂଲ୍ୟସୂଚୀ ଏବଂ ସେଥିଯୋଗୁଁ ସମ୍ପୃକ୍ତ ଶ୍ରମଜୀବୀଙ୍କ ଜୀବନ ଯାପନ ଦୁରୂହ ସମସ୍ୟା ଅପର ଦିଗରେ ମଜୁରି ବୃଦ୍ଧି ପାଇଁ ତୀବ୍ର ଚାପ ଓ ପ୍ରତିରୋଧ ସୃଷ୍ଟି କରେ । ବହୁ କ୍ଷେତ୍ରରେ ତପେ ବର ନୋହିଲେ କୋପେ ବର ପ୍ରକ୍ରିୟାରେ ଏହା ଔଦ୍ୟୋଗିକ ସମ୍ପର୍କକୁ କଳୁଷିତ କରିବା ସଙ୍ଗେ ସଙ୍ଗେ ଶିଳ୍ପ ଶାନ୍ତି ଓ ଉତ୍ପାଦନ ପ୍ରକ୍ରିୟାକୁ ବ୍ୟାହତ ଏବଂ ବିଘ୍ନିତ କରେ । ଶ୍ରମ ବିଶୃଙ୍ଖଳାର ଏବଂବିଧ ବହୁ କାରଣ ମଧ୍ୟରୁ ମଜୁରି ବୃଦ୍ଧି ମୁଖ୍ୟ ଓ ମୂଳ କାରଣ – ଏହା ସର୍ବଜନ ସ୍ୱୀକୃତ ।

## (ଙ) କ୍ରୟ ଶକ୍ତି ସିଦ୍ଧାନ୍ତ :

ଏହି ଅର୍ଥନୈତିକ ତତ୍ତ୍ୱାନୁଯାୟୀ ଶିଳ୍ପୋଦ୍ୟୋଗର ସଂବୃଦ୍ଧି, ତାର ଉତ୍ପାଦିତ ଦ୍ରବ୍ୟର ପର୍ଯ୍ୟାପ୍ତ ଚାହିଦା ସମେତ ବଜାରରେ ଯୁକ୍ତି ସଙ୍ଗତ ହାରରେ ବିକ୍ରୟ ପାଇଁ ଯଥେଷ୍ଟ ଅବକାଶ ଉପରେ ମୁଖ୍ୟତଃ ନିର୍ଭର କରେ । ସାଧାରଣ ଖାଉଟୀଙ୍କ ମଧ୍ୟରେ ଅଧିକାଂଶ ଅଟନ୍ତି ଶ୍ରମଜୀବୀ । ଏଣୁ ମଜୁରି ତଥା ଶ୍ରମଜୀବୀଙ୍କର କ୍ରୟ ଶକ୍ତି ବୃଦ୍ଧି ହେଲେ, ଉତ୍ପାଦିତ ଦ୍ରବ୍ୟର ବିକ୍ରୟ ସହଜ ଓ ସୁଗମ ହେବ ବୋଲି ଏହି ସିଦ୍ଧାନ୍ତର ଦୃଢ଼ ଅବଧାରଣା । ଅନ୍ୟ ଭାଷାରେ କହିଲେ, ପ୍ରଦତ୍ତ ମଜୁରି ହାର ନ୍ୟୁନତମ ଓ ସେଥିଯୋଗୁଁ କ୍ରୟ ଶକ୍ତି ହ୍ରାସ ପାଇଲେ, ଉତ୍ପାଦିତ ଦ୍ରବ୍ୟର ଚାହିଦା, ସରବରାହ ଏବଂ ବିକ୍ରି ଦୟନୀୟ ଭାବେ ହ୍ରାସ ପାଇବା ଏକ ବ୍ୟାମିତିକ ପ୍ରତିପାଦନ । ଏହା ଫଳରେ ଶିଳ୍ପ ନିଯୁକ୍ତିର ସମ୍ପ୍ରସାରଣ ଦୂରର କଥା ସଙ୍କୋଚନ ଅବଶ୍ୟମ୍ଭାବୀ ଫଳରେ ଔଦ୍ୟୋଗିକ ଅର୍ଥନୀତିର ଦୁରାବସ୍ଥା ଏବଂ ବେକାରୀ ସମସ୍ୟାର ଗୁରୁ ବୋଝ ରାଷ୍ଟ୍ର ମଥାକୁ ଟେକି ଦେବ କେବଳ । ମଜୁରି ସମ୍ପର୍କୀତ ଅନ୍ୟ ତତ୍ତ୍ୱ ଭଳି, ଏହି ସିଦ୍ଧାନ୍ତ ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ଯାଏ ଖୁବ୍ ଜୀବନକ୍ଷମ । ଏଭଳି ପରିପ୍ରେକ୍ଷୀ ଅଛି ଯେଉଁଠି ଏ ସିଦ୍ଧାନ୍ତ ବାସ୍ତବ ରୂପାୟନରେ ସଠିକ୍ କାମ ଦିଏ ନାହିଁ । ଏହା ଭୁଲିଯିବା ଅନୁଚିତ ଯେ – ଆଦର୍ଶଗତ ସାଧନା ଦୃଷ୍ଟିରୁ ମଜୁରି ବୃଦ୍ଧି, ସମାନୁପାତରେ ଉତ୍ପାଦନ ବୃଦ୍ଧି ସହ ସଙ୍ଗତି ହେବା ଚାହିଁ, ତା' ନହେଲେ ଶେଷ ପରିଣାମ "ଅତୋ ନଷ୍ଟ : ତତୋ ନଷ୍ଟ" ପ୍ରକ୍ରିୟାରେ ସୀମିତ ହେବା ଅବଶ୍ୟମ୍ଭାବୀ ।

## (ଚ) ଚାହିଦା ଓ ସରବରାହ ତତ୍ତ୍ୱ :

ଚାହିଦା ଜନ୍ମ ନିଏ ଯେତେବେଳେ ଜଣେ ଉପଭୋକ୍ତା ଏକ ନିର୍ଦ୍ଦିଷ୍ଟ ପଣ୍ୟ ବା ବସ୍ତୁଦ୍ରବ୍ୟ ପାଇଁ ଇଚ୍ଛୁକ ଓ ସମର୍ଥ ହୁଏ । ଏହା ଯେଉଁ ବିଭାବ ଉପରେ ନିର୍ଭର କରେ ତାହା ହେଉଛି, (୧) ସମ୍ପୃକ୍ତ ପଣ୍ୟ ପାଇଁ ଅଭିଳାଷ, (୨) ତାର ମୂଲ୍ୟ ପ୍ରଦାନ ପାଇଁ ଆର୍ଥିକ ସ୍ୱଚ୍ଛଳତା ଓ ସାମର୍ଥ୍ୟ ଏବଂ (୩) ମୂଲ୍ୟ ପ୍ରଦାନ ପାଇଁ ସ୍ୱୀକୃତ । ଏହା ଏକ ବିଷ ବଳୟ – ଏକେ ତ ପଣ୍ୟର ମୂଲ୍ୟ, ଅର୍ଥ ଉପାର୍ଜନ, ଶିକ୍ଷା ରୁଚି ପୁଣି ଅନ୍ୟ ସବୁ କିଛି ଅନୁରୂପ ଥିବା ସତ୍ତ୍ୱେ ଅଧିକ ଚାହିଦା ବହୁ କ୍ଷେତ୍ରରେ ଅଧିକ ମୂଲ୍ୟ ଓ କମ୍ ଚାହିଦା ମୂଲ୍ୟ ହ୍ରାସର କାରଣ ହୁଏ । କେବଳ ପର୍ଯ୍ୟାପ୍ତ ମଜୁରି ନୁହେଁ, ମଜୁରିର ପ୍ରକୃତି ଓ କ୍ରୟ ଶକ୍ତିର ଏକ ପ୍ରଚ୍ଛନ୍ନ ପ୍ରଭାବ ଏହି ତତ୍ତ୍ୱର ପଛ ପରିଣତି ଫଳଶ୍ରୁ ।

ଆଦମ୍ ସ୍ମିଥ୍‌ଙ୍କ ପ୍ରବର୍ତ୍ତିତ ଏହି ତତ୍ତ୍ୱାନୁଯାୟୀ ଚାହିଦା ଓ ସରବରାହକୁ ଭିତ୍ତି କରି ଯଦି ମଜୁରି ନିର୍ଦ୍ଧାରଣ କରାଯାଏ, ତେବେ ଉଚ୍ଚତମ ମଜୁରି ପାଇଁ ସମ୍ପୃକ୍ତ ଶିଳ୍ପ ପ୍ରତିଷ୍ଠାନକୁ ଶ୍ରମଜୀବୀମାନେ ବିଶେଷ ଆକୃଷ୍ଟ ହେବେ । ଅପର ଦିଗରେ ଯେଉଁ ଅଳ୍ପ ଓ ଆର୍ଥିକ ଅଣସ୍ୱଚ୍ଛଳ ପ୍ରତିଷ୍ଠାନରେ ସେମାନଙ୍କର ଶ୍ରମଦାନ ଏକାନ୍ତ ଅପରିହାର୍ଯ୍ୟ, ତାହା ସେମାନେ ଅକ୍ଷମ ଦିଗରେ ପରିହାର କରିବେ । କାହାର ପୌଷ ମାସ, କାହାର ସର୍ବନାଶ – ଏହି ପ୍ରକ୍ରିୟାର ଅନ୍ୟ ଏକ ଅନୁଦାର ଦାନ ବୋଲି ସ୍ମିଥ୍‌ଙ୍କର ମତ ନିର୍ଣ୍ଣୟ । ଏହା ସତ୍ତ୍ୱେ ଶ୍ରମ ଶକ୍ତିର ସମୁଚିତ ବିତରଣ ତଥା ରାଷ୍ଟ୍ରୀୟ ଅର୍ଥନୀତିର ପୁନରୁଦ୍ଧାର ଓ ବିକାଶ ଦୃଷ୍ଟିରୁ ଏହି ତତ୍ତ୍ୱ ସର୍ବାଦୌ କରଣୀୟ । ଉପରୋକ୍ତ ଛଅଟି ସିଦ୍ଧାନ୍ତ ବ୍ୟତୀତ

ଆନ୍ତର୍ଜାତୀୟ ଅର୍ଥନୀତିଜ୍ଞ ଓ୍ୱିଲ୍‌କର ଏବଂ ଟାଉସିଂଙ୍କର ମଜୁରି ସମ୍ପର୍କିତ ଦ୍ୱିତୀୟ ତତ୍ତ୍ୱ ମଧ୍ୟରେ ରହିଛି । ସେ ସବୁ ସବିଶେଷ ଆଲୋଚନା କଲେ ପୋଥିଏ ହେବ ।

ଅନେକ ମୁନିଙ୍କର ନାନା ମତ : ଯେଉଁଳି ଯେତେ କସଲ ସେତେ ଅଭିମତ । ଏହି ପୃଷ୍ଠ ଭୂମିରେ ଆମର ରାଷ୍ଟ୍ରୀୟ ମଜୁରି ନୀତିର ସ୍ୱରୂପ ଏବଂ ଉତ୍ତରଣ ସମ୍ପର୍କରେ କିଛି ଆଲୋକ ଆଲୋଚନା ଏଠାରେ ଅପରିହାର୍ଯ୍ୟ । ଶିଳ୍ପ ଶ୍ରମିକଙ୍କ ମଜୁରି ମାନ ୧୯୪୮ ମସିହାରେ ଉଚିତ ମଜୁରି ମାନ ନିର୍ଣ୍ଣୟ କମିଟି ନିଶ୍ଚିତ ଏକ ତିନି ଥାକିଆ ପଦ୍ଧତିରେ ସୀମିତ । ତାହା ଏହିଭଳି :

(କ) ସର୍ବନିମ୍ନ ମଜୁରି

ଜୀବନ ଧାରଣ ପାଇଁ ସର୍ବନିମ୍ନ ଆବଶ୍ୟକତା ବା ଗୁଜୁରାଣ ଭରଣ ପୋଷଣ ଏବଂ ସମ୍ପୃକ୍ତ ଶ୍ରମଜୀବୀଙ୍କର କାର୍ଯ୍ୟ ଦକ୍ଷତା ସଂରକ୍ଷଣରେ ସମର୍ଥ ହେବା ବିଧେୟ । ସର୍ବନିମ୍ନ ମଜୁରି ନିର୍ଣ୍ଣୟ ପରିପ୍ରେକ୍ଷୀରେ ଏହା ସମ୍ପୃକ୍ତ ଶ୍ରମଜୀବୀ ଓ ତାର ପୋଷ୍ୟବର୍ଗଙ୍କ ଶିକ୍ଷା, ଡାକ୍ତରୀ ଚିକିତ୍ସା ବ୍ୟୟକୁ ବିଚାର ନେବା ଆବଶ୍ୟକ । ଏହା ଶ୍ରମଜୀବୀର ଜୀବନ ଧାରଣ ପାଇଁ ନ୍ୟୂନତମ ମଜୁରି ହୋଇଥିବା ହେତୁ, ନଦେଇ ପାରିବାର ଆର୍ଥିକ ଅକ୍ଷମତା ଆଳ ଗ୍ରହଣୀୟ ନୁହେଁ ଏବଂ ସର୍ବନିମ୍ନ ମଜୁରିରୁ ବଞ୍ଚିତ କରି, ଶ୍ରମ ନିଷ୍କାସନ ଓ ଶୋଷଣ ସର୍ବସ୍ୱ ପ୍ରକ୍ରିୟାରେ ସଂପୃକ୍ତ ଶିଳ୍ପ ପ୍ରତିଷ୍ଠାନର ବଞ୍ଚି ରହିବାର ଅଧିକାର ସମ୍ପୃକ୍ତ ନିଯୋକ୍ତା ବା ପ୍ରତିଷ୍ଠାନର ନାହିଁ ବୋଲି ଭାରତର ସର୍ବୋଚ୍ଚ ନ୍ୟାୟାଳୟର ସ୍ପଷ୍ଟ ନିର୍ଦ୍ଦେଶ ରହିଛି ।

(ଖ) ଜୀବିକା କ୍ଷମ ମଜୁରି

ଶ୍ରମଜୀବୀ ଓ ତାର ପରିବାରବର୍ଗଙ୍କର କେବଳ ଜୀବନଧାରଣୀୟ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା, ସାମାଜିକ ଆବଶ୍ୟକତା ଏବଂ ବୃଦ୍ଧାବସ୍ଥାରେ ସାମାଜିକ ସୁରକ୍ଷାଦି ଏହି ମଜୁରି ହାରର ଅଧାର ।

(ଗ) ନ୍ୟାଯ୍ୟ ମଜୁରି

ଏହି ମଜୁରି ବିଚାର ତଳ ଫଳି ସର୍ବନିମ୍ନ ମଜୁରି ସମତୁଲ ଏବଂ ସବା ଉପର ଫଳି ଶିଳ୍ପର ପ୍ରଦାନ କ୍ଷମତା ଉପରେ ପର୍ଯ୍ୟବେଶିତ । ଏହା ଶିଳ୍ପର ତତ୍‌କାଳୀନ ଆର୍ଥିକ ସ୍ଥିତି ଓ ଆଗାମୀ ସମ୍ଭାବନାର ପରିପ୍ରେକ୍ଷୀରେ ଶ୍ରମିକର ଉତ୍ପାଦିକା ଶକ୍ତି, ସମାନ ଓ ସମତୁଲ ବୃତ୍ତି ଏବଂ ସଂସ୍ଥାରେ ପ୍ରଚଳିତ ମଜୁରି ହାର, ଜାତୀୟ ଆୟ ଓ ବଣ୍ଟନ ଏବଂ ତଥା ଜାତୀୟ ଅର୍ଥନୀତିରେ ସମ୍ପୃକ୍ତି ଔଦ୍ୟୋଗିକ ପ୍ରତିଷ୍ଠାନର ସ୍ଥିତି ଆଦି ଉପରେ ଆଧାରିତ ।

ଆମ ଦେଶରେ ପ୍ରବର୍ତ୍ତିତ ମଜୁରି ନିର୍ଦ୍ଧାରଣ ପଦ୍ଧତିକୁ ମୁଖ୍ୟତଃ ୨ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ, (୧) ଅଣ ସଙ୍ଗଠିତ ଓ ଅସଂଗଠିତ ବୃତ୍ତିରେ ଶ୍ରମ ନିରତ ପାଇଟିଆଳ ମଣିଷଙ୍କ ପାଇଁ ସର୍ବନିମ୍ନ ମଜୁରି ହାର ନିର୍ଦ୍ଧାରଣ । ଏହା ସର୍ବନିମ୍ନ ଅନୁଦାନ ଓ ପରାମର୍ଶକ୍ରମେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ ଏବଂ ସଂଶୋଧିତ ହୁଏ ।

(୨) ସଙ୍ଗଠିତ କ୍ଷେତ୍ରରେ ଶିଳ୍ପ ଶ୍ରମିକଙ୍କ ପାଇଁ ମଜୁରି ବୋର୍ଡ଼ ମଜୁରି ନିର୍ଦ୍ଧାରଣ ସରକାରଙ୍କ ଅର୍ଥନୈତିକ ଓ ସାମାଜିକ ନୀତି ଅନୁଯାୟୀ ନିର୍ଣ୍ଣୟ କରେ । ଏତଦ୍ କେନ୍ଦ୍ର ଓ ରାଜ୍ୟ ପ୍ରଶାସନ ଅଧୀନସ୍ଥ ଶ୍ରମ ନିରତ କର୍ମଚାରୀଙ୍କର ମଜୁରି ଓ ବେତନ ନିର୍ଦ୍ଧାରଣ ବେତନ ଆୟୋଗ ଦ୍ୱାରା ନିଶ୍ଚିତ ହୁଏ ।

ବହୁ କ୍ଷେତ୍ରରେ ନିଯୋକ୍ତା ଶ୍ରମିକ ଓ ଶ୍ରମ ସଙ୍ଗଠନ ମଧ୍ୟରେ ଯୌଥ ଚୁକ୍ତି ଏବଂ ଆପୋଷ ରାଜିନାମା ଫଳରେ ମଜୁରି ମହଙ୍ଗା ଭତ୍ତାଦି ନିର୍ଣ୍ଣୟ ଓ ସମାହିତ ହୁଏ । ଅନ୍ୟଥା ମଜୁରି ନିର୍ଦ୍ଧାରଣ ଏବଂ ସଂଶୋଧନ ଜନିତ ଦ୍ୱନ୍ଦ୍ୱ ଓ ବିବାଦ ଶିଳ୍ପ ବିବାଦ ଆଇନ୍ ୧୯୪୭ର ବିଧିବିଧାନ ଅନୁଯାୟୀ ଦ୍ୱିପାକ୍ଷିକ ଆପୋଷ ମିଳାମିଶା, ସ୍ୱେଚ୍ଛାକୃତ ମଧ୍ୟସ୍ଥିକରଣ ମାଧ୍ୟମରେ ସମାହିତ ହୁଏ । ଯେଉଁ କ୍ଷେତ୍ରରେ ଏଭଳି ସମାଧାନ ଉଦ୍ୟମ ବିଫଳ ହୁଏ, ସେ କ୍ଷେତ୍ରରେ ଦାବୀର ବୈଧତା ଏବଂ ଯଥାର୍ଥତାକୁ ଯାଇ, ଅସମାହିତ ମଜୁରି ବିବାଦକୁ ଶିଳ୍ପ ଓ ଶ୍ରମ ଅଦାଲତରେ ନ୍ୟାୟ ନିର୍ଣ୍ଣୟ ପାଇଁ ସମୁଚିତ ସରକାର ପ୍ରତିବେଦନ କରନ୍ତି ।

ଏତଦ୍ ବ୍ୟତୀତ ଦେୟ ମଜୁରିର ପ୍ରଦାନ ପଦ୍ଧତିକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ମଜୁରି ପ୍ରଦାନ ଆଇନ ୧୯୩୬ ସର୍ବନିମ୍ନ ମଜୁରି ଆଇନ ୧୯୪୮ ସମେତ କେତେକ ସ୍ୱତନ୍ତ୍ର ଶ୍ରମ ଆଇନର ବ୍ୟବସ୍ଥା ଆମ ଦେଶରେ ପ୍ରଚଳିତ ଓ ବଳବତ୍ତର ମଧ୍ୟ । ପ୍ରଚଳିତ ବ୍ୟବସ୍ଥା ଓ ବିବିଧ ପଦକ୍ଷେପ ସତ୍ତ୍ୱେ ମଜୁରି ନିର୍ଦ୍ଧାରଣ ପ୍ରସଙ୍ଗ ଏବେ ବି ଏକ ଜ୍ୱଳନ୍ତ ଏବଂ ଜଟିଳ ବହୁ ଶିକ୍ଷାୟତନରେ । ମଜୁରି ନିର୍ଦ୍ଧାରଣ – ନ୍ୟାୟ ନିର୍ଦ୍ଧାରଣ ପ୍ରକ୍ରିୟା ପାଇଁ ଏକ କଠିନ ବିଷୟ ମଧ୍ୟ । ସାମାଜିକ ନ୍ୟାୟ ତଥା ଜାତୀୟ ଅର୍ଥନୀତିର ଆବଶ୍ୟକତାନୁକ୍ରମେ ଶ୍ରମିକଙ୍କୁ ଜାତୀୟ ଆୟର ସମତୁଲ ଅଂଶ ପ୍ରଦାନ ସଙ୍ଗେ ସଙ୍ଗେ ସେମାନଙ୍କୁ ଉତ୍ପାଦନ ପ୍ରକ୍ରିୟାରେ ଅଧିକ ଓ ସକ୍ରିୟ ଶ୍ରମଦାନ କରିବା ପାଇଁ ସମର୍ଥ କରାଇବାର ଗୁରୁଦାୟ, ଶିଳ୍ପର ଆର୍ଥିକ ସ୍ଥିତି ଓ ପ୍ରଦାନ କ୍ଷମତାଦିର ସୁଷମ ନିର୍ଣ୍ଣୟ ମଜୁରି ନିର୍ଦ୍ଧାରଣର ଏକ ମୌଳିକ ମାନ ଓ ଦାୟ । ଏକ ଦିଗରୁ କାର୍ଯ୍ୟ ସଂଶ୍ଳିଷ୍ଟ କୌଶଳ, କାଠିନ୍ୟତା, ଅନୁଭୂତି, ତାଲିମ, ଦାୟିତ୍ୱ, ମାନସିକ ଓ ଦୈହିକ ସାମର୍ଥ୍ୟ, ସମତା, କାର୍ଯ୍ୟ ପ୍ରକ୍ରିୟାର ବୃତ୍ତିଗତ ବିପତ୍ତି କ୍ଳାନ୍ତି, ଅପର ଦିଗରୁ ମୂଲ୍ୟସୂଚୀର ସ୍ଥିତି ଆଦି ମଜୁରି ନିର୍ଦ୍ଧାରଣର ପରିମାପକ ଉପାଦାନ ରୂପେ ଆମ ଦେଶରେ ସର୍ବ ସ୍ୱୀକୃତ । କେବଳ ମଜୁରି ନିର୍ଦ୍ଧାରଣ ନୁହେଁ କ୍ରମବର୍ଦ୍ଧିଷ୍ଣୁ ମୂଲ୍ୟସୂଚୀ ସହ ସମତା ରକ୍ଷା ଶ୍ରମିକର ମଜୁରିର କ୍ରୟ ଶକ୍ତିକୁ ସମର୍ଥ କରିବା ପାଇଁ, ବର୍ଦ୍ଧିତ ମଜୁରି ଓ ମହଙ୍ଗା ଏବଂ ଅତିରିକ୍ତ ମହଙ୍ଗା ଭତ୍ତା ପ୍ରଦାନ ନୀତିଗତ ଭାବେ ଏବେ ବିବଦମାନ ପ୍ରସଙ୍ଗ ହୋଇ ନାହିଁ ।

ମଜୁରି ନୀତି ଓ ନିର୍ଦ୍ଧାରଣ ପ୍ରକ୍ରିୟା ସାମାଜିକ ଓ ଅର୍ଥନୈତିକ ନ୍ୟାୟର ସୀମା ସରହଦ ମଧ୍ୟରେ ଗତ୍ୟାପନ୍ନ ହେବା ବାଞ୍ଛନୀୟ । 'ପ୍ରକୃତ ମଜୁରି'ର ଆବଶ୍ୟକତା ଭିତ୍ତିକ ନ୍ୟାଯ୍ୟ ବୃଦ୍ଧି ଓ

ସଂଶୋଧନ ଏକ ଦିଗରୁ ଯେତିକି ଅପରିହାର୍ଯ୍ୟ ଅପର ଦିଗରୁ ଉତ୍ପାଦନ ହାରରେ ସମତୁଲ ବୃଦ୍ଧି ସ୍ପୃହଣୀୟ । ତେଣୁ ସୁସଂହତ ଏବଂ ଦୀର୍ଘ ମିଆଦି ଭିତ୍ତିକ ମଜୁରିହାର ନିର୍ଦ୍ଧାରଣ ପାଇଁ ଯେଉଁ ୩ଟି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ସଚେତ ଦୃଷ୍ଟି ଦେବା ବିଧେୟ ତାହା ହେଉଛି, (୧) ଶ୍ରମିକଙ୍କୁ ଉପଯୁକ୍ତ ଶ୍ରମଦାନ ନିମିତ୍ତ ନ୍ୟାଯ୍ୟ ପାରିଶ୍ରମିକ ପ୍ରଦାନ, (୨) ପୁଞ୍ଜି ପାଇଁ ସମତୁଲ ଓ ଯଥୋଚିତ ଲାଭ ଏବଂ ଦକ୍ଷତା ଓ ପ୍ରୋତ୍ସାହନକୁ ଅଧିକ ଉଜ୍ଜୀବିତ କରିବା । ଏହା ବ୍ୟତୀତ ଗୋଟିଏ ଶ୍ରେଣୀର ଶିଳ୍ପର ଆଞ୍ଚଳିକ ବୈଭେଦ୍ୟ, ବଜାର ଅବକାଶର ଫରକ, ପ୍ରଚଳିତ ମଜୁରି ହାର, ଦରଦାମ ପରିସ୍ଥିତି ମଧ୍ୟରେ ଯଥାସମ୍ଭବ ସଂହତି ଓ ସମନ୍ୱୟ ସ୍ଥାପନ ପ୍ରତି ଆଖି ବୁଜିଦେବାର ନୁହେଁ — ଯେଣୁ ଏ ସବୁର ଜାତୀୟ ଅର୍ଥନୀତି ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ କୁ ପ୍ରଭାବ ମଧ୍ୟ ଅଲଘନୀୟ ।

## ଇଚ୍ଛା ଥିଲେ ଉପାୟ ଥାଏ :

ଏକ ସଫଳ ମଜୁରି ନୀତି ରୂପାୟନ ପରିପ୍ରେକ୍ଷୀରେ ପ୍ରଚଳିତ ମଜୁରି ପ୍ରଦାନ ପ୍ରଣାଳୀ ଓ ପଦ୍ଧତି ସମେତ ଜାତୀୟ ଅର୍ଥନୀତିରେ ଶ୍ରମିକର ନ୍ୟାଯ୍ୟ ମଜୁରି ହାର ମାନ ନିର୍ଣ୍ଣୟ ଏକାନ୍ତ ଜରୁରୀ । ଏକ ଦିଗରୁ ଶ୍ରମିକଙ୍କ ଆର୍ଥିକ ନ୍ୟାୟ ଓ ପୁଞ୍ଜି ପ୍ରତି ସାମ ନ୍ୟାୟ ଏବଂ ଅପର ଦିଗରୁ ଖାଉଟୀଙ୍କ ପ୍ରତି ସୁବିଚାର ଏହି ତିନୋଟି ଜଟିଳ ପ୍ରସଙ୍ଗ ପ୍ରତି ଅବହେଳା ପ୍ରଦର୍ଶନ ବିନା ମଜୁରି ବା ମହଙ୍ଗା ଭତ୍ତା ପ୍ରଦାନ ଏବଂ ବୃଦ୍ଧି, ମୁଦ୍ରାସ୍ଫୀତିର ଘୂର୍ଣ୍ଣିବାତ୍ୟାର କାରଣ ହେବା ଅବଶ୍ୟମ୍ଭାବୀ । ଏହା ଅନୁଭୂତିର ଚେତାବନୀ ଆମ ସମସ୍ତଙ୍କ ପାଇଁ । "ନ୍ୟାଯ୍ୟ ମଜୁରି ପାଇଁ ନ୍ୟାଯ୍ୟ କାମ" ଆମ ରାଷ୍ଟ୍ରୀୟ ମଜୁରି ନୀତିର ମାନ ହେବା ସ୍ପୃହଣୀୟ । ଏହା ନିଯୋକ୍ତା ଶ୍ରମଜୀବୀ ବା ଶ୍ରମ ଓ ପୁଞ୍ଜିର ସାର୍ବଭୌମ ସ୍ୱାର୍ଥ ଦୃଷ୍ଟିରୁ ନୁହେଁ ପରନ୍ତୁ ସମଗ୍ର ଖାଉଟୀ ଗୋଷ୍ଠୀର ସ୍ୱାର୍ଥ ତଥା ଜାତୀୟ ଅର୍ଥନୀତିର ପ୍ରଗତି ଏବଂ ସମୃଦ୍ଧି ପାଇଁ ସର୍ବାଦୌ କରଣୀୟ । ଏହା ଭୁଲିଯିବା ଅନୁଚିତ ଯେ : ଶ୍ରମିକର ଆୟର ପନ୍ଥା ଓ ପାଥେୟ ହେଉଛି ଏଇ ମଜୁରି ଏବଂ ମଜୁରି ଉପରେ ହିଁ ତାର ଜୀବନ ଧାରଣର ମାନ ସ୍ଥିତି ନିର୍ଭର କରେ । ଏହା ଉତ୍ପାଦିକା ଶକ୍ତି, ମୂଲ୍ୟସୂଚୀ ଖାଉଟୀ ଦ୍ରବ୍ୟର ଚାହିଦା, ପୁଞ୍ଜି ଗଠନ, କର୍ମ ସଂସ୍ଥାନ, ଅର୍ଥନୈତିକ ବୈଷମ୍ୟ ଦୂରୀକରଣ ଓ ସାମାଜିକ ନ୍ୟାୟ ପ୍ରଦାନ ଦୃଷ୍ଟିକୋଣରୁ କିଭଳି ଗୁରୁତ୍ୱପୂର୍ଣ୍ଣ ତାହା ସହଜରେ ଅନୁମେୟ । ମଜୁରି ନିର୍ଦ୍ଧାରଣକୁ ପ୍ରଭାବିତ କରୁଥିବା ଆମ ଦେଶର ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ମଧ୍ୟରେ ଯୋଗାଣ ଓ ଚାହିଦା, ଜୀବନ ଧାରଣର/ମାନ, ପ୍ରଚଳିତ ହାର ଓ ଦର, ଜାତୀୟ ଅର୍ଥନୈତିକ ସ୍ଥିତି, ସାମାଜିକ ପରମ୍ପରା, କର୍ତ୍ତୃପକ୍ଷଙ୍କ ଅନୁସୃତ ପନ୍ଥା ଓ ଉପାୟ ଶ୍ରମ ସଙ୍ଗଠନର ଭୂମିକା ତଥା ଆବେଦନାଦି ଉଲ୍ଲେଖନୀୟ । ମଜୁରି ନିର୍ଦ୍ଧାରଣ ପରିପ୍ରେକ୍ଷୀରେ ନ୍ୟୂନତମ ଚାହିଦା, ପ୍ରଚଳିତ ମଜୁରି ହାର, ଦେଇପାରିବାର ଶକ୍ତି, ଶ୍ରମର ଉତ୍ପାଦିକା ଶକ୍ତି, ପ୍ରଚଳିତ ମୌଳିକ ବେତନ, ଜାତୀୟ ଆୟ ସ୍ତର ଓ ବଣ୍ଟନ ବ୍ୟବସ୍ଥା, ଦେଶର ଅର୍ଥନୀତିରେ ଶିଳ୍ପର ସ୍ଥାନ, ମୂଲ୍ୟସୂଚୀ, ସମାନ କାମ ପାଇଁ ସମାନ ମଜୁରି ପ୍ରଦାନ, ଆବଶ୍ୟକ ସ୍ଥଳେ ମଜୁରିଗତ ବ୍ୟବଧାନର ଆବଶ୍ୟକତା, ମଜୁରିର ସମନ୍ତରୀକରଣ, ମହଙ୍ଗା ପ୍ରଭାବର ବିମୋଚନ ପାଇଁ ଭତ୍ତା ପ୍ରଦାନ, ମୂଲ୍ୟସୂଚୀ ଭିତ୍ତିକ ମହଙ୍ଗାଭତ୍ତା ହାର ନିର୍ଦ୍ଧାରଣର ସୁବିଧା ମାନ ।

ମଜୁରି ସମ୍ପର୍କୀତ ନୀତି ନିର୍ଦ୍ଧାରଣ ଏକ ରାଷ୍ଟ୍ରୀୟ ଗୁରୁ ଦାୟ। ଏହି ଗୁରୁ ଦାୟ ସମ୍ପାଦନ ପରିପ୍ରେକ୍ଷୀରେ ଆମର ଭୁଲିବା ଅନୁଚିତ ଯେ : ଘର ପୋଡ଼ିରୁ କିଏ କେତେ ପାଇଲା, ତା' ଉପରେ ଆମର ସାମୂହିକ ଜୀବନର ସ୍ଥାୟୀ ସୁଖ ଶାନ୍ତି ନିର୍ଭର କରେ ନାହିଁ । ଏଥିପାଇଁ ଆମର ଦାୟ ଅନେକ କିଛି । ଗଣତାନ୍ତ୍ରିକ ପ୍ରକ୍ରିୟା, ବ୍ୟକ୍ତି ସ୍ୱାଧୀନତା, ଏକତା, ସମତା, ନିରାପତ୍ତା ଓ ସାମୂହିକ କଲ୍ୟାଣ ଆମ ରାଷ୍ଟ୍ରୀୟ ନୀତି ଓ ମୁଖ୍ୟ ଆଭିମୁଖ୍ୟ । ଆମେ ଅନ୍ଧ ନ୍ୟସ୍ତ ସ୍ୱାର୍ଥ ଏବଂ ଅବିଶ୍ୱାସ ଦୋଷୀ ପରଶ୍ରୀକାତରତାରୁ ସାଧ୍ୟମତେ ନିଜକୁ ସଂଯତ ଓ ନିବୃତ୍ତ କରିବା ଆବଶ୍ୟକ । ଶ୍ରମଜୀବୀ ଜନତାର ସ୍ୱାର୍ଥ ଏବଂ ସମାଜର ଅନ୍ୟ ଜନସାଧାରଣଙ୍କ ସ୍ୱାର୍ଥ ମଧ୍ୟରେ ଉଚ୍ଚକିତ ବୈଷମ୍ୟ ନିରାକରଣ ସହ ଭାରସାମ୍ୟ ସଂରକ୍ଷଣ, ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରଙ୍କ ସ୍ୱାର୍ଥର ସଂହତି ସମତା ସମେତ ପ୍ରଚଳିତ ଅର୍ଥନୈତିକ ଓ ସାମାଜିକ ଉଭୟବିଧ ପ୍ରଗତି ବଜାୟ ଏହି ପ୍ରଷ୍ଠଭୂମିରେ ଆମର ଏକ ଉଦାର ଆହ୍ୱାନ ଏବଂବିଧ ସ୍ୱାର୍ଥ ସମୂହ ସର୍ବଦା ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି, ପରନ୍ତୁ ପରସ୍ପର ପରିପୂରକ ଓ ପ୍ରତ୍ୟେକ ଅପରର ସାର୍ଥକ ସତୀର୍ଥ ଆମ ବିକାଶ ପ୍ରକ୍ରିୟାରେ ମଧ୍ୟ । ଆମେ ଦ୍ୱନ୍ଦ୍ୱ ଲେଖି ବିଗ୍ରହ ଆଲୋଚନା ଓ ଆପୋଷ ସମାଧାନ ନିମିତ୍ତ ଆମ ସମ୍ବିଧାନରେ ଅଙ୍ଗୀକୃତ । ମଜୁରି ନିର୍ଦ୍ଧାରଣ ପ୍ରକ୍ରିୟାରେ ଅର୍ଥ ବିଷବାଦ, ଅରାଜକତା, ଧର୍ମଘଟ ଓ ଆନ୍ଦୋଳନାତ୍ମକ କାର୍ଯ୍ୟ ପ୍ର ସର୍ବୋପରି ବର୍ଜ୍ଜନୀୟ — ଯେଣୁ ଏହା ନ୍ୟାଯ୍ୟ ଓ ସୁସଙ୍ଗତ ସମାଧାନ ପ୍ରକ୍ରିୟାକୁ ପ୍ରତିହତ କରିବା ସଙ୍ଗେ ସଙ୍ଗେ ଶିଳ୍ପ ଯୌଥ ତଥା ଉତ୍ପାଦନ ପ୍ରକ୍ରିୟାକୁ ବିଘ୍ନିତ, ବିପର୍ଯ୍ୟସ୍ତ ଓ କଳୁଷିତ କରେ । ଆମ ସଂସ୍କୃତି, ସାମ, ନ୍ୟାୟ ଓ ସମତାର ଉତ୍ସ ଋକ୍‌ବେଦର ସାଂମାନ୍ୟସ୍ୟମର ସେଇ କାଳଜୟୀ ବୈଦିକ ସୂକ୍ତି ସମ୍ପୃକ୍ତ ସକଳ ବର୍ଗଙ୍କର ଚିନ୍ତା ଚେତନାର ଧ୍ୟେୟ ହେଉ ଆଜି ସମସ୍ୱର — ଓଁ ସହନାବନ୍ତୁ ସହନୌ ଭୁନକ୍ତୁ । ସହବୀର୍ଯ୍ୟଂ କରବାବହେ ତେଜସ୍ୱୀନା ବଧି ମସ୍ତୁ ମା ବିଦ୍ୱେଷା ବହୈ/ଓଁ ଶାନ୍ତି ଶାନ୍ତି, ଶାନ୍ତି ।

ଶ୍ରମ କଲ୍ୟାଣ ଅଧିକାରୀ,
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ,
ପୁରୁଣା ସଚିବାଳୟ ପରିସର,
କଟକ–୭୫୩ ୦୦୧ ।

OGP—MP—PTS (I&PR) 29—6,000—23-9-1991



[illegible] ଜଳସେଚନ ପ୍ରକଳ୍ପ ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଶ୍ରୀ ଭିଃ ସିଃ ଶୁକ୍ଳାଙ୍କ ସହ ଆଲୋଚନା କରୁଛନ୍ତି ।



ପୂର୍ତ୍ତ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ବନ ମହୋତ୍ସବ ଉପଲକ୍ଷେ ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ରାମନଗରଠାରେ ବୃକ୍ଷ ରୋପଣ କରୁଛନ୍ତି (୭/୭) ।



ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ପି: ଭି: ନରସିଂହ ରାଓ ତା ୨୧-୮-୧୯୯୧ ରିଖ ସକାଳେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସମ୍ପ୍ରତି ରାଜ୍ୟର ବନ୍ୟାଜନିତ କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି ।



ତା ୧୮-୮-୧୯୯୧ ରିଖ ଦିନ ସାମରିକ ହେଲିକପ୍ଟରରୁ ଖାଦ୍ୟ ପୁଡ଼ିଆ ବନ୍ୟାଞ୍ଚଳରେ ଆକାଶ ମାର୍ଗରୁ ପକାଯାଉଛି ।

# ଉତ୍କଳ ପ୍ରସଙ୍ଗ

## ମହିଳା ବିଶେଷାଙ୍କ

